ବଳରାମ ଦାସ

ଲକ୍ଷ୍ମୀ ପୁରାଣ

ସଂପାଦନା

ସୁଦର୍ଶନ ଆଚାର୍ଯ୍ୟ

ଭାଗ୍ୟଲିପି ମଲ୍ଲ

ଗୌରାଙ୍ଗ ଚରଣ ଦାଶ



Digitized by srujanika@gmail.com

ଲକ୍ଷ୍ମୀପୁରାଣ

Digitized by srujanika@gmail.com



ଖଣ୍ଡଗିରିର ତିନି ନମ୍ବର ଗୁମ୍ଫା ତୋରଣରେ ଲକ୍ଷ୍ମୀ : ଖ୍ରୀ.ପ. ଦ୍ବିତୀୟ ଶତାବ୍ଦୀ

Digitized by srujanika@gmail.com

ବଳରାମ ଦାସକୃତ

ଲକ୍ଷ୍ମୀପୁରାଣ

ସମ୍ପାଦନା

ସୁଦର୍ଶନ ଆଚାର୍ଯ୍ୟ

ଭାଗ୍ୟଲିପି ମଲ୍ଲ

ଗୌରାଙ୍ଗ ଚରଣ ଦାଶ

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

Digitized by srujanika@gmail.com

ବଳରାମ ଦାସକୃତ
ଲକ୍ଷ୍ମୀପୁରାଣ

ସମ୍ପାଦନା

ସୁଦର୍ଶନ ଆଚାର୍ଯ୍ୟ
ଭାଗ୍ୟଲିପି ମଲ୍ଲ
ଗୌରାଙ୍ଗ ଚରଣ ଦାଶ
ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶନ : ୨୦୧୮
ଅଳଙ୍କରଣ :
ରମାକାନ୍ତ ସାମନ୍ତରାୟ
ମୁଦ୍ରଣ :
ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
ମୂଲ୍ୟ :
₹ ୧୫୦/- (ଏକ ଶହ ପଚାଶ ଟଙ୍କା) ମାତ୍ର

Lakshmipurana
of Balaram Das

Edited by
Sudarsan Acharya
Bhagyalipi Malla
Gouranga Charan Dash

Published by
Odisha Sahitya Akademi, Bhubaneswar
1st Edition : 2018
Cover Design :
Ramakanta Samantaray
Printed at :
Divya Prakashani
Samantarapur , Bhubaneswar
Price :
₹ 150/- (One hundred Fifty) only

ISBN : 978-93-87637-18-4

Digitized by srujanika@gmail.com

ଗ୍ରନ୍ଥ ସମ୍ପାଦନାପାଇଁ ଆମକୁ
ଅନୁପ୍ରେରିତ ଓ ଅନୁବନ୍ଧିତ କରିଥିବା
ଶ୍ରୀ ଦାଶରଥି ଦାଶ
ଶ୍ରୀ ସତ୍ୟପ୍ରକାଶ ମହାନ୍ତିଙ୍କ ଉଦ୍ଦେଶ୍ୟରେ

Digitized by srujanika@gmail.com

ଗଜଲକ୍ଷ୍ମୀ : ସୌଜନ୍ୟ : ଡୋନାଲ୍‌ଡ଼ସନ

Digitized by srujanika@gmail.com

ପ୍ରକାଶକୀୟ

ଗବେଷଣାତ୍ମକ ରଚନା, ପୋଥିଉଦ୍ଧାର କର୍ମ, ସେହି ସବୁର ପଠନ, ପାଠନ ଓ ଚର୍ଚ୍ଚା-ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟସୂଚୀ ପରିସରଭୁକ୍ତ। ଏହି ଦୃଷ୍ଟିରୁ ବଳରାମ ଦାସକୃତ ଏକ କୁନିପୋଥି 'ଲକ୍ଷ୍ମୀପୁରାଣ'ର ସମ୍ପାଦନା କାର୍ଯ୍ୟ ସର୍ବଶ୍ରୀ ସୁଦର୍ଶନ ଆଚାର୍ଯ୍ୟ, ଗୌରାଙ୍ଗ ଚରଣ ଦାସ ଓ ଶ୍ରୀମତୀ ଭାଗ୍ୟଲିପି ମଲ୍ଲ ମିଳିତଭାବେ ସମ୍ପୂର୍ଣ୍ଣକରି ଓଡ଼ିଶାର ପାଠିକା ଓ ପାଠକମାନଙ୍କୁ ଭେଟିଦେଇଛନ୍ତି।

ଲିପିକାରଙ୍କ ଲେଖନୀରେ ଯେତେବେଳେ ଏକ ରଚନା ଅନେକ ପରିବର୍ତ୍ତନ, ପ୍ରତ୍ୟାରୋପଣ, ସର୍ଜନଶୀଳତାର ଅଧିକାରବୋଧରେ ସ୍ୱରୂପ ପରିବର୍ତ୍ତନ କରେ, ସେତିକିବେଳେ ପୋଥିସଂଗ୍ରହ ଏବଂ ସେଗୁଡ଼ିକର ପାଠୋଦ୍ଧାର ଆଦି ଗବେଷଣା କରାଯାଏ। ଏହିଭଳି ସମ୍ପାଦନା କାର୍ଯ୍ୟ ଓଡ଼ିଶାର ଏହି ପ୍ରତିଭାତ୍ରୟୀଙ୍କଦ୍ୱାରା କରାଯାଇଥିବାରୁ ଆମେ ଏହାର ନିରପେକ୍ଷ ସତ୍ୟାନ୍ୱେଷଣ ଉପରେ ଆସ୍ଥା ସ୍ଥାପନ କରିବାକୁ ଉଚିତ ମନେକରୁଛୁ। ବଜାରରେ ପରିଚିତ ଲକ୍ଷ୍ମୀପୁରାଣ ଓ ସମ୍ପାଦିତ 'ଲକ୍ଷ୍ମୀପୁରାଣ' ଭିତରେ ଆକାଶପାତାଳ ପାର୍ଥକ୍ୟ ଦେଖିବାକୁ ମିଳେ। କିନ୍ତୁ ଏତିକି ସାଦୃଶ୍ୟ ଯେ, ବ୍ରତକଥା ଓ ପୁରାଣ ପଦ୍ଧତିର ପ୍ରତୀକ ଏହି ଖଣ୍ଡକାବ୍ୟ ଯେତିକି ସାହିତ୍ୟିକ ମୂଲ୍ୟବୋଧରେ ଉତ୍ତୀର୍ଣ୍ଣ, ସେତିକି ଆମ ଜୀବନଚର୍ଯ୍ୟାରେ ପରିଣତ ହୋଇରହିଛି। ଦୁଇଜଣ ବିଶିଷ୍ଟ ଗବେଷକ ସର୍ବଶ୍ରୀ ସତ୍ୟ ପ୍ରକାଶ ମହାନ୍ତି ଓ ଡକ୍ଟର ଦାଶରଥି ଦାସଙ୍କ ଉତ୍‌ଥାପିତ କେତେକ ପ୍ରଶ୍ନର ଏହି ସମ୍ପାଦନାରେ ବିଚାର କରାଯାଇଅଛି ଏବଂ ଏହାର ନିଷ୍କର୍ଷ ଓ ପ୍ରାସଙ୍ଗିକତାରେ ସୁଦୂରପ୍ରସାରୀ ଇଙ୍ଗିତ ରହିଛି।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଲକ୍ଷ୍ମୀପୁରାଣର ପୋଥି ସଂଖ୍ୟା ଛବିଶ। ଏହି ବହି ସମ୍ପାଦନା ଓ ଚର୍ଚ୍ଚାପାଇଁ ସକଳ ପୋଥିର ସହାୟତା ନିଆଯାଇଛି। ଆଧୁନିକ ମେଦିନିପୁର ଅଞ୍ଚଳରୁ ପ୍ରାପ୍ତ ଅନେକ ପୋଥି ସମ୍ପାଦନାରେ ସହାୟକ ହୋଇଛି। ମେଦିନିପୁର ଦିନେ ବିଶାଳ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା। ୧୮୦୬ ଓ ୧୧ ମସିହାରେ ଲିପିକୃତ ଲକ୍ଷ୍ମୀପୁରାଣ ପୋଥି ପ୍ରାୟତଃ ଦାଣ୍ଡିବୃତ୍ତରେ ରଚିତହୋଇଛି। ଏହାର ଶୈଳୀ ବ୍ରତକଥାର କଥନଶୈଳୀ। ଦେବଦେବୀଙ୍କର ସନ୍ତୁଷ୍ଟିପାଇଁ ବ୍ରତ କଥାଗୁଡ଼ିକ ପ୍ରଯୁକ୍ତ। 'ଲକ୍ଷ୍ମୀପୁରାଣ' ଏହି ବ୍ରତକଥାର ଏକ ଆଙ୍ଗିକ ବିଭବ। ଏହା ପାରମ୍ପରିକ ବିଧି ଓ ଧର୍ମସମ୍ମତ ହୋଇଥିବାରୁ ହିନ୍ଦୁ ସମାଜ ତଥା କିଯତ ପରିମାଣରେ ଆଦିବାସୀଙ୍କ ପାଖରେ ଆଚରିତ ହୋଇଆସୁଛି। ଏଥିରେ କୌଣସି ଉଲ୍ଲଙ୍ଘନ ପରିବାର, ସମାଜ, ଏପରିକି ରାଷ୍ଟ୍ର ପ୍ରତି ବିପର୍ଯ୍ୟୟ ସୃଷ୍ଟି କରିବ। ଏପରି ଭୟ ଲୋକବିଶ୍ୱାସରେ ଥିବାରୁ ନିର୍ବିବାଦରେ ଏହା ପ୍ରଥମତଃ ଏକ ପରମ୍ପରା ହୋଇରହିଛି। ଏହି ଗଣଦେବୀଙ୍କୁ ଗୃହଲକ୍ଷ୍ମୀ, ରାଜ୍ୟଲକ୍ଷ୍ମୀ, ଧନଲକ୍ଷ୍ମୀ, ଆୟୁଷଲକ୍ଷ୍ମୀ, ଗଜଲକ୍ଷ୍ମୀ, ଯଶଲକ୍ଷ୍ମୀ ଓ ସୌଭାଗ୍ୟ ଲକ୍ଷ୍ମୀ (ଦଶଲକ୍ଷ୍ମୀ) ଭାବେ ବିଶ୍ୱ କଲ୍ୟାଣର ମୂର୍ତ୍ତିମତୀ ଦେବୀ ରୂପରେ ଗ୍ରହଣ କରାଯାଇଛି। ଓଡ଼ିଆରେ ଯେଉଁ ମହାଲକ୍ଷ୍ମୀପୁରାଣ ବୃହତାକାର ହୋଇ ପ୍ରକାଶପାଇଛି, ସେଥିରେ ଲକ୍ଷ୍ମୀ-ନୃସିଂହଙ୍କର

Digitized by srujanika@gmail.com

ସ୍ୱୟମ୍ବର ଆଦିର ଚିତ୍ର ସହିତ ମାଣବସା କଥା ସଂଯୋଜିତ ହୋଇଛି । ଅଲକ୍ଷ୍ମୀ ଓ ଉଦ୍ଦାଳକଙ୍କ ବିବାହରେ ମହାଲକ୍ଷ୍ମୀଙ୍କ ବରୁଣାଳୟ ପାରିବାରିକ ବିଷୟର ମଧ୍ୟ ଅବତାରଣା କରାଯାଇଛି ।

ଏବେ ବଜାରରେ ମିଳୁଥିବା 'ଲକ୍ଷ୍ମୀପୁରାଣ' ଚଉଦଅକ୍ଷରି । ଅତ୍ୟନ୍ତ ଅର୍ବାଚୀନ ଭାଷା ଏଥିରେ ବ୍ୟବହୃତ । ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ରେ ପ୍ରାଚୀନ ଭାଷାର ସଙ୍କେତ ରହିଥାଏ । ଏ ଦୃଷ୍ଟିରୁ ଓ ପୋଥିଗୁଡ଼ିକ ବିଭିନ୍ନ ସମୟରେ ଲେଖା ହୋଇଥିବାରୁ ଭାଷା ବ୍ୟବହାରରେ ଯଦୃଚ୍ଛା ପ୍ରୟୋଗ ହୋଇଛି । ସେସବୁ ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସଙ୍କର ବୋଲି କୁହାଯାଇ ନପାରେ । ମତ୍ତ ବଳରାମ ଓ କବି ବଳରାମ ଦାସ ଯେ ଜଣେ ବ୍ୟକ୍ତି ନୁହନ୍ତି, ଏ ବିଷୟରେ ମତପାର୍ଥକ୍ୟ ମଧ୍ୟ ରହିଛି । ଏତଦ୍‌ବ୍ୟତୀତ ଓଡ଼ିଶାରେ ଅନେକ ଲକ୍ଷ୍ମୀପୁରାଣ ରଚିତ ହୋଇଛି । କବିମାନଙ୍କ ମଧ୍ୟରେ ଅଛନ୍ତି ୧. ଜଡ଼ା କୃଷ୍ଣଦାସ, ୨. ବନମାଳି ଦାସ, ୩. ସିଦ୍ଧେଶ୍ୱର ଦାସ, ୪. ଧନଞ୍ଜୟ, ୫. ସଦାଶିବ ଦାସ, ୬. ସୁଦାମ ଦାସ, ୭. କରୁଣାକର ଦାସ, ୮. ନେତ୍ରାନନ୍ଦ, ୯. ଦ୍ୱିଜ ମୃତ୍ୟୁଞ୍ଜୟ,୧୦. ପୁଷ୍କର, ୧୧. ଜଗନ୍ନାଥ ଦାସ । ନୃସିଂହ ପୁରାଣରେ ପୀତାମ୍ବର ଦାସ ବିସ୍ତୃତ ଭାବେ ତାର ବର୍ଣ୍ଣନା କରିଛନ୍ତି । ପଞ୍ଚଦଶ ଶତାବ୍ଦୀ ବଳରାମ ଦାସଙ୍କ "ଲକ୍ଷ୍ମୀପୁରାଣ' ଆଜି ଘରେଘରେ ପାଳିତ ହୁଏ ଓ ପଠିତ ହୁଏ ।

ଶ୍ରୀଜଗନ୍ନାଥଙ୍କ 'ନବକଳେବର' ଅନ୍ତର୍ବନ ଯାଗବିଧିରେ ଲକ୍ଷ୍ମୀ-ନୃସିଂହଙ୍କୁ ସ୍ୱତନ୍ତ୍ର ମଣ୍ଡପରେ ରଖି ପତି ମହାପାତ୍ର ପୂଜା କରିବାର ବିଧି ରହିଛି । ନବକଳେବର ଆଦିଶଙ୍କରାଚାର୍ଯ୍ୟ ପ୍ରଥମେ ଅନୁଷ୍ଠିତ କରିବାର ପ୍ରାମାଣିକ ତଥ୍ୟ ରହିଛି । 'ଉତ୍କଳଖଣ୍ଡ' ସ୍କନ୍ଦପୁରାଣରେ ଲକ୍ଷ୍ମୀଙ୍କର ଆଦେଶରେ ଶଙ୍ଖନାଭି ମଣ୍ଡଳରେ ଯମଦେବତା ପ୍ରବେଶ ନ କରିବାକୁ କୁହାଯାଇଛି ।

ଏହି ଶ୍ରୀକ୍ଷେତ୍ରକୁ ଆଶ୍ରୟ କରି ଏକମାତ୍ର ମହାଲକ୍ଷ୍ମୀ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଇଲେ ମଧ୍ୟ ତାଙ୍କର ସ୍ୱର୍ଣ୍ଣ ନିର୍ମିତ ଉତ୍ସବ ମୂର୍ତ୍ତି 'ଶ୍ରୀଦେବୀ' ରତ୍ନସିଂହାସନରେ ଭୂଦେବୀଙ୍କ ସହ ଶ୍ରୀଜଗନ୍ନାଥଙ୍କ ବାମ ଓ ଦକ୍ଷିଣ ଭାଗରେ ପୂଜା ପାଉଛନ୍ତି । ଏହାର ପ୍ରାଚୀନତା ବୈଦିକ ଓ ପ୍ରାଗବୈଦିକ ଯୁଗକୁ ସ୍ପର୍ଶ କରିଛି । ଭୁବନେଶ୍ୱରଙ୍କ ପାର୍ବତୀ ମନ୍ଦିରରେ ଲକ୍ଷ୍ମୀ ଅନ୍ନପୂର୍ଣ୍ଣା । ଅର୍ଥାତ୍ ପ୍ରାଚୁର୍ଯ୍ୟ ଓ ସମ୍ପଦର ଦେବୀ ରୂପେ ପ୍ରତିଷ୍ଠିତ । ସେ ଯାହାହେଉ, ସାମାଜିକ ବିଧିବ୍ୟବସ୍ଥା ଓ କ୍ଷମତାସତ୍ତାର ଅବିବେକିତା ବିରୋଧରେ ପ୍ରତିବାଦ କରିଥିବା ବୈଷ୍ଣବୀୟ ଭକ୍ତି ବିପ୍ଳବର ଉଦ୍‌ଗାତା ହେଉଛନ୍ତି ଲକ୍ଷ୍ମୀପୁରାଣର କବି ବଳରାମ ଦାସ ।

ସାଂଖ୍ୟର ପୁରୁଷ-ପ୍ରକୃତି ତତ୍ତ୍ୱରେ ନିହିତ ଅଭେଦ୍ୟ ସମ୍ପର୍କ ଶ୍ରୀଜଗନ୍ନାଥଙ୍କଠାରେ ପ୍ରତିଫଳିତ । ନିତି ପଲଙ୍କରେ ବିଜେ ହେଉଛନ୍ତି ଶୟନପ୍ରତିମା ଲକ୍ଷ୍ମୀ ଓ ନାରାୟଣ । ଏଥିରୁ ସୂଚିତ ହୁଏ, ନାରୀପୁରୁଷ ସମ୍ପର୍କର ସୌଭାଗ୍ୟ ତଥା ସହାବସ୍ଥାନର ବ୍ରହ୍ମାନନ୍ଦ ଭାବ । ଏଣୁ ନାରୀ କି ପୁରୁଷ, କେହି କାହା ଉପରେ ଆଧିପତ୍ୟ ବିସ୍ତାର କରିବାର ପ୍ରଶ୍ନ ଉଠେ ନାହିଁ । ପୁରୁଷ ଓ ନାରୀପ୍ରାଧାନ୍ୟ ସମାଜ ବ୍ୟବସ୍ଥା ଭିତରେ ବିଭେଦର ଲକ୍ଷ୍ମଣରେଖା ଏଠି ଲିଭେଇ ଦିଆଯାଇଛି । ଏଥିରେ ସାମାନ୍ୟ ବ୍ୟତିକ୍ରମ ହେଲେ ନାରୀ ଆଉ ଅବଳା, ଦୁର୍ବଳା ହୋଇ ରହେ ନାହିଁ, ସେ ବିପ୍ଳବିଣୀ ସାଜେ ଓ ପ୍ରତିବାଦର ସ୍ୱର ଉତ୍ତୋଳନ କରେ । କାରଣ ସ୍ୱାଧୀନତା ବ୍ୟକ୍ତିର ଜନ୍ମଗତ ଅଧିକାର । ଏହା ଦେଶପାଇଁ ଓ ବ୍ୟକ୍ତିପାଇଁ ପ୍ରଯୁଜ୍ୟ । ଏ ଦୃଷ୍ଟିରୁ ନିଜକୁ

Digitized by srujanika@gmail.com

'ସ୍ୱତନ୍ତା' ଘୋଷଣା କରିବାରେ ନାରୀ ଭିତରେ ପ୍ରଶ୍ନ ଉଠେଇଛନ୍ତି ମହାଲକ୍ଷ୍ମୀ ନିଜେ। ପାରିବାରିକ କଳହରୁ ନାରୀମୁକ୍ତି ପ୍ରସଙ୍ଗର ଦୃଢ଼ ସ୍ୱର ଏଠି ପ୍ରକାଶପାଇଛି।

ଗଜପତି ପ୍ରତାପ ରୁଦ୍ରଙ୍କର ସମୟ ୧୪୯୮ରୁ ୧୫୪୦ ମସିହା । ଶ୍ରୀ ଚୈତନ୍ୟ ପ୍ରବର୍ତ୍ତିତ ଭକ୍ତି ବିପ୍ଳବର ସ୍ୱର ଭିତରେ ପଞ୍ଚସଖାଙ୍କର ସମାଜ ସଂସ୍କାରର ଆଭିମୁଖ୍ୟ ପ୍ରକାଶପାଇଛି। ପ୍ରାକୃତଭାଷୀ ଓ ସଂସ୍କୃତଭାଷୀ ପଣ୍ଡିତଙ୍କ ଭିତରେ ଦ୍ୱନ୍ଦ୍ୱ ଧନୀ, ଦରିଦ୍ର ଭିତରେ ବୈଷମ୍ୟ, ରାଜା-ପ୍ରଜା ଭିତରେ ଆର୍ଥିକ ଅବ୍ୟବସ୍ଥା ଓ ତଦଜନିତ ପ୍ରତିବାଦର ସ୍ୱର ଏହି ଲକ୍ଷ୍ମୀପୁରାଣ ଭିତରକୁ ଆସିଥାଇପାରେ। କାରଣ ୧୫୬୮ରେ ଉତ୍କଳ ପର-ପଦାନତ ହେବାର ସମୟ ରାଜା ପ୍ରତାପରୁଦ୍ରଙ୍କ ସମୟରୁ ହିଁ ଆସିଯାଇଛି। ଠିକ୍ ପରେପରେ ସିଂହାସନପାଇଁ ଭୋଇବଂଶର ଗୋବିନ୍ଦ ବିଦ୍ୟାଧର ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି ଓ ବିଜୟନଗରର ରାଜା କୃଷ୍ଣଦେବ ରାୟ ଓଡ଼ିଶାର ଅର୍ଦ୍ଧେକ ରାଜ୍ୟ କରଗତ କରିଛନ୍ତି। ଏପରିକି ସଂଧିସୂତ୍ରରେ ପ୍ରତାପରୁଦ୍ର ନିଜ କନ୍ୟା ଜଗନ୍‌ମୋହନୀଙ୍କୁ ପ୍ରଦାନ କରିଛନ୍ତି ଓ ଏକମାତ୍ର ପୁତ୍ର ବୀରଭଦ୍ରଙ୍କୁ ହରେଇଛନ୍ତି। କ୍ଷମତାର ଯୁଦ୍ଧ ଭିତରେ ଓଡ଼ିଶାର ପାଇକ, କୃଷକ ଓ କାରିଗର, ଶ୍ରମିକ ସମାଜ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଅସନ୍ତୋଷ ଏକ ଉଗ୍ରରୂପ ଧାରଣ କରିବା ସ୍ୱାଭାବିକ।

ଜାତିଭେଦର ଉତ୍କର୍ଷ ରୂପ ଜଗନ୍ନାଥଙ୍କ ରାଷ୍ଟ୍ରରେ ଦେଖାଦେବା ଏକ ବିଡ଼ମ୍ବନା। ଏଠି ମହାପ୍ରସାଦର ମହିମା ରହିଛି। ଚଣ୍ଡାଳ ହାତରୁ ବ୍ରାହ୍ମଣ ଛଡ଼ାଇ ଖାଇବେ ଓ ମୁଣ୍ଡରେ ହାତପୋଛି ଅପୂର୍ବ ତୃପ୍ତିଲାଭ କରିବେ। ଏ ବିଷୟ ମହାଲକ୍ଷ୍ମୀଙ୍କ ହାଣ୍ଡିଶାଳରୁ ବୈପ୍ଳବିକ ସ୍ୱର। ଖାଲି ସେତିକି ନୁହେଁ, କଣିକାଏ କୈବଲ୍ୟରେ ଦେଶବାସୀ ମୈତ୍ରୀ, ସାମ୍ୟ, ମୁକ୍ତିର ଆନନ୍ଦ ଲାଭ କରିବେ-ଏହାର ସମାଜତାତ୍ତ୍ୱିକ ମୂଲ୍ୟ - ଏହି କ୍ଷୁଦ୍ର ଆଖ୍ୟାୟିକାରେ ଦେଖିବାକୁ ମିଳେ। ଏତଦ୍‌ବ୍ୟତୀତ, ଲକ୍ଷ୍ମୀ ନାରାୟଣ ଭେଟ, ଅଭିମାନ ଓ ମିଳନ ଆଦିର ପ୍ରହସନମୂଳକ ନାଟ୍ୟାଭିନୟ ଓଡ଼ିଆ ଜନଜୀବନକୁ ଆହ୍ଳାଦିତ କରିଛି। ସେ ଚଞ୍ଚଳା, ବାଈଠାକୁରାଣୀ ହୋଇ ଲୋକଜୀବନର ସାଧାରଣ ସ୍ତରକୁ ମଧ୍ୟ ଆସିଛନ୍ତି। ଲକ୍ଷ୍ମୀ-ନାରାୟଣଙ୍କର ଏପରି ମାନବୀୟ ଲୀଳାର ତାତ୍ପର୍ଯ୍ୟ ସୁଦୂର-ପ୍ରସାରୀ ସଙ୍କେତରେ ପରିପୂର୍ଣ୍ଣ। ଆର୍ଯ୍ୟ, ଅନାର୍ଯ୍ୟର ଅପୂର୍ବ ସମନ୍ୱୟ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଶ୍ରୀଜଗନ୍ନାଥ ଚେତନା ଏହିପରି ସମନ୍ୱିତ ଭାବଧାରାର ବାର୍ତ୍ତାବହ।

ନାନାଦି ଦ୍ୱନ୍ଦ୍ୱ ଓ ପ୍ରଶ୍ନାକୁଳତାର ସମାଧାନ ଶ୍ରୀଜଗନ୍ନାଥଙ୍କ ସମାଜତାତ୍ତ୍ୱିକ ଏହି ଆଖ୍ୟାୟିକା 'ଲକ୍ଷ୍ମୀ ପୁରାଣ' ଭିତରେ ବଡ଼ ମର୍ମସ୍ପର୍ଶୀ ଭାବେ ରୂପାୟିତ ହୋଇଛି।

ଆଶାର କଥା, 'ଲକ୍ଷ୍ମୀପୁରାଣ'ର ସୁସମ୍ପାଦିତ ରୂପ ଆଜି ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ ହେଉଛି। ଆମ ଶୋଧ ସାହିତ୍ୟ ପରମ୍ପରାରେ ଏହା ଏକ ସାହସିକ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ।

ହରିହର ମିଶ୍ର
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

Digitized by srujanika@gmail.com

ସୂଚିପତ୍ର

ଅବତରଣିକା : ୧୩
ମୂଳପାଠ : ୬୯
ପରିଶିଷ୍ଟ
କ. ସମ୍ପାଦନାରେ ବ୍ୟବହୃତ ପାଣ୍ଡୁଲିପି ତାଲିକା : ୧୫୫
ଖ. ପ୍ରକାଶିତ ଲକ୍ଷ୍ମୀପୁରାଣ ବହି ତାଲିକା : ୧୬୧
ଗ. ଭୋଜପୁରୀ ଭାଷାରେ ପ୍ରକାଶିତ ବିହାଗୀତ : ୧୬୪

ଚିତ୍ର
ଖଣ୍ଡଗିରିର ତିନି ନମ୍ବର ଗୁମ୍ଫା ତୋରଣରେ ଲକ୍ଷ୍ମୀ :
ଖ୍ରୀ.ପୂ. ଦ୍ବିତୀୟ ଶତାବ୍ଦୀ : ୨
ଗଜଲକ୍ଷ୍ମୀ : ସୌଜନ୍ୟ : ଡେନାଲ୍‌ଡ୍‌ସନ : ୬
ଝୋଟି : ୧୨୯
ତିର୍ଥେଶ୍ୱର ନବମ ଶତାବ୍ଦୀ : ୧୪୪
ଝୋଟି , ଧାନମାଣିକା : ୧୪୫
ଓଲିଓଗ୍ରାଫି : ରାଜା ରବି ବର୍ମା : ୧୪୬
ଝୋଟି : ୧୫୪
ପଟ୍ଟଚିତ୍ରରେ ଲକ୍ଷ୍ମୀ : ୧୫୯
ମାଣବସା : ୧୬୦
ଝୋଟି ଚିତା : ୧୬୨
ସ୍ଥାପତ୍ୟରେ ଲକ୍ଷ୍ମୀ : ପର୍ଶୁରାମେଶ୍ୱର ମନ୍ଦିର (ନବମ ଶତାବ୍ଦୀ) : ୧୬୩

●●●

Digitized by srujanika@gmail.com

ଅବତରଣିକା

ଏକ

ଓଡ଼ିଆ ଭାଷାଭାଷୀ ଅଂଚଳରେ ଅଧିକ ପରିଚିତ ଓ ପଠିତ ବହିଗୁଡ଼ିକର ତାଲିକାରେ ବଳରାମ ଦାସକୃତ **ଲକ୍ଷ୍ମୀପୁରାଣ**ର ନାଁ ଅବଶ୍ୟ ପ୍ରଥମେ ଆସିବ। ଆଦିବାସୀ(କେତେକ ଆଦିବାସୀ ମଧ ଲକ୍ଷ୍ମୀ ପୂଜା କଲେଣି) ଓ ଅଣହିନ୍ଦୁମାନଙ୍କ ବ୍ୟତୀତ ଅଧିକାଂଶ ପରିବାରରେ ଛପାବହି ଖଣ୍ଡିଏ ପ୍ରାୟ ମିଳିଯିବ। କେତେକ ପରିବାରରେ ପ୍ରତ୍ୟେକ ଗୁରୁବାର ବହି ପଢ଼ାଯାଏ। ବହିର କାହାଣୀ ସକଳଙ୍କର ପରିଚିତ ଓ ପ୍ରିୟ। ଆକାର ଭାରି ଛୋଟ। ଅନ୍ୟ ବହୁ ଜଣା ଓ ପଢ଼ାବହି, ଯଥା, **ମହାଭାରତ**, **ରାମାୟଣ** ଓ **ଭାଗବତ** ତୁଳନାରେ ଏହାକୁ କୁନି ପୁରାଣଟିଏ କୁହାଯାଇପାରିବ। ଏହାର ପ୍ରତ୍ୟେକ ପଦ ପ୍ରାୟତଃ ଚଉଦ ଅକ୍ଷରବିଶିଷ୍ଟ ଓ ଦ୍ୱିପଦୀ ଶୈଳୀରେ ଲିଖିତ ଓ ପଦସଂଖ୍ୟା ପ୍ରାୟ ଛ'ଶହ। ବହିର ସଂପାଦିତ ରୂପ ଏବେ ଆମେ ପ୍ରକାଶ କରୁଛୁ। ପାଠକମାନେ ଆମ ମାନସିକତାକୁ ପ୍ରଶ୍ନ କରିପାରନ୍ତି। କେହିକେହି କହିପାରନ୍ତି, ଭୁଷ୍ପଣ୍ଡିତମାନଙ୍କର ପଣ୍ଡଶ୍ରମ। ସ୍ୱାଭାବିକ। ଶହଶହ ବର୍ଷଧରି ଓଡ଼ିଆ ଜନଜୀବନ ସହ ସଂପୃକ୍ତ ଏକ ପରିଚିତ ବହି ସଂପାଦନାର କ'ଣ ବା କାରଣ ଥାଇପାରେ ? ତେଣୁ ପ୍ରଥମରୁ ପ୍ରଶ୍ନର ଉତ୍ତର ଦେବାର ଆବଶ୍ୟକତା ରହିଛି।

ଦୁଇ

ଡାଇକ୍ରିଟିକ୍‌ସ ନାମକ ଇଂରାଜୀ ପତ୍ରିକାରେ *Alternative Modernities and Medieval Indian Litreature: The Lakshmipuran as Redical Pedagogy* ପ୍ରକାଶପାଏ। ଏକ ଦୀର୍ଘ ଆଲୋଚନା। ଆଲୋଚକ, ଆମେରିକାସ୍ଥ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଇଂରାଜୀ ଶିକ୍ଷକ, ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି। ବଳରାମ ଦାସଂକ ସମକାଳୀନ(୧୬ଶ ଶତାବ୍ଦୀ) ସମାଜବ୍ୟବସ୍ଥା ଓ ଧର୍ମାଚାରର ପୃଷ୍ଠଭୂମି ଆଧାରରେ, ସତ୍ୟପ୍ରକାଶ ଲକ୍ଷ୍ମୀଙ୍କୁ ରାଡ଼ିକାଲ ଗଡେସ ବା ପ୍ରତିବାଦୀ ଦେବୀ କହିଛନ୍ତି। ଏକ ପୁରାଣର କାହାଣୀରେ ଆଧୁନିକ ଜୀବନବୋଧର ସ୍ୱର ମଧ ଅନୁଭବ କରିଛନ୍ତି।[୧]

Digitized by srujanika@gmail.com

ତାଙ୍କ ଆଲୋଚନା ମଧ୍ୟକାଳୀନ ଏକ ଓଡ଼ିଆ ରଚନାକୁ ଅବଶିଷ୍ଟ ପୃଥିବୀର ସଚେତନ ପାଠକମାନଙ୍କ ପାଖରେ ପରିଚିତ କରାଇଛି। ଏହାର ଅର୍ଥ ନୁହେଁ ଯେ, ତାଙ୍କ ପୂର୍ବରୁ ଓଡ଼ିଆ ଓ ଇଂରାଜୀ ଭାଷାରେ କୁନି ବହିର ଚର୍ଚ୍ଚା ହୋଇନାହିଁ। ପ୍ରତ୍ୟେକ ଆଲୋଚକ କହିଛନ୍ତି, ଏହା ସମକାଳର ଏକ ପ୍ରତିବାଦ, ପ୍ରତିସ୍ରୋତ।[୨] ମାତ୍ର ସତ୍ୟ ପ୍ରକାଶଙ୍କ ଚର୍ଚ୍ଚା ଅନ୍ତର୍ଦୃଷ୍ଟିସଂପନ୍ନ, ତେଣୁ ସ୍ୱତନ୍ତ୍ର।

ତାଙ୍କ ମନରେ ପ୍ରଶ୍ନ ଦେଖାଦେଇଛି, ଓଡ଼ିଆ ଭାଷାଭାଷୀ ଅଂଚଳରେ ଏତେ ଲୋକପ୍ରିୟ କାହାଣୀ ଭାରତର ଅନ୍ୟଭୂମିକୁ ଗତି କରିନାହିଁ ତ ? ସେ ଖୋଜିଛନ୍ତି। ଏବଂ ଅନୁରୂପ କାହାଣୀ 'ବିହାଗୀତ' ଶୀର୍ଷକରେ ଉତ୍ତର ଭାରତରୁ ମିଳିପାରିଛି। ଏହି ଗୀତକୁ ସଂଗ୍ରହ ଓ ଚର୍ଚ୍ଚା କରିଛନ୍ତି ଅନ୍ୟତମ ଲୋକବିଦ୍ୟାବିତ୍ ପ୍ରଫେସର ପୁରୁଷୋତମ ଅଗ୍ରୱାଲ। ବନାରସ ହିନ୍ଦୁବିଶ୍ୱବିଦ୍ୟାଳୟର କଳା ବିଭାଗ, **ଲକ୍ଷ୍ମୀପୁରାଣ** ଓ **ବିହାଗୀତ** ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନାଚକ୍ରର ଆୟୋଜନ କରିଛି।[୩] ଅଲୋଚନାଚକ୍ରର ଆୟୋଜକ ରହିଛନ୍ତି ପ୍ରଫେସର ଦୀପ୍ତିରଂଜନ ପଟ୍ଟନାୟକ, ପ୍ରଫେସର ସଂଜୟ କୁମାର, ପ୍ରଫେସର ରାଜକୁମାର ଓ ଅନ୍ୟମାନେ।

ସତ୍ୟପ୍ରକାଶ ବନାରସରୁ ଓଡ଼ିଶା ଆସିଛନ୍ତି। ଲକ୍ଷ୍ମୀପୁରାଣର କାହାଣୀ ସହ ଓଡ଼ିଆ ଜନଜୀବନର ସଂପର୍କ ସଂକ୍ରାନ୍ତରେ ସମାଜତାତ୍ତ୍ୱିକ ଗବେଷଣା ପ୍ରକଳ୍ପ ହାତକୁ ନିଆଯାଇଛି। ଗଂଜାମ, ଖଡ଼ିଆଳ, ବାଲେଶ୍ୱର, ପୁରୀ, ଢେଂକାନାଳ, ଅନୁଗୋଳ ଓ କଟକ ଆଦି ଜିଲ୍ଲାର ବିଭିନ୍ନ ଗାଁକୁ କ୍ଷେତ୍ର ସର୍ବେକ୍ଷଣ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅକ୍ଷରକର୍ମ ସମାଜ ପରିବର୍ତ୍ତନର କାରଣ ହୋଇଛି କି ? ନାରୀ ଓ ପୁରୁଷ ଏକ ପୁରାଣକୁ କିପରି ଗ୍ରହଣ କରୁଛନ୍ତି-ତତ୍‌ସଂକ୍ରାନ୍ତରେ ବହୁ ବିଚିତ୍ର ତଥ୍ୟ ସଂପର୍କରେ ଆମେ ଅବହିତ ହୋଇଛୁ। ଏବଂ, ଶେଷରେ, ବାଣୀବିହାରରେ, ଲକ୍ଷ୍ମୀପୁରାଣ ସମ୍ପର୍କରେ ଏକ ଜାତୀୟ ସଂପାନର ଆୟୋଜନ କରାଯାଇଛି।[୪] ଚର୍ଚ୍ଚାକାଳରେ, ପ୍ରଫେସର ଦାସରଥି ଦାସ, ଓଡ଼ିଆ ସାହିତ୍ୟ ସମାଲୋଚନା ଅଧ୍ୟୟନର ଅନ୍ୟତମ ମୋହମୁକ୍ତ ବ୍ୟାଖ୍ୟାକାର, କେତେଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି। ପ୍ରଶ୍ନଗୁଡ଼ିକ କେବଳ ତାଙ୍କରି କହିଲେ, ଭୁଲ ହେବ। ଅନେକଂକର। ଆମେ ମଧ୍ୟ ପ୍ରଶ୍ନକର୍ତ୍ତାମାନଙ୍କ ଗହଣରେ ଅନ୍ୟତମ ହୋଇଛୁ। ପ୍ରଶ୍ନଗୁଡ଼ିକ- ୧. କୁନି ବହିଖଣ୍ଡକ କେଉଁ କାଳର ରଚନା ? ୨. କେଉଁ ବଳରାମ ଦାସ ଏହାର ରଚୟିତା, ୧୬ଶ ଶତାବ୍ଦୀ, ନା ପରବର୍ତ୍ତୀକାଳୀନ ? ୩.ଏହାର ଭାଷା ଓ ପ୍ରକାଶ ରୀତି କ'ଣ ୧୫ଶ ଓ ୧୬ଶ ଶତାବ୍ଦୀର ? ୪. ଏହା ଏକ ପୁରାଣ, କାବ୍ୟ, ନା ବ୍ରତକଥା, ୫. କାହାଣୀ ଗ୍ରନ୍ଥରେ, ସ୍ଥଳ ବିଶେଷରେ ଏପରି କେତେକ ଅସଂଗତି ରହିଛି, ଯାହା ଜଣେ ଶକ୍ତିଶାଳୀ ସର୍ଜକ ପ୍ରତିଭାର ପରିଚୟ ପ୍ରତି

Digitized by srujanika@gmail.com

ପ୍ରଶ୍ନ ସୃଷ୍ଟିକରେ, ଏବଂ ୬. ଲକ୍ଷ୍ମୀଙ୍କୁ ଆମେ କ'ଣ ରାଡ଼ିକଲ୍ କହିପାରିବା ଏବଂ କହିପାରିବା, ବହି ଆମ ସମାଜ ଜୀବନର ଯଥାର୍ଥ ପରିବର୍ତ୍ତନର କାରଣ ହୋଇଛି ?"

ଏଠାରେ ଆମର ସ୍ୱୀକାର କରିବାର କୁଣ୍ଠାନାହିଁ ଯେ, ପ୍ରଥମତଃ, ପ୍ରଫେସର ଦାଶରଥି ଦାସ, ଦ୍ୱିତୀୟତଃ ସତ୍ୟପ୍ରିୟ ମହାନ୍ତି ଏବଂ ତାଙ୍କ ସମମାନସିକତାର ବିଦ୍ୱାନମାନଙ୍କର ବସ୍ତୁନିଷ୍ଠ ଅଥଚ ଅପ୍ରୀତିକର ପ୍ରଶ୍ନ, ଆମକୁ ଲକ୍ଷ୍ମୀପୁରାଣ ପରି କୁନି ବହିର ସଂପାଦନାପାଇଁ ଅନୁପ୍ରେରିତ, ଆଗ୍ରହୀ ଓ ବାଧ କରିଛି।

ତିନି

ଓଡ଼ିଆ ଭାଷାଭାଷୀ ଅଂଚଳରେ ଲକ୍ଷ୍ମୀ-ଜଗନ୍ନାଥ ସଂପର୍କକୁ ଆଧାରକରି ଭିନ୍ନଭିନ୍ନ ଶୀର୍ଷକରେ ପୋଥି ଓ ବହି ରହିଛି। ବହିଗୁଡ଼ିକ, **ଲକ୍ଷ୍ମୀ-ଜଗନ୍ନାଥ ବଚନିକା** ।(ମହେଶ୍ୱର ବିପ୍ର: ଜଗନ୍ନାଥ , ବାମଣ୍ଡା, ୧୮୯୧) **ଲକ୍ଷ୍ମୀହୃଦୟ ଓ ନାରାୟଣ ହୃଦୟ** (ଅକ୍ଷୟ କୁମାର ଘୋଷ, ବାମନ ଦ୍ୱିବେଦୀ, ଶ୍ରୀଧର ରାୟ: ୧୮୯୧), **ଲକ୍ଷ୍ମୀପୁରାଣ ବଚନିକା** (ଅରୁଣୋଦୟ ପ୍ରେସ: ୧୯୧୬), **ଲକ୍ଷ୍ମୀପୁରାଣ ଚଉତିଶା** (ଯମେଶ୍ୱର ହୋତା: ଉତ୍କଳ ସାହିତ୍ୟ ପ୍ରେସ୍, ୧୯୨୦), **ଲକ୍ଷ୍ମୀନାରାୟେଣୀ ବଚନିକା** (ସାରଳା ଦାସ: ୧୯୫୭, ସଂ. ବଂଶୀଧର ମହାନ୍ତି), **ଲକ୍ଷ୍ମୀନାରାୟଣୀ ବଚନିକା ବା ଧାନମାଣିକା ଓଷାକଥା** (ସାରଳା ଦାସ: ୧୯୯୦, ସଂ. ଜଟାଧାରୀ ମହାପାତ୍ର), **ମାଣବସା ଲକ୍ଷ୍ମୀପୁରାଣ**, (ବୀଣାପାଣି ପୁସ୍ତକଭଣ୍ଡାର)। ବଳରାମ ଦାସଂକ - ଲକ୍ଷ୍ମୀପୁରାଣ ପ୍ରଥମେ ମୁଦ୍ରିତ ହୋଇଛି ୧୮୭୨ ମସିହାରେ। ପରବର୍ତ୍ତୀ କାଳରେ ଏହାର ବହୁ ସଂସ୍କରଣ ପ୍ରକାଶପାଇଛି। ଗ୍ରନ୍ଥର ପାଠରେ ଭିନ୍ନତା ରହିଛି। ପ୍ରକାଶ କରିଛନ୍ତି ସର୍ବେଶ୍ୱର ଆଚାର୍ଯ୍ୟ(୧୯୧୬), ସୁଦର୍ଶନ ଦାସ (ଇ. ପ୍ରିଣ୍ଟିଂ : ୧୯୨୦), ଅରୁଣୋଦୟ ପ୍ରେସ୍, ଧର୍ମଗ୍ରନ୍ଥ ପୁସ୍ତକାଳୟ, ପ୍ରଦୀପ୍ତ ପୁମାର ପଣ୍ଡା (ବୁକ୍ସ ଏଣ୍ଡ ବୁକ୍ସ), ସୁରେନ୍ଦ୍ର ନାଥ ଦାଶ (ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ : ୨୦୦୦) କୁନୁମୁନି ପଟ୍ଟନାୟକ (୨୦୧୦) । ପ୍ରଦୀପ୍ତ କୁମାର ପଣ୍ଡାଂକ ବହି ଓଡ଼ିଶା ସଂଗ୍ରହାଳୟରେ ସଂରକ୍ଷିତ ଏକ ପୋଥିର ମୁଦ୍ରିତ ରୂପ। ସୁରେନ୍ଦ୍ର କୁମାର ଦାସଂକ ବହି ଚାରିଖଣ୍ଡ ପୋଥି ଓ ଖଣ୍ଡିଏ ହାତଲେଖା ପୋଥି ଆଧାରରେ ସଂପାଦିତ। ଏଗୁଡ଼ିକୁ ସେ ତାଂକ ଗୁରୁଦେବ ବଂଶୀଧର ମହାନ୍ତିଂକ ପାଖରୁ ପାଇଛନ୍ତି ଏବଂ ମୁଖବନ୍ଧରେ ଏହାର ସୂଚନା ରହିଛି। କୁନୁମୁନି ପଟ୍ଟନାୟକ କେଉଁକେଉଁ ପୋଥି ଆଧାରରେ ବହି ସଂପାଦନା କରିଛନ୍ତି, ତତ୍‌ସମ୍ପର୍କରେ ମୁଖବନ୍ଧରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ। ମାତ୍ର ଲେଖିଛନ୍ତି- ରାଜ୍ୟ ଅଭିଲେଖାଗାରସ୍ଥ ପୋଥି ଓ ମୁଦ୍ରିତ ବହି ତାଂକ ସଂପାଦନାର ଉତ୍ସ। ଅଭିଲେଖାଗାରରେ ତାଂକ ପାଠ ଅନୁରୂପ ପୋଥି ନାହିଁ। ବରଂ ସୁରେନ୍ଦ୍ର ଓ ତାଙ୍କ ବହିର ପାଠରେ ସ୍ଥଳବିଶେଷରେ ସାଦୃଶ୍ୟ ରହିଛି। ପ୍ରଦୀପ୍ତ, ସୁରେନ୍ଦ୍ର ଓ କୁନୁମୁନିଙ୍କ

Digitized by srujanika@gmail.com

ଲକ୍ଷ୍ମୀପୁରାଣର ପାଠ, ବହିର ବଜାରି ସଂସ୍କରଣଠାରୁ ସ୍ଥଳ ବିଶେଷରେ ଭିନ୍ନ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଲକ୍ଷ୍ମୀପୁରାଣର ପୋଥି ସଂଖ୍ୟା ଛବିଶି। ସେଗୁଡ଼ିକ ମଧ୍ୟରୁ ତିନିଗୋଟି ବ୍ରତକଥାମୂଳକ (ଓଆର.୩୯୧, ଓଆର.୧୮୭୩, ଓଆର.୧୦୦)। ଦୁଇଟିର ରଚନାରୀତି ଗଦ୍ୟ ଓ ଅନ୍ୟଟି କବିତା। ଗୋଟିଏ ବଂଗାନୁବାଦ। ଲିପି ଓଡ଼ିଆ। ଅନୁବାଦକ ଧନଂଜୟ। ଗୀତଗୁଡ଼ିକ ବଂଗଳାଶ୍ରୀ, ଚଉଦଅକ୍ଷରି ଓ ତ୍ରିପଟା ଶୈଳୀ। ମେଦିନୀପୁର ଅଂଚଳରୁ ସଂଗୃହୀତ। ପ୍ରକାଶଥାଉ କି, ଭାଗବତ ଓ ମହାଭାରତର ବଙ୍ଗଳାରୂପ ଓଡ଼ିଆ ଲିପିରେ ମଧ୍ୟ ଏହି ଅଂଚଳରୁ ମିଳିଛି। ଅନୁବାଦଗୁଡ଼ିକ ରଚନାର ଲୋକପ୍ରିୟତାର ସୂଚକ। ବହୁପୋଥିର ପୁଷ୍ପିକା ନାହିଁ। ତେଣୁ ସେଗୁଡ଼ିକ କେବେ ଓ କେଉଁମାନଙ୍କଦ୍ୱାରା ନକଲିକୃତ, କହିବା ସମ୍ଭବ ନୁହେଁ। ସିଦ୍ଧେଶ୍ୱର ଦାସଂକ ନାଁ ଭଣିତା ଥାଇ ତିନି ଖଣ୍ଡ ପୋଥି ମିଳୁଛି। ସେଗୁଡ଼ିକ ବରଗଡ଼ (ଓଆରଏସ୍ଏସ: ୮୧), ମେଦିନୀପୁର (ଓଏସ.୨୪୭୨, ଓଏସ୍୬୯୩)ରୁ ସଂଗୃହୀତ। ଦୀନବନ୍ଧୁ ଦାସ (ଓଏସ୍.୨୯୯୨, ଜଗତସିଂହପୁର), ବନମାଳୀ ଦାସ (ଓଏଲ୍. ୧୩୦୮), ବିପ୍ର ସୋମନାଥ(ମାଲକାନାଗିରି: ଓଏସ ୧୪୦୦), ଦ୍ୱିଜ ଅନିରୁଦ୍ଧ (ଓ.ଏଲ୍.୭୦୩, ୧୯୦୫), ଦେବ ନାରାୟଣ (ଓ.ଏଲ୍. ୧୦୪୯), ପୁଷ୍କର(ଓ.ଏଲ୍. ୨୯୫୬)ଙ୍କ ନାମ ଭଣିତା ଥାଇ ଉପଲବ୍ଧ ପୋଥିଗୁଡ଼ିକ ସ୍ୱଂତନ୍ତ୍ର ପ୍ରକାରର। ଅବଶିଷ୍ଟ ପୋଥିଗୁଡ଼ିକର ବଳରାମ ଦାସଂକ ନାଁ ଭଣିତା ସହିତ ଲିପିକାରମାନଙ୍କ ପରିଚୟ ରହିଛି। ସେଗୁଡ଼ିକ ପୁରୀ (ଓଏଲ.୮୫୧), ମେଦିନୀପୁର (ଓଏଲ. ୬୯୩, ୬୯୪, ୬୫୧), ବାଂକୀ(ଓଏଲ୍. ୧୪୧୯), ଛତିଆ (ଓ.ଏଲ୍.୧୭୮୩), ଖୋରଧା (ଓଏଲ୍ ୨୧୯୬) ଅଂଚଳରୁ ମିଳିଛି। ଅନ୍ୟ ପୋଥିଗୁଡ଼ିକର ସ୍ଥାନ ସ୍ପଷ୍ଟ ହୋଇନାହିଁ।

ଏହି ବହି ସଂପାଦନା ଓ ଚର୍ଚ୍ଚାପାଇଁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସୁରକ୍ଷିତ ସକଳ ପୋଥିର ସାହାଯ୍ୟ ନିଆଯାଇଛି। (ଦ୍ରଷ୍ଟବ୍ୟ ପରିଶିଷ୍ଟ ୧) ମାତ୍ର ସଂପାଦନାପାଇଁ ନିର୍ଭର କରାଯାଇଛି ORP.578, OL 649 ଏବଂ OL 1783 ପୋଥି ଉପରେ। ପ୍ରଥମ ପୋଥିଦୁଇଟିର ପ୍ରାପ୍ତିସ୍ଥାନ, ମେଦିନୀପୁର। ଉପଲବ୍ଧ ପୋଥିଗୁଡ଼ିକ ମଧ୍ୟରେ ଏହି ଦୁଇଖଣ୍ଡ ଅଧିକ ପୁରୁଣା । ୭୪୯ ନମ୍ବର ପୋଥି ପୋକମାନଙ୍କର ପ୍ରିୟତମ। ପୂର୍ଣ୍ଣପାଠୋଦ୍ଧାର ସମ୍ଭବ ନୁହେଁ। (ପତ୍ର ସଂଖ୍ୟା ୬୧ ଏବଂ ପ୍ରତ୍ୟେକ ୩୪ ଧାଡ଼ିବିଶିଷ୍ଟ)। ୫୭୮ ନମ୍ବର ପୋଥି ଅପେକ୍ଷାକୃତ ନିରୋଗ(ପତ୍ର ସଂଖ୍ୟା ୭୮ ଓ ପ୍ରତ୍ୟେକ ପତ୍ର ତିନି/ଚାରିଧାଡ଼ିବିଶିଷ୍ଟ)। ଦୁଇଖଣ୍ଡକୁ ମିଳେଇ ପଢ଼ିଲେ ପାଠୋଦ୍ଧାର ସମ୍ଭବ ହେଉଛି। ଉଭୟ ପୋଥିର ପଦ ସଂଖ୍ୟା ଯଥାକ୍ରମେ ୩୯୬(କେଉଁଠି ତିନି ଧାଡ଼ି ତ କେଉଁଠି ଚାରି ଧାଡ଼ି) ଓ ୪୫୦ (ଚାରି ଧାଡ଼ି)। ଏତେ ସଂଖ୍ୟାଗତ ପାର୍ଥକ୍ୟର କାରଣ ବୁଝିହେଉନାହିଁ।

Digitized by srujanika@gmail.com

ହୋଇପାରେ, ଏହା ଲିପିକାରମାନଙ୍କ ମାନସିକତାର ପ୍ରତିବିମ୍ବନ/ପ୍ରତିଲିପି। ମାତ୍ର ପଦଗତ ସାଦୃଶ୍ୟ ଅଧିକ। ଏଗୁଡ଼ିକର ନିର୍ବାଚନର କାରଣ, କେବଳ ପ୍ରାଚୀନତା ନୁହେଁ। ଏଗୁଡ଼ିକ ମିଳୁଛି ମେଦିନୀପୁରରୁ, ଅଧୁନିକ ରାଜନୀତିକ ଓଡ଼ିଶାରୁ ଦୂରରେ ଏବଂ ଏଥିରୁ ପ୍ରମାଣିତ ହେଉଛି ଯେ, ଦୂର ଅଥବା ସୁଦୂର ଅତୀତରେ ଏହି ଭୂଭାଗ(ଅଞ୍ଚଳ କୁହାଯାଇପାରେ) ବିଶାଳ ଓଡ଼ିଶା ଦେଶର ଅନ୍ତର୍ଗତ ଥିଲା। ଏଗୁଡ଼ିକ ସେହି ଅଞ୍ଚଳରେ ଲିଖିତ, କି ଉପକୂଳ ଅଞ୍ଚଳରୁ ଆହୃତ- ଏ କଥାର ନିରାଧାର ପ୍ରମାଣ ସମ୍ଭବ ନୁହେଁ। ଶୈଳୀ ଦ୍ୱିପଦୀ। ଅକ୍ଷର ସଂଖ୍ୟା ଅସମ। ଦାଣ୍ଡିବୃତ୍ତ କୁହାଯାଇପାରିବ। ମାତ୍ର ସାରଳା ଏବଂ ବଳରାମଙ୍କ ଦାଣ୍ଡିବୃତ୍ତର ଏହା ସଂକୁଚିତ ରୂପ। ଦୁଇପାଦ ମଧ୍ୟରେ ଅକ୍ଷର ସଂଖ୍ୟାରେ ବିଷମତା ଅଳ୍ପ। ଅକ୍ଷର ସଂଖ୍ୟା ତେରରୁ ଅଠର। ଦାଣ୍ଡିବୃତ୍ତର ଚଉଦ ଅକ୍ଷରିରେ ରୂପାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଏବଂ, ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଏହି ପ୍ରକ୍ରିୟା ପୂର୍ଣ୍ଣତା ପାଇଛି। ୧୮୬୨ ମସିହାରେ ଲିଖିତ **ଲକ୍ଷ୍ମୀପୁରାଣ** ପୋଥିକୁ ଏହାର ପ୍ରମାଣ ଭାବରେ ଗ୍ରହଣ କରାଯାଇପାରିବ। ଏହି ପୋଥି(ନମ୍ବର ଓଏଲ୍.୧୭୮୩) ୧୨୬ ପତ୍ର, ତିନି/ଚାରି ଧାଡ଼ିବିଶିଷ୍ଟ।

ପୋଥି ନିର୍ବାଚନର ଅନ୍ୟ ଦୁଇ କାରଣ, ଏଗୁଡ଼ିକର ଭାଷା ଓ ରଚନାଗତ ସାମ୍ୟ ଓ ବୈଷମ୍ୟ। ପ୍ରଥମ ଦୁଇଟି ପୋଥିର ଭାଷା ପ୍ରାଚୀନ। ପ୍ରାଚୀନତା ଦୁଇଟି କ୍ଷେତ୍ରରେ, ତତ୍‌ସମ ଶବ୍ଦର ବିକୃତ ରୂପ ଓ ଗ୍ରାମ୍ୟ/ଆଞ୍ଚଳିକ ଶବ୍ଦର ପ୍ରୟୋଗ(ଦ୍ରଷ୍ଟବ୍ୟ: ପରିଭାଷା) ତୃତୀୟ ପୋଥିରେ ପ୍ରଥମ ଦୁଇଟିର ଭାଷାଗତ ବିଶେଷତା ଅପସାରିତ। ଶବ୍ଦ ପ୍ରୟୋଗ ତାତ୍‌କାଳିକ, ଆଞ୍ଚଳିକ କି ତତ୍‌ସମବହୁଳ ନୁହେଁ; ପୁରାଣର ଭାଷା ପରି ବହୁବୋଧ। ବହିର ଲୋକପ୍ରିୟତାର ଏହା ଅନ୍ୟତମ କାରଣ। ଏବଂ, ସଂପ୍ରତି ବଜାରରେ ମିଳୁଥିବା ମୁଦ୍ରିତ ବହି, ପ୍ରଥମ ତିନୋଟିଠାରୁ ବହୁ ରୂପରେ ସ୍ୱତନ୍ତ୍ର। ଶବ୍ଦପ୍ରୟୋଗ ଓ ପଦବନ୍ଧ(ଵ)ଗତ ଅମେଳ ମାତ୍ରାଧିକ।

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଲକ୍ଷ୍ମୀପୁରାଣକୁ ଆମେ ବ୍ରତକଥାର ମର୍ଯ୍ୟାଦା ଦେଇଥାଉ। କୌଣସି ଅଦୃଶ୍ୟ ଶକ୍ତି(ଦେବତା ଓ ଦେବୀ)ଙ୍କ ତୁଷ୍ଟୀକରଣ ମାଧ୍ୟମରେ ନିରାମୟ ଜୀବନ ବଞ୍ଚିବା -ଉଦ୍ଦେଶ୍ୟରେ ବ୍ରତକଥାର ସୃଷ୍ଟି। ତେଣୁ ଏଗୁଡ଼ିକରେ ସନ୍ତୁଷ୍ଟୀକରଣର ବିଧି ଓ ଶକ୍ତିଙ୍କ ପ୍ରସିଦ୍ଧି- ଉଭୟ ଥାଏ। ୧୮୬୨ ମସିହା ମଧ୍ୟରେ ଉପଲବ୍ଧ ପୋଥିଗୁଡ଼ିକରେ ବିଧି ସଂକ୍ରାନ୍ତ ବର୍ଣ୍ଣନା ଅତି ଅଳ୍ପ। ପଲ୍ଲବନ ପ୍ରାୟତଃ ନାହିଁ। ପ୍ରଥମ ଦୁଇଟିରେ ବିଧିବର୍ଣ୍ଣନାର ପଦସଂଖ୍ୟା ନଅ, ଏବଂ ତୃତୀୟରେ ଏଗାର। ବିଧିକୁ ଅମାନ୍ୟ କଲେ, ବ୍ୟକ୍ତି ଓ ପରିବାର କେଉଁକେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେବ, ତତ୍‌ସଂକ୍ରାନ୍ତ ପଦ ସଂଖ୍ୟା ମଧ୍ୟ ନଅରୁ ଏଗାର ପଦ ମଧ୍ୟରେ ସୀମିତ। ପରବର୍ତ୍ତୀ କାଳରେ ବିଧିର ମାତ୍ରା ବଢ଼ିବଢ଼ି

Digitized by srujanika@gmail.com

ଚାଲିଛି। ସଂପ୍ରତି ଉପଲବ୍ଧ ବଜାର ସଂସ୍କରଣରେ ପଦସଂଖ୍ୟା ୭୧। ନିଷେଧାତ୍ମକ ପଦ ସଂଖ୍ୟା ଅଠାବନ। ଜଣା ପଡ଼ିଯାଉଛି, ନାରୀକୁ ପୈତୃକ ସଂପତ୍ତି ଅଧିକାରରୁ ବଞ୍ଚିତ କରିବା ଏବଂ ଆମୃତ୍ୟୁ ପୁରୁଷର ଅତି ବିଶ୍ୱସ୍ତ ସେବିକା (ଦାସୀ କୁହାଯାଇପାରେ) ଭାବରେ ବଞ୍ଚିବାପାଇଁ ଏହା ପୁରୁଷପ୍ରଧାନ ସମାଜ-ବ୍ୟବସ୍ଥାର ଏକ ଯୋଜନାବଦ୍ଧ ଚକ୍ରାନ୍ତ। ଏହି ଚକ୍ରାନ୍ତକୁ ଦେଶର ପାରିବାରିକ ଓ ପ୍ରାଶାସନିକ ବ୍ୟବସ୍ଥାର ନିୟନ୍ତକ ଭାବରେ ବିଶ୍ୱାସ କରାଯାଉଥିବା ଶ୍ରୀଜଗନ୍ନାଥ- ଶ୍ରୀଲକ୍ଷ୍ମୀଙ୍କ ସଂପର୍କ ମାଧ୍ୟମରେ ବୈଧ କରିଦିଆଯାଇଛି। ଭୟସୃଷ୍ଟି ମାଧ୍ୟମରେ ଭକ୍ତି-ବୈଧୀକରଣର ଏହା ଏକ ଅଭିନବ ପରିଯୋଜନା। ବ୍ରତ ଓ ଓଷାକଥାଗୁଡ଼ିକର ତାହା ମଞ୍ଜି। ଅଧିକ କୌତୂହଳର କଥା, ଲକ୍ଷ୍ମୀଙ୍କ ପରି ଗଣଦେବତୀକୁ ଗୃହଦେବୀରେ ରୂପାନ୍ତର କରିଦିଆଯାଇଛି। ଘରେଘରେ ଲକ୍ଷ୍ମୀପୂଜା, ଦାଣ୍ଡରେ ନୁହେଁ। ଅର୍ଥ ବ୍ୟକ୍ତିର, ସମାଜର ନୁହେଁ। ଆପଣାକୁ ବିତ୍ତଶାଳୀ କରିବାପାଇଁ ମହାଲକ୍ଷ୍ମୀ ଏବେ ଏକ ଅପ୍ରତିହତ ମାଧ୍ୟମ। ଏବଂ, ପତ୍ନୀମାନେ କାଳେ ଲକ୍ଷ୍ମୀ-ପ୍ରତିମା। ଗୃହଲକ୍ଷ୍ମୀ ଶବ୍ଦଟିଏ ତିଆରି ହୋଇଯାଇଛି। କୁହାଯାଇଛି, ଦୁହିତା, ଦୁଇକୁଳକୁ ହିତା। ବିଧିଗୁଡ଼ିକ ପଢ଼ିଲେ ଲାଗୁଛି, ନାରୀ ସତେ ଯେପରି ପାରିବାରିକ ସୁଖ ଓ ଅନନ୍ଦର କେନ୍ଦ୍ର। ମାତ୍ର ତାହା ବାସ୍ତବ କି, ଅବଶ୍ୟ ବିଚାର୍ଯ୍ୟ।

ଚାରି

ଏହି ଚର୍ଚ୍ଚାର ଦ୍ୱିତୀୟ ଭାଗରେ ପୁରାଣ ସମ୍ପର୍କରେ କେତେ ଗୋଟି ପ୍ରଶ୍ନ ରହିଥିଲା। ପ୍ରଥମ ତିନିଗୋଟି ପ୍ରଶ୍ନ ପରସ୍ପର ସହିତ ସୂତ୍ରାୟିତ। ତେଣୁ, ସେଗୁଡ଼ିକୁ ଗୋଟିଏ ଭାବରେ ଚର୍ଚ୍ଚା କରିବା। କୌଣସି ରଚନାର ଇତିହାସ ନିରୂପଣ କାଳରେ ଆମେ ତାହାର ଭାଷା, ପ୍ରକାଶଭଙ୍ଗୀ, ସମକାଳୀନ-ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ପରିମଣ୍ଡଳ ଏବଂ ସମକାଳ ଓ ପରବର୍ତ୍ତୀକାଳର ରଚନା ସହିତ ସମ୍ପର୍କ ଆଦି ପ୍ରସଂଗ ଉପରେ ପ୍ରାଧାନ୍ୟ ଦେଇଥାଉ।

ଆଜିକାଲି ବଜାର ଓ ସବୁସ୍ଥାନରେ ଯେଉଁ **ଲକ୍ଷ୍ମୀପୁରାଣ** ବହି ମିଳୁଛି, (ତାହାକୁ ବଜାରି ସଂସ୍କରଣ କୁହାଯାଇପାରେ) ପଢ଼ିଲେ, ଜଣେ ଆଦୌ ମାନିନେବ ନାହିଁ ଯେ, ଏହା ଏକ ପ୍ରାଚୀନ ରଚନା। କାରଣ ଲିଖନଶୈଳୀ ଦ୍ୱିପଦୀ ଓ ପ୍ରତ୍ୟେକ ପଦ ଚଉଦଅକ୍ଷରି। ଭାଷା- ସର୍ବଜନବୋଧ ଏବଂ ଶବ୍ଦ ଲିଖନଶୈଳୀ ଆଧୁନିକ, ଅର୍ଥାତ୍ ଉନବିଂଶ ଓ ବିଂଶଶତାବ୍ଦୀକାଳୀନ। ଏଥିରେ 'ଟଙ୍କା' ଓ 'ପାଣ୍ଠୋଇ' ଆଦି କେତେକ ଶବ୍ଦ ରହିଛି, ଯେଉଁଗୁଡ଼ିକ ଉନବିଂଶ ଶତାବ୍ଦୀରେ ଓଡ଼ିଆ ଶବ୍ଦଭଣ୍ଡାରକୁ ଆସିଛି। ଆମେ ଜାଣୁ, ସାରଳା ଓ ବଳରାମଙ୍କ ରଚନା(ବିଶେଷତଃ ମହାଭାରତ, ଚଣ୍ଡୀପୁରାଣ, ରାମାୟଣ) ତତ୍ସମ ଓ ତଦ୍ଭବ ଶବ୍ଦର ଲୋକମୁଖ ଉଚ୍ଚାରଣ ଓ କଥିତ ଶବ୍ଦର ଭଣ୍ଡାର।

Digitized by srujanika@gmail.com

ଉଦ୍ଦେଶ୍ୟ, ବ୍ରାହ୍ମଣ୍ୟବାଦ-ସଂକ୍ରମିତ ଧର୍ମ, ଦର୍ଶନ ଓ ସାହିତ୍ୟର ସର୍ବଜନବୋଧ ପରିପ୍ରକାଶ।ଭାଷା ମାଧ୍ୟମରେ ପ୍ରତିବାଦ। ପୁନଶ୍ଚ ଉଭୟ କବି ଦାଣ୍ଡିବୃତ୍ତ-ପ୍ରିୟ। ଏହି ବୃତ୍ତ ଦ୍ୱିପଦା ଓ ବିଷମ ଅକ୍ଷରବିଶିଷ୍ଟ। ବଳରାମ ମଧ୍ୟ ରାମାୟଣକୁ ଏହି ବୃତ୍ତରେ ଲେଖିଛନ୍ତି। ଏବଂ, ଏହି ଭବ୍ୟକୃତି ପଣ୍ଡିତ ଗୋବିନ୍ଦ ରଥ ଓ ତାଙ୍କ ମିତ୍ରମାନଙ୍କଦ୍ୱାରା ଚଉଦଅକ୍ଷରିରେ ରୂପାନ୍ତରିତ ହୋଇଛି।[୬] ମୁଦ୍ରିତ ଲକ୍ଷ୍ମୀପୁରାଣରେ ଦାଣ୍ଡିବୃତ୍ତ ଅନୁପସ୍ଥିତ। ତେଣୁ ସେହି ନ୍ୟାୟରେ ଏହି ରଚନାକୁ ବଳରାମଙ୍କ ଲେଖନୀ-ପ୍ରସୂତ କହିବା "ଅବିଜ୍ଞତା" ଯୁକ୍ତି ଅବାନ୍ତର ଅବଶ୍ୟ ନୁହେଁ, ମାତ୍ର ବିଚାର୍ଯ୍ୟ।

ଏବେ ଲକ୍ଷ୍ମୀପୁରାଣର ରଚୟିତାଙ୍କ ପରିଚୟ ପ୍ରସଙ୍ଗକୁ ଆସିବା। ବଳରାମ ଦାସ ପୁରାଣର ସର୍ବସ୍ୱୀକୃତ କବି। ମାତ୍ର ଗବେଷକମାନେ ପଂଚଦଶରୁ ଊନବିଂଶ ଶତାବ୍ଦୀ ଅବଧିରେ, ଜଣେ ମାତ୍ର ନୁହନ୍ତି, ବଳରାମ ଦାସ ନାମଧାରୀ ବହୁସଂଖ୍ୟକ ବ୍ୟକ୍ତିତ୍ୱଂକ ବର୍ତ୍ତମାନକୁ ଅନୁଭବ କରିଛନ୍ତି। ଗୋଟିଏ ନାଁ ମାତ୍ର ଭଣିତା ଥାଇ **ଜଗମୋହନରାମାୟଣ, ଭାବସମୁଦ୍ର, ବଟଅବକାଶ, ଭାଗବତଗୀତା** ଆଦି ବହୁସଂଖ୍ୟକ ଛୋଟବଡ଼ ରଚନା ମିଳୁଛି। କେତେକ ମୁଦ୍ରିତ ଓ ଅବଶିଷ୍ଟ ତାଳପତ୍ର ପୋଥିରେ ସୁରକ୍ଷିତ। ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଦାଶରଥି ଦାସଂକ ବ୍ୟତୀତ ଅନ୍ୟ ସକଳ ଗବେଷକ **ଲକ୍ଷ୍ମୀପୁରାଣ** ଓ **ଜଗମୋହନକାର** ବଳରାମଂକୁ ଜଣେ ବୋଲି ଉଲ୍ଲେଖ କରିଛନ୍ତି।[୭] ସେମାନେ ଏପରି କହିବାର ପ୍ରଧାନ କାରଣ, ଆକାର ଦୃଷ୍ଟିରୁ ଦୁଇଗ୍ରନ୍ଥ ମଧ୍ୟରେ ଆକାଶପାତାଳ ଦୂରତା ରହିଛି, ମାତ୍ର ଭାବଗତ ଓ ଆଦର୍ଶଗତ ବିଚାରରେ, କବି-ବ୍ୟକ୍ତିତ୍ୱରେ ଅନୁଭୂତ ପ୍ରତିଷ୍ଠିତ ସମାଜ-ବ୍ୟବସ୍ଥା-ବିରୋଧୀ ମାନସିକତା ଉଭୟରେ ସୁସ୍ପଷ୍ଟ। **ଲକ୍ଷ୍ମୀପୁରାଣର** ପିତୃତ୍ୱକୁ କେନ୍ଦ୍ରକରି ଦାଶରଥି ଦାସଙ୍କ ମନ୍ତବ୍ୟକୁ ଆମେ ଭ୍ରମ ବା ପ୍ରମାଦ ବୋଲି କହୁନାହୁଁ। ମୁଦ୍ରିତ ବହି ପଢ଼ିଲେ, ଯେକୌଣସି ବ୍ୟକ୍ତି ତାଙ୍କପରି ମନ୍ତବ୍ୟ ଦେବାକୁ ଉଚିତ ମଣିବେ। ତେବେ କେଉଁମାନେ ପ୍ରମାଦ ସୃଷ୍ଟିର ସୂତ୍ରଧର ? ଉତ୍ତରରେ ଅଳ୍ପରେ ଏତିକି କୁହାଯାଇପାରେ, ସେମାନେ ମୂଳପୋଥିର ଲିପିକାର, ମୂଳରଚନା ପରିବର୍ତ୍ତନ-ଅନୁରାଗୀ ଅନୁସର୍ଜନକାରୀ, ସଂସ୍କୃତ-ବିଶ୍ୱସ୍ତ ପଣ୍ଡିତ ଏବଂ ପ୍ରକାଶକ। କେଉଁ ବିଶେଷ କାରଣ ସେମାନଙ୍କୁ ଏକ ରଚନା ଉପରେ କଳାପାହାଡି ଆକ୍ରମଣମନସ୍କ କରିଛି, ତାହା ଅବଶ୍ୟ ବିଚାର୍ଯ୍ୟ। ମାତ୍ର **ଲକ୍ଷ୍ମୀପୁରାଣର** ଅପବାଦୀକରଣର ସୂତ୍ରଧରମାନଙ୍କୁ କାରଣ ପଚାରିବା ପୂର୍ବରୁ ସ୍ୱୟଂ ଗ୍ରନ୍ଥକର୍ତ୍ତାଂକ ସର୍ଜନ ମାନସିକତାର ଗୁଣସୂତ୍ର ଖୋଜାଯାଇପାରେ।

ଗ୍ରନ୍ଥକର୍ତ୍ତାଂକ ବିହାର କ୍ଷେତ୍ର ପୁରୀ, ଶ୍ରୀକ୍ଷେତ୍ର। ସେ ପୁଣି ଶ୍ରୀମନ୍ଦିର ସହିତ ସଂପୃକ୍ତ। ସେହି ନ୍ୟାୟରେ, ସମକାଳୀନ ଉତ୍କଳର ସମାଜ, ରାଜନୀତି, ଧର୍ମ ଓ ସଂସ୍କୃତି- ବ୍ୟବସ୍ଥା

Digitized by srujanika@gmail.com

ସହିତ ତାଙ୍କ ଆତ୍ମିକ ସଂପର୍କ ଥିବା ସ୍ୱଭାବିକ। କାରଣ, ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଓ କ୍ଷେତ୍ରସ୍ଥ ଦିଅଁ- ସମକାଳର ଦିଅଁ ମାତ୍ର ନୁହନ୍ତି, କ୍ଷମତାତନ୍ତ୍ରର ଈଶ୍ୱର। ରାଜାଙ୍କର ରାଜା। ଗଜପତିଙ୍କର ପତି। ରାଜା ରାଜେଶ୍ୱର ମହାଗଜପତି।' ବଳରାମ ସେହି ମହାପତିଂକ ପତିତ୍ୱ(ପ୍ରଭୁତ୍ୱ), ଅର୍ଥାତ୍ ଅସହାୟ-ଆଧ୍ୟାତ୍ମିକତାକୁ ଶକ୍ତିଯୁକ୍ତ ବା ଶକ୍ତିମନ୍ତ କରିବାପାଇଁ ସିଦ୍ଧାନ୍ତ ନେଉଛନ୍ତି। ସିଦ୍ଧାନ୍ତ-ପ୍ରତିଷ୍ଠାପାଇଁ ଦିଅଁଙ୍କ ଦାମ୍ପତ୍ୟ ଓ ପାରିବାରିକ ଜୀବନକୁ ମଂଚ କରୁଛନ୍ତି। ଏବଂ, ବର୍ଣ୍ଣନାକ୍ରମରେ ସମକାଳର ସ୍ୱର ଓ କାଳର ମଣିଷମାନେ କାହାଣୀର ଚରିତ୍ର ହୋଇଛନ୍ତି। ରାଷ୍ଟ୍ର ଦେବତା ମାନବାୟିନିତ ହୋଇଛନ୍ତି । ତାଙ୍କ ପ୍ରତିଭା କାଳ ଓ କାଳ-ସଂପୃକ୍ତ ମଣିଷମାନଙ୍କୁ ଏତେ କଳାତ୍ମକ ରୀତିରେ ସମୀକୃତ କରିଦେଉଛି ଯେ, କୃତିତ୍ୱ ଜନସମୁଦାୟର ପ୍ରାଣକୁ ସମ୍ମୋହିତ କରୁଛି ଏବଂ ତାହା କାଳୋତୀର୍ଣ୍ଣ ହୋଇଯାଉଛି।

ଏପରି କାହିଁକି ଘଟେ ? କାରଣ, ଆମେ ଜାଣୁ, କୌଣସି କାଳଖଣ୍ଡର ମଣିଷ ଆପଣାର ଜୀବନ ବଂଚିବାପାଇଁ କ୍ଷମତାସୃଷ୍ଟ ବା ବ୍ୟବସ୍ଥା ପ୍ରତି ଅତିଷ୍ଠ ହୋଇପଡ଼ିଲେ, ତାର ବିଶ୍ୱାସ ଆହତ ହେଲେ, ବିକଳ୍ପ ଖୋଜେ। ଏବଂ, ଏଥିପାଇଁ ସର୍ଜନକର୍ମ(ଧର୍ମ, ସାହିତ୍ୟ, ଚିତ୍ର, ସ୍ଥାପତ୍ୟ, ନାଟକ)ର ଯେଉଁ ଭବ୍ୟଭୂମିକୁ ପାଇଯାଏ, ତାହାକୁ ସ୍ୱୀକାର କରିନିଏ। ଏହି ବିକଳ୍ପ ଅନ୍ୱେଷୀ ସ୍ରଷ୍ଟାମାନଙ୍କୁ କୁହାଯାଏ ବିପ୍ଳବୀ, ସନ୍ଥ। ସେମାନେ କ୍ଷମତାସୃଷ୍ଟ ସାମାଜିକ ଓ ସାଂସ୍କୃତିକ-ସ୍ଥିତାବସ୍ଥାବିରୋଧୀ ବ୍ୟକ୍ତିତ୍ୱ। ସମକାଳର ଭାରତ ବର୍ଷରେ ବହୁଭୂମିରେ ଆମେ ସମମାନସିକତାର ମଣିଷମାନଙ୍କ ଦେଖୁ। ବଳରାମ ଦାସ ସେହି ଭାବାଦର୍ଶର ଅନ୍ୟତମ ଉଦାହରଣ। ସମକାଳର କ୍ଷମତା-ପୀଡ଼ିତ ଜନସମୁଦାୟର ଧର୍ମସ୍ଥ-ଜୀବନ(ଧର୍ମଜୀବନ ନୁହେଁ) ତାଂକୁ ଆହତ ଓ ଚକିତ କରିଛି। ବିଚାରର ପ୍ରତିଷ୍ଠାପାଇଁ ସେ କାହାଣୀ ଓ ଚରିତ୍ରମାନଙ୍କୁ ଖୋଜିଛନ୍ତି। ସେମାନଙ୍କୁ ଆପଣା ଗତାଗତ ଭୂମିରେ ପାଇଯାଇଛନ୍ତି। ଭୂମି ଦିବ୍ୟ, ଚରିତ୍ରମାନେ ବି ଦିବ୍ୟ। ସେମାନେ ପୁଣି ସମୁଦାୟ, କ୍ଷମତା ଓ ବିଶ୍ୱାସର ଅଧିପତି। ସେ ଆପଣା ସର୍ଜନଶକ୍ତିରେ ଦିବ୍ୟମାନଙ୍କୁ ପ୍ରପଂଚାୟିତ କରିଦେଇଛନ୍ତି। ଦିବ୍ୟ ଓ ଅଦିବ୍ୟ (ପ୍ରପଂଚ) ମଧ୍ୟସ୍ଥ ଖେଳ ଜମିଛି। ଶ୍ରୋତା ଓ ପାଠକ, ଅନ୍ୟ ଶବ୍ଦରେ କହିଲେ ସମୁଦାୟ, ସହୃଦୟ ଭୋକ୍ତା ହୋଇଯାଉଛି। ଏହି ଖେଳର କଳାରୂପ ଲକ୍ଷ୍ମୀପୁରାଣ।

କିଏ ଏହି ଲକ୍ଷ୍ମୀ ? କିଏ ଏହି ଜଗନ୍ନାଥ, ବଳଭଦ୍ର ? ଏକ ମନ୍ଦିରସ୍ଥ ଗୁମୁଟିବିହାରୀ ଅଧ୍ୟାତ୍ମ, ବିଶ୍ୱାସ, ନା ଅନ୍ୟ କେହି ? କେଉଁଠି ଥିଲେ ସେ/ସେମାନେ ? ପ୍ରଥମେ ଲକ୍ଷ୍ମୀଂକ ପରିଚୟ ଖୋଜାଯାଉ। ଲକ୍ଷ୍ମୀ ମଣିଷର ବିଶ୍ୱାସ ଓ ଚେତନା-ପ୍ରସୂତ ଜୀବନୀ-ଶକ୍ତିର ଅନ୍ୟତମ ରୂପ। ଏହି ଜୀବନୀଶକ୍ତି ଜଗତ ଓ ଜଗତ-ସୃଷ୍ଟ ସକଳ ସଂପଦର ଜନ୍ମ,

Digitized by srujanika@gmail.com

ଜୀବନ ଓ ମୃତ୍ୟୁର କାରଣ। ତେଣୁ ତାହା ଉଭୟ ବିସ୍ମୟ ଓ ବାସ୍ତବ। ମଣିଷ ପ୍ରଥମେ ଭୂମି ଓ ପ୍ରକୃତି ଜଗତରେ ବିସ୍ମୟକୁ ଅନୁଭବ କରୁଛି। ଏଥର ସେ ଚାହୁଁଛି, ସେମାନଙ୍କ ଗହଣରେ ବଂଚୁଥିବା ଅନ୍ୟ ଏକ ଦେହକୁ। ସେ ନାରୀ। ଏକ ସର୍ଜନକ୍ଷମା ଜୀବ। ତାର ବିଶ୍ୱାସ, ପ୍ରକୃତି ସହିତ ଶରୀରକୁ ଯୁକ୍ତ କରିଦେଉଛି। ନାରୀ ଏବେ କାର୍ଯ୍ୟ ଓ କାରଣ, ବିସ୍ମୟ ଓ ବାସ୍ତବତାର ଯୁକ୍ତ-ସତ୍ତା, ତେଣୁ ପୂଜ୍ୟା। ଚେତନା ଉଦୟନ କାଳରୁ ପୃଥିବୀର ସକଳ ଭୂମିର ମଣିଷ ଆଜି ପର୍ଯ୍ୟନ୍ତ ନାରୀକୈନ୍ଦ୍ରିକ ଏହି ଅବବୋଧରୁ ମୁକ୍ତ ହୋଇପାରିନାହିଁ। ଫଳତଃ, ନାରୀ ପ୍ରଜନନ-ମରଣ, ବିଦ୍ୟା ଓ ଅନ୍ନ- ଏହି ତ୍ରିଶକ୍ତିର ଅଧିକାରିଣୀ ରୂପରେ ସ୍ୱୀକୃତି ପାଇଛି। ମାତ୍ର ମଣିଷ କାଳକ୍ରମେ ନାରୀର ସର୍ଜନ-ପ୍ରକ୍ରିୟାରେ ପୁରୁଷର ସଂପର୍କକୁ ଅନୁଭବ କରିଛି। ପୁରୁଷର ଅନୁପସ୍ଥିତିରେ ନାରୀତ୍ୱ ଅର୍ଥହୀନ, ତେଣୁ ପୌରୁଷ ଏକ ଆବଶ୍ୟକତା। ଏହି ଅବବୋଧ ନାରୀ ଓ ପୁରୁଷକୁ ଏକ ଭାବରେ ରୂପାନ୍ତର କରିଦେଇଛି। ଅର୍ଥାତ୍, ବ୍ୟକ୍ତିର ଜନ୍ମ, ଜୀବନଯାତ୍ରା ଏବଂ ଯାତ୍ରାକାଳୀନ ଆନନ୍ଦ ଓ ନିରାପତ୍ତା-ସକଳ ଅବଶ୍ୟ ଯୁଗ୍ମସତ୍ତାର ସାଧନା-ନିର୍ଭର। ମାତ୍ର ପୁରୁଷ ନୁହେଁ, ନାରୀ ଯେ ଶକ୍ତିରୂପା, ସକଳ ସର୍ଜନ-କର୍ମର ଈଶ୍ୱରୀ ଓ ବ୍ୟବସ୍ଥାର ନିୟନ୍ତ୍ରିକା- ଉପର୍ଯ୍ୟୁକ୍ତ ଭାବାଦର୍ଶକୁ ମଣିଷ ଅସ୍ୱୀକାର କରିପାରୁନାହିଁ। ଲକ୍ଷ୍ମୀ ନାମକ ଚରିତ୍ରର ସୃଷ୍ଟି ଏହାର ଉଦାହରଣ। ଭାରତୀୟ ମନୀଷୀ ତାଙ୍କୁ ପ୍ରାକ୍-ବୈଦିକ କାଳରୁ ଅବଧି-ପ୍ରଜନନ, ଶସ୍ୟ; ଅନ୍ନ, ଆନନ୍ଦ ଓ ସୌଭାଗ୍ୟ; ଅନ୍ୟ ପରିଭାଷାରେ ଜୀବନୀଶକ୍ତିର ଉତ୍ସ ରୂପରେ ସମ୍ମାନ ଦେଇଆସୁଛି। ବିଧିମତେ ପୂଜା କରୁଛି। ଶସ୍ୟକେଣ୍ଡାହସ୍ତା ନାରୀ, ବେଦରେ ଶ୍ରୀସୂକ୍ତ; **ରାମାୟଣ, ମହାଭାରତ, ଭାଗବତ, ମତ୍ସ୍ୟପୁରାଣ, ପଦ୍ମପୁରାଣ, ସ୍କନ୍ଦପୁରାଣ** ଆଦି ଅକ୍ଷରକର୍ମରେ ପାଳନକର୍ତ୍ତ୍ରୀ ଲକ୍ଷ୍ମୀରେ ରୂପାନ୍ତରିତା ହୋଇଯାଉଛନ୍ତି।[୯]

ଅନ୍ୟପକ୍ଷରେ, ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ। ସେ ଶଂଖ-ଚକ୍ର-ଗଦା-ପଦ୍ମଧାରୀ ବିଷ୍ଣୁ, ନାରାୟଣ, ସଂସାରର ପାଳନକର୍ତ୍ତା। ଏବଂ, ସ୍ୱୟଂ ଅଣାକାର, ନିର୍ଗୁଣ ବ୍ରହ୍ମ। ପୁରୁଷପ୍ରଧାନ ସମାଜବ୍ୟବସ୍ଥାର ପ୍ରତୀକ। ସକଳ ବ୍ୟବସ୍ଥା ନିୟନ୍ତ୍ରଣରେ ପୁରୁଷର ଏହି ଶୀର୍ଷାୟନ ଦୃଶ୍ୟରୁ ସ୍ପଷ୍ଟ ହୋଇଯାଉଛି ଯେ, ଶକ୍ତି ଏବେ କର୍ତ୍ତୃତ୍ୱଚ୍ୟୁତ। ଏହି ଦୃଶ୍ୟ ଆଦୌ ଆକସ୍ମିକ ନୁହେଁ, ପୁରୁଷର ଯୋଜନାବଦ୍ଧ ଉଦ୍ୟମର ଫଳ। ସମ୍ଭବତଃ ଶକ୍ତିର ଅହଂକାର ଓ ଅଧିକାରବୋଧ ପୁରୁଷକୁ ଆହତ ଓ ଆତଂକିତ କରିଛି। ତାର ସ୍ଥିତି ଏବେ ବିପନ୍ନ। ତେଣୁ ସ୍ଥିତି ପ୍ରତିଷ୍ଠାପାଇଁ ସେ ଆୟୁଧ ଖୋଜିଛି। ଆୟୁଧ କହିଲେ, ଅନ୍ୟର ଦୁର୍ବଳତା ଆବିଷ୍କରଣ ଓ ଆପଣା ଶକ୍ତିରେ ଅନ୍ୟ- ଦୁର୍ବଳତାର କ୍ରମନିର୍ମୂଳୀକରଣ। ଆୟୁଧ ମିଳିଯାଇଛି। ଦୁଇଗୋତ୍ରର ଆୟୁଧ, ବଳପ୍ରୟୋଗ ଓ ତୁଷ୍ଟୀକରଣ। ପ୍ରଥମ, ସେ

Digitized by srujanika@gmail.com

ବିପୁଳ ସାମର୍ଥ୍ୟର ଅଧିକାରୀ- ବପୁବନ୍ତ ଓ ବୀର୍ଯ୍ୟବନ୍ତ। ଦ୍ୱିତୀୟ, ବାହ୍ୟତଃ ନାରୀ ଉଗ୍ରାପରି ବୋଧହେଉଛି। ମାତ୍ର ବାସ୍ତବତଃ, ସେ ଏକ ସମ୍ମୋହନ, ତେଣୁ ତାକୁ ସହଜରେ ବଶୀଭୂତା କରିବା ସମ୍ଭବ। ମୋହଗ୍ରସ୍ତ କରିବାପାଇଁ ମନ୍ତ୍ର, ଚାଟୁ ଏବଂ ଚିତ୍ତ ଓ ସ୍ନାୟୁଉତ୍ତେଜକ ଉପଚାର। କେବଳ ସେତିକି ନୁହେଁ, ତାର ଅନ୍ତର୍ବୋଧ ଏତେ ସହନଶୀଳ ଓ ଭାବ-ବିଦଗ୍ଧ ଯେ, ସେ ଅତୀତର ସକଳ ଯନ୍ତ୍ରଣାକୁ ନିଃସର୍ତ୍ତରେ, ଅନ୍ୟର ସାମାନ୍ୟ ସ୍ତୁତିରେ ଭୁଲିଯାଇପାରେ। ଏହି ଦୁଇଟିକୁ ଅଧିକ ଧ୍ୱଂସାତ୍ମକ କରିବାପାଇଁ ସାମାଜିକ ଓ ସାଂସ୍କୃତିକ ବିଧିବିଧାନ ଓ ଶାସ୍ତ୍ରମାନ ତିଆରି କରାଯାଇଛି। ବିଧାନଗୁଡ଼ିକୁ ପରିବାରରୁ ଆରମ୍ଭକରି ଦେଶ ପର୍ଯ୍ୟନ୍ତ ସକଳ ଆୟତନରେ ପରିବ୍ୟାପ୍ତ କରିଦିଆଯାଇଛି। ମୁକ୍ତିବୋଧର ସକଳ ପଥ ଏବେ ଅବରୁଦ୍ଧ। ମାତ୍ର ଶକ୍ତିର ତାତିକୁ ପୁରୁଷ, ବାସ୍ତବତଃ, ନିୟନ୍ତ୍ରଣ କରିପାରିଛି କି? ସମୟକ୍ରମେ ନାରୀର ଅନ୍ତର୍ବୋଧ ପୁରୁଷର ଅହଂକାର ଓ ସନ୍ତୁଷ୍ଟୀକରଣ ମନ୍ତ୍ରର ବୈକଲ୍ୟକୁ ଅନୁଭବ କରିଛି। କାରଣ, ଶାରୀରିକ ଓ ମାନସିକ ସତ୍ତା ମଧ୍ୟରେ ଦ୍ୱନ୍ଦ୍ୱ ଅନିବାର୍ଯ୍ୟ ହୋଇପଡ଼ିଛି। ଉଭୟ ବଂଚିବେ। ତେଣୁ ଦ୍ୱନ୍ଦ୍ୱର ସମାଧାନ ମଧ୍ୟ ଆବଶ୍ୟକ, ଅନିବାର୍ଯ୍ୟ। ସମାଧାନ କହିଲେ- ଦୁଇ ନିର୍ଭରଶୀଳ ସ୍ୱତନ୍ତ୍ର ମଧ୍ୟରେ ପ୍ରୀତିପ୍ରଦ ଓ ସମର୍ପିତ ସହାବସ୍ଥାନ। ଏହା ଯେତେ ସ୍ୱାଭାବିକ ଓ ସହଜ ବୋଲି ଲାଗେ, ବାସ୍ତବତଃ ତାହା ନୁହେଁ।

ଆଶ୍ଚର୍ଯ୍ୟ, କାଳକ୍ରମେ ଏପରି ଦୃଶ୍ୟ ମଧ୍ୟ ଦେଖାଦେଇଛି, ପୁରୁଷ ଅତ୍ୟନ୍ତ ଅବିଚାରିତ ଭାବରେ ଶକ୍ତିକୁ ପଦାର୍ଥବତ୍ ଆପଣା ଉପଭୋଗର ସାମଗ୍ରୀରେ ରୂପାନ୍ତର କରିଦେଇଛି। ଜଣେ ନାରୀ ଉପରେ ଅଧିକାର ସାବ୍ୟସ୍ତପାଇଁ ଏକାଧିକ ପୁରୁଷ ସମର ଭୂମିକୁ ଡେଇଁ ପଡୁଛନ୍ତି। ଶକ୍ତିରୂପା ନାରୀର ଶରୀର ଯେପରି ଏକମାତ୍ର ସତ୍ୟ, ସର୍ବଶ୍ରେଷ୍ଠ ସଂପଦ। ମାତ୍ର ସବୁକାଳରେ, ଶକ୍ତି ହାତରେ ପରାଜିତ ହେବାର କାରୁଣ୍ୟକୁ ସ୍ୱୀକାର କରୁଛି ପୁରୁଷ। ଅକଥନୀୟ ପରାଭବ ବି ଭୋଗୁଛି। ଶକ୍ତି ଜିତୁଛି। ବଳରାମ ଦାସ, ପୁରୁଷ ଓ ଶକ୍ତି, ଏହି ଦୁଇ ଅସ୍ତିତ୍ୱ ମଧ୍ୟରେ ପ୍ରତିନିୟତ ସଂଘଟିତ ଝଗଡ଼ାକୁ ବୁଝିଛନ୍ତି। ତେଣୁ ଏକ ଆଖ୍ୟାୟିକା ମାଧ୍ୟମରେ ପ୍ରଚଣ୍ଡ ପୁରୁଷାକାରର ପ୍ରତୀକ ଶ୍ରୀଜଗନ୍ନାଥ ଓ ତାଙ୍କ ଅଗ୍ରଜ ବଳରାମଙ୍କ ଅସହାୟତାକୁ ସ୍ପଷ୍ଟ କରିଦେଇଛନ୍ତି।

ଏବେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ପାଖକୁ ଆସିବା। କ୍ଷେତ୍ର ଓ କ୍ଷେତ୍ରସ୍ଥ ଅଧିପତିଂକ ନାଁରୁ ସ୍ପଷ୍ଟ ବୁଝିହେଉଛି, ଏହାର ଈଶ୍ୱରୀ ଶ୍ରୀ, ଅନ୍ୟ ଶବ୍ଦରେ ଲକ୍ଷ୍ମୀ। ଅର୍ଥାତ୍ ସମଗ୍ର କ୍ଷେତ୍ରର ସେ ନିୟନ୍ତ୍ରିକା। କ୍ଷେତ୍ର ପୂର୍ବରୁ ଥିଲା। ନାଁ ପୁରୁଷୋତ୍ତମ କ୍ଷେତ୍ର। ସମ୍ଭବତଃ ଏହା ସହିତ 'ଶ୍ରୀ'ଯୁକ୍ତ କରିଛନ୍ତି 'ଶ୍ରୀ' ସଂପ୍ରଦାୟର ପ୍ରବକ୍ତା ରାମାନୁଜାଚାର୍ଯ୍ୟ(ଦ୍ୱାଦଶ ଶତାବ୍ଦୀ)।[୮] 'ପୁରୁଷୋତ୍ତମ' ଶବ୍ଦ ସ୍ଥାନାନ୍ତର ହୋଇଛି। ସେ କହିବାକୁ ଚାହିଁଛନ୍ତି-

Digitized by srujanika@gmail.com

ଶ୍ରୀହୀନ ସଂସାରର ସ୍ଥିତି ନାହିଁ, ପଂଚରାତ୍ର ଦର୍ଶନରେ ଏହି ବିଚାରର ସ୍ପଷ୍ଟ ବ୍ୟାଖ୍ୟା ରହିଛି।[୧୦] କୁହାଯାଇଛି- ବିଷ୍ଣୁ(ପୁରୁଷ) ଚେତନାରହିତ। 'ଶ୍ରୀ' ଜୀବନୀଶକ୍ତି। ବିଷ୍ଣୁ ଚେତନା ଉନ୍‌ମୀଳନ ଓ ଗତିଶୀଳତାର କାରଣ। ମାତ୍ର ପୁରୁଷ ଗତି ପାଇଲେ କାଳେ ଅଧିକାର ପ୍ରମତ୍ତ ହୋଇଯାଏ। ପାପ ଓ ଅପବିତ୍ରତାକୁ ସ୍ୱୀକାର ମଧ କରିପାରେନାହିଁ। ଅନମନୀୟ ଅସ୍ୱୀକୃତିବୋଧ ତାକୁ ଅନ୍ୟପ୍ରତି ଅନୁଦାର କରିଦିଏ। ରାମାନୁଜ ପୁରୁଷର ଏହି ମାନସିକତାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ପୁରୁଷର 'ଅହଂବୋଧ'ର ପରିବର୍ତ୍ତନ ପାଇଁ ସେ ମାତୃଶକ୍ତିକୁ ମଧ୍ୟସ୍ଥ କରିଛନ୍ତି। ଶକ୍ତି ଏବେ ଶ୍ରୀ, ଲୋକମାତା, ରମା। ସନ୍ତାନବତ୍ସଳା। ତାଂକ ହୃଦୟରେ ଦକ୍ଷା ଓ କ୍ଷମା। ରୂପ, ଭାବ, ବିଚାର-ସକଳ କ୍ଷେତ୍ରରେ ସେ ଅନୁପମା। ଶ୍ରୀସଂପନ୍ନା, ସୀତା। ଏବଂ, ଶ୍ରୀରାମ ପରି ବ୍ୟକ୍ତିତ୍ୱ ସଂପନ୍ନ ପୁରୁଷର ସେ ଅଂକଶାୟିନୀ। ଗୋଟିଏ ହାତରେ ସ୍ୱାମୀ ଓ ଅନ୍ୟ ହାତରେ ସନ୍ତାନ। ରାମାନୁଜଙ୍କ ଅଧିନାୟକତ୍ୱରେ ଶ୍ରୀମନ୍ଦିର ପାଖରେ ଲକ୍ଷ୍ମୀ ମନ୍ଦିର ଗଢ଼ାଯାଇଛି। ସେ ସେଇଠି ଏକୁଟିଆ ରହିଛନ୍ତି। ପିଲାମାନଙ୍କ କଥା ବୁଝୁଛନ୍ତି, ଗେହ୍ଲା କରୁଛନ୍ତି। ବଂଚିବାର ଆବଶ୍ୟକତା ବି ପୂରଣ କରିଦେଉଛନ୍ତି ଯଥାସମ୍ଭବ। ସ୍ୱାମୀ ନୁହନ୍ତି, ସନ୍ତାନମାନେ ଯେପରି ତାଙ୍କର ଅଧିକ ଅନ୍ତରଙ୍ଗ।[୧୧]

ଲକ୍ଷ୍ମୀଂକର ବହୁ ନାଁ ରହିଛି। ସେଗୁଡ଼ିକ ବିଷ୍ଣୁପାଟରାଣୀ, ସାଗରଦୁଲଣୀ, ଦରିଦ୍ରଭଂଜନୀ, ଜଗତ୍‌ମାତା। ସବୁ ନାଁ ମଧରେ ଗୁରୁତ୍ୱପୂର୍ଣ୍ଣ ବାଈଠାକୁରାଣୀ। ରାମାୟଣ, ମହାଭାରତ, ବିଷ୍ଣୁପୁରାଣ, ଭାଗବତ, ଦେବୀଭାଗବତ, ପଦ୍ମପୁରାଣ(ସୃଷ୍ଟିକାଣ୍ଡ), ବ୍ରହ୍ମବୈବର୍ତ୍ତପୁରାଣ- ପ୍ରତ୍ୟେକରେ ସେ ପାଳନକର୍ତ୍ତ୍ରୀ। ପୁରାଣକାରମାନେ ଆପଣା ଆପଣାମତେ ଲକ୍ଷ୍ମୀଙ୍କ ଜାତକ ଲେଖିଛନ୍ତି। ମାତ୍ର ସର୍ବସ୍ୱୀକୃତ ଜାତକରେ- ସେ ସାଗରକନ୍ୟା। ସମୁଦ୍ର-ମନ୍ଥନ-ସମ୍ଭୂତା, ଅର୍ଥାତ୍ କାଳ-ସମ୍ଭୂତା 'ଦିବ୍ୟକାନ୍ତି ଓ ଅନ୍ନର ଅଧିକାରିଣୀ। ପୁଣି ଶୁଚିମତୀ ଓ କୋମଳହୃଦୟା। ତାଙ୍କର ଅନ୍ୟ ନାଁ କମଳା। ଶାକ୍ତଦର୍ଶନ ତାଙ୍କୁ ଦଶ ମହାବିଦ୍ୟାମାନଙ୍କ ମଧ୍ୟରେ ସ୍ଥାନ ଦେଇଛି।[୧୨] ସେ ଶେଷ ମହାବିଦ୍ୟା। ପ୍ରଥମା ହେଉଛନ୍ତି କାଳୀ। ସେ କାଳୀଙ୍କ ପରି ଉଗ୍ରା, କି ପ୍ରଚଣ୍ଡା ନୁହନ୍ତି। ନୁହନ୍ତି ରହସ୍ୟମୟୀ। ତାଂକ ଆଚରଣ ବହୁଭାବରେ ବାସ୍ତବତାର ନିକଟବର୍ତ୍ତୀ। ତେଣୁ ସ୍ପଷ୍ଟ। ସେଥିପାଇଁ ତାଂକୁ ମାୟା ନୁହେଁ, ସତ୍ୟର ଅନୁପମ ସତ୍ତାର ମାନ୍ୟତା ଦିଆଯାଇଛି। ଲାଗେ-ସେ ବ୍ୟକ୍ତି-ଚେତନାରେ ଅଧ୍ୟାତ୍ମ ଉତ୍ତରଣର ସର୍ବମୂଳ ଶକ୍ତି। ଧ୍ୱଂସ ନୁହେଁ, ଅଧିକତର ସହୃଦୟା ଶ୍ରୀକ୍ଷେତ୍ରରେ ଦଶମହାବିଦ୍ୟା ଅବଶ୍ୟ ଅଛନ୍ତି। ମାତ୍ର କ୍ଷେତ୍ରରେ ଶ୍ରୀ ବା କମଳା ପ୍ରଧାନ। ସେ ମାୟାରୂପୀ। ଏବଂ, ପ୍ରବୃତ୍ତିଚାଳିତ । ସ୍ୱାମୀ, ପରିବାର, ସଂସାରଜନଙ୍କ ସ୍ୱାର୍ଥପରତନ୍ତ୍ରତା, ଆଳସ୍ୟ, ଅଶୁଚିଗ୍ରସ୍ତ ଜୀବନଚର୍ଯ୍ୟା ପ୍ରତି ତାଂକ ଭିତରେ

Digitized by srujanika@gmail.com

ଗଭୀର ଅଭିମାନ ଓ କ୍ରୋଧ। ମାତ୍ର ଅଧିକତର ରହିଛି ସହୃଦୟତାବୋଧ। ସେ ଉଭୟର ସମୀକୃତ ଶକ୍ତିସତ୍ତା। ବଳରାମ ଦାସ ଆପଣା ରଚନାରେ ଏହି ଲୋକମାତା କମଳାଙ୍କ କଥା ହିଁ କହିଛନ୍ତି।

ପାଞ୍ଚ

ଆମପାଇଁ ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ, ବଳରାମଙ୍କ ନାଁ ଭଣିତା ଥାଇ ମିଳୁଥିବା କୃତି ରଚନା ତାଙ୍କ ନିଜସ୍ୱ ପରିକଳ୍ପନା, ନା ମୂଳଟି ଅନ୍ୟ କେଉଁଠି ଥିଲା, ଏବଂ, କବି ଆପଣା ପ୍ରତିଭାରେ ତାହାକୁ ଶବ୍ଦରୂପ ଦେଇଛନ୍ତି। ପୂର୍ବରୁ କହିଛି, ଲକ୍ଷ୍ମୀ ଥିଲେ ଦର୍ଶନ ଓ ଜୀବନରେ। ଶକ୍ତିଂକ ତ୍ରିବିଧ ରୂପ ମଧ୍ୟରେ ସେ ଅନ୍ୟତମା, ପାଳନକର୍ତ୍ତ୍ରୀ, ଅନ୍ନର ଅଧିକାରିଣୀ। ଅନ୍ନ ବିନା ଯଦି ହଂସହାନି'- ଅନ୍ନହସ୍ତା ଶକ୍ତି ବ୍ୟକ୍ତିଦେହର ଆବଶ୍ୟକତା ଓ ମନର ଆନନ୍ଦର କାରଣ ହେବା ସ୍ୱାଭାବିକ। ବ୍ୟକ୍ତିର ଅନ୍ନସର୍ବସ୍ୱ ଜୀବନର ମାନସିକତାକୁ କ୍ଷମତା ବୁଝିପାରିଛି। ଅନ୍ନ, ଏବେ, ତାପାଇଁ ସାଧାରଣ ପଦାର୍ଥ ମାତ୍ର ନୁହେଁ, ଐଶ୍ୱର୍ଯ୍ୟ। ବ୍ୟକ୍ତି ଓ ସମାଜଜୀବନର ନିୟନ୍ତ୍ରିକା- ଶକ୍ତି, ପ୍ରକୃତ କ୍ଷମତା। ହାତରେ ପରିପୂର୍ଣ୍ଣ ଐଶ୍ୱର୍ଯ୍ୟ ଥିଲେ, କ୍ଷମତାଭୋଗ ଜଣକପାଇଁ ଆଉ ସମସ୍ୟା ସୃଷ୍ଟି କରିବନାହିଁ। ଏଥର ଅନ୍ନ, ଐଶ୍ୱର୍ଯ୍ୟ ଓ କ୍ଷମତା ଏକ ହୋଇଯାଉଛନ୍ତି। ଉପର୍ଯ୍ୟୁକ୍ତ ଭାବାଦର୍ଶ, ବ୍ୟାସଙ୍କ ମହାଭାରତର ଭାବଭୂମି। ଦୁର୍ଯୋଧନ ଚରିତ୍ର ମାଧ୍ୟମରେ ସେ ଐଶ୍ୱର୍ଯ୍ୟ-ଶକ୍ତିର ବୈଶିଷ୍ଟ୍ୟ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି। ଏବଂ, ଏକଥା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି, ଶକ୍ତିର ସଂଯତ ଓ ସଂହତ ନିୟନ୍ତ୍ରଣରେ କ୍ଷମତା ଅସମର୍ଥ ହେଲେ, ତାହା ଆନନ୍ଦ ନୁହେଁ, ଧ୍ୱଂସର କାରଣ ହୋଇଥାଏ। ବ୍ୟାସଙ୍କ ଉପର୍ଯ୍ୟୁକ୍ତ ଭାବାଦର୍ଶ ଓଡ଼ିଆ କବିମାନଙ୍କ ଚେତନାକୁ ଆନ୍ଦୋଳିତ କରିଛି। ସାରଳାଙ୍କ ମହାଭାରତ ଓ ବଳରାମଙ୍କ ରାମାୟଣ, ଏହାର ଭଲ ଉଦାହରଣ। ପ୍ରଥମେ ସାରଳାଙ୍କ ମହାଭାରତ ଭିତରକୁ ଯିବା। ମହାଭାରତରେ ବିଭିନ୍ନ ପର୍ବରେ ସାରଳା ଲକ୍ଷ୍ମୀଙ୍କ ସ୍ତୁତି ସହିତ ତାଙ୍କ ବ୍ୟକ୍ତିତ୍ୱର ବୈଚିତ୍ର ସଂପର୍କରେ ବର୍ଣ୍ଣନା କରିଛନ୍ତି। ଐଶ୍ୱର୍ଯ୍ୟ ମଦମତ୍ତ ପୁରୁଷ ଆପଣା ପତନର କିପରି କାରଣ ହୁଏ, ଦୁର୍ଯ୍ୟୋଧନ ମାଧ୍ୟମରେ କବି ଏହା ପ୍ରତିଷ୍ଠା କରିଛନ୍ତି।

ଗାନ୍ଧାରୀ ଓ ଧୃତରାଷ୍ଟ୍ରଙ୍କ ବଡ଼ପୁଅ ଦୁର୍ଯ୍ୟୋଧନ। ଜନ୍ମ ପରେ ନବଜାତକକୁ ଧୃତରାଷ୍ଟ୍ର କୋଳରେ ଧରିଛନ୍ତି। ବିଦୁରଙ୍କୁ ପୁଅର ଜୀବନ ସଂପର୍କରେ ପ୍ରଶ୍ନ କରିଛନ୍ତି। ବିଦୁର କହିଛନ୍ତି, ଏ ପୁଅ ମହାବଳବନ୍ତ, ମାନଗୋବିନ୍ଦ, ଚଉଷଠି ଲକ୍ଷଣଯୁକ୍ତ, ଜମ୍ବୁଦୀପରେ ଏକଛତ୍ର ରାଜା ହୋଇବେ।

ଦୁଇପାଦରେ ଅଛଇ ଯେହାର ପଦ୍ମ ଚିହ୍ନ
ଶଂଖ ପଦ୍ମନିଧି ବେନି କରତଳେ ସୋହାବନ।

Digitized by srujanika@gmail.com

ଯବ, ମତ୍ସ୍ୟ, ଆରୋପଣ ଯେହାର ଦକ୍ଷିଣ କରସ୍ଥଳି
ଉଭୟ ପଦ୍ମ ବିଦ୍ୟମାନ ଶୋହାବନ ଅଙ୍ଗୁଳି।

ମାତ୍ର ଯେହାର ଜନ୍ମ କଳିଅଂଶରେ। ଯେହାକୁ ମୂର୍ଚ୍ଛି ପାରିଲେ, ଅନ୍ୟ ଅନେଶୋତ ପୁତ୍ର ବଂଚିଯିବେ। ବଂଶ ରକ୍ଷା ପାଇଯିବ। (ଆଦିପର୍ବ: ୨ୟ ଖଣ୍ଡ)

ଅନ୍ୟ ଏକ କାହାଣୀ। ସମ୍ପତ୍ତିକୁ କେନ୍ଦ୍ରକରି କୌରବ-ପାଣ୍ଡବଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ଆପୋଷ ସମାଧାନପାଇଁ ଶ୍ରୀକୃଷ୍ଣ ଦୂତ ଭାବରେ ତୃତୀୟ ଥର ଦୁର୍ଯୋଧନ ପାଖକୁ ଯାଇଛନ୍ତି। ମାତ୍ର ରାଜା ତାଙ୍କୁ ଅପମାନିତ କରିଛନ୍ତି। ରାଜାଙ୍କର ଏପରି ଆଚରଣକୁ ଭୀଷ୍ମ ସ୍ୱୀକାର କରିପାରିନାହାନ୍ତି। କହିଛନ୍ତି- କୃଷ୍ଣ ଚାଲିଗଲେ, ଲକ୍ଷ୍ମୀ ଚାଲିଯିବେ। ଲକ୍ଷ୍ମୀଂକ ଅଭାବରେ ରାଜ୍ୟରେ ଅରିଷ୍ଟ ଦେଖାଦେବ।

ଲକ୍ଷ୍ମୀର ଅଭାବେ ରାଜ୍ୟର ଯାଇଟି ସଂପଦ
ବଡ଼ ବିପଦ ଉପୁଜି ପଡ଼ଇ ପରମାଦ।
ଲକ୍ଷେ ରାଜନର ବାବୁ ତୁ ଅଟଇ ମଉଡ଼ମଣି
କୋଟିପାଦେ ଅନୁବ୍ରତେ ତୋର କନ୍ଧେ ବିଜେ କମଳିଣୀ।
ତୁ ଅତିଅନ୍ତ ବିଚକ୍ଷଣ ଶ୍ରୀମହାଲକ୍ଷ୍ମୀର ପରସାଦେ
ଅଥବା ଶ୍ରୀକୃଷ୍ଣ ଅଭାବେ ଲକ୍ଷ୍ମୀ ଛାଡ଼ିବଟି ତୋତେ ହାଦେ।
(ମହାଭାରତ,ଉଦ୍‌ଯୋଗ ପର୍ବ)

ଦୁର୍ଯ୍ୟୋଧନ କାହାରି ପରାମର୍ଶ ଗ୍ରହଣ କରିନାହାନ୍ତି। ଶ୍ରୀକୃଷ୍ଣଙ୍କ ସହିତ ଲକ୍ଷ୍ମୀ ଦ୍ୱାରକା ଚାଲିଯାଇଛନ୍ତି । ଏପରିକି ଦୁର୍ଯ୍ୟୋଧନଙ୍କ କାନ୍ଧରୁ ମଧ ଲକ୍ଷ୍ମୀ ଦୂରେଇ ଯାଇଛନ୍ତି। ରାଜ ଉଆସ ଓ ରାଜ୍ୟ, ସବୁଠାରେ ଅଶାନ୍ତି।

ଆକାଶରୁ ରକ୍ତ ବର୍ଷା ହୋଇଛି। ଧନୁର ଗୁଣ ଛିଡ଼ିପଡ଼ିଛି। ଅକାଳରେ ଉଲ୍‌କାପାତ ହୋଇଛି। ଦୁର୍ଯ୍ୟୋଧନର ଶିରରୁ ମୁକୁଟ ତଳେ ଖସିପଡ଼ି ଚୂନା ହୋଇଯାଇଛି। ଲକ୍ଷ୍ମୀଙ୍କୁ ଫେରାଇ ଆଣିବାପାଇଁ ଶକୁନି ସହିତ ଦୁର୍ଯ୍ୟୋଧନ ଦ୍ୱାରକା ଯାଇଛନ୍ତି। ସାରଳା ଦାସଙ୍କ ଲକ୍ଷ୍ମୀସ୍ତୁତି ଏହିପରି।

ମାଳାଦେଇ ବରିଲୁ ତୁ ଶ୍ରୀ ନାରାୟଣ ଦେବସ୍ୱାମୀ
ଚଂଚଳା ନାମ ବହିଲୁ ଗୋ ଚଂଚଳା ନାମ ଭ୍ରମି।
ନିଶ୍ଚଳ ହୋଇଣ ନ ରହୁ କେଉଂଣସି ଠାବେ
ଚଂଚଳା ନାମଟି ତୋତେ ଦିଲେ ବାସୁଦେବେ।
ମା ଗୋ ବିଷମ ପ୍ରଳୟକାଳେ ନାମ ତୋ ଶତଶ୍ରିୟା
ପଦ୍ମମାଳେକ ହୋଇ ବିଘଂସିଲୁ ନାରାୟଣଙ୍କ ହିୟା।

Digitized by srujanika@gmail.com

ସେ ପଦ୍ମପାଖୁଡାକେ ଶତେ ବ୍ରହ୍ମାଣ୍ଡ ଯେ ଜାତ
ଖଟନ୍ତି ମାତଙ୍ଗୀ ଦିବସକେ ସେ ପୁଣ ହୁଅନ୍ତି ନିପାତ।
କୋଟିୟେ ତୀର୍ଥ ଘେନି ପୁଷ୍କର ଅଭିସେକ କରଇ ତୋ ଅଙ୍ଗ।
ହାଥେ ପଦ୍ମ ପାୟେ ପଦ୍ମ ଲଲାଟେ ପଦ୍ମଚିତା
ପଦ୍ମିନୀ ଦେଖି ଭାବିଲା ତୋତେ ପଦ୍ମନାଭ ଦେବତା।
କେତେ ପୁଣ୍ୟ ଦେଖି ତୋହର ପଦ୍ମପାଦ ଗୋଟି
ସେ ପଦାରବିନ୍ଦ ତଳେ ଲଲାଟ ମୋର ଲୋଟି।

(ମହାଭାରତ:ଉଦ୍‌ଯୋଗ ପର୍ବ)

ମା'ପୁଅର ଅନ୍ନ, ଆନନ୍ଦ ଓ କ୍ଷମତା। ସେ ପାଖେପାଖେ ଥାଇ ପୁଅକୁ ସୁରକ୍ଷା ଦେଉଥାଏ। ମାତ୍ର ପୁଅର ବାପ ପ୍ରତି ଆକ୍ରମଣାତ୍ମକ ମାନସିକତାକୁ ମା' ସହିପାରେନାହିଁ। ପୁଅକୁ ଦୂର କରିଦିଏ। ସ୍ୱାମୀ ଅନୁଗତ ହୁଏ। ଲକ୍ଷ୍ମୀ ତାହା ହିଁ କରିଛନ୍ତି। ଏଥର ଶ୍ରଦ୍ଧାରେ ନୁହେଁ, କ୍ରୋଧରେ। ସେ ସ୍ୱାମୀଙ୍କ ଅନୁମତି ନେଇ ଅବଶ୍ୟ ପୁଅ ଦୁର୍ଯ୍ୟୋଧନ ପାଖକୁ ଫେରିଛନ୍ତି। କାନ୍ଧରେ ନୁହେଁ, ମଥାରେ। ଅର୍ଜ୍ଜୁନ ଲକ୍ଷ୍ମୀଂକର ପ୍ରତ୍ୟାବର୍ତ୍ତନକୁ ସହଜରେ ସ୍ୱୀକାର କରିପାରିନାହାନ୍ତି। ସଖାଙ୍କର ମନକଥା ଜାଣିପାରି ଶ୍ରୀକୃଷ୍ଣ କହିଛନ୍ତି-

ଗୋବିନ୍ଦ ବୋଇଲେ ତୁ ନ ବୁଝିଲୁ ଫାଲଗୁନି
ଶିରାଗ୍ରତେ ଗଲା ଲକ୍ଷ୍ମୀ ହୋଇଲା ତାର ଶିରୀହାନି।
ବିପୁଳ ଲକ୍ଷ୍ମୀ ହୋଇଥିଲା କାନ୍ଧରେ ଥିଲା ପରିଯନ୍ତେ
ଅତୁଟ ସଂପଦ ହୋଇଥିଲାକ କାଳ ୟେତେ।

(ମହାଭାରତ : ଉଦ୍‌ଯୋଗ ପର୍ବ)

ମା'ର ମନ ବିଚିତ୍ର। ବେଳେବେଳେ ପୁଅର ଅସହାୟତା ପାଖରେ ତା'ର ରାଗର ନିଆଁ ଲିଭିଯାଏ। ସକଳ ସଂପଦ ହରାଇ ଦୁର୍ଯ୍ୟୋଧନ ବଂଚିବାପାଇଁ ବ୍ୟାସ ସରୋବରେ ଆତ୍ମଗୋପନ କରିଛନ୍ତି। ମା' ଲକ୍ଷ୍ମୀ ଏଥର ଆସିଛନ୍ତି ପାଖକୁ। ମଥାକୁ ନିଜ କୋଳରେ ରଖିଛନ୍ତି। ଆଖିର ଲୁହରେ ଭିଜିଯାଉଛି ପୁଅର ମୁହଁ ଓ ଛାତି।

ଆହୋ ଚଉତନ ଯେସନେକ ବେଶ୍ୟାବୃତ୍ତି ଖଟନ୍ତି ଯେବଣ ଭାରିଯା
ତେସନେକ କମଳିଣୀ ମାନଗୋବିନ୍ଦ ରାଜାଙ୍କୁ ଖଟନ୍ତି ପରିତଯ୍ୟା।
ଜାନୁରେ ସୀମସ୍ଥାନ ଦେଇ ବାରାନିଧିର ଦୁଲାଳୀ
ବାମକରେ କପାଳ ଆଉଁସନ୍ତି ଡାହାଣ କରେ ଚାମର ଢ଼ାଳି।

ମା' ଲୁହର ତାତିରେ ଦୁର୍ଯ୍ୟୋଧନଙ୍କ ନିଦ ଭାଙ୍ଗିଛି। ସେ ଏବେ ଶାନ୍ତ। ମାତ୍ର ସରୋବରର ବାହାରେ ଶୁଭିଛି ଭୀମଙ୍କ ସିଂହନାଦ। ଯୁଦ୍ଧପାଇଁ ପ୍ରଚଣ୍ଡ ଆହ୍ୱାନ।

Digitized by srujanika@gmail.com

ଦୁର୍ଯ୍ୟୋଧନ ଭୀମଂକ ଆହ୍ୱାନକୁ ସ୍ୱୀକାର କରୁଛନ୍ତି। ଲକ୍ଷ୍ମୀ ତାଂକୁ ଛାଡୁନାହାନ୍ତି। ଭିଡ଼ିଧରୁଛନ୍ତି ଛାତିରେ। ମାତ୍ର ଅହଂକାରୀ ଦୁର୍ଯ୍ୟୋଧନ ଲକ୍ଷ୍ମୀଂକୁ ପେଲି ଦେଉଛନ୍ତି ଦୂରକୁ। ସ୍ଥାନଛାଡ଼ି ଚାଲିଯିବାପାଇଁ ଆଦେଶ ଦେଉଛନ୍ତି। ରାଗ ଓ ଅଭିମାନରେ ଅସହାୟ ମା'ର ମାନସିକତା ଏହିପରି-

ମହାଲକ୍ଷ୍ମୀ ବୋଇଲେ ଯେ ପଳାଉଅଛି ମୁହିଂ
ତୋହର ଭର୍ତ୍ସନା ବୋଲିବାକୁ ଥିଲି ତ ବାଟ ଚାହିଂ।
ଲକ୍ଷ୍ମୀ ବୋଇଲେ ଆବର ରଡ଼ିଯେକ ଯେବେ ସହିବୁ ପାମର
ଯେ ରଡ଼ି ସହିତେ ତୁ ଯେ ହୋଇବୁ ଅଜାମର।
ଯେତେ ବୋଲି ତତ୍‌କ୍ଷଣି ଛାଡ଼ିଲେ ମହାଲକ୍ଷ୍ମୀ
କଦଳୀ ପତ୍ର ପ୍ରାୟେ କଂପଇ ମହାସତୀ। (ମହାଭାରତ: ଗଦାପର୍ବ)

ଏବଂ ସେ, ଦୁର୍ଯ୍ୟୋଧନର ମଥାଛାଡ଼ି ଭୀମସେନଙ୍କ କାନ୍ଧରେ ବିଜେ କରିଛନ୍ତି।

ମଧ୍ୟପର୍ବ(ପ୍ରଥମଖଣ୍ଡ)ସ୍ଥ ସୁଭଦ୍ରାହରଣ ପ୍ରସଙ୍ଗରେ ସାରଳା ଲକ୍ଷ୍ମୀଙ୍କର ସ୍ପଷ୍ଟ ଚିତ୍ର ଆଂକିଛନ୍ତି। ସେ ସର୍ବନିୟନ୍ତା, ସଂସାରଜନଙ୍କ ଉଧରନ୍ତା। ସେ କୋପକଲେ ଇନ୍ଦ୍ରଦେବତା ଅସହାୟ ହୁଅନ୍ତି। ସେ ପ୍ରସନ୍ନ ହେଲେ ଜଣେ ତ୍ରୈଲେକ୍ୟର ରାଜା ହୁଅନ୍ତି। ଧନଧାନ୍ୟରେ ସଂସାର ପରିପୂର୍ଣ୍ଣ ହୁଏ। ଏବଂ, କ୍ରୋଧକଲେ, ଦାରିଦ୍ର୍ୟ ଓ ଦୁଃଖରେ ଜୀବନ ବିତେ। ଲକ୍ଷ୍ମୀଙ୍କର ଏହି ମାନସିକତାକୁ ବ୍ୟାଖ୍ୟା କରିଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ। କହିଛନ୍ତି-

ପୁଣପୁଣ ଝିଂଗାସ କରି ବୋଲନ୍ତି ଯେ ଚକ୍ରପାଣି
ଲକ୍ଷ୍ମୀ ତୋତେ ବୋଲନ୍ତି ସମସ୍ତେ ଯେ ବାଇ ଠାକୁରାଣୀ।
ନ ଖାଇ, ନ ଦେଇ, ଯେ ରଖଇ ଅଲକ୍ଷଣ ଜନ
କୁଜା କଣା ଛୋଟା ଯେ ଅପାରଗ ଲକ୍ଷଣ।
ଲେଂଚ ଲୋକଙ୍କର ତହିଂ ଯେ ତୋହର ବିଶ୍ରାମ
ତେଣୁକରି ବାଇ ଠାକୁରାଣୀ ଅଟଇ ତୋର ନାମ।
ବେଶ୍ୟାକୁ ହିଂ ଚଂଚଳା ବୋଲି ବୋଲନ୍ତି ଯୁଗତେ
ଲକ୍ଷ୍ମୀ ଗୋ ଚଂଚଳା ବୋଲି ବୋଲନ୍ତି ସମସ୍ତେ।
ଚଂଚଳା ସ୍ତିରୀମାନେ ଯେ କାହାରି ନୁହନ୍ତି
ଦିନେ ଦିନକେ ହୁଅନ୍ତି ସେ ଆନର ଯୁବତୀ।
ତୁ ଯହିଂ ଥାଉଂ ଗୋ ନୋହୁଂ ନିଚଳ
ପ୍ରାଣୀଂକି ଦୟା ଗୋ ତୁ ନକରୁ ଚିରକାଳ।
ନିଚଳଂ ହୋଇ କହୁଂ ତୁ ନଥାଉଂ

Digitized by srujanika@gmail.com

ତେଣୁ ତୁ ଲକ୍ଷ୍ମୀ ଚଂଚଳା ନାମ ଗୋଟି ବହୁ।
ତୁହି ଯେ ଲକ୍ଷ୍ମୀ ଗୋ ସବୁରି ଠାକୁରାଣୀ
ସମସ୍ତ ଜନମାନେ ତୋତେ ବୋଲନ୍ତି ଯେ କାଣୀ।
ଯେକ ଘରେ ସହସ୍ରେ ମାଡ଼େକୁ ଭାଗଜନ
ଆରେକ ଘରେ ମୂଳ ଲାଗି ବଂଚଇ ଯେ ଜନ।
ଯେକକୁ ନାଶି ଆରେକ ଜନ ଥାପି
ତେଣୁ ତୁ ମହାଲକ୍ଷ୍ମୀ ଅଟଇ ବଡ଼ ପାପୀ। (ମହାଭାରତ : ମଧ ପର୍ବ)

ସାରଳା ଶ୍ରୀକୃଷ୍ଣଙ୍କ ମୁହଁରେ ଲକ୍ଷ୍ମୀଙ୍କୁ କେବଳ ପାପୀ କହି ନିରବ ରହିନାହାନ୍ତି। ପାର୍ବତୀଂକ ଠାରୁ ନିଊନ କରିଦେଇଛନ୍ତି। କାହାଣୀ ଏହିପରି। ଦିନେ ବିଷ୍ଣୁ ଓ ଶିବଙ୍କର ଭେଟ ହୋଇଛି। ଉଭୟ ଆପଣା ଆପଣା ବାହନରେ, ପୁଣି ପତ୍ନୀଂକ ସହିତ। ବିଷ୍ଣୁ ଶିବଂକୁ ନମସ୍କାର କରିଛନ୍ତି। ଲକ୍ଷ୍ମୀ ପାର୍ବତୀଂକୁ ସ୍ୱୀକାର କରିପାରିନାହାନ୍ତି, ବରଂ ତାଙ୍କ ସ୍ୱାମୀ ଶିବଂକୁ ପ୍ରଥମେ ସ୍ୱାଗତ କରିଥିବାରୁ ବିସ୍ମିତ ହୋଇଛନ୍ତି। ପ୍ରତିବାଦ କରିଛନ୍ତି। ଏପରି ପରିମଣ୍ଡଳ ତିଆରି ହୋଇଛି ଯେ, ଦୁଇଶକ୍ତି ପରସ୍ପର ସହିତ କଳହ ଆରମ୍ଭ କରିଦେଇଛନ୍ତି। ଲକ୍ଷ୍ମୀ ପାର୍ବତୀଂକୁ ଯୋଗିଆଣୀ ଏବଂ ପାର୍ବତୀ ଲକ୍ଷ୍ମୀଂକୁ କାଣୀ, ଦୂଭାରୀ ଓ ମୋଚୀ ଶବ୍ଦରେ ଝିଙ୍ଗାସିଛନ୍ତି। କଳହରେ ସେମାନେ ନୁହନ୍ତି, ସ୍ୱାମୀ ଓ ପରିବାରର ଅନ୍ୟମାନେ ମଧ ସଂକ୍ରମିତ ହୋଇଛନ୍ତି। ଶେଷରେ ଲକ୍ଷ୍ମୀ ହାରିଛନ୍ତି, ପାର୍ବତୀଂକ ପାଦତଳେ ପଡ଼ିଛନ୍ତି। ଏବଂ, ପାର୍ବତୀ ଓ ଶିବଂକ ଦର୍ଶନରେ ମୁକତି ମିଳେ ବୋଲି ବିଷ୍ଣୁ ସ୍ପଷ୍ଟ କରିଦେଇଛନ୍ତି।

ସାରଳାଙ୍କ କୃଷ୍ଣ ହେଉଛନ୍ତି ଜଗନ୍ନାଥ ଓ ବିଷ୍ଣୁ; ସତ୍ୟଭାମା, ରୁକ୍ମିଣୀ, ଲକ୍ଷ୍ମୀ- ଏକ ଓ ଅଭିନ୍ନ। ବଳରାମଙ୍କ ରାମାୟଣରେ ମଧ ଉପର୍ଯ୍ୟୁକ୍ତ ଭାବାଦର୍ଶ ସ୍ପଷ୍ଟ। ତାଂକ ରାମ ଓ ଜଗନ୍ନାଥ ଏବଂ ଲକ୍ଷ୍ମୀ ଓ ସୀତାଂକ ଭିତରେ ଭିନ୍ନତା ନାହିଁ। ସାତଟି ଯାକ କାଣ୍ଡରେ ସେ ଜଗନ୍ନାଥ ଓ ଲକ୍ଷ୍ମୀଂକୁ ସ୍ତୁତି କରିଛନ୍ତି। ଜଗନ୍ନାଥଙ୍କୁ ଅପଣାର ଗୋସାଇଁ ଓ ଲକ୍ଷ୍ମୀଂକ ମୁକତିକାରେଣୀ କହିଛନ୍ତି। କହିଛନ୍ତି- ଲକ୍ଷ୍ମୀନାରାୟଣଙ୍କ ବନ୍ଦାପନା ଦେଖିଲେ କାଳେ ମଣିଷ ମହାପାତକରୁ ମୁକ୍ତହୁଏ। ତାଙ୍କ ଶବ୍ଦରେ- ସେ ସରସ୍ୱତୀ, ବ୍ରହ୍ମାଣ୍ଡର ଠାକୁରାଣୀ, କମଳଲୋଚନୀ, କମଳଯୋଗଧାରେଣୀ, କମଳବଦନୀ, ସଂହାରକାରିଣୀ, ବିଶ୍ୱେଶ୍ୱରୀ, ଦରିଦ୍ରଭଂଜନୀ, ସିନ୍ଧୁର ଦୁଲଣୀ, ପୃଥ୍ୱୀର ଧାରେଣୀ, ତ୍ରୈଲୋକ୍ୟପାବେନୀ, ଚଂଚଳା, ଭୁବନେଶ୍ୱରୀ, ପଦ୍ମିନୀ, ପଦ୍ମାଳୟା, ପଦ୍ମାବତୀ ଇତ୍ୟାଦି(ଅଯୋଧାକାଣ୍ଡ) ଏବଂ, ସେ

ତ୍ରୈଲୋକ୍ୟର ଲକ୍ଷ୍ମୀ ଯେବଣ ବଇଦେହୀ
ଶ୍ରୀରାମର ଅଟଇ ସେହୁ ମହାଦେଈ।

Digitized by srujanika@gmail.com

ସେ କିପରି ଦୟାବତୀ, ଗୋଟିଏ ମାତ୍ର ଉଦାହରଣରେ କବି ସ୍ପଷ୍ଟ କରିଦେଇଛନ୍ତି। ଇନ୍ନୈକା ବୃଦ୍ଧାର ଦାରିଦ୍ର୍ୟ ସହି ନ ପାରି ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି-

ଯେ ବୃଦ୍ଧା ମହାତ୍ମାଣୀକି ଗୋ ଲକ୍ଷେ ସ୍ୱର୍ଣ୍ଣ ଦିଅ
ତାହାର ବଳ ନାହିଁ ଲୋ ତୁମ୍ଭେ ବୋହିନିଅ।
ଆବର ଯେତେକ ଅଛନ୍ତି ନାରୀଗଣ
ତାହାଂକର ଆଗରେ ହୋ ସୁବର୍ଣ୍ଣ ଟଂକା ବୁଣ।
ପଂଚରତ୍ନ ବୃଷ୍ଟି କରିଣ ଯାଅ ବାଟେ
ଦେଖି ଅଇଲା ଲୋକଂକୁ ଗୋ ଦିଅ ପାଟେପାଟେ।

ସୀତାଙ୍କର ଅନ୍ନପୂର୍ଣ୍ଣାତ୍ୱକୁ ବଳରାମ ଲଂକାକାଣ୍ଡରେ ସ୍ପଷ୍ଟ କରିଦେଇଛନ୍ତି। ରାବଣ ନିଧନ ପରେ ସମସ୍ତେ ଅଯୋଧ୍ୟା ଫେରିଆସିଛନ୍ତି। ରାଜ୍ୟରେ ଉତ୍ସବ। ସୀତା ଆପଣାକୁ ଲକ୍ଷେ ରୂପରେ ବିଭକ୍ତ କରି ସକଳଂକୁ ଅନ୍ନ ପରସି ଦେଇଛନ୍ତି। ଆପେ ପାକ କରିଛନ୍ତି। ପ୍ରତ୍ୟେକଂକ ରୁଚିମତେ ପାକ, ସ୍ୱତନ୍ତ୍ର। କେହି ଏକଥା ଜାଣିପାରି ନାହାନ୍ତି। ବର୍ଣ୍ଣନା ଏହିପରି-

ସାକ୍ଷାତ ଲକ୍ଷ୍ମୀ ଯହିଁ ସଂପାତି ଅଛି ପାଗ
ବିଷ୍ଣୁନାଥ ନିଜେ ଯାହାକୁ କରନ୍ତି ଭୋଗ।
ଚଉରାଅଶୀ ତିଉଣ ତହୁଂ ପରସିଲେ ସତୀ
ଆମିଷ ନିରାମିଷ ଝଡାବଡି ପ୍ରୀତି।
ସେ ଲକ୍ଷ୍ମୀ ପୁଣ ଯୋଗାଡ଼ି ଅଛନ୍ତି ରାନ୍ଧି
ନାନା ପରକାରେ ରନ୍ଧନେ ପ୍ରସିଦ୍ଧି।
ସିଧେ ସିଧ ହୁଅନ୍ତି ଯାହାର ଅନ୍ନ ଖାଇ
ତା'ର ହସ୍ତେ ଭୁଂଜିଲେ ବୈକୁଣ୍ଠକୁ ଯାଇ।
ଜାନକୀର ହସ୍ତେ ଭଂଜିବେ ଯେଉଂ ଜନ
ସଫଳ ହୋଇବ ତାହାଂକ ଜୀବନ। (ରାମାୟଣ : ଲଙ୍କାକାଣ୍ଡ)

ଏବଂ, ସକଳଂକୁ ଅନ୍ନରେ ଆନନ୍ଦ ଦେଇ ସୀତା ଘର ଭିତରକୁ ଯାଇଛନ୍ତି। ଲକ୍ଷେ ରୂପକୁ ଆଣି ଠୁଳ କରିଦେଇଛନ୍ତି ନିଜ ଭିତରେ। ବଳରାମଂକ ଚେତନାରେ ସୀତାଂକର ଏହି ବହୁଧା ବିଭକ୍ତ ସତ୍ତା ବା ରୂପାନ୍ତରକୁ ଶକ୍ତିଂକ ସର୍ବବ୍ୟାପ୍ତ ସତ୍ତା ବା ସମ୍ମୋହକ ଭାବରେ ଗ୍ରହଣ କରାଯାଇପାରିବ।

ଗୁରୁତ୍ୱପୂର୍ଣ୍ଣ କଥା, ସାରୋଳା ଦାସଂକ ନାଁ ଭଣିତା ଥାଇ ପ୍ରଥମେ ବଂଶୀଧର ମହାନ୍ତି ଲକ୍ଷ୍ମୀନାରାୟଣୀ ବଚନିକା ଏବଂ ପରେ ଜଟାଧାରୀ ମହାପାତ୍ର ଲକ୍ଷ୍ମୀନାରାୟଣୀ

Digitized by srujanika@gmail.com

ବଚନିକା ବା ଧାନମାଣିକା ଓଷାକଥା ଶୀର୍ଷକରେ ଦୁଇଟି ଛୋଟ ରଚନା ପ୍ରକାଶ କରିଛନ୍ତି। ପ୍ରଥମଟି ୧୯୫୭ ଓ ଦ୍ୱିତୀୟ ୧୯୯୦ ମସିହାରେ ପ୍ରକାଶିତ। ପାର୍ଥକ୍ୟ ଏତିକି, ମହାନ୍ତି ଏହି ରଚନାକୁ ସାରଳାଂକର ଏବଂ ମହାପାତ୍ର ସାରଳାଂକର ନୁହେଁ ବୋଲି ପ୍ରମାଣ କରିଛନ୍ତି।[୧୩] ମାତ୍ର ମଣ୍ଡାକଥା, ଦୁଇଗୋଟି ପୋଥିର, ବଳରାମଦାସଙ୍କ **ଲକ୍ଷ୍ମୀପୁରାଣ** କାହାଣୀ ସହିତ କିଛି ସଂପର୍କ ନାହିଁ। ଏହା ଏକ ବ୍ରତକଥା। ବ୍ରତପାଳନର ବିଧି ରହିଛି, ଏବଂ, ବିଧିପାଳନ ନକଲେ, ବ୍ୟକ୍ତିକୁ ଯେଉଁ ବିପାକମାନ ଭୋଗକରିବାକୁ ହୁଏ, ତାହାର ବର୍ଣ୍ଣନା ରହିଛି। ବଚନିକା ଓ ପୁରାଣ ମଧରେ ସାଦୃଶ୍ୟ, ନାରାୟଣ ଲକ୍ଷ୍ମୀଙ୍କୁ ଚଂଚଳା ଓ ବାଇ ଶବ୍ଦରେ ସମ୍ବୋଧନ। ବ୍ରତକଥାରେ ଶ୍ରୀୟା ନାମକ ଚରିତ୍ର ଅବଶ୍ୟ ଅଛନ୍ତି, ମାତ୍ର ସେ ଜାତିରେ ମାଲୁଣୀ। ଏବଂ, ଲକ୍ଷ୍ମୀ ମାର୍ଗଶୀର ମାସ ଗୁରୁବାର ଦିନ ହିଁ ନଗ୍ରଭ୍ରମଣରେ ଯାଇଛନ୍ତି।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ଯେ, ଉଭୟ କବିଂକ ରଚନାରେ ଲକ୍ଷ୍ମୀଂକ ସ୍ୱରୂପ ସଂପର୍କରେ ଭାବଗତ ସାଦୃଶ୍ୟ ରହିଛି। ଉଭୟଂକପାଇଁ ଶକ୍ତି ହେଉଛନ୍ତି ପତ୍ନିତ୍ୱ ଓ ମାତୃତ୍ୱର ସମୀକୃତ ସତ୍ତା। ସେମାନେ ଅନ୍ୟ କାହା ତୁଣ୍ଡରେ ସ୍ୱାମୀର ସାମାନ୍ୟ ଅମର୍ଯ୍ୟାଦାକୁ ସ୍ୱୀକାର କରିପାରୁନାହାନ୍ତି। ଏଣେ ପୁଅ ଦୋଷକରି, ଟିକିଏ ଚାଟୁ କରିଦେଲେ, ପ୍ରସନ୍ନ ହୋଇଯାଉଛନ୍ତି। ମନଲାଖି ଖାଦ୍ୟ ପରିଷିଦେଇ ସନ୍ତାନମାନଙ୍କର ଆନନ୍ଦକୁ ଅନୁଭବ କରୁଛନ୍ତି। ସେ ଭୟଂକର ଭାବରେ ଚଂଚଳା, ଅସ୍ଥିର ମାନସିକତାର ପ୍ରତୀକ; ତେଣୁ ବାଇ । ସେ ସକଳ ସନ୍ତାନଂକୁ ଅବଶ୍ୟ ଭଲପାଏ, ମାତ୍ର ଜଣ ଜଣକ ପ୍ରତି ଅଧିକ ଦୁର୍ବଳ। ସେ ପୁଣି ଶୁଚିମନ୍ତ। ଆଚରଣରେ କାହାରି ଟିକିଏ ଏପଟସେପଟ ଦେଖିଲେ, ଖପା। ପୂରା କଡ଼ା, ମୁଖରା; ପୁଣି ସ୍ନେହୀ। କର୍ତ୍ତୃତ୍ୱ ବିସ୍ତାରିଣୀ। କାହାର ହୋଇପାରୁନି, କେହି ବି ତାକୁ ଛାଡ଼ି ପାରୁନାହାନ୍ତି। ଅର୍ଥାତ୍ ତା ଅନୁପସ୍ଥିତିରେ ବଂଚିବା କୌଣସି ଅହଂଚାଳିତଂକ ପକ୍ଷରେ ସମ୍ଭବ ହୋଇପାରୁନି। ଏପରି ଜଣେ ଚରିତ୍ର ବାଇ, ଅସ୍ଥିର ମାନସିକତାର ହେବାପାଇଁ ବାଧ୍ୟ। ହଁ, ସେ ବାଇ ସତ୍ୟ, ମାତ୍ର ଜୀବନୀଶକ୍ତି। ଏହି ବ୍ୟକ୍ତିତ୍ୱ ହିଁ ତା'ର ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟ। ଅନ୍ୟ ଯେକୌଣସି ସତ୍ତାକୁ ବଶୀଭୂତ କରିବାପାଇଁ ଏକମାତ୍ର ଦିବ୍ୟଅସ୍ତ୍ର।

ବଳରାମ ନାରୀନାମକ ଦିବ୍ୟ ସାଂସ୍କୃତିକ-ଅସ୍ତ୍ରର ଗୁଣସୂତ୍ରକୁ ଯଥାର୍ଥତଃ ଠାବ କରିପାରିଛନ୍ତି। ମାତ୍ର ଜଣେ ନାରୀକୁ ମୂଳକରି କାହାଣୀଟିଏ ତିଆରି କଲେ କିପରି ? ଗପଟି କ'ଣ ଲୋକତୁଣ୍ଡରେ ଜୀବନ୍ତ ଥିଲା ? ସେ ତାହାକୁ ଆପଣା ସର୍ଜନଶକ୍ତିରେ ନୂଆରୂପ ଦେଇଦେଲେ ? ଯଦି ଥିଲା, ସାରଳାଂକ ପରି 'ମହାନ' ଓ 'ଭୟଙ୍କର' ଜନ୍ତୁଂକ ସର୍ଜନ ଜାଲରୁ ତାହା ଖସିଗଲା କିପରି ? ହଁ, ସେ ମଧ ବହୁ କାହାଣୀ ପରି ଲକ୍ଷ୍ମୀଂକ

Digitized by srujanika@gmail.com

ଜୀବନଚର୍ଯ୍ୟାକୁ କେନ୍ଦ୍ରକରି କାହାଣୀଟିଏ ଲେଖିଦେଇ ପାରିଥାନ୍ତେ ? ସାରଳା ତାଂକ ଚରିତ୍ରର ଗୁମର ଖୋଲିଦେଇଛନ୍ତି, ମାତ୍ର ବଡ଼ଗପ ଲେଖିନାହାନ୍ତି । ତେବେ କାହାଣୀ କ'ଣ ବଳରାମଂକ ଗଳ୍ପକାରିତାର ଅଭିବ୍ୟକ୍ତି, ସଂପୂର୍ଣ୍ଣ ନୂଆ ଓ ମୌଳିକ ? ବଡ଼ ଗହନ ପ୍ରଶ୍ନ । ଆପଦମୁକ୍ତ ଉତ୍ତର ଦେଇ ହେବନାହିଁ । ଅଧିକ କଉତିକିଆ କଥା, ଏହି କୁନି ପୋଥିଟିକୁ ଲୋକ ପୁରାଣ କହୁଛନ୍ତି । କୁନି ପୋଥିଟିଏ କ'ଣ ପୁରାଣ ହୋଇପାରିବ ? ସ୍ୱୟଂ ବଳରାମ କ'ଣ ଏହାକୁ ପୁରାଣ କହିଛନ୍ତି, ନା, ଲୋକ କହୁଛନ୍ତି ? ପୁରାଣର ସକଳ ଶାସ୍ତ୍ରଗତ ଲକ୍ଷଣ ଏଥିରେ ଖୋଜିଲେ ମିଳିବନାହିଁ । ଗୋଟିଏ ଦୁଇଟି ଅବଶ୍ୟ ମିଳିଯିବ । ଗୋଟିଏ, ଅଭିବ୍ୟକ୍ତିରେ ପ୍ରଶ୍ନୋତ୍ତର ଶୈଳୀ, ଏବଂ, ଦ୍ୱିତୀୟ,ଏକ ନିର୍ଦ୍ଦିଷ୍ଟ ଆଦର୍ଶ ପ୍ରତିଷ୍ଠା ଆଭିମୁଖ୍ୟ । ମାତ୍ର କେତେକ ପୋଥିରେ 'ଲକ୍ଷ୍ମୀପୁରାଣ' ସହିତ ମାଣବସା 'ଗୁରୁବାରଓଷା', 'ବ୍ରତକଥା' ଶବ୍ଦ ଯୋଡ଼ା ହୋଇଯାଇଛି । ଏହି ଯୋଡ଼ଣରୁ ସ୍ପଷ୍ଟ ହୋଇଯାଇଛି- ରଚନାଟି ପୁରାଣ ଓ ବ୍ରତକଥାର ସମୀକରଣ ।

ବ୍ରତକଥା ଶବ୍ଦ, ଲକ୍ଷ୍ମୀପୁରାଣର ଜାତକ ଲେଖନରେ ଗୁରୁ ସମସ୍ୟା ତିଆରି କରୁଛି । ବ୍ରତ କହିଲେ ଆମେ ଏତିକି ଅଳ୍ପରେ ବୁଝୁ- ନାରୀ/ପୁରୁଷ ଅଭୀଷ୍ଟପୂରଣ, ପରିବାରର ସୁଖ, ରୋଗମୁକ୍ତି, ଧନପ୍ରାପ୍ତି, ପୁତ୍ରପ୍ରାପ୍ତି, ଅନ୍ନପ୍ରାପ୍ତିପାଇଁ କୌଣସି ଏକ/ଏକାଧିକ ଦେବଦେବୀଙ୍କର ବର୍ଷର ଯେ କୌଣସି ସମୟରେ ଯଥାବିଧି ଆରାଧନା । ପ୍ରତ୍ୟେକଙ୍କର ଶକ୍ତି ସ୍ୱତନ୍ତ୍ର । ତେଣୁ ରୂପ, ଗୁଣ, ରୁଚି ମଧ୍ୟ ଭିନ୍ନଭିନ୍ନ । ବ୍ରତକଥାରେ ଶକ୍ତିଂକ ସନ୍ତୁଷ୍ଟୀକରଣପାଇଁ ତାଙ୍କ ସାମର୍ଥ୍ୟର ସଂକ୍ଷିପ୍ତ ବର୍ଣ୍ଣନା ଥାଏ, ତାହା ମନ୍ତ୍ର । ଏବଂ, ଏଥିସହିତ ଗୁନ୍ଥାଯାଇଥାଏ ତାଙ୍କ ଆବଶ୍ୟକତା ଓ ବିଧିବିଧାନର ବିଶଦ ବିବରଣୀ । ମାତ୍ର ବ୍ରତ ଆମେ କାହିଁକି ପାଳନ କରିବୁ ? ଏହି ପ୍ରଶ୍ନର ଉତ୍ତର ଖୋଜାଯାଇଛି । ଏବଂ, ଉତ୍ତର ଖୋଜାରୁ ଜନ୍ମ ନେଇଛି ଗପ । ସ୍ପଷ୍ଟ କରିଦିଆଯାଇଛି, ଅମୁକଂକୁ ସଭକ୍ତି ଆରାଧନା କଲେ କ'ଣ କ'ଣ ମିଳେ ଏବଂ ତାଂକ ସାମର୍ଥ୍ୟକୁ ଅସ୍ୱୀକାର କଲେ କେଉଁକେଉଁ ବିପାକ ଭୋଗିବାକୁ ପଡ଼େ । ତେଣୁ କୌଣସି ବ୍ରତର ଜାତକ ତିଆରି କାଳରେ, ପ୍ରଥମେ ବିଶ୍ୱାସରୁ ଜନ୍ମିତ ଶକ୍ତି, ଦ୍ୱିତୀୟରେ ଶକ୍ତିର ସନ୍ତୁଷ୍ଟୀକରଣପାଇଁ ବିଧି, ଉପଚାର ଏବଂ ତୃତୀୟରେ ଶକ୍ତିଂକ ବୈଶିଷ୍ଟ୍ୟ ପ୍ରତିଷ୍ଠାପାଇଁ ମନ୍ତ୍ର ଓ କାହାଣୀର ଚର୍ଚ୍ଚା କରିବାକୁ ପଡ଼େ । କାହାଣୀର ଅନ୍ୟ ପରିଭାଷା ମିଥ୍ । ଏବଂ, ମିଥ୍ ହେଉଛି ବିଧି ଓ ବିଶ୍ୱାସର କଳାତ୍ମକ ବ୍ୟାଖ୍ୟାନ । ଉପର୍ଯ୍ୟୁକ୍ତ ଭାବାଦର୍ଶ ଆଧାରରେ ଆମେ ଲକ୍ଷ୍ମୀପୁରାଣକୁ ଦେଖିପାରିବା । କହିପାରିବା, ଲକ୍ଷ୍ମୀ ଥିଲେ; ତାଙ୍କ ତୁଷ୍ଟୀକରଣପାଇଁ ବିଧିବିଧାନମାନ ଖଂଜାଯାଇଥିଲା; ତାଂକ ଶକ୍ତିର ପ୍ରତିଷ୍ଠାପାଇଁ ଛୋଟଛୋଟ କାହାଣୀ ସୃଷ୍ଟି ହୋଇଥିଲା, ଏବଂ, ଶେଷକୁ ବଳରାମ ସକଳଙ୍କୁ ସମୀକୃତ କରି, ଆପଣା ସର୍ଜନଶକ୍ତି ବଳରେ ଅନୁପମ କାହାଣୀଟିଏ

Digitized by srujanika@gmail.com

ତିଆରି କରିଦେଇଛନ୍ତି। ଏହି ଅନୁପମ କାହାଣୀ ସଂରଚନାରେ ସମକାଳର ସମାଜ ଓ ସଂସ୍କୃତିର ସୂକ୍ଷ୍ମତମ ଅନୁଭବ ଅଣୁଘଟକ ହୋଇଛି।

କାହାଣୀ ଏହିପରି: ଲକ୍ଷ୍ମୀ ଆମ ମା', ଜଗନ୍ନାଥ ବାପା, ଆମେମାନେ ତାଙ୍କ ସନ୍ତାନ। ତାଂକ ନିବାସ ପୁରୀ। ଏଇଠି ରହି ସମଗ୍ର ସଂସାରକୁ ସେ ପାଳୁଛନ୍ତି। ମାତ୍ର ମଜାକଥା, ଆମ ଛୋଟ ପରିବାର ପରି, ତାଙ୍କ ବଡ଼ ପରିବାରରେ ସନ୍ତାନମାନଂକ ଆଚରଣ ଓ ଆନନ୍ଦ- ଅବସାଦକୁ କେନ୍ଦ୍ର କରି ମା, ବାପାଂକ ମଧ୍ୟରେ ଝଗଡ଼ା। ଝଗଡ଼ାର ସମାଧାନ ଅବଶ୍ୟ ଆବଶ୍ୟକ। ସମାଧାନ ହୋଇ ନ ପାରିଲେ, ସଂସାର ରହିବ କିପରି ? ବିଶ୍ୱାସ ଓ ବିଧିକୁ ଆଧାର କରି ବଳରାମ ଏତେ ସୂତରରେ କାହାଣୀ ଗଢ଼ିଦେଇଛନ୍ତି ଯେ, ପଢୁଥିବା/ଶୁଣୁଥିବା ମଣିଷକୁ ସତସତ ଲାଗୁଛି। ଘରକଥା। ଘର ଭିତରେ ସୁଖରେ ରହିବାର କଥା। ଘର, ଭିତରେ କଳିତକରାଳ, ମାନ ଅଭିମାନ, ଏବଂ ଶେଷକୁ ଭାବନାବ-ସବୁ ଅଛି। ପୋଥିଟି ଛୋଟ। ଛୋଟ ସାପ ପରି। ମାତ୍ର ବିଷ ମରଣାତ୍ମକ। ଯିଏ ପଢୁଛି, ତାକୁ ବିଷ ଘାରୁଛି। ସଂସାର ବିଷ ସହିତ ଅଧ୍ୟାତ୍ମ ବିଷର ମିଶ୍ରଣ। ଏବଂ, ଏହି ଅଭିନବ ବିଷ, କଲ୍ମଷ-ସଂକ୍ରମିତ ଚେତନାକୁ ପରିମଳ କରିଦେଉଛି। ଏଡ଼େ ବଡ଼ ରାମାୟଣ ଲେଖି ବଳରାମ ଯାହା ପାଇନଥିଲେ, ଲକ୍ଷ୍ମୀପୁରାଣ ତାଂକୁ ତାହାଠାରୁ ଯଥେଷ୍ଟ ଅଧିକ ଦେଇଛି। ଜଗତଜନନୀ ଓ ଜଗତପିତାଙ୍କ କଳି ଏବେ ଗଡ଼ଗଡ଼ଉଛି ଦାଣ୍ଡରେ। କ'ଣ କମ୍ କଥା ?

କଥା ସିନା ପ୍ରତିଷ୍ଠାପାଇଛି ସମାଜରେ, ସାହିତ୍ୟ ରୂପରେ; ମାତ୍ର ଏହି ପ୍ରତିଷ୍ଠା ବଳରାମ ଓ ତାଙ୍କ ରଚନାପାଇଁ କାଳ ହୋଇଛି। ପରିବାରରେ ଲକ୍ଷ୍ମୀବ୍ରତ ବିଧିବିଧାନ ସହିତ ପାଳିତ ହୋଇଛି। ତାଙ୍କ ପାଖରେ ବ୍ରତକଥା ପଢ଼ାଯାଇଛି। ଏଥିପାଇଁ ପୋଥିର ପ୍ରତିଲିପି ପ୍ରସ୍ତୁତିର ଆବଶ୍ୟକତା ବଢ଼ିଛି। ଲିପିକାରମାନେ ଲକ୍ଷ୍ମୀଙ୍କ ସନ୍ତୁଷ୍ଟୀକରଣରେ ନିଜ ନିଜକୁ ଖଟଣି କରିଛନ୍ତି। ମଜାକଥା, ଲିପିକାରମାନଙ୍କ ମଧ୍ୟରେ କେତେକ, ପ୍ରତିଲିପି ପ୍ରସ୍ତୁତିକାଳରେ, ପୋଥିବର୍ଣ୍ଣିତ ବ୍ରତକଥା ଓ କାହାଣୀ ଅଂଶରେ ନିଜନିଜର ସର୍ଜନଶୀଳତାକୁ ଖଂଜି ଦେଇଛନ୍ତି। ଭଣିତା କିନ୍ତୁ ବଳରାମଂକ ନାଁରେ। ଅନ୍ୟ କେତେକ, କାହାଣୀର ଛାଂଚକୁ ଅପରିବର୍ତ୍ତିତ , କଥାଭାଗରେ ବହୁ ଖଣ୍ଡନମଣ୍ଡନ କରିଛନ୍ତି। ଉଭୟ ମାନସିକତାର ଜୀବଂକ ଦୌରାତ୍ମ୍ୟ ଏତେ ପ୍ରବଳ ହୋଇଛି ଯେ, ପୋଥିଗୁଡ଼ିକରୁ ବଳରାମଂକୁ ଆଉ ଠାବ କରିହେଉନାହିଁ। କୌଣସି ଲୋକପ୍ରିୟ ପୋଥିର ଏହାହିଁ ଭାଗ୍ୟ। ମାତ୍ର ପୋଥିଗୁଡ଼ିକୁ ପଢ଼ିଲେ, କାହାଣୀ ଓ ଭାଷା ଅନୁଶୀଳନ କଲେ, ରଚନା କାଳକୁ ସ୍ପଷ୍ଟତଃ ଅନୁଭବ କରିହେଉଛି। ପୁଷ୍ପିକାରୁ ଜଣାପଡ଼ିଯାଉଛି, ପୋଥିଗୁଡ଼ିକର ରଚନାକାଳ ଊନବିଂଶ/ବିଂଶ ଶତାବ୍ଦୀ।

Digitized by srujanika@gmail.com

ଊନବିଂଶ ଶତାବ୍ଦୀରେ ପୋଥି ପ୍ରତିଲିପୀକରଣର ଆବଶ୍ୟକତା କମିଛି। ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ, ନୂଆ ଶିକ୍ଷିତ ଗୋଷ୍ଠୀର ଉଦ୍‌ଭବ ଓ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା-ଏହାର ପ୍ରଧାନ କାରଣ। ମଜାକଥା, ଯନ୍ତ୍ର ମାଧ୍ୟମରେ କୌଣସି ଗ୍ରନ୍ଥ ବା ରଚନାର ବହୁ ପ୍ରତିଲିପି ମୁଦ୍ରଣ ଓ ବିପଣନ ସମ୍ଭବ ହେଉଥିଲେ ସୁଦ୍ଧା, ତାଳପତ୍ର ଦେହରେ ଏଗୁଡ଼ିକର ପ୍ରତିଲିପୀକରଣ ମାନସିକତା ତଥାପି ସକ୍ରିୟ ରହିଛି। ବିଶେଷତଃ, ଧର୍ମ ଓ ବ୍ରତକଥାକୈନ୍ଦ୍ରିକ ରଚନାକୁଡ଼ିକୁ ଏକ ବିଦେଶୀ ମାଧ୍ୟମରେ ପଢ଼ିବାକୁ ପରମ୍ପରାବାଦୀମାନେ, ସହଜରେ, ମାନସିକ ସ୍ତରରେ ଗ୍ରହଣ କରିପାରୁନାହାନ୍ତି। ଏହାସତ୍ତ୍ୱେ ଆପଣା ଜାତିର ଅସ୍ମିତା ପ୍ରତିଷ୍ଠା ଉଦ୍ଦେଶ୍ୟରେ ନବଶିକ୍ଷିତମାନେ ପ୍ରାଚୀନ, ମଧ୍ୟକାଳୀନ ଓ ଆପଣା କାଳର ରଚନାଗୁଡ଼ିକୁ ମୁଦ୍ରିତ ରୂପ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ମଧ୍ୟ ମୂଳଗ୍ରନ୍ଥ ଉପରେ କଳାପାହାଡ଼ି ଆକ୍ରମଣ କରିଛନ୍ତି। ଗ୍ରନ୍ଥର ଛନ୍ଦ ଓ ଭାଷାକୁ ସମକାଳୀନ କରିଦେଇଛନ୍ତି। ସ୍ଥଳ ବିଶେଷରେ କାହାଣୀର ଯେଉଁଯେଉଁ ଅଂଶ ସେମାନଙ୍କୁ ଅଶ୍ଳୀଳ, ଅସ୍ୱାଭାବିକ ଅଥବା ସମାଜବ୍ୟବସ୍ଥା ବିରୋଧୀ ବୋଧହୋଇଛି, ସେଗୁଡ଼ିକୁ ବାଦ ଦେଇଛନ୍ତି। ନୂଆନୂଆ କାହାଣୀ ମଧ୍ୟ ଖଂଜି ଦେଇଛନ୍ତି। ସାରଳା ଦାସଂକ *ମହାଭାରତ* ଓ ବଳରାମ ଦାସଂକ *ରାମାୟଣ* (ଦାଣ୍ଡିବୃତ୍ତରେ ରଚିତ)ର ଚଉଦଅକ୍ଷରୀକରଣ ଉପର୍ଯ୍ୟୁକ୍ତ ଭାବାଦର୍ଶର ଉଦାହରଣ। ରୂପାନ୍ତରଣ କାର୍ଯ୍ୟ ଅବଶ୍ୟ ଏତେ ସହଜ ନୁହେଁ, ମାତ୍ର ସଂଭବ କରାଯାଇଛି। ଏବଂ, ଅଧିକ ଗୁରୁତ୍ୱପୂର୍ଣ୍ଣ କଥା, ମୁଦ୍ରିତ ବହିଗୁଡ଼ିକୁ ମଧ୍ୟ ତାଳପତ୍ରରେ ଉତରାଯାଇଛି। କୌଣସି ରଚନାର ପ୍ରତିଲିପୀକରଣ ମାନସିକତାକୁ କେନ୍ଦ୍ରକରି ଏହା ଏକ ବିଚିତ୍ର ପରିମଣ୍ଡଳ ନିଶ୍ଚୟ। କେତେକ ଚତୁର ଗବେଷକ ମଧ୍ୟ ତାଳପତ୍ର ଦେହରେ, ସେମାନଙ୍କ ପ୍ରିୟ କବିଂକ ନାଁ ଭଣିତା କରି, ସେମାନଂକ ଶୈଳୀରେ ନିଜନିଜର କବିତ୍ୱ ପ୍ରତିଷ୍ଠା କରୁଛନ୍ତି। ପୋଥିଗୁଡ଼ିକୁ 'ମତ୍‌କର୍ତ୍ତୃକ ସଂଗୃହୀତ' କହୁଛନ୍ତି। ମୁଦ୍ରଣଯନ୍ତ୍ରର ପ୍ରସାଦରୁ ସେଗୁଡ଼ିକର ତତ୍‌କାଳ ବଜାରୀକରଣ ସମ୍ଭବ ହେଉଛି। ବଳରାମ ଦାସଙ୍କ **ଲକ୍ଷ୍ମୀପୁରାଣ** ଉପର୍ଯ୍ୟୁକ୍ତ ଗୋତ୍ରର ମହାତ୍ମାମାନଂକଦ୍ୱାରା କେତେ ମାତ୍ରାରେ ସଂକ୍ରମିତ, ତାହା ଅବଶ୍ୟ ବିଚାର୍ଯ୍ୟ।

ଛଅ

.ଏଥର ଲକ୍ଷ୍ମୀପୁରାଣର ରଚନା ଶୈଳୀ ଏବଂ କଥାନକ ପାଖକୁ ଆସିବା। ପ୍ରଥମ ଦୁଇଟି ପୋଥିର ଆରମ୍ଭ ଶ୍ରୀ ଗଣେଶାୟ ନମଃରୁ। ତୃତୀୟ ପୋଥିରେ, ଗଣେଶଙ୍କର ଏକପଦବିଶିଷ୍ଟ ସ୍ତୁତି ରହିଛି। ପରପଦର ଆରମ୍ଭ ଲକ୍ଷ୍ମୀ ବନ୍ଦନାରୁ। ମାତ୍ର ଗ୍ରନ୍ଥର ବଜାର ସଂସ୍କରଣରେ ପ୍ରଶ୍ନୋତ୍ତର ପ୍ରସଙ୍ଗ ପ୍ରବେଶ କରିଛି। ନାରଦ ପଚାରୁଛନ୍ତି ପରାଶର ମୁନିଙ୍କୁ, ହେ ତପିବର, ଆବ୍ରାହ୍ମଣ-ଚଣ୍ଡାଳ ଏହି ବ୍ରତ କାହିଁକି ପାଳନ କରୁଛନ୍ତି, ତାହାର ରହସ୍ୟ

Digitized by srujanika@gmail.com

ଖୋଲିଦିଅ। ପରାଶରଙ୍କ ତୁଣ୍ଡରେ ଏଥର ମହାଲକ୍ଷ୍ମୀଙ୍କ ଗାଥା। କେତେକ ପୋଥିରେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ରଚିତ ସଂସ୍କୃତ ଶ୍ଳୋକ ମଧ୍ୟ ରହିଛି। ଓଡ଼ିଆ ପୁରାଣ ଓ ବ୍ରତକଥା ଲିଖନରେ ଏହା ଅବଶ୍ୟ ପରମ୍ପରା। ମାତ୍ର ପ୍ରାଚୀନ ପୋଥିଗୁଡ଼ିକରେ-ଏହି ଶୈଳୀକୁ ବଳରାମ ଅନୁସରଣ କରିବାର କାରଣ, କାହାଣୀ କହିବାପାଇଁ ସେ ମଧ୍ୟସ୍ଥର ଆବଶ୍ୟକତା ଅନୁଭବ କରିନାହାନ୍ତି। କାହାଣୀ କହୁଛନ୍ତି। ବିଧି ଅବଶ୍ୟ ରହିଛି, ମାତ୍ର ଗୌଣ; କାହାଣୀ ମୁଖ୍ୟ। ଏବେ ଲକ୍ଷ୍ମୀପୁରାଣର କାହାଣୀ ପାଖକୁ ଆସିବା। ଗ୍ରହଣ କରିନେବା, ଏହା ବଳରାମ ଦାସଙ୍କ ରଚନା। ଏବଂ, ଏକଥା ମଧ୍ୟ ଗ୍ରହଣ କରିନେଲେ ଅସୁବିଧା ହେବନାହିଁ ଯେ, ଏହା ଜଣେ ମାତ୍ର ନୁହନ୍ତି, ଅନେକ ବଳରାମ ଓ ବଳରାମ ପ୍ରିୟମାନେ ନିଜନିଜ ନାଁରେ ଲେଖିଛନ୍ତି- ଉପଲବ୍ଧ ମହାଭାରତକୁ ବହୁ ବ୍ୟାସ ଓ ରାମାୟଣକୁ ବହୁ ବାଲ୍ମୀକି ଲେଖିଲା ପରି। ଆମେ ପ୍ରଥମ ବ୍ୟାସ ଓ ପ୍ରଥମ ବାଲ୍ମୀକିଙ୍କୁ ଖୋଜୁଛୁ, ପାଇ ନାହୁଁ, ପାଇବା ସମ୍ଭବ ହେବନାହିଁ। ନ ପାଇବା ହିଁ ସେମାନଙ୍କ ବିଶେଷତା ଓ ଅମରତ୍ୱର କାରଣ। ସେହି ନ୍ୟାୟରେ ଆମେ ବଳରାମଙ୍କୁ ପାଇବା ନାହିଁ, ଲକ୍ଷ୍ମପୁରାଣକୁ ମଧ୍ୟ ପାଇବାନାହିଁ। ମାତ୍ର ରାମାୟଣ ଓ ମହାଭାରତ କେଉଁ ସମୟରେ, କାହିଁକି ଲେଖାଯାଇଥିଲା- ତାହାର ଏକ ଅନୁମାନିକତା ତିଆରି କରିପାରୁଥିଲାପରି, ଲକ୍ଷ୍ମୀପୁରାଣ ସୃଜନର ସମ୍ଭାବ୍ୟ କାରଣ ଅବଶ୍ୟ ଖୋଜିବା। ଏବଂ, ଖୋଜ-ପ୍ରକ୍ରିୟାରେ ଏହି ତତ୍ତ୍ୱକୁ ମାନିନେବା ଯେ, କୌଣସି ଏକ ସଂରଚନାର ମାତୃତ୍ୱ/ପିତୃତ୍ୱର ମୋହର ଅବଶ୍ୟ ଜଣକ ଉପରେ ମାରିଦିଆଯାଏ, ମାତ୍ର ତାହା ଅନେକଙ୍କ ବିଚାର ଓ ଚେତନାର ଏକ ମିଶ୍ରରୂପ ଏବଂ ସମକାଳୀନ ସମାଜର ରାଜନୀତିକ ଓ ସାଂସ୍କୃତିକ ବ୍ୟବସ୍ଥାର ଚମତ୍କାର କଳାରୂପ। ଏହି ରୂପ ଅଧ୍ୟୟନ ମାଧ୍ୟମରେ ଆମେ ନିଜନିଜକୁ ଅନୁଭବ କରିପାରିବା, ନିଜ ସହିତ ଏବଂ ନିଜନିଜ ସହିତ କଥା ହୋଇପାରିବା ଅଥବା ବିକଳ୍ପ ଖୋଜିବା।

ଆମ ଲକ୍ଷ୍ମୀପୁରାଣ(ବଳରାମଙ୍କ ଲକ୍ଷ୍ମୀପୁରାଣ ?)ର କାହାଣୀ ଭାରି ସରଳ ଲାଗୁଛି। ସରଳ ଲାଗିବାର କାରଣ, ଆମ ଆଧ୍ୟାତ୍ମବିଶ୍ୱାସ ସହିତ ଏହାକୁ ଖଂଜି ଦିଆଯାଇଛି। ବିଶ୍ୱାସର ଚରିତ୍ରମାନେ ଯେତିକି ଆନୁଷ୍ଠାନିକ ଓ ପାରମାର୍ଥିକ; ତତୋଽଧିକ ପ୍ରାପଂଚିକ/ ସାଂସାରିକ। ତେଣୁ ଆମେ କାହାଣୀକୁ ଆଦୌ ସରଳ କହିପାରିବା ନାହିଁ। ବରଂ ଜଟିଳତମ କହିବା। ପାରମାର୍ଥିକ ଓ ଆନୁଷ୍ଠାନିକ କହିବାର କାରଣ, ଏହି ଦୁଇଟି ମଣିଷଗଢ଼ା ଆୟତନ ତାହାର ସଦସ୍ୟମାନଙ୍କୁ, ''ଏହା ହିଁ ଅବଶ୍ୟ କରଣୀୟ'' ବୋଲି ଆପ୍ତବାକ୍ୟ ଶୁଣାଇଦିଏ। ଅନ୍ୟପକ୍ଷରେ, ଆମ ପ୍ରପଂଚ ମଧ୍ୟ ଏକ ଅନୁଷ୍ଠାନ। ମାତ୍ର ଏହି ଅନୁଷ୍ଠାନ କୌଣସି ନିର୍ଦ୍ଦିଷ୍ଟ ସତ୍ୟ ନୁହେଁ, ସତ୍ୟର ବହୁ ବିକଳ୍ପ ସଂପର୍କରେ ଚିନ୍ତନର ପରିମଣ୍ଡଳ ତିଆରି କରୁଥାଏ। ବନ୍ଧନରୁ ମୁକ୍ତକରେ। ଆମ ଛୋଟ ରଚନାଟି ଜଗନ୍ନାଥକୈନ୍ଦ୍ରିକ

Digitized by srujanika@gmail.com

ଅନୁଷ୍ଠାନ ଭିତରର କଥା। ମାତ୍ର ଏହି ଅନୁଷ୍ଠାନ ପରମ ସହିତ ପ୍ରପଂଚକୁ ଏପରି ମିଶାଇ ଦେଇଛି ଯେ, ଯେତେ ଚାହିଁଲେ ବି ଦୁଇକୁ ବିଯୁକ୍ତ କରିହେଉନାହିଁ; ପ୍ରତିମୁହୂର୍ତ୍ତରେ ପ୍ରାପଂଚିକତା ଓ ପାରମାର୍ଥିକତା ନିଜନିଜ ସହିତ ଝଗଡୁଛନ୍ତି। ବିଚାର ହୋଇଯାଉଛି ଦ୍ୱନ୍ଦ୍ୱର ଘର। ଲକ୍ଷ୍ମୀପୁରାଣ ଅମରତ୍ୱର ଏହାହିଁ ମୂଳକଥା ବା ମଞ୍ଜ।

ଏକ ଅନୁଷ୍ଠାନରେ ଚାରିଜଣ ରୁହନ୍ତି। ଜଗନ୍ନାଥ, ତାଙ୍କ ଘରଣୀ ଲକ୍ଷ୍ମୀ, ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରା। ସେମାନେ କାଳେ ସମଗ୍ର ବ୍ରହ୍ମାଣ୍ଡର ସ୍ରଷ୍ଟା। ସେଥିପାଇଁ ବେଶ୍ ଥାଟ୍‌ରେ ଥାନ୍ତି। ପୋଇଲୀ, ଦାସୀ ପରିବାରି, ଅକଳିତ କ୍ଷମତା ଓ ଧନରତ୍ନ।ଏକ ଶୃଙ୍ଖଳିତ ମହାସାମନ୍ତ ପରିବାର। ଏଠି ପ୍ରତ୍ୟେକ ପରସ୍ପରର ଅହଂକାରକୁ ଭଲପାନ୍ତି। ଏବଂ, ସାମାଜିକ, ସାଂସ୍କୃତିକ ବିଧିଗୁଡ଼ିକୁ ମଧ ସମ୍ମାନ ଦିଅନ୍ତି। ମାତ୍ର ଅହଂକାର ଓ ବିଧିର ସହାବସ୍ଥାନ କ'ଣ ସମ୍ଭବ? ନିଶ୍ଚିତ ଭାବରେ ନା। ଝଗଡ଼ ଏଇଠାରୁ ଆରମ୍ଭ ହୁଏ ଏବଂ ନୂଆ ବିଧିମାନ ତିଆରି ହୋଇଯାଏ। ଲକ୍ଷ୍ମୀ ଜଗନ୍ନାଥଙ୍କ ପତ୍ନୀ। ପତି-ଅନୁରକ୍ତା। ବିଧି- ବିଶ୍ୱସ୍ତା। ମାତ୍ର ଅନ୍ୟ ପକ୍ଷରେ ଜଗତର ମା', ତେଣୁ ପିଲାମାନଙ୍କର ମନ ଓ ପେଟକୁ ସେ ହିଁ ଚିହ୍ନିପାରନ୍ତି। ବଞ୍ଚିବାପାଇଁ ସେମାନଙ୍କୁ ଶୃଙ୍ଖଳା ଶିଖାନ୍ତି, ସ୍ୱାଧୀନତା ବି ଦିଅନ୍ତି। ମାତ୍ର ସ୍ୱାଧୀନତା ଉପଭୋଗ ଆଳରେ ଶୃଙ୍ଖଳାର ଅମର୍ଯ୍ୟାଦାକୁ, ଆମମାନଙ୍କ ପରି, ସ୍ୱୀକାର କରି ପାରନ୍ତିନାହିଁ। କାହାଣୀର ଆରମ୍ଭ ମାତୃତ୍ୱ ଓ ପତ୍ନୀତ୍ୱର ଅଭିମାନରୁ। ମଝିରେ ଦ୍ୱନ୍ଦ୍ୱ, ପରିବାରର ଅନ୍ୟମାନଙ୍କ ସହିତ। ଶେଷରେ ପତ୍ନୀତ୍ୱ ଓ ମାତୃତ୍ୱର ବିଜୟ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗତିଶୀଳ ଏହି ଦ୍ୱନ୍ଦ୍ୱକୁ ଆମେ ଏକ ପାରିବାରିକ ନାଟକ କହିପାରିବା। ଏବଂ, ନାଟକର ଦୃଶ୍ୟଗୁଡ଼ିକ ମାଧମରେ ଆମ ସମାଜ ଓ ସଂସ୍କୃତିର ମଞ୍ଜକୁ ବୁଝିପାରିବା। ଏହି ଆଲୋଚନାରେ ଆମେ ଜଣେ ବଳରାମ ଦାସଙ୍କ କଥା କହିବୁ ନାହିଁ। ଓଡ଼ିଶା ଦେଶର ବିଭିନ୍ନ କାଳ ଓ ସ୍ଥାନର ବଳରାମ ଦାସମାନେ ପାରିବାରିକ ଘଟଣାକୁ କିପରି ଦେଖିଛନ୍ତି- ତାହା ହିଁ କହିବୁ, ବିଭିନ୍ନ ପୋଥି ଆଧାରରେ।

ସେଦିନ ମାର୍ଗଶିର ମାସ ଗୁରୁବାର। ଏଇଦିନ କାଳେ ମା'ର ପ୍ରିୟଦିନ। ପିଲାମାନେ ତାଙ୍କୁ କେମିତି ମନେରଖିଛନ୍ତି, କେମିତି ଅଛନ୍ତି, ତାହା ଦେଖିବାପାଇଁ ମା' ଲକ୍ଷ୍ମୀ ସାହି ଆଡ଼େ ଟିକେ ବୁଲିଯିବାପାଇଁ ମନ କରିଛନ୍ତି। ସ୍ୱାମୀଙ୍କ ଅନୁମତି ନେଇ, ବୁଢ଼ୀ ବ୍ରାହ୍ମଣୀ ବେଶ ହୋଇ ବଡ଼ିଭୋଅରୁ ବାହାରି ପଡ଼ିଛନ୍ତି। ସର୍ତ୍ତ ରଖିଛନ୍ତି, ଶୀଘ୍ର ଫେରିଆସିବେ। ଦଶମୀପାରଣାପାଇଁ ରୋଷେଇ କରିବାକୁ ପଡ଼ିବ।

ବଡ଼ିଭୋଅର। ଉଆସ/ମନ୍ଦିର ବାହାରେ କେତେ କେତେ ସାହି। କର୍ମ ଅନୁସାରେ ଏହି ସାହିଗୁଡ଼ିକର ନାଁ-ଦଇତାସାହି, ବ୍ରାହ୍ମଣସାହି, ଚଣ୍ଡାଳସାହି, କବୀରସାହି ଇତ୍ୟାଦି।

Digitized by srujanika@gmail.com

ମା' ଏଥର ଗୋଟିଏ ସାହିରୁ ଆଉ ଗୋଟିଏ ସାହିକୁ ଚାଲିଲେ। ମାତ୍ର ଆଶ୍ଚର୍ଯ୍ୟ ହେଲେ। ଦେଖିଲେ, କେହି ଉଠିନାହାନ୍ତି। କ'ଣ କରୁଛନ୍ତି ଏମାନେ ଏତେବେଳଯାଏ ? ସକାଳେ ବି ଶୋଇଛନ୍ତି। କବାଟ ଫାଙ୍କ ଦେଇ ଅନିଷା କଲେ। ଆଖିକୁ ବିଶ୍ୱାସ କରିଲେନି ଭିତରର ଦୃଶ୍ୟ ଦେଖି। ପ୍ରତ୍ୟେକ ବିଶୃଙ୍ଖଳିତ, ବେଶ ଓ ବସନ୍‌ରେ। ମନରେ କ୍ଷୋଭ। ବୁଲୁଛନ୍ତି। ଶେଷରେ ପାଦ ପଡ଼ିଗଲା ଚଣ୍ଡାଳ ସାହିରେ। ଦେଖିଲେ, ଶ୍ରୀୟା ନାମକ ଚଣ୍ଡାଲୁଣୀ, କେତେ ଶରଧାରେ, ଷୋଡଶ ଉପଚାରରେ ପୂଜା କରୁଛି ତାଙ୍କୁ। ଗୋବରଲିପା (ଲକ୍ଷ୍ମୀଙ୍କୁ ଗୋମୟର ଦେବୀ: ଗଡ଼େସ୍ ଅଫ କାଓ-ଡଙ୍ଗ, କୁହାଯାଇଛି। ଦକ୍ଷିଣ ଭାରତରେ ପ୍ରତ୍ୟେକ ଘରର ଦୁଆର ମୁହଁ ଗୋବରରେ ଲିପା ଯାଇ ଲକ୍ଷ୍ମୀଙ୍କ ପ୍ରତୀକ ଅଙ୍କନ କରାଯିବାର ପରମ୍ପରା ବେଶ୍ ପ୍ରାଚୀନ) କାନ୍ଥ ଓ ଚଟାଣ। ଧାନଶିଷାର ଝୋଟି। ପଦ୍ମଫୁଲ ଓ ହଂସ। ପବିତ୍ର ଓ ସ୍ୱଚ୍ଛ ପରିମଣ୍ଡଳ। ଦଣ୍ଡେ ଅଟକି ଗଲେ। ସ୍ୱଦେହରେ ଉଭାହେଲେ ପଦ୍ମଫୁଲର ଆସନରେ। ଆନନ୍ଦ କାହିଁରେ କେତେ। ଯାହା ଇଚ୍ଛା ବର ମାଗିଦେବାପାଇଁ ଉତ୍ସାହ ଦେଲେ। ଶ୍ରୀୟା ବିମୋହିତ ହେଲା ଦୃଶ୍ୟ ଦେଖି। ଯାହା ଇଚ୍ଛା ତାହା ମାଗିଗଲା। ଏପରିକି ଅମରବର। ଏଇ ବର ବ୍ୟତୀତ ଅନ୍ୟ ବରଗୁଡ଼ିକୁ ତଥାସ୍ତୁ କହି ମା ଚାଲିଗଲେ। ବେଳ ଉଚ୍ଛୁର ହେଲାଣି। ରୋଷେଇ କରିବାକୁ ପଡ଼ିବ ପରା।

ସିଦ୍ଧେଶ୍ୱର ଦାସଙ୍କ ପୋଥିରେ ଶ୍ରୀୟାର ରୂପ ଏହିପରି-
ଚଣ୍ଡାଲୁଣୀ ଦୁଃଖ ସେ ଯେ ଅପାରୁ ଅପାର
ଭୂମିରେ ସେ ଭରାଦେଇ ଉଠଇ ଆବର।
ସାତଖଣ୍ଡି କନା ସେ ଯେ ପିନ୍ଧିଣ ଅଛଇ
ଖଣ୍ଡିୟେକ ତହିଂର ଯେ ବଡ଼ ସାନ ନାହିଂ।
ଅର୍ଣ୍ଣର ବିହୁନେ ଯେ ପଂଜରା ହୋଇ ଶେଷ
ଉଠିକରି ଚଣ୍ଡାଲୁଣୀ ନ ତୋଳଇ ହେଂସ।(ଓଏଲ.୬୯୩)

ଏଣେ। ବଳରାମ ଓ ଜଗନ୍ନାଥ, ଦୁଇଭାଇ, ସରବଣକୁ ଯାଇଛନ୍ତି ମୃଗୟାବିନୋଦରେ। ଯୋଗବଳରେ ଏହି ଦୃଶ୍ୟ ତାଙ୍କ ଆଖିରେ। ନାଟକ ଆରମ୍ଭର ଏହି ଦୃଶ୍ୟ ଆମକୁ ସୂଚେଇଦିଏ, ସମାଜର ସଂପନ୍ନ ଓ ଉଚ୍ଚବର୍ଗୀମାନେ ବିଳାସୀ ଓ ସେମାନଙ୍କ ଜୀବନଯାତ୍ରା ବିଶୃଙ୍ଖଳ। ଏବଂ, ଏହା ହିଁ ଏକ ଜାତିର ସାମାଜିକ ଓ ସାଂସ୍କୃତିକ ସ୍ଥିତାବସ୍ଥା, ବିପାକର କାରଣ ।

ମୃଗୟା ବିନୋଦନ କାଳରେ, ଏତିକିବେଳେ ବଳରାମଙ୍କ ଆଖିପଡ଼ି ଯାଇଛି ଲକ୍ଷ୍ମୀଙ୍କ ଉପରେ। ଚଣ୍ଡାଳ ସାହିରେ କୁଳବୋହୂ? ଆଖି ବିଶ୍ୱାସ କରିପାରିଲା ନାହିଁ।

Digitized by srujanika@gmail.com

ସାନଭାଇ ଆଖିରେ ଧରେଇ ଦେଇଛନ୍ତି ଏହି ଦୃଶ୍ୟ। ରାଗରେ ପାଚିଯାନ୍ତି ସେ। ସାଆନ୍ତଘରର ବୋହୂ, ସକାଳୁ ସକାଳୁ ଜଣେ ଅଛୁଆଁର ଘରେ ପାଦଦେବା ପରି ଘଟଣାକୁ ସେ କିପରି ବା ମାନିନେବେ? ଜଗନ୍ନାଥଙ୍କୁ ତାଙ୍କ ପତ୍ନୀର ଏଇ ନୀତିହୀନ ଆଚରଣ ସମ୍ପର୍କରେ ଅବହିତ କରିଛନ୍ତି। କହିଛନ୍ତି-ସେ ମହାପାପିନୀ, ଅପବିତ୍ର। ଘରକୁ ଅମଙ୍ଗଳ। ଘରେ ତାକୁ ଆଉ ରଖି ହେବନାହିଁ। ତାକୁ ଅବଶ୍ୟ ବାହାରିଯିବାକୁ ହେବ। ସାମାଜିକ ବିଧି ଅବମାନନାର ଏହା ହିଁ ଶେଷକଥା।

ବଡ଼ଭାଇଙ୍କ ରାଗଜରଜର ଅବସ୍ଥା ଦେଖି କିଂକର୍ତ୍ତବ୍ୟମୂଢ଼ ଅବସ୍ଥାରେ ଏବେ ଜଗନ୍ନାଥ। କ'ଣ କରିବେ। ବଡ଼ଭାଇ ତ ନା'କରା କଥା କହୁନାହାନ୍ତି। କ୍ଷମତାସୃଷ୍ଟ ସାମାଜିକ ବିଧିକୁ ଅସ୍ୱୀକାର କରିବା ଠିକ୍ ହେବନାହିଁ। ମାତ୍ର ଅପମାର୍ଗୀମାନଙ୍କ ସଂସ୍କାର ପାଇଁ ପ୍ରତିକାରମାନ ମଧ୍ୟ ସେହି ଶାସ୍ତ୍ରରେ ଲେଖା ହୋଇଛି। ମନରେ ସାହସ ବାନ୍ଧି ବଡ଼ଭାଇଙ୍କୁ କହିଛନ୍ତି- ହଁ ଭାଇ, ଲକ୍ଷ୍ମୀ ଭୁଲ କରିଛି। ହେଲେ ତା ପରି ଘରଣୀକୁ ଘରୁ ବାହାର କରିଦେଲେ, ଆମେ ଚଳିପାରିବା ତ? ସ୍ୱର୍ଗପୁରରୁ ଦେବତା ଓ ଋଷିମାନଙ୍କୁ ଡାକିଆଣିବା। ଖାଇବାକୁ ଦେବା। ଦରକାର ହେଲେ ଟଙ୍କା ପଇସା ଦେଇ ଜାତି କରାଇ ଦେବା। କ୍ଷମା କରିଦେବା। ଆଉବାରେ ଦୋଷକଲେ, ବାହାର କରିଦେବା ସବୁଦିନପାଇଁ।

ନିମ୍ନୋକ୍ତ ପଦଗୁଡ଼ିକ ଜଗନ୍ନାଥଙ୍କ ଲକ୍ଷ୍ମୀପ୍ରେମର ଉଦାହରଣ।

ସ୍ୱର୍ଗପୁରରୁ ଦେବତାମାନ ଅଣାଇବା
ଟଙ୍କା ସୁନା ଲାଞ୍ଚଦେଇ ଜାତି ହୋଇଯିବା।(ଓ.ଏଲ.୧୩୦୮)
ଅନ୍ୟତ୍ର: ଆଲଟ ଚାମର ଧରି ନିଦ୍ରାଯିବା ହୋଇ
ଘରଣୀ ନ ଥିଲେ ଘର ଶୋଭା ନ ଦିଶଇ।
ଯାହାର ଘରରେ ଭାଇ ଘରଣୀ ନ ଥାଇ
ଲକ୍ଷେ ମେଢ ଘର ଯେ ସୁନ୍ଦର ନ ଦିଶଇ।
ବଡ଼ଲୋକ ପୁଣ ଯେ ଧର୍ମର କରତା
ଘରେ ଘରଣୀ ନ ଥିଲେ ନୁହଇଂ ଗଣତା।
ସାନ ଲୋକ ପରା ଯେବେ ଦରିଦ୍ର ହୁଅଇ
ଘରରେ ଘରଣୀ ଥିଲେ ତାର ସେ ଯେ ଖାଇ।(ଓଏଲ. ୧୪୦୦)
ପାଞ୍ଚଲକ୍ଷ ଟଙ୍କାରେ ଯେ ଭୋଜନ ଦିଆଇବା।(ଓ.ଏଲ.୨୧୯୮)
ଗଙ୍ଗାତୁଲେ ସରିକର ଆନ ନଦୀମାନ(ଦୀନକୃଷ୍ଣ ଦାସ: ଓଏଲ. ୨୯୯୨)

ବଡ଼ଭାଇଙ୍କର ଏକ ଜିଦ୍। ଏ ଘରେ ଲକ୍ଷ୍ମୀ ରହିବ, ନଇଲେ ମୁଁ ରହିବି। କେବଳ ଜିଦ୍ ନୁହେଁ, ଦାଦାଗିରି କରିଛନ୍ତି। କହିଛନ୍ତି- ତୁଇ ଏଡ଼େ ମାଇଚିଆ ବୋଲି ମୁଁ

Digitized by srujanika@gmail.com

ଜାଣିନଥିଲି। ଛାର ଭାରିଯାଟାପାଇଁ ଏତେ ଓକିଲାତି। ଭାରିଯା ହେଉଛି ପାଦର ପାଣ୍ଡୋଇ(ଯୋତା, ଚପଲ) ତୁ ଯାହାକୁ କହିବୁ, ତାକୁ ତୋ ସହିତ ଛନ୍ଦି ଦେଇପାରିବି। ଆମର କ'ଣ ନାଇଁ। କହ, କିଏ ତୋର ନିଜର, ଭାଇ; ନା ମାଇପ ?

ଏବଂ, ଜଗନ୍ନାଥଙ୍କୁ ସତର୍କ କରିଦେଉଛନ୍ତି- ନାରୀମାନେ ଆଦୌ ଏତେ ସରଳ ନୁହନ୍ତି- ମନେ ରଖିବୁ

ସିଂହଦ୍ୱାର ମାଡ଼ି ବସିଥିବୁ ଭାବଗ୍ରାହୀ
କମଳା ଅଇଲେ ଦେବୁ ଯେ ଘଉଡ଼ାଇ।
ତିରୀଂକର ମାୟା ବାବୁ ଜାଣି ନ ପାରିବ
କଅଂଳ କଥାରେ ଲକ୍ଷ୍ମୀ ଦେଉଳେ ପଶିବ।

(ଦୀନକୃଷ୍ଣ ଦାସ: ଓ.ଏଲ୍. ୨୯୯୨)

ବଳରାମଙ୍କର ଏଇ ଆଚରଣ ସମକାଳୀନ ସମାଜ ବ୍ୟବସ୍ଥାରେ ଉଚ୍ଚବର୍ଣ୍ଣ ଓ ନିମ୍ନବର୍ଣ୍ଣ ମଣିଷମାନଙ୍କ ମଧରେ ସଂପର୍କ, ଏକାନ୍ନବର୍ତ୍ତୀ ପରିବାରରେ ମୁଖ୍ୟ ବଡ଼ଭାଇର ଅଧିକାର ଓ ଔଦ୍ଧ୍ୟତ୍ୟ ଏବଂ ନାରୀର ସ୍ଥିତିର ସୂଚକ । ଯେଉଁ ମଣିଷ ଅନ୍ୟର ପରିବେଶକୁ ସଫା କରେ, ସେ ଅଛୁଆଁ, ପାପୀ ଏବଂ ଯେଉଁ ମଣିଷ(ନାରୀ) ଅନ୍ୟର ସେବା କରେ, ସେ ପରାଧୀନ। ତାର ଜନ୍ମ ପୁରୁଷର ସେବାପାଇଁ, ମଥାପାଇଁ ନୁହେଁ। ପଦାର୍ଥବତ୍ ତାକୁ କିଣାବିକା କରାଯାଇପାରେ।

ଅନନ୍ୟୋପାୟ ଜଗନ୍ନାଥ ପତ୍ନୀକୁ ନୁହେଁ, ଭାଇକୁ ସ୍ୱୀକାର କରିଛନ୍ତି। ବିଶ୍ୱସ୍ତତା ଆଳରେ ସାନମାନଙ୍କର ଚରମ ଅସହାୟତାର ଏହା ଉଦାହରଣ।

ନାଟକର ପରବର୍ତ୍ତୀ ଦୃଶ୍ୟ ଆହୁରି ରୋଚକ। ରୋଷେଇ କରିବେ ବୋଲି ଲକ୍ଷ୍ମୀ ତରତର ହୋଇ ଉଆସକୁ ବାହୁଡ଼ିଛନ୍ତି। ମାତ୍ର ସିଂହଦ୍ୱାରର ଦୃଶ୍ୟ ତାଙ୍କୁ ଚକିତ କରିଛି। ଦେଖିଛନ୍ତି, ସ୍ୱୟଂ ସ୍ୱାମୀଙ୍କ ହାତରେ ବାଡ଼ି। ସେ ବାଟ ଛାଡ଼ିଦେବାକୁ ଅନୁମତି ମାଗିଛନ୍ତି। ଉତ୍ତର ଆସିଛି, ନା। ଶୁଣିଛନ୍ତି- ତମ ଚଣ୍ଡାଳ-ପ୍ରୀତିର ଦୃଶ୍ୟ ଦେଖିଦେଇଛନ୍ତି ବଡ଼ଭାଇ। ଘର ଭିତର ପ୍ରବେଶ ନିଷେଧ। ଯେଣେ ଇଚ୍ଛା ତେଣେ ଯାଇପାର।

ଲକ୍ଷ୍ମୀ କାକୁସ୍ଥ। ମାତ୍ର ଏତେ ସହଜରେ ହାରମାନିବାର ଜୀବ ନୁହନ୍ତି। ଦ୍ୱନ୍ଦ୍ୱର ବୀଜ ଚେତନ ଭୂମିରେ। ଝଗଡ଼ାର ଆରମ୍ଭ। ଉଚ୍ଚବାଚ, କଥା କଟାକଟି। ସେ ସାଆନ୍ତ ଅଥବା ସାଧାରଣ ମଣିଷ ହେଉ, ଭାବ ଓ ଭାଷା ଏକ ପ୍ରକାରର। ଉଘାଉଘି। ଗୋଇ ତଡ଼ାତଡ଼ି। ରୁଚି ଓ ଚରିତ୍ର ସହିତ ବଂଶ ଆଭିଜାତ୍ୟ ମଧ ପଦାକୁ ଆସେ। ଦାଣ୍ଡରେ ପଡ଼େ। ସକଳ ଆବରଣ ଖୋଲିଦିଏ। ଅହଂକାର କେତେ ଅଳାଜୁକ ଓ ଅସହାୟ, ଲକ୍ଷ୍ମୀ- ଜଗନ୍ନାଥଙ୍କର ଏହି ଝଗଡ଼ ହିଁ ତାହାର ଉଦାହରଣ।

Digitized by srujanika@gmail.com

ମୁଁ ସ୍ୱେଚ୍ଛାଚାରିଣୀ ନୁହେଁ, ତମ ଅନୁମତି ଦେଇ ପଦାକୁ ପାଦ ପକାଇ ଥିଲି। ମୋର ଦୋଷ କେଉଁଠି? ଏବେ ଜଗନ୍ନାଥ ଅସହାୟ। ସଫେଇ ଦେଉଛନ୍ତି, ମୁଁ କ'ଣ କରିବି।

ବଡ଼ଭାଇ ଦେଖିଦେଲେ। ତାଂକ ଆଦେଶ। ଅମାନ୍ୟ କରିପାରିବି ତ। ଲକ୍ଷ୍ମୀଙ୍କର ପୁଣି ଅନୁନୟ, ତମେ କ'ଣ ପଚ୍ଛଦିନର ପ୍ରତିଶ୍ରୁତି ଭୁଲିଗଲ। କଥା ଦେଇଥିଲ, ଯଦି କିଛି ଭୁଲ କରେ, ଦଶଦୋଷ କ୍ଷମା କରିବ। ମାତ୍ର ଜଗନ୍ନାଥଙ୍କର ସେଇ ଗୋଟିଏ କଥା। ଲକ୍ଷ୍ମୀଙ୍କୁ ମନ୍ଦିର ଛାଡ଼ିବାକୁ ହେବ। ଏବଂ କଥାରେ କଥାରେ ସେ ଲକ୍ଷ୍ମୀଙ୍କୁ ଟେରୀ, କାଣୀ କହିଛନ୍ତି।

ବାପାଙ୍କ ବ୍ୟକ୍ତିତ୍ୱ ବି ବାଦ ଯାଇନି। ଶେଷକୁ 'ଦୋଚାରୁଣୀ'
ଘରେ ଘରେ ପଶି ତୁହି ହେଲୁ ଦୋଚାରୁଣୀ।।(ଓ.ଏଲ୍ ୧୩୦୮)

ପୁଷ୍କରଙ୍କ ଭଣିତା ଥାଇ ଏକ ପୋଥିରେ ରହିଛି। ସେଥିରେ ଜଗନ୍ନାଥ କହୁଛନ୍ତି-

ସହଜେ ତୋହର ନାମ ଚଞ୍ଚଳା
ବେଶ୍ୟାକୁ ଚଞ୍ଚଳା କହି
ତେଣୁ କରି ବେଶ୍ୟା ସଙ୍ଗରେ ଗଣନା
ହୋଇଲୁରେ ଚାନ୍ଦମୁହିଁ
ସତକି କି ମିଛ ବୁଝୁଥା। (୧୩ ଛାନ୍ଦ, ଓ.ଏଲ୍. ୨୯୫୬)

ଏପରିକି ଜଗନ୍ନାଥ ଲକ୍ଷ୍ମୀଙ୍କୁ 'ରାଧା ଦୋଚାରୁଣୀ' ଶବ୍ଦରେ ଉଘେଇଛନ୍ତି। ତାଙ୍କ ବିରୋଧରେ ଏଇ କଥାପଦକ ଲକ୍ଷ୍ମୀଙ୍କୁ ଅସମ୍ଭାଳ କରିଦେଇଛି। ରାଗରେ ନିଆଁ । ଆପଣା ବ୍ୟକ୍ତିତ୍ୱର ଅମର୍ଯ୍ୟାଦାକୁ କିଏ କ'ଣ ସ୍ୱୀକାର କରିପାରେ। ସ୍ୱାମୀଙ୍କୁ ଲଙ୍ଗଳା କରିଦେଇଛନ୍ତି। ଗୋଟିଏ ପୋଥିର ବର୍ଣ୍ଣନା ଏହିପରି-

ଗଉଡ଼ ବାଉଡ଼ ତୁମ୍ଭେ ଅଟ ଯେ ହାଉଡ଼।
ବଇଁଶୀ ଖଣ୍ଡିଏ ହରି କାହୁଁ ଯେ ପାଇଲ
ଷୋଳସସ୍ର ଗୋପୀଙ୍କି ଉଚ୍ଚାଟ କରାଇଲ।
ଖୁଡ଼ୀ ଦେଠେଇ ମାରିଲ ମଉଳାଇ
ସମସ୍ତଙ୍କୁ ବିଡ଼ମ୍ବନା କଲ କୁଞ୍ଜବନେ ନେଇ।
ସେ ପାପ- ଯେ ଛାଡ଼ିଯିବ ନାହିଂ
ତେଣୁ କରି କଳି ଯୁଗ ହାତଗୋଡ଼ ନାହିଂ।
ଖଣ୍ଡିଆ ହୋଇଲ ତେଣୁ ତ୍ରୈଲୋକ୍ୟ ଗୋସାଇଂ।(ଓଏଲ୍୨୧୪୯)

ଜଗନ୍ନାଥଙ୍କ ଜିଦ୍ ପାଖରେ ଅସହାୟ ଲକ୍ଷ୍ମୀ। ଛାଡ଼ପତ୍ର ଦେବାପାଇଁ ଦାବି କରିଛନ୍ତି।

Digitized by srujanika@gmail.com

ପୁଣି ପଂଚୁଆତିଙ୍କ ଗହଣରେ।

ଜଗନ୍ନାଥ ଓ ଲକ୍ଷ୍ମୀଙ୍କର କଥୋପକଥନ ଏଥର ଚରମ ସୀମାରେ। ଏହି ବଚନିକାରେ ସମାଜର ଉଚ୍ଚ ଓ ନିମ୍ନବର୍ଗର ମଣିଷମାନଙ୍କ ମାନସିକତା ସୁସ୍ପଷ୍ଟ।

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲ କି ବାଇ
ଦେବତାଙ୍କ ଘରେ ଆମ୍ଭ ହାତପତ୍ର ନାହିଁ।
ଦେବତାଙ୍କ ଘରେ କି ମାନବ ଘରେ ହେଉ
ବିଭାଇ ଭାରିଯାକୁ କି ହାତପତ୍ର ଦେଉ।
ପ୍ରମଲକ୍ଷ୍ମୀ ବୋଇଲେ ନଦେଲେ ହାତପତ୍ର
ବଳିୟାର କଥାତ କହିଲେ ପଦ୍ମନେତ୍ର।
ବ୍ରାହ୍ମଣର ଘର କିବା ଚାଣ୍ଡାଳର ଘର
ହାତଧରି ଆଣିଲେ ହୋଇଲେ ଅସୁନ୍ଦର। (ଓ.ଏଲ ୨୪୨୨)

କଥା କଟାକଟିରେ ଅନନ୍ୟୋପାୟ ଜଗନ୍ନାଥ ପତ୍ନୀଙ୍କୁ ପଡ଼ି(ଖୋରାକପୋଷାକ) ଦେବାପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ପ୍ରସ୍ତାବ ଲକ୍ଷ୍ମୀଙ୍କ ରାଗକୁ ପଞ୍ଚମକୁ ନେଇଛି। କହିଛନ୍ତି- ମୁଁ ରାଣ୍ଡ ଅଲକ୍ଷଣୀ ଘରର ଝିଅ ନୁହେଁ ଯେ, ତମଠାରୁ ପଡ଼ିନେବି।

ମଜାକଥା, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଏତେ କଥାକଟାକଟି ଚାଲିଥିଲା ବେଳେ ବଳରାମ ମଝିକୁ ଚାଲି ଆସିଚନ୍ତି। ଟିକିଏ ଦୂରରେ ଥାଇ ଜଗନ୍ନାଥଙ୍କୁ କହିଛନ୍ତି-

ବଳରାମ ଡାକଦେଲେ ଶୁଣରେ କହ୍ନାଇଂ
ଏଡ଼େ ଆଣ୍ଟ ମାଇପ ଦେଖିଲା ମୋର ନାହିଂ।
କଡିରେ ବସିଣ ଜାତି ଦେଉଅଛି କହି
ସୁବର୍ଣ୍ଣ କି ବେତ କାହ୍ନୁ ତୋର ହସ୍ତେ ନାହିଂ।
ପିଟରେ ସୁବର୍ଣ୍ଣ ବେତ ଦିଅ ଘଉଡ଼ାଇ
ସ୍ତିରୀ ହୋଇ ଯେଡ଼େ ଆଣ୍ଟ କରିଛି କିପାଇଂ।
ଛୋଟୀ କେଂପୀ ହୋଇ ଲକ୍ଷ୍ମୀ ଆମ ଘରେ ଥିବ
ତୋଳାପାଣି ତୋଳାଭାତ ଆମ ଘରୁ ନେବ।
(ଓ.ଏଲ ୯୯୪ ଏବଂ ଓଏଲ ୨୯୯୨)

ଦୁଇ ଭାଇଙ୍କର ସମ୍ମିଳିତ ଔଦ୍ଧତ୍ୟକୁ ଲକ୍ଷ୍ମୀ ସ୍ୱୀକାର କରିପାରିନାହାନ୍ତି। ମନ୍ଦିର ଛାଡ଼ିବାକୁ ମନସ୍ଥ କରିଛନ୍ତି। ସର୍ବାଙ୍ଗରୁ ଗୋଟି ଗୋଟି କରି ଅଳଂକାର ଖୋଲିଦେଇଛନ୍ତି। କହିଛନ୍ତି- ଏସବୁ ରହିଲା, ପରେ କହିବନି ଯେ, ମାଇପ ଏସବୁ ତା ବାପ ଘରକୁ ନେଇଯାଇଛି। ଆଉ ଯାହାକୁ ବାହାହବ, ତାକୁ ଦବ। ସେ ଏତେ ମାତ୍ରାରେ

Digitized by srujanika@gmail.com

ରାଗିଯାଇଛନ୍ତି- ଜଣେ କବି କହିପକେଇଛନ୍ତି-

ହସ୍ତରୁ ସୁବର୍ଣ୍ଣ ବାହିକା କାଢ଼ି ପକାଇଲେ
ଆଜ ହୁଂ ଠାକୁର ଆମ୍ଭ ଜଗନ୍ନାଥ ମଲେ।
(ସିଦ୍ଧେଶ୍ୱର ଦାସ, ଓଏଲ ୬୯୩ ଏବଂ ଓ ଆରଏମଏସ/୮୧ଇ)

କେବଳ ଏତିକିରେ ତାଙ୍କ ରାଗ ଶାନ୍ତ ହୋଇନାହିଁ। ପାଟବସ୍ତ୍ର ଖୋଲି ଦେଇ ଛିଣ୍ଡାଲୁଗା ପିନ୍ଧିଛନ୍ତି ଏବଂ ଘର ଭିତରକୁ ଯାଇ ବାପଘର ପେଡ଼ି, ଗଉରୀବେତ, ଡାହାଣବ୍ରତେକ ଶଙ୍ଖ ଓ ରୁଦ୍ରାକ୍ଷମାଳ ଆଣିଛନ୍ତି। ଘରୁ ବାହାରି ଆସିଛନ୍ତି। ଅଭିଶାପ ଦେଇଛନ୍ତି- ତମକୁ ଅନ୍ନବସ୍ତ୍ର ନ ମିଳୁ।

ଲକ୍ଷ୍ମୀଙ୍କର ଏହି କଠୋର ବଚନ ଶୁଣି ଜଗନ୍ନାଥ ହସି ଦେଇଛନ୍ତି। କହିଛନ୍ତି-

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲୁକି ବାଇ
ତୋହ ଆଜ୍ଞାଦେଲେ କି ଦରିଦ୍ର ଆମ୍ଭେ ହୋଇ।
ବାଉନ କୋଟି ବ୍ରହ୍ମାଣ୍ଡ ଅଛି ଆମ୍ଭ ଘର
ତେତିଶ କୋଟି ଦେବତା ଖଟନ୍ତି ପୟର।
(ଓଆରଏମଏସ/୮୧.ଇ:ସିଧେଶ୍ୱର ଦାସ)

ଲକ୍ଷ୍ମୀ ସ୍ୱାମୀଙ୍କୁ ଶାପଦେଇ ମନ୍ଦିର ବାହାରକୁ ଆସିଛନ୍ତି। ଏବଂ, ତାଙ୍କ ପଛେପଛେ ଦାସୀ ପରିବାରି।

ଉପର୍ଯ୍ୟୁକ୍ତ ପଦଗୁଡ଼ିକ ଜଗନ୍ନାଥ-ଲକ୍ଷ୍ମୀଙ୍କର ବଚନିକା ନୁହେଁ, ପୁରୁଷ ଓ ନାରୀର ଅହଂବୋଧର ଆଳାପ। ନାରୀର ସ୍ୱାଭିମାନକୁ ପୁରୁଷର ଅହଂକାର ଅସ୍ୱୀକାର କରୁଛି।

ଏଥର ପରବର୍ତ୍ତୀ ଦୃଶ୍ୟ। ଲକ୍ଷ୍ମୀ ଦାଣ୍ଡରେ। ଯିବେ କେଉଁଆଡ଼େ? ଭାବିଛନ୍ତି, ବାପ ଘରକୁ ଯିବେ କି? ସିଦ୍ଧାନ୍ତ ନେଇଛନ୍ତି- ନା, ଯିବେନି। ଆଉ ଟିକିଏ ପରେ ଭୋକରେ ବିବସ ଜଗନ୍ନାଥ ଶଶୁର ଘରକୁ ଯିବେ, ସାଂଗରେ ନେଇ ଆସିବେ। ମନା କରିପାରିବେନି। ଅନ୍ୟ ଏକ ପ୍ରସ୍ତାବ ନିଜ ପାଖରେ। ସେ ଏତେ ଦୁର୍ବଳା, ଅସହାୟା ନୁହନ୍ତି ଯେ, ସ୍ୱାମୀ କି ବାପ - ନିର୍ଭର ଜୀବନ ବଞ୍ଚିବେ। ସ୍ୱନିର୍ଭର ଜୀବନ ବଞ୍ଚିବାପାଇଁ ସେ ସିଦ୍ଧାନ୍ତ ନେଉଛନ୍ତି। ତେବେ ରହିବେ କେଉଁଠି? କେଉଁଠି ରଖିବେ ତାଙ୍କ ସହିତ ଥିବା ପରିବାରିମାନଙ୍କୁ? ଘରଟିଏ ଦରକାର। ବିଶ୍ୱକର୍ମାଙ୍କୁ ସୁମରଣା କରିଛନ୍ତି। ସ୍ମରଣ ମାତ୍ରକେ ସେ ଆସିଛନ୍ତି ଏବଂ ମା'ଙ୍କ ନିର୍ଦ୍ଦେଶ ମତେ ନଅରଟିଏ ତୋଳି ଦେଇଛନ୍ତି। ତାହା ପୁଣି ବାଂକୀ ମୁହାଣରେ। ଅନ୍ୟ ଏକ ପୋଥିରେ ତାହା ଚନ୍ଦ୍ରଭାଗା/କୋଣାର୍କ ପାଖ। ଏବଂ ଅନ୍ୟତ୍ର ସମୁଦ୍ରପଡାର। ଗୋଟିଏ ପୋଥିରେ ବିଶ୍ୱକର୍ମାଙ୍କ ବିନ୍ଧାଣିପଣର ବିଶଦ ବର୍ଣ୍ଣନା ରହିଛି। ସ୍ଥାନ ନିରୂପଣ, ସୂତା ପକାଇବା ଠାରୁ ଆରମ୍ଭ କରି ମୁଣ୍ଡିମାରିବା

Digitized by srujanika@gmail.com

ପର୍ଯ୍ୟନ୍ତ।(ଓ.ଏଲ ୧୪୦୦) ଅନ୍ୟ କେତୋଟି ପୋଥିରେ ଦଶଅବତାର ଚିତ୍ରର ସୂକ୍ଷ୍ମ ବର୍ଣ୍ଣନା ରହିଛି। ବିଶେଷତଃ କ, ଖ ଓ ଘ ସୂଚିତ ପୋଥିରେ) ବର୍ଣ୍ଣନା କେଉଁଠି ଅଛ, କେଉଁଠି ବିସ୍ତାରିତ। ଜଣେ କବି ଅତି ପ୍ରଗଲ୍ଭ ଭାବରେ କୃଷ୍ଣଙ୍କର ଗୋପଲୀଳା ବୃତ୍ତାନ୍ତ ଲେଖିଛନ୍ତି। ଶ୍ରୀମନ୍ଦିରରେ ଜୟଦେବଙ୍କ ଗୀତଗୋବିନ୍ଦ ପଠନ ଓ ଚିତ୍ରାୟନ ପରଂପରାର ଏହା ସୂଚକ। ବହିର ବଜାର ସଂସ୍କରଣରେ ଏକଥା ନାହିଁ। ଆପଣା ଘର ଅନୁରୂପ ଘରଟିଏ ଦେଖି ଲକ୍ଷ୍ମୀ ଭାରି ଖୁସି ହୋଇଯାଇଛନ୍ତି। ବିଶ୍ୱକର୍ମାଙ୍କୁ ପ୍ରଶଂସା କରିଛନ୍ତି। ଦାସୀମାନଙ୍କ ସହିତ ରହିଛନ୍ତି।

ମୁଣ୍ଡପାଇଁ ଛାତ ନିର୍ଦ୍ଦିଷ୍ଟ ହୋଇଗଲା ପରେ, ଲକ୍ଷ୍ମୀଙ୍କର ପୁରୁଷ-ଅହଂ-ପ୍ରତିବାଦିନୀ ଚେତନା ତୀବ୍ରତର ହୋଇଛି। ସେ ଶ୍ରୀ, ଧନ ଓ ପ୍ରେମରେ ଅଧିକାରିଣୀ। ଏହାହିଁ ପ୍ରକୃତ କ୍ଷମତା। ସେ ଜାଣିଛନ୍ତି- ଦାରିଦ୍ର୍ୟ, ଶ୍ରୀହୀନତା ହିଁ ବ୍ୟକ୍ତି/ଗୋଷ୍ଠୀର ଅସହାୟତା ଓ ଦୁଃଖର କାରଣ। ବିତ୍ତହରଣ କରିଦେଇପାରିଲେ, ଭୋକ ସୃଷ୍ଟିକଲେ ଅଥବା ଭୋକ ଶାନ୍ତ ନ ହେଲେ, ବ୍ୟକ୍ତିର ଅହଂକାର ଅବଶିଷ୍ଟମାନଙ୍କ ଅସହାୟତା ସୃଷ୍ଟିର କାରଣ ହେବ। ଏଥର ଶ୍ରୀ ଆପଣା ଶକ୍ତିର ପ୍ରୟୋଗ କରିଛନ୍ତି। ପତ୍ନୀତ୍ୱ ଓ ମାତୃତ୍ୱର ଯୁକ୍ତଶକ୍ତି। ସୁମରଣା କରିଛନ୍ତି ନିଜର ବିପୁଳ ଓ ଶକ୍ତିମନ୍ତ ଔଲାଦମାନଙ୍କୁ। କେତେକ ପୋଥିରେ ସେମାନେ ଅଷ୍ଟବେତାଳ, କେତେକେ ପୋଥିରେ ସେ ହନୁମାନ ଏବଂ ଅନ୍ୟ ଦୁଇଟି ପୋଥିରେ ହନୁମାନ ଓ ସହଯୋଗୀ ଅଷ୍ଟବେତାଳ (ଓ ଏଲ ୧୩୦୮)। ସେମାନଙ୍କୁ ଆଦେଶ ଦିଆଯାଇଛି- ଶ୍ରୀମନ୍ଦିରରୁ ସକଳ ପଦାର୍ଥ ବୋହି ଆଣିବ, ଏପରିକି କୁଲା କି ଛାଂଚୁଣି ମଧ୍ୟ ରଖିବ ନାହିଁ। ରୋଷଘର ଭିତରେ ପଶି ସବୁ ଖାଇବ। ହାଣ୍ଡିକୁଣ୍ଡେଇ ଭାଙ୍ଗିଦବ। ଶକ୍ତିଙ୍କ ଆଦେଶ ତତ୍‌କାଳ ପାଳିତ ହୋଇଛି। ଏବଂ, ସେ ଆଦେଶ ଦେଇଛନ୍ତି, ରତ୍ନଖଟ ଓ ପିନ୍ଧିଥିବା ପାଟଲୁଗା ବୋହି ଆଣିବାପାଇଁ। ହନୁମାନ ଲକ୍ଷ୍ମୀଙ୍କର ଉଗ୍ର ପ୍ରତିକ୍ରିୟାଶୀଳତାର କୋମଳ ପ୍ରତିବାଦ ଅବଶ୍ୟ କରିଛନ୍ତି। ମାତ୍ର ଆଦେଶ ପାଳନରେ ତ୍ରୁଟି କରିନାହାନ୍ତି।

ଶ୍ରୀମନ୍ଦିର ଏବେ ବାସ୍ତବତଃ ଶ୍ରୀହୀନ। ଏହା ଶ୍ରୀ ଘର ଛାଡ଼ିବାର ପ୍ରଥମ ରାତିର ଘଟଣା। ସକାଳ ଆସିଛି। ବିଳମ୍ବରେ ପହୁଡ଼ ଭାଙ୍ଗିଛି ଦୁଇ ଭାଇଙ୍କର। ପ୍ରଥମେ ବଳରାମ, ପରେ ଜଗନ୍ନାଥ। ଘରର ଏପରି ଅବସ୍ଥା ଦେଖି ବଳରାମଙ୍କ ରାଗ ପଂଚମକୁ ଉଠିଯାଇଛି। ଜଗନ୍ନାଥଙ୍କୁ କହିଛନ୍ତି- ଏସବୁ ତୋ ମାଇପର କାମ। ଗୁଣ୍ଡା ଆଉ ଚୋର ଲଗାଇ ସବୁ ବୋହି ନେଇଛି। ଜଗନ୍ନାଥ ଶୁଣିଛନ୍ତି- ହସି ଦେଇଛନ୍ତି।

ଦାଶରଥି ଦାସ ଓ ଅନ୍ୟମାନଙ୍କର, ଏହି ପ୍ରସଙ୍ଗରେ ପ୍ରଶ୍ନ, ମନ୍ଦିରରେ ଜଗନ୍ନାଥ ଓ ବଳରାମଙ୍କ ସହିତ ତାଙ୍କ ଭଉଣୀ ସୁଭଦ୍ରା ବି ଥିବେ। ଆମ ବହିରୁ ସେ ଅନୁପସ୍ଥିତ

Digitized by srujanika@gmail.com

ରହିଲେ କିପରି ? କେତୋଟି ପୋଥିରେ ସୁଭଦ୍ରା ଅଛନ୍ତି। ସେ ନଣନ୍ଦ। ଅଲିଅଳୀ। ଭାଉଜ ଥାଉଁଥାଉଁ ସେ ରୋଷଘରକୁ ଯିବ, ଘରକାମ କରିବ କିପରି ? ସେଦିନ ରାତିରେ, ଲକ୍ଷ୍ମୀଙ୍କର ଅନୁପସ୍ଥିତିରେ, ଦୁଇଭାଇ ଭଉଣୀକୁ ଶୋଇବା ଘରକୁ ପଠେଇ ଦେଇଛନ୍ତି। ଏବଂ ହନୁମାନ ଓ ଅଷ୍ଟବେତାଳ ସୁଭଦ୍ରାଙ୍କ ହାତ ଓ ବେକରୁ ସକଳ ଅଳଙ୍କାର ମଧ ଖୋଲି ନେଇଛନ୍ତି। ବଳରାମ ଆପଣା ରଚନାରେ ସୁଭଦ୍ରାଙ୍କୁ ଆଦୌ ଅନୁପସ୍ଥିତ ରଖିନଥିବେ। ଏହା ପରବର୍ତ୍ତୀ କାଳରେ ଲିପିକାରମାନଙ୍କର ଖେଳ, ଜାଣତରେ ଅଥବା ଅଜାଣତରେ।

ଭୋକ ମଣିଷର ଅସହାୟତାର କାରଣ- ବଳରାମ ଆପଣା ରଚନା ମାଧ୍ୟମରେ ଏକଥା ସ୍ପଷ୍ଟ କରିଦେଇଛନ୍ତି। ଭୋକ ବାସ୍ତବତଃ ଖାଦ୍ୟର ଅଭାବ ନୁହେଁ, ଶକ୍ତିର ଅନୁପସ୍ଥିତି। ଲକ୍ଷ୍ମୀଙ୍କର ଅନୁପସ୍ଥିତିରେ ଦୁଇଭାଇ ଶକ୍ତିହୀନ ହୋଇପଡ଼ିଛନ୍ତି। ଶକ୍ତି ଖୋଜିଛନ୍ତି। ରୋଷଘର ଭିତରକୁ ଯାଇଛନ୍ତି। ମଶାଣିବତ୍। ଭଣ୍ଡାର ଘର, ପଦାର୍ଥଶୂନ୍ୟ। ଏତେ ବଡ଼ ଉଆସରେ ଜଣେ ହେଲେ ସେବକର ସ୍ୱରଶବଦ ନାହିଁ। ଏପରିକି, ମୁହଁ ଧୋଇବାପାଇଁ ପାଣିର ଅଭାବ। ଭୋକ ଦାଉରେ ଜଗନ୍ନାଥ ଗରୁଡ଼ଖୁମ୍ବକୁ କୁଣ୍ଢେଇ ଭେଁଭେଁ କାନ୍ଦି ପକାଇଛନ୍ତି। ଶେଷକୁ ଠିକ୍ କରିଛନ୍ତି, ନଗରରେ ଭିକମାଗି ଚଳିଯିବେ। ରାଜରାଜେଶ୍ୱର ଏବେ ଭିକାରୀ ବେଶରେ, ଆପଣା ରାଇଜରେ। ସେବକମାନଙ୍କ ଦୁଆର ମୁହଁକୁ ଯାଇଛନ୍ତି। ସେମାନଙ୍କ ହାତରୁ ଖାଦ୍ୟ ନୁହେଁ, ମାଡ଼ ଓ ତଣ୍ଟିଆ ଖାଇଛନ୍ତି। ସଳକଙ୍କ ତୁଣ୍ଡରେ ସେ କେତୋଟି ଶବ୍ଦ- ଏଗୁଡ଼ାକ ଲକ୍ଷ୍ମୀଦ୍ରୋହୀ। ଶେଷକୁ, ଯେଉଁ ଚଣ୍ଡାଳୁଣୀ ଘରେ ଲକ୍ଷ୍ମୀ ଉଭା ହୋଇଥିଲେ ସେଠାରେ ବି ପାଦ ପଡ଼ିଛି। ଚଣ୍ଡାଳୁଣୀ ସେମାନଙ୍କୁ ଦେଖି ମୁହଁ ମୋଡ଼ିଦେଇଛି। ବଳରାମ ଦାସ, ଦିଭାଇଙ୍କୁ ଭିକାରୀ ବେଶରେ ଖରାରେ, ପୂରା ପୁରୀନଗର ବୁଲାଇଛନ୍ତି। ଖଣ୍ଡିଏ ପୋଥିର ଲିପିକାର ସେମାନଙ୍କୁ ଯାଜପୁର ଓ କପିଳାସ ପର୍ଯ୍ୟନ୍ତ ନେଇଯାଇଛନ୍ତି। କପିଳାସରେ ଶିବପାର୍ବତୀଙ୍କ ସହ ଭେଟ କରାଇଛନ୍ତି। ପାର୍ବତୀ ମନେ ପକାଇଛନ୍ତି ଲକ୍ଷ୍ମୀଙ୍କୁ। ସବୁ ରହସ୍ୟ ସ୍ପଷ୍ଟ ହୋଇଯାଇଛି। ଜଗନ୍ନାଥ ଭଲକାମ କରିନାହାନ୍ତି ବୋଲି କହିଦେଇଛନ୍ତି ମୁହେଁମୁହେଁ । ଶିବ ତ ଜଗନ୍ନାଥଙ୍କୁ କହିଛନ୍ତି- ଘରର ଘରଣୀ ବାବୁ ବିଲର ହରିଣୀ। ଶେଷରେ ସେମାନେ ମହାଯୋଗୀଙ୍କ ପାଖରୁ, ସମୁଦ୍ର କୂଳରେ ଜନୈକା ଦାନଶୀଳାଙ୍କ ମହିମା ସମ୍ପର୍କରେ ସମ୍ବାଦ ପାଇଛନ୍ତି। ଏବଂ, ପହଞ୍ଚି ଯାଇଛନ୍ତି ନଅର ପାଖରେ। ଏହିଠାରୁ କଥାର ଗ୍ରନ୍ଥିମୋଚନ ଆରମ୍ଭ।

ନଅର ଚାରିପାଖରେ ଉଚ୍ଚା ପାଚେରି। ପାଚେରିରେ କାକୁଡ଼ିର ଲତା। ଲତାରେ ଫଳଭାର। ବୁଢ଼ୀଟିଏ ଜଗିଛି। ଲକ୍ଷ୍ମୀ ବୁଢ଼ୀବେଶରେ। ଦୁଇଭାଇ କାକୁଡ଼ି ମାଗିଛନ୍ତି। ମିଳିଯାଇଛି। ବଳରାମ ପେଟ ବିକଳରେ ଗୋଟିଏ କାକୁଡ଼ି କଡ଼ମଡ଼ କରି ଚୋବେଇ

Digitized by srujanika@gmail.com

ପକାଉଛନ୍ତି । ଭୟଙ୍କର ପିତା । ମୁହଁ ବିଷପିତା ମାରିଯାଉଛି । ସେମାନେ ଏଥର ପହଞ୍ଚିଛନ୍ତି ଦାନଶୀଳାଙ୍କ ସିଂହଦ୍ୱାରରେ । ଏଇଠି ଖାଦ୍ୟ ମିଳିବ ଇ ମିଳିବ । ଯୋଗୀଙ୍କ ପରାମର୍ଶ । ବଳରାମ ଭିତରକୁ ପଶିଛନ୍ତି । ପୁରୁଷଲୋକ ବୋଲି ଜଣେ ହେଲେ ନାହିଁ । ତାଙ୍କ ଧୁମୁସା ରୂପକୁ ଦେଖି ବେଢ଼ି ଯାଇଛନ୍ତି ଯୁବତୀମାନେ । ଅଣ୍ଟାରେ କାନିଭିଡ଼ି ଯୋଡ଼ାବେତରେ ପାହାର କସି ଦେଉଛନ୍ତି । ଗଳାଧକ୍କା ଦେଉଛନ୍ତି । ବିଚରା ବଡ଼ଠାକୁର ମୁହଁମାଡ଼ି ପଡ଼ିଛନ୍ତି ଉଆସ ବାହାରେ । ଆଣ୍ଠୁଗଣ୍ଠି ଛିଣ୍ଡିଛି । ରକତଜରଜର ଦେହ । ଗୋବିନ୍ଦ ବଡ଼ଭାଇଙ୍କର ଏପରି ଅବସ୍ଥା ଦେଖି ହସି ଦେଉଛନ୍ତି । କହିଛନ୍ତି- ମାଇପି ମାଡ଼ଖିଆ । ଏବଂ, ବଳରାମ ଧର୍ମବଳରୁ ବଞ୍ଚି ଯାଇଥିବା କଥା ସ୍ୱୀକାର କରିଛନ୍ତି ।

ବଳରାମ ଆପଣା କୋହକୁ ଘନ କରିବାପାଇଁ ଏଥର ପରାମର୍ଶ ଦେଉଛନ୍ତି ଜଗନ୍ନାଥଙ୍କୁ- ତୁ ପଞ୍ଚମବରାଡ଼ି ରାଗରେ ବେଦପାଠ କର, ଗୃହକର୍ତ୍ତ୍ରୀ ଶୁଣିବେ ଆମ କଥା ।

ଜଗନ୍ନାଥ ବେଦପାଠ କରିଛନ୍ତି । କମଳାଙ୍କୁ ସ୍ପଷ୍ଟ ହୋଇଯାଇଛି- ସ୍ୱାମୀ ଓ ଦେଢ଼ଶୁର ଏବେ ତାଙ୍କ ଅଧିକାରରେ । ନିଜକୁ ନିସ୍ତରିଲି ନିସ୍ତରିଲି ବୋଲି କହିଛନ୍ତି, ପାତକ କ୍ଷୟଗଲା ବୋଲି ଅନୁଭବ କରିଛନ୍ତି । ଅପେକ୍ଷାର ଶେଷ ହୋଇଛି । ପ୍ରେମର ଶକ୍ତି ଏବେ ବିଜୟିନୀ । ଅଧିକାର ଜାହିର କରିବେ । କରୁଣା ନାମକ ଦାସୀଙ୍କୁ ବ୍ରାହ୍ମଣମାନଙ୍କ ଆଗମନର କାରଣ ଓ ପରିଚୟ ଜାଣିବାପାଇଁ ପଠାଇଛନ୍ତି । କରୁଣା ପଚାରିଛି । ଉତ୍ତର ଆସିଛି -

ଆମ ଘର ବଡ଼ଦେଉଳ । ଶାସନ ପଂଚକୋଶି ଆୟତନରେ ପରିବ୍ୟାପ୍ତ । ଜାତିରେ ବ୍ରାହ୍ମଣ । କର୍ମ- ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ । ବାପା, ବାସୁଦେବ ବାଜପେଇ; ମା' ଦେବକୀ; ମଉସା, ନନ୍ଦ ବାଜପେଇ; ମାଉସୀ, ଯଶୋଦା; ବଡ଼ଭାଇ, ବଳଭଦ୍ର ବାଜପେଇ; ଗୋଟିଏ ବୋଲି ଭଉଣୀ, ସୁଭଦ୍ରା; ମୋ ନାଁ, ଜଗନ୍ନାଥ ବାଜପେଇ; ଭାରିଯା ନାଁ ଲକ୍ଷ୍ମୀ । ସେ ଚଣ୍ଡାଳ ଘରକୁ ଯାଇଥିଲା ବୋଲି ଘରୁ ବାହାର କରିଦେଇଛୁ । କେଉଁ ଆଡ଼େ ଯାଇଛି, ଜାଣିନୁ । ତମ ସାନ୍ତାଣୀଙ୍କୁ କୁହ, ଆମକୁ ଗଣ୍ଡିଏ ଖାଇବାକୁ ଦେବେ ।

କରୁଣା ସମ୍ବାଦ ଦେଇଛି କମଳାଙ୍କୁ । କରୁଣାକୁ କହିଛନ୍ତି - ଯା, ସେମାନଙ୍କ ପଚାରିବୁ, ଆମେ ଚଣ୍ଡାଳ । ବ୍ରାହ୍ମଣ ହୋଇ ଚଣ୍ଡାଳ ଘରେ ଖାଇବେ କିପରି ?

କରୁଣା ସମ୍ବାଦ ଦେଇଛି । କଥା ଶୁଣି ଦୁଇଭାଇଙ୍କ ମୁଣ୍ଡରେ ବଜର ପଡ଼ିଛି । ତଥାପି ବ୍ରାହ୍ମଣ୍ୟବାଦର ଅହଂକାର ମହଳଣ ପଡ଼ିନାହିଁ । ବଳରାମ କହିଛନ୍ତି- ସଂଚା ଯୋଗାଇ ଦିଅ । ଆମେ ହାତରେ ରାନ୍ଧି ଖାଇପାରିବୁ ।

Digitized by srujanika@gmail.com

ରାନ୍ଧଣାପାଇଁ ଲୋଡ଼ା ପଦାର୍ଥମାନ ମିଳି ଯାଇଛି। ଚାଉଳ,ବିରି, ବଡ଼ି, କଦଳୀ, ଶାଗ ଇତ୍ୟାଦି । ତତ୍‌ସହିତ ନୂଆହାଣ୍ଡି, ଜାଳେଣି । ଦୁଇଭାଇ ରୋଷକର୍ମରେ ଲାଗି ପଡ଼ିଛନ୍ତି। ମାଟିଖୋଳି ଚୁଲି ତିଆରି କରିଛନ୍ତି। ହାଣ୍ଡି ବସେଇଛନ୍ତି। ପରିବା କାଟିଛନ୍ତି। କାଠରେ ନିଆଁ ଧରାଇଛନ୍ତି ଜଗନ୍ନାଥ।

ଲକ୍ଷ୍ମୀଙ୍କ ମନରେ ଏବେ ଦ୍ୱନ୍ଦ୍ୱ। ପୁରୁଷ ଯଦି ହାତରେ ରୋଷେଇ କରି ଖାଇବେ, ନାରୀକୁ ଆଉ ଲୋଡ଼ିବେ କାହିଁକି (ସତେ ଯେପରି ରୋଷେଇ କରିବାପାଇଁ ନାରୀର ଜନମ ଓ ଭାଗ୍ୟ)। ସେ ଅଗ୍ନିଙ୍କୁ ସୁମରଣା କରିଛନ୍ତି। ଲକ୍ଷ୍ମୀଙ୍କ ନିର୍ଦ୍ଦେଶ। ତମେ ଜଳିବ, ତେଜ ଦେବ; ମାତ୍ର ଧୂଆଁ ହେଉଥିବ।

ଶକ୍ତିଙ୍କ ଆଜ୍ଞାକୁ ଅଗ୍ନି ପାଳନ କରିଛନ୍ତି। ଚୁଲି ଆଉ ପରିମଣ୍ଡଳରେ କେବଳ ଧୂଆଁ ଆଉ ଧୂଆଁ।

ବଳରାମ ସାନଭାଇର ଅସହାୟତା ଓ ଅସାମର୍ଥ୍ୟକୁ ଦେଖିଛନ୍ତି। ଭୋକ ଅସହାୟତାକୁ ବହୁଗୁଣିତ କରିଦେଇଛି। କହିଛନ୍ତି ଅଧିଆମୁହାଁ। ଉଠ ସେଠୁ। ଆପେ ଚୁଲି ପାଖରେ ବସି ପଡ଼ିଛନ୍ତି। ଜାଳ ମୋହିଁଛନ୍ତି। ଫଳ ଏକା। କେବଳ ଧୂଆଁ। କାଠଖଣ୍ଡିଏ ହାତରେ ପଡ଼ିଛି। ହାଣ୍ଡି ରାଗର ଶିକାର ହୋଇଛି। ପେଟର ତାତିରେ ମାଡ଼ଖାଇଛି ବିଚରା ପଦାର୍ଥ। ଏବଂ, ଠିକ୍ ଏତିକି ବେଳକୁ କଟା ଘା'ରେ ଚୂନ ଦେଲାପରି, ଦାସୀ ଆସି ଉଭା ହୋଇଛି ସେମାନଙ୍କ ପାଖରେ। ପଚାରିଛି-ସୁବେଦି ଗୋସାଇଁ, ରୋଷେଇ ସରିଲା ? ତେଲ ନିଅ। ଗାଧୋଇ ଆସି ଖାଇବ।

ଅସହାୟକୁ ପରିହାସ। ମାତ୍ର ସେମାନେ ପ୍ରତିକ୍ରିୟାହୀନ। ଶେଷକୁ ବଳରାମ ସ୍ପଷ୍ଟ କରିଦେଇଛନ୍ତି- ଆମେ ତମ ଘରେ ଖାଇବୁ। ଚଣ୍ଡାଳ, କି ଯେଉଁ ଜାତିର ହୁଅ। ଏବଂ, ଠିକ୍ ଏତିକିବେଳେ ଜଗନ୍ନାଥଙ୍କ ପ୍ରଶ୍ନ :

ଏମନ୍ତ ଅନୀତି କଥା କହିଲେ ଗୋସାଇଂ ।
ଚଣ୍ଡାଳୁଣୀ ଘରେ ଭାତ କେମନ୍ତେ ଖାଇବ
ଚାରିଯୁଗେ କଥା ତୁମେ ଭାଇ ରୁହାଇବ।

ବଳରାମଙ୍କ ଉତ୍ତର - ଜୀବନ ପାଖରେ ଜାତିପାତିର କିଛି ଅର୍ଥ ନାହିଁ। ଦାସୀ ହାତରୁ ତେଲ ନେଇ ଏଥର ଦୁଇଭାଇ ଗାଧୋଇ ଯାଇଛନ୍ତି ସମୁଦ୍ରକୁ।

ଲକ୍ଷ୍ମୀ ଏପରି ଏକ ମୁହୂର୍ତ୍ତ ଅପେକ୍ଷା କରିଥିଲେ। ଗାଧୋଇଛନ୍ତି। ଶୁଚିମତୀ ଏବେ। ସ୍ୱାମୀଙ୍କ ଘର ଛାଡ଼ିଆସିଲା ଦିନଠାରୁ ବିଧବା ବେଶ। (ଗୋଟିଏ ପୋଥିରେ ଏହି ଶବ୍ଦର ପ୍ରୟୋଗ ରହିଛି)। ଅଳଙ୍କାରରେ ଦେହ ମଣ୍ଡି ହୋଇଛନ୍ତି। ପାଟପଟନୀ ପିନ୍ଧିଛନ୍ତି। ରୋଷେଇ ଘରକୁ ଯାଇଛନ୍ତି। ହାତରେ ଦେଢ଼ସୁରଙ୍କ ଭୋକ।

Digitized by srujanika@gmail.com

ମାତ୍ର ଏତିକି ପରାଭବ ଦେଇ ତାଙ୍କ ରାଗ ଶାନ୍ତପଡ଼ିନି। ବାପାଙ୍କୁ ସୁମରଣା କରିଛନ୍ତି। ଅନୁରୋଧ କରିଛନ୍ତି- ତମେ ବହୁ ଦୂରକୁ ଚାଲିଯିବ। ଯେପରି ଦୁଇଭାଇ ଗାଧୋଇବାକୁ ପାଣିଟୋପିଏ ନପାନ୍ତି। ଝିଅ କଥାକୁ ବାପା ଟାଳି ପାରିନାହାନ୍ତି।

ଦୁଇ ଭାଇ ସମୁଦ୍ର କୂଳରେ। ତେଲ ଜରଜର ଦେହ। ପେଟରେ ଭୋକ। ଶୀଘ୍ର ଶୀଘ୍ର ଗାଧୋଇ ଫେରିବେ। ମାତ୍ର ସମୁଦ୍ରର ବର୍ତ୍ତମାନ ରୂପ ତାଙ୍କ ହଂସା ଉଡ଼ାଇ ଦେଇଛି। ଶୁଖିଲା । ଗାଧୋଇବେ କିପରି ? ଜଗନ୍ନାଥ ନିଶ୍ଚିତ ହୋଇ ଯାଇଛନ୍ତି ଯେ, ଏହା ଲକ୍ଷ୍ମୀଙ୍କର ନଖରାମି। ଭୟଗ୍ରାସିଛି। ଭାବିଛନ୍ତି, ଯିଏ ପାଣି ହରିନେଉଛି, ସେ ଯଦି ପାତ୍ରରୁ ଖାଦ୍ୟ ହରଣ କରିନିଏ ? ଶକ୍ତିର ଅହଂକାରକୁ ସେ କ'ଣ ପ୍ରତିହତ କରିପାରିବେ ?

ସାନଭାଇର ଅସହାୟତାକୁ ବଳରାମ ଭାଙ୍ଗିଛନ୍ତି। କହିଛନ୍ତି, ଗାଧୋଇବା ଦରକାର ନାହିଁ। ହାତ ଆଞ୍ଜୁଳା କରି ଗଙ୍ଗାକୁ ସୁମରଣା କର। ଗଙ୍ଗାକୁ ସୁମରଣା କରିଛନ୍ତି ବଡ଼ଠାକୁର। ଆଞ୍ଜୁଳାରେ ପାଣି । ଦୁଇଭାଇ ପାଣି ଛିଞ୍ଚିହୋଇ ପଡ଼ିଛନ୍ତି ଦେହରେ। (ପୋଥି ନମ୍ବର ଓ.ଏଲ. ୨୪୨୨)

ଦୁଇଭାଇ ମନ୍ତ୍ର ସ୍ନାନକରି ଫେରିଛନ୍ତି ଚଣ୍ଡାଳୁଣୀର ଉଆସକୁ। ଭୋକ ମେଣ୍ଟାଇବେ। ଏଣେ ଲକ୍ଷ୍ମୀଙ୍କ ମନରେ ଭୋକ। କାଲି ସକାଳୁ ଆଜି ଦିଇପହର ହେଲାଣି। ତାଙ୍କୁ ଦେଖିନାହାନ୍ତି। ନଖାଇ ନପିଇ ମୁହଁଟା କେମିତି ଦିଶୁଥିବ କେଜାଣି ? ଏଣେ ଘର ଭିତରଟାରେ ମହମହ ବାସ। ତୁଳସୀ ଓ ଦୟଣାର ବାସ। ସ୍ୱାମୀ ସୋହାଗର ବାସ। ପ୍ରେମବାସରେ ତରଳି ଗଲା ଅହଂକାର। କବାଟ ଫାଙ୍କରେ ଲାଖିଗଲା ଆଖି। ଟିକିଏ ଦେଖିଦେବେ। ଆଖି ପବିତ୍ର ହୋଇଯିବ। ଗୋଟିଏ ପୋଥିରେ ଲକ୍ଷ୍ମୀଙ୍କର ଅନୁଭବର ବର୍ଣ୍ଣନା ଏହିପରି-

ତୁଳସୀ ପତ୍ରପ୍ରାଏ ଦେହ ବାସୁଅଛି
ଦେଖି ଲକ୍ଷ୍ମୀଙ୍କର ବାକ୍ୟ ନ ସ୍ଫୁରଇ କିଛି ।
ଝଳା କବାଟିରେ ଲକ୍ଷ୍ମୀ ଅଛନ୍ତି ଅନାଇଂ।

କେମିତିଆ ମଣିଷ କେଜାଣି ? ଏତେ ମାଡ଼ଗାଳି ଖାଇ ବି ମୁହଁରେ ବାଙ୍କହସ ? ରାଗର ଲେଶ ମାତ୍ର ଚିହ୍ନନାହିଁ ?

ମନ ପ୍ରେମରସରେ ଜରଜର। ବ୍ରାହ୍ମଣମାନଙ୍କ ଗାଧୋଇବା ବ୍ୟବସ୍ଥା କରିବାକୁ ଦାସୀମାନଙ୍କୁ ଆଦେଶ ଦେଇଛନ୍ତି। ଆଦେଶ, ଅବିଳମ୍ବେ ପାଳିତ ହୋଇଛି। ଚନ୍ଦନ, ହଳଦୀ, କୁଙ୍କୁମ, ତେଲ ବୋଳି ହୋଇଯାଇଛି ସେମାନଙ୍କ ସର୍ବାଙ୍ଗରେ। ପଞ୍ଚତୀର୍ଥର ପବିତ୍ର ଓ ସୁବାସିତ ପାଣିରେ ଧୋଇ ହୋଇଯାଇଛି ଅବସାଦ। ଦେହରେ ଦେବାଙ୍ଗ ପାଟ । କାନ୍ଧରେ ପହରଣ ଓ ସୁବର୍ଣ୍ଣ ପଇତା। ମଥାରେ ତ୍ରିମୁଣ୍ଡି ଓ ଅନ୍ୟ ଅଙ୍ଗଗୁଡ଼ିକରେ

Digitized by srujanika@gmail.com

ନାନା ଜାତିର ଅଳଙ୍କାର।

ବଳରାମ, କିନ୍ତୁ, ଦାସୀମାନଙ୍କର ଏତେ ଆଦରଯତ୍ନକୁ ସହଜ ଭାବରେ ଗ୍ରହଣ କରିପାରିନାହାନ୍ତି। ମନରେ ସନ୍ଦେହ। ଜଣେ ମାତ୍ର ପୁରୁଷର ଚିହ୍ନବର୍ଣ୍ଣ ନଥିବା ଘରେ ପୁଣି ଏତେ ଆଦର ଓ ଯତ୍ନ। ଭଲକରି ଉତ୍ତମମଧ୍ୟମ କସି ଦେବେନି ତ ? ତା ପରେ ଯିବେ କୁଆଡ଼େ? ବଂଚିବେ କିପରି ? କଦଳୀ ପତ୍ର ପରି ଥରିଉଠୁଛି ତାଙ୍କ ଦେହ। ଖାଇବାପାଇଁ ପାଖରେ ପତ୍ର। ମାତ୍ର ବସି ପାରୁନାହାନ୍ତି।

ଜଗନ୍ନାଥ ବଡ଼ଭାଇଙ୍କ ହାତଧରି ବସେଇ ଦେଇଛନ୍ତି। ବସିଛନ୍ତି ଦୁହେଁ। ଏବଂ, ଆଖିରେ ପଡ଼ିଛି ରତ୍ନଗଡୁ। ଗଡୁ ଦେଖି ମନ କୁଣ୍ଢେମୋଟ। ଭାବିଛନ୍ତି- ଆଜି ଦିନଟା ଭଲରେ ଭଲରେ କଟିଗଲା। କାଲିକି ସମସ୍ୟା। ଏଇ ଗଡୁକୁ ସୁବିଧା ଦେଖି ନେଇଯିବାକୁ ହେବ। ବିକିଭାଙ୍ଗି ଲବ୍ଧ ଅର୍ଥରେ କିଛିଦିନ ଚଳିଯିବାପାଇଁ ସମସ୍ୟା ହେବନାହିଁ। ଦାରିଦ୍ର୍ୟର ଅସହାୟତାର ଏହା ଚମତ୍କାର ଉଦାହରଣ।

ଦୁଇଭାଇ ଖାଉଛନ୍ତି। ଦାସୀମାନେ ପରସି ଦେଉଛନ୍ତି। ଲକ୍ଷ୍ମୀଙ୍କ ହାତରନ୍ଧା ଖାଦ୍ୟ। ବଳରାମ ଦାସ ଖାଦ୍ୟର ସୁବିସ୍ତୃତ ତାଲିକା ଦେଇଛନ୍ତି। ପୋଥି ପୋଥିକୁ ଆନ। ବର୍ଣ୍ଣନାରୁ ଓଡ଼ିଆମାନଙ୍କର ଖାଦ୍ୟସଂସ୍କୃତିକୁ ଅନୁଭବ କରି ହେଉଛି। ଶାଗ, ନାଡ଼ିପୁଳି, ସରପୁଳି, କଦଳୀ ଭଜା, ଖଣ୍ଡଖଜା, ପଞ୍ଚାମୃତ; ନାନା ପ୍ରକାରର ଭାତ, ଚକୋଳି, ଏଣ୍ଡୋରି, ଆରିସା ଆଦି ପିଠା, ନାନା ପ୍ରକାରର ପଣା।

ପରିଚିତ ଖାଦ୍ୟ ପାଇ ଦୁଇଭାଇ ଏତେ ଖାଇଛନ୍ତି ଯେ, ହଣ୍ଡିଶାଳର ସକଳ ସମ୍ପଦ ଶେଷ ହୋଇଯାଇଛି। ବଳରାମଙ୍କ ଭୋକ ତଥାପି ଅଶାନ୍ତ। ଦାସୀମାନେ ପେଜମିଶା ଭାତ ଦେଇଛନ୍ତି। ତଥାପି ପତ୍ର ପାଖରୁ ଉଠୁନାହାନ୍ତି ସେ। କାକୁସ୍ଥ ଦାସୀମାନେ। ଶେଷକୁ ଅତୃପ୍ତ ବଳରାମ କହୁଛନ୍ତି-

ବଳରାମ ବୋଇଲେ ବ୍ରାହ୍ମଣୀ ହୋଇଲକି ବାଇ
ପେଟ ମୋର ପୂରିନାହିଁ ଉଠିଯିବି କାହିଂ।
ଭୁଞ୍ଜାଇ ବସାଇ ଥାଇ ଅପୂରା କରାଇଲେ
ଏ ପୁଣି କେବଳ କଥା କହ ମୋତେ ଭଲେ
ଭାତ ଯେ ରାନ୍ଧିଲ ପେଜ କି କଲଟି ତୁମ୍ଭେ
ହାଣ୍ଡି ଆଣ ଯାଇ ଖାଇବୁଟି ଆମ୍ଭେ।

ବଳରାମଙ୍କ ଆଚରଣ ଦାସୀମାନଙ୍କୁ କିମ୍ଭୂତ ଲାଗିଛି। ଲକ୍ଷ୍ମୀଙ୍କୁ ଯାଇ କହିଛନ୍ତି-

ଷାଠିଏ ପଉଟି ଅନ୍ନ ତିଉଣ ଚଉରାଶି
ଛପନ ଭୋଗ ଦୁଇ ଖାଇଲେଟି ବସି।

Digitized by srujanika@gmail.com

ଏଥିପରେ ବୋଲୁଛନ୍ତି ପେଜ ଆଣିଦିଅ ମୋତେ
ଯେଡ଼େବଡ଼ ରଙ୍କା ବୋଲି ନାହିଂଟି ଜଗତେ। (ଏ.ଏଲ.୧୪୦୦)

ଦେଢ଼ସୁରଙ୍କ ଆଚରଣ ଲକ୍ଷ୍ମୀଙ୍କୁ ମଜା ଲାଗିଛି। ମନେମନେ ହସି ଦେଇଛନ୍ତି। ମନ୍ତ୍ରରେ ଖାଦ୍ୟ ପ୍ରସ୍ତୁତ କରିଛନ୍ତି। ପରସି ଦେଇଛନ୍ତି ଦିଇ ଭାଇକି। ଯେତେ ଇଚ୍ଛା ସେତେ। ଏବେ ଭୋକ ଶାନ୍ତ ।

ଲକ୍ଷ୍ମୀ ଦିଇଭାଇଙ୍କ ବସିବାପାଇଁ ରତ୍ନଖଟ ପକେଇ ଦେଇଛନ୍ତି। ସେମାନେ ବସିଛନ୍ତି। ହାତରେ ଧରେଇ ଦେଇଛନ୍ତି ବିଡ଼ିଆପାନ। ପାନ ଖାଇ ଦିଇଭାଇ ରତ୍ନଖଟ, ଝରି, ପିଡ଼ା ଓ ଖାଦ୍ୟ ବିଷୟରେ କଥା ହେଉଛନ୍ତି। ପ୍ରତ୍ୟେକ ପଦାର୍ଥ ନିଜର ନିଜର ଲାଗୁଛି। ନିଜକୁ ଚଣ୍ଡାଲୁଣୀ ପରିଚୟ ଦେଉଥିବା ନାରୀ ଜଣକ ଯେ ସ୍ୱୟଂ ଲକ୍ଷ୍ମୀ- ଏକଥା ଭେଦିବାକୁ ସମୟ ଲାଗିନାହିଁ।

ଏହା ପରର ଘଟଣା ବିଭିନ୍ନ ପୋଥିରେ ଭିନ୍ନଭିନ୍ନ ପ୍ରକାରର। ଗୋଟିଏ ପୋଥିର ବର୍ଣ୍ଣନା ଏହିପରି:

ଦୁଇଭାଇ ଖାଇସାରି ଖଟ ଉପରେ ବସିଛନ୍ତି। ତୁଣ୍ଡରେ ଭାଷା ନାହିଁ। ଲକ୍ଷ୍ମୀ ଭାବିଛନ୍ତି, ଏତେ ଶରଧାରେ ଖାଦ୍ୟ ପରଷି ଦେଲି। ତ୍ରୈଲୋକ ଗୋସାଇଁ କିଛି କହୁନାହାନ୍ତି କାହିଁକି ? ଖାଦ୍ୟର ସୁଆଦର କ'ଣ ମୋତେ ଚିହ୍ନି ପାରିଲେ ନାହିଁ। ନା ଅଭିମାନ କରିଛନ୍ତି ମୋ ଉପରେ ? ଦ୍ୱନ୍ଦ୍ୱ ଘନ ହୋଇଛି। ଗୋବିନ୍ଦଙ୍କ ପାଖରେ ଠିଆହୋଇ ପଚାରିଛନ୍ତି -

କମଳା ପଚାରିଲେ ଗୋବିନ୍ଦ ମୁଖ ଚାହିଂ
କଥାଯେ ପଚାରୁ ଅଛି ଶୁଣିମା ଗୋସାଇଂ ।
ଯେତେବେଳେ ଭୋଜନକୁ କଲ ହେ ଗମନ
କିସ ତୁମ୍ଭେ ଦୁଇଭାଇ ବିଚାରିଲ ମନ ?

ଜଗନ୍ନାଥ କପଟ ନରଖି ପଛଦିନର କଥା ଖୋଲି କହିଛନ୍ତି। ଲକ୍ଷ୍ମୀ ଘରୁ ବାହାରି ଯିବାର ବିବରଣୀ। ଲକ୍ଷ୍ମୀଙ୍କର ପୁଣି ପ୍ରଶ୍ନ-

ମହାଲକ୍ଷ୍ମୀ ବୋଇଲେ ହେ ଶୁଣିମା ଗୋସାଇଂ
କେଉଁଆଡ଼େ ଗଲେ ତାଙ୍କୁ ଖୋଜିଆଣ ଯାଇଂ।
ଲକ୍ଷ୍ମୀ ଥିଲେ ତୁମ୍ଭେ ଯେବେ ହୋଇଥିଲ ସୋସ୍ତ
କିମ୍ପାଇ ନ ଖୋଜ ତାଙ୍କୁ ପଠିଆଇ ଦୂତ ?

Digitized by srujanika@gmail.com

ଲକ୍ଷ୍ମୀ ପ୍ରସଙ୍ଗ କ୍ରମେ ରାମ ଓ ସୀତାଙ୍କ ଉଦାହରଣ ଦେଇଛନ୍ତି ଏବଂ ଶେଷରେ କହିଛନ୍ତି-

ତୁମ୍ଭର ଭାରିଯା ଯେ ଅଟଇ ପ୍ରମଲକ୍ଷ୍ମୀ
କେମନ୍ତ କରିଣ ହିୟା ଧରିଅଛ ମୃଛି ?

ଜଗନ୍ନାଥଙ୍କ ଉତ୍ତର - ଖୋଜୁଛୁ। ଭେଟ ପାଇଲେ, ଆଣିବୁ। କିନ୍ତୁ ଲକ୍ଷ୍ମୀ ଘରଛାଡ଼ି ଚାଲିଯିବାରେ କିଛି ଅସ୍ୱାଭାବିକତା ନାହିଁ। ଘର କଲେ, କଳି ରହିବ। କିଏ କଳହକୁ ବନ୍ଦ କରିପାରିବ ନାହିଁ।

କିମ୍ପାଇ ନଯିବେ ସେହି ସିନ୍ଧୁର ନନ୍ଦିନୀ
ଘର କଲେ କାହାଘରେ କଳି ନାହିଂ ପୁଣି।
ଦୋଷ ଯେ କଲାରୁ ତାଙ୍କୁ ଗାଳିଦେଲୁ ପୁଣି
ସେହି ଛାର କଥା କି ଧରିବେ କମଳିଣୀ।

ସେ ଆସିବେ। ନିଶ୍ଚୟ ଆସିବେ। ପତିପତ୍ନୀଙ୍କର ଅଭିମାନ ତୁଟିଛି।

ଅନ୍ୟ ଏକ ପୋଥିରେ ଲକ୍ଷ୍ମୀ ଦୁଇଭାଇଙ୍କୁ ଶୁଣେଇ ଶୁଣେଇ କହିଛନ୍ତି- ଏବେ ତ ଖାଇ ସାରିଲଣି, ଯେଣେ ଇଚ୍ଛା ତେଣେ ଯାଇପାର। ହଁ: ଯଦି ମନକହିବ, ପ୍ରତିମାସରେ ଥରେକରି ଆସୁଥିବ। ଭୋଜନ କରି ଚାଲିଯିବ। ଲକ୍ଷ୍ମୀଙ୍କର ଉପର୍ଯ୍ୟୁକ୍ତ ମାନସିକତାକୁ ଜଗନ୍ନାଥ ସହଜରେ ଗ୍ରହଣ କରି ପାରିନାହାନ୍ତି। ଲକ୍ଷ୍ମୀଙ୍କୁ ନିଜର ପତ୍ନୀ ଓ ଏହା ତାଙ୍କ ଘର ବୋଲି କହି ପକେଇଛନ୍ତି। ଲକ୍ଷ୍ମୀ ବ୍ରାହ୍ମଣଙ୍କ ତୁଣ୍ଡରୁ ଏପରି ବଚନ ଶୁଣି ରାଗରେ ନିଆଁ। ଜଗନ୍ନାଥଙ୍କୁ 'ମାଡ୍ରୁଆ' ବୋଲି କହିଛନ୍ତି।

ପତିପତ୍ନୀଙ୍କ କଳିରେ ମଧ୍ୟସ୍ଥ ହୋଇଛନ୍ତି ବଳରାମ। ଜଗନ୍ନାଥଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସେ ଯଦି ତୋର ପତ୍ନୀ, ହାତ ଧରି କ୍ଷମା ମାଗିନେ, ବଡ଼ ଦେଉଳକୁ ଯିବାପାଇଁ ଅନୁରୋଧ କର। ବର୍ଣ୍ଣନା ଏହିପରି।

ମାସକ ପରେ ଆମ୍ଭ ଘରକୁ ଆସୁଥିବ
ଆମ୍ଭ ଘରେ ଅନ୍ନଖାଇ ପଳାଇଣ ଯିବ।
ଗୋବିନ୍ଦ ବୋଇଲେ ମୋଡ଼ୀ ଦେଲା ଘଉଡ଼ାଇ
ଆମ୍ଭର ଯେ ଘରଦ୍ୱାର ଏହି ଯେ ଅଟଇ ।
ଗୋବିନ୍ଦ ବୋଇଲେ ମୋ ଭାରିଯା ଅଟୁ ତୁହି
ଲକ୍ଷ୍ମୀ ବୋଲେ ମାଡ଼ ତୁମ୍ଭେ ଲୋଡ଼ୁଛ ଗୋସାଇଂ।

Digitized by srujanika@gmail.com

ଅନ୍ନ ହିଂ ଖାଇଲ ତୁମ୍ଭେ ବସ୍ତ୍ର ହି ପିନ୍ଧିଲ
ଯିବାର ବେଳକୁ ମୋତେ ଭାରିଯା ହିଂ କଲ।
ବଳରାମ ବୋଇଲେ ଭାରିଯା ଯେବେ ଯେହି
ଦୁଇ ହସ୍ତ ଗୋବିନ୍ଦ ହେ ଧର କିନା ତୁହି।
ବଡ଼ ଦେଉଳକୁ ବିଜେ କର ଲକ୍ଷ୍ମୀଦେଈ
ବୋଲିବୁ ତୁ ଦଶଦୋଷ କ୍ଷମା କର ମୁହିଂ।

ଭାଇଙ୍କ ନିର୍ଦ୍ଦେଶକୁ ଜଗନ୍ନାଥ ସ୍ୱୀକାର କରିଛନ୍ତି। ଲକ୍ଷ୍ମୀଙ୍କ ହାତ ଧରିବାକୁ ଯାଇଛନ୍ତି। ମାତ୍ର ଲକ୍ଷ୍ମୀ ସ୍ୱାମୀଙ୍କ ପଦତଳେ ଓଳଗି ହୋଇଛନ୍ତି। ଦୁଇଦୁଇ ଆଖି ଏବେ ଗୋଟିଏ ଆଖି। ଲକ୍ଷ୍ମୀ କୌଣସି ସର୍ତ୍ତ ରଖିନାହାନ୍ତି। ନିଃସର୍ତ୍ତ ସମର୍ପଣ।

କମଳା ବୋଲନ୍ତି ପ୍ରଭୁ ମୁହିଂ ସ୍ତିରୀଜନ
ତୁମ୍ଭେ ମୋର ପ୍ରଭୁ ସିନା ନ ବୋଲ ଏମାନ। (ପୋଥି ନଂ. ଓ.ଏଲ ୯୯୪)

ଅନ୍ୟଜଣେ ଲିପିକାର ଜଗନ୍ନାଥ ଓ ଲକ୍ଷ୍ମୀ, ପତି-ପତ୍ନୀ ସମ୍ପର୍କକୁ ଦାସୀ ଓ ଜଗନ୍ନାଥଙ୍କ ଆଳାପ ମାଧ୍ୟମରେ ପ୍ରତିଷ୍ଠା କରିଛନ୍ତି।

ଦାସୀ ଜଗନ୍ନାଥଙ୍କୁ, ଭୋଜନାନ୍ତରେ, ଭିତର ଘରକୁ ଡାକି ନେଇଛି। ପୁରୁଷ ଜୀବନରେ ଘରଣୀର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। ଜଗନ୍ନାଥ କହିଛନ୍ତି -

ଜଗନ୍ନାଥ ବୋଇଲେ ଏ ନୋହଇ କେମନ୍ତ
ଘରକୁ ଘରଣୀ ସିନା ଦଇବର କୃତ୍ୟ ।
ନାନା ଉପାୟେ ଗୃରସ୍ତ ଧନ ଉପୁଜାଏ
ଭାରିଯା ନଥିଲେ ସେ ଗୃରସ୍ତ ଦୁଖପାଏ।
ବୁଝିସୁଝି ଘରଣୀ ତା କରେ କାରବାର

ଦେଶଧନ୍ଦା ଯେ ଗୃରସ୍ତର, ଦାସୀ ମାନିଦେଇଛି ଏବଂ ଜଗନ୍ନାଥଙ୍କ ଅସହାୟତା ପ୍ରତି ସମବେଦନା ଜଣାଇଛି।

ଜଗନ୍ନାଥ କିନ୍ତୁ ରସିକତା କରିଛନ୍ତି। କହିଛନ୍ତି - ମୋର ଏଇ ଯଦି ଭାରିଯା ହେବେ, ମନା ନାହିଁ।

ଜଗନ୍ନାଥ ବୋଇଲେ ଦାସୀର ମୁଖ ଚାହିଂ
ତୁମ୍ଭ ସାଏନ୍ତାଣୀଙ୍କି ପଚାରିଆସ ଯାଇଂ।

Digitized by srujanika@gmail.com

ଯୁବତୀର ଅର୍ଥେ ବୁଲୁଅଛୁ ଦେଶାନ୍ତର
ନଥିଲେ ସେହି ଭାରିଯା ହୁଅନ୍ତୁ ଆମ୍ଭର ।

ଦାସୀ କହିଛି-

ଦାସୀ ବୋଲେ ତୁମ୍ଭେ ପେଟକଷ୍ଟ ପାଉଥିଲ
ଓଦର ଶାନ୍ତ କରିଣ ଅତୀତ କହିଲ ।
ଆମ୍ଭ ସାଏନ୍ତାଣୀକି କରିବ ଭାରିଯା
ଏଡ଼େ କଥା କହିଲ କିଂଚିତେ ନାହିଂ ଲଜ୍ୟା ।

ଦାସୀ ଓ ଜଗନ୍ନାଥଙ୍କ ଆଳାପ ମଝିକୁ ଏଥର ବଳରାମ ଆସିଛନ୍ତି । ତରିଯାଇଛନ୍ତି ଏଇ ମହାକ୍ରୋଧୀ ଜଣକ । କହିଛନ୍ତି-

ବଳରାମ ବୋଇଲେ ଅଗ୍ୟାନ ଅଟେ ସେହି
ବାଳକ ପ୍ରକୃତି ତାର ଛାଡ଼ ଯାଇନାହିଂ ।
ବେଳେବେଳେ ନୃସିଂହ ଯେ ଝାଂକଇ ତାହାକୁ
ତୁମ୍ଭ ସାଏନ୍ତାଣୀ କୋପ ନ କରୁ ଯେହାକୁ ।

ବଳରାମଙ୍କ ଅନୁରୋଧ ଜଗନ୍ନାଥଙ୍କୁ ଅସହାୟ କରି ଦେଇଛି । ସେ ସ୍ପଷ୍ଟ କରିଦେଇଛନ୍ତି, ଏହି ନାରୀ ଜଣକ ଅନ୍ୟ କେହି ନୁହନ୍ତି, ସ୍ୱୟଂ ଲକ୍ଷ୍ମୀ ।

ଜଗନ୍ନାଥଙ୍କ ଉତ୍ତରରେ ପୁଲକିତ ହୋଇଛନ୍ତି ବଳରାମ । ଏବଂ କହିଛନ୍ତି-

ବଳରାମ ବୋଇଲେ ଯେବେ ଲକ୍ଷ୍ମୀଙ୍କର ଘର
ତୁମ୍ଭେ ଯାଇ ଏବେ ତାହାଙ୍କର ହସ୍ତଧର ।

x x x

ଆମ୍ଭେ ଦୋଷ କଲୁ ବୋଲି ବୋଲ ଜଗନ୍ନାଥ ।

x x x

ଅପରାଧକୁ ଆଉ ନଧର ଯୁକତି ।

x x x

ଲକ୍ଷ୍ମୀ ବୋଲି ଲୋକେ ଜଣେ ମୁହିଂ ନଜାଣଇଂ
ଜାଣିଥିଲେ ଘଉଡ଼ି ଦିଅନ୍ତି କାହିଂପାଇଂ ।
ହାଡ଼ିଦ୍ୱାରେ ଥାଉ ଲକ୍ଷ୍ମୀ ପାଣଦ୍ୱାରେ ଥାଉ
ସ୍ନାହାନ ନ କରି ବଡ଼ଦେଉଳକୁ ଯାଉ ।

Digitized by srujanika@gmail.com

ଅନ୍ୟ ଏକ ପୋଥିରେ, ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ସଂଳାପ ଟିକିଏ ଅଲଗା। ଜଗନ୍ନାଥଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଅନୁରୋଧକୁ ଲକ୍ଷ୍ମୀ ପୂରା 'ନା' କହି ଦେଇଛନ୍ତି। କହିଛନ୍ତି- ସେ କେବେ ଫେରିବେ ନାହଁ। ତାଙ୍କ ଘରେ କ'ଣ ଅଛି ଯେ, ସେ ଯିବେ? ଖାଇବାକୁ କ'ଣ ମୁଠିଏ ଦେଇ ପାରିବେ? ପୋଇଲୀ ପରିବାରି କ'ଣ ଅଛନ୍ତି ଏତେ କଥା ବୁଝିବାକୁ? ଆର୍ତ୍ତୀର ଘରେ ପୁଣି ସୁଖ, ଆନନ୍ଦ। ଯଦି ପାରୁଛ ତାଙ୍କ ଘରୁ କିଛି ନେଇଯାଅ। ଶେଷ ହୋଇଗଲେ, ମଝିରେ ମଝିରେ ଆସୁଥିବ। ଚଳିଯିବ।

ଲକ୍ଷ୍ମୀଙ୍କ କଠୋର ସତକଥା ବଳରାମଙ୍କ ବେଶ୍ ବାଧିଛି। କହିଛନ୍ତି:

ବଳରାମେ ବୋଇଲେ ମୋ ସିନ୍ଧୁର ତନଈ
ଧନ ଦ୍ରବ୍ୟେ ଆମର ମୋ କିଛି ଲୋଡ଼ା ନାହିଂ।
ତୁମ୍ଭେ ଗଲେ ସକଳ ସମ୍ପଦ ଆମ୍ଭେ ପାଇ
ଶୁଣି କରି କମଳିଣୀ ସାନନ୍ଦ ହୁଅଇ । (ଓ.ଏଲ. ୬୯୩)

ଅର୍ଥାତ୍, ପରିବାରରେ ପଦାର୍ଥ ନୁହେଁ, ନାରୀ ହିଁ ସମ୍ପଦ।

ପରିବା‌ରେ ନାରୀର ମହତ୍ତ୍ୱ ପ୍ରସଙ୍ଗରେ ପ୍ରାୟ ପ୍ରତ୍ୟେକ ପୋଥିରେ ବିଶଦ ବର୍ଣ୍ଣନା ରହିଛି। ପ‌ସଂଖ୍ୟାରେ ଯାହା ଅଳପ ଅଧିକ। କେଉଁ ପୋଥିରେ ଜଗନ୍ନାଥ ଓ ଅନ୍ୟତ୍ର ବଳରାମ ଦାସୀ ଅଥବା ଲକ୍ଷ୍ମୀଙ୍କ ପାଖରେ ନାରୀତ୍ୱର ରହସ୍ୟ ଖୋଲି ଦେଇଛନ୍ତି। କହିଛନ୍ତି- ନାରୀ ହିଁ ଶକ୍ତି। ସେ ଅନ୍ନ ଓ ଆନନ୍ଦ, ସୌନ୍ଦର୍ଯ୍ୟ ଓ ସମର୍ପଣ, ଗତି ଓ ମୁକ୍ତି, ସଂହତି ଓ ସହବନ୍ଧନ, ଶୃଙ୍ଖଳା-ଶୁଚିତା ଓ ଉତ୍ସାହ । ଅର୍ଥାତ୍ ଜୀବନର ସର୍ବମୂଳ ଅଧ୍ୟାତ୍ମ-ଅହଂକାର। ତେଣୁ ରହସ୍ୟମୟୀ । ଶକ୍ତି ପ୍ରତି ପୁରୁଷର ଅମର୍ଯ୍ୟାଦା ଓ ଶକ୍ତିର ସହୃଦୟହୀନ ଜୀବନଚର୍ଯ୍ୟା- ସଂସାରର ସକଳ ଅନଟନ ଓ ଦୁଃସ୍ଥିତିର କାରଣ। ସେ ପୁରୁଷ ପାଦର ପାଣ୍ଡୋଇ ନୁହେଁ, ଦାସୀ ନୁହେଁ, ବିପଣୀର କିଣା-ବିକା ସାମଗ୍ରୀ ନୁହେଁ, ଅନ୍ୟ କିଛି। ବଳରାମ ନାରୀ- ସଂକ୍ରାନ୍ତରେ ଆପଣା ବିଚାରକୁ ମଳମୁକ୍ତ କରିଛନ୍ତି। ଏବଂ ବଡ଼ଭାଇଙ୍କ ଇଚ୍ଛାକୁ ଯଥାର୍ଥ ଗତି ଦେଇଛନ୍ତି ଜଗନ୍ନାଥ। ତାଙ୍କ ପାଦ, ଧୀରେଧୀରେ ଏଥର ଭିତରପୁରର ଯାତ୍ରୀ ହୋଇଛି।

ଏହି ପାଦଦ୍ୱୁଇଟିର ସମ୍ମୋହନକୁ ଯେପରି ଅପେକ୍ଷା କରିଥିଲେ ଲକ୍ଷ୍ମୀ।

ସୁବର୍ଣ୍ଣ ଝରିରେ ଲକ୍ଷ୍ମୀ ଦେଲେ ପାଦଧୋଇ
ବସନରେ ପୋଛି କ୍ରୋଧେ ଗଦଗଦ ହୋଇ।

ଆଖି ଏଥର ପାଦରୁ ମୁହଁ । କଥା ଏଥର ପ୍ରଥମେ ଆଖିରେ। ଓଠରେ। ଓଠ ଖୋଲିଗଲା।

Digitized by srujanika@gmail.com

ଚଣ୍ଡାଳୁଣୀ ବାଦେ ମୋତେ ଘଉଡ଼ାଇ ଦେଲ
ଏବେ ତୁମ୍ଭେ ଆଉ ବା କି ବିଟାଳ ନୋହିଲ ?

ଓଠର ହସରେ କେବଳ ପ୍ରଶ୍ନ ଓ ଉତ୍ତର। ପରସ୍ପରର ଗୋଇ ତଡ଼ାନଡ଼ିକୁ ଦାମ୍ପତ୍ୟ କଳହ କହିପାରିବା। ଜଣକୁ କାହାକୁ ନଇମିବାକୁ ପଡ଼ିବ। ଦୁର୍ଭାଗ୍ୟ ସ୍ୱୟଂ ପୁରୁଷର।

ଟିକିଏ ହସ, ସ୍ମିତ ହସ । ଏବଂ, ଆଖିରେ ଦୁଷ୍ଟାମି। ମାନ, ଅଭିମାନ ଓ ରାଗଗୁଷାର ଔଷଦ।ଏପରି ଘଟଣାଗୁଡ଼ିକ କାଳେ ଯୁଗ୍ମ-ଜୀବନରେ ସ୍ୱାଭାବିକ। ନ ଘଟିଲେ ଜୀବନର ଅସଲ ସୁଖ ଓ ପୁଲକ କାଳେ ଅନନଭୂତ ରହିଯାଏ।

ଆଖି ଆଉ ଓଠର କଥା କିନ୍ତୁ ସହଜରେ ତୁଟେ ନାହିଁ। ଆତ୍ମା ଶବ୍ଦମୟ ହେବାକୁ ବାଧ। ଲକ୍ଷ୍ମୀ ଅଡ଼ି ବସିଛନ୍ତି, କୋବଲୋଉଛନ୍ତି- ହସରେ ଚଳିବନି, ତୁଣ୍ଡରେ ହଁ କହିବାକୁ ପଡ଼ିବ। କଥାମାତ୍ର ଏତିକି, ମାନିଯାଅ।

ଚଣ୍ଡାଳର ହସ୍ତୁ ଅର୍ଣ୍ଣ ବ୍ରାହ୍ମଣ ଖାଇବ
ବ୍ରାହ୍ମଣ ଖାଇଣ ହସ୍ତ ମୁଣ୍ଡରେ ପୋଛିବ।
ଅର୍ଣ୍ଣ ଖାଇ ଶିରେ ଯେବେ ନ ପୋଛିବ ହାତ
ବଡ଼ ଦେଉଳକୁ ମୁହିଂ ନ ଯିବି ଜଗନ୍ନାଥ।

ଜଗନ୍ନାଥ ଆଉ ଅଧିକ କିଛି କହିନାହାନ୍ତି, ଅଳପ କେତୋଟି ଶବ୍ଦ। 'ହଉ, ଚାଲ। ତମ କଥା କାଳ କାଳକୁ ରହିବ'। କେବଳ କହି ନାହାନ୍ତି, ହାତ ଧରିପକାଉଛନ୍ତି। ଶକ୍ତି ସଂଚରିଯାଇଛି ଚେତନାରେ। ପୁରୁଷ ଏବେ ପ୍ରାଣବନ୍ତ। ପୁରୁଷ ଓ ଶକ୍ତିର ମିଳନ। ମହା ନାଟକର ଆରମ୍ଭ ଯେମିତି, ଶେଷ ବି ସେମିତି। ଆସ, ଆମେ ଏକାଠି ରହିବା। ବ୍ୟକ୍ତି ହୋଇ ରହିବା। ଏକାଠି ରହିଲେ କଳି ଅନିବାର୍ଯ୍ୟ। କାରଣ, ବ୍ୟକ୍ତି ଯେଉଁଠି, କଳି ବି ସେଇଠି। ତେଣୁ କଳି କରିବା। ମାତ୍ର କଳହକୁ ଜୀବନ ବଞ୍ଚିବାପାଇଁ ବୀଜମନ୍ତ୍ର କରିବା ନାହିଁ। ସମ୍ମେଳନ ଓ ସହାବସ୍ଥାନକୁ ମନ୍ତ୍ର କରିବା। ଏହି ମହାମନ୍ତ୍ର ହିଁ ମହାଶକ୍ତି, ଜୀବନୀଶକ୍ତି- ଯାହା କଳହକୁ କେବଳ ମହାଆନନ୍ଦରେ ରୂପାନ୍ତର କରି ଦେଇପାରେ।

କେତେକ ପୋଥିରେ, ଶ୍ରୀମନ୍ଦିରରେ ବ୍ରାହ୍ମଣ, ଚଣ୍ଡାଳ ସହଭୋଜନ ପ୍ରସଙ୍ଗ ନାହିଁ। ଲକ୍ଷ୍ମୀ ଗେରସ୍ତଙ୍କ ପାଖକୁ ଫେରିବାପାଇଁ ସତେ ଯେପରି ଅସମ୍ଭାଳ ହୋଇ ପଡ଼ିଛନ୍ତି। ଜଗନ୍ନାଥ 'ଘରକୁ ଚାଲ'- ଯେମିତି କହି ଦେଇଛନ୍ତି, ତତ୍କ୍ଷଣାତ୍ ସଜବାଜ ହୋଇ ବାହାରି ପଡ଼ିଛନ୍ତି। ଭୁଲି ଯାଇଛନ୍ତି ପଛକଥା। ପୁରୁଷ ଲୋକ, ହାତଧରି ଭୁଲ ମାଗିଲାଣି। କାଇଲିମାଇଲି ହେଲାଣି। ଏଣେ ଦିଇଦିନ ହେଲା ପାଣି ଟୋପିଏ ବି ତୁଣ୍ଡକୁ ଯାଇନି। ବେଶି ଗୋଡ଼ କଚାଡ଼ିଲେ, ନଖରାମି କଲେ, ସତକୁ ସତ ଯଦି କ'ଣ କରି ପକେଇବ, ସେତେବେଳକୁ ଆଉ କଥା ସମାଳି ହେବନି। ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥିବ।

Digitized by srujanika@gmail.com

ସେ ଜଣେ ନାରୀ। ଜାଣେ, ତା'ର ଅସହାୟତା ଓ ସ୍ଥିତି। ପୁରୁଷ କି ପରିବାର ନଥିଲେ, ସେ ତା'ର କ୍ଷମତା ଜାହିର କରିବ କାହା ଉପରେ? ଯିବାକୁ ତ ହେବ, ଆଜି ନ ହେଲେ କାଲି। ତେଣୁ ଲକ୍ଷ୍ମୀ ଫେରୁଛନ୍ତି ଘରକୁ।

ଲକ୍ଷ୍ମୀ-ବଳରାମ-ଜଗନ୍ନାଥକୈନ୍ଦ୍ରିକ ଅହଂନାଟ ଶେଷ ହୋଇଛି। ସମୟର ଅବଧି ମାତ୍ର ଗୋଟିଏ ଦିନର ସକାଳୁ ତହିଁ ଆରଦିନ ଅପରାହ୍ନ। ପ୍ରାୟ ଛତିଶଘଣ୍ଟା। ବାରବର୍ଷ ନୁହେଁ। ସ୍ଥାନ ଶ୍ରୀମନ୍ଦିର, ବଡ଼ଦାଣ୍ଡ,ଚନ୍ଦ୍ରଭାଗା କି ବାଙ୍କି ମୁହାଣ । ଅର୍ଥାତ୍ ସମୁଦ୍ର କୂଳ। କେନ୍ଦ୍ରରେ ଶ୍ରୀୟା ଚଣ୍ଡାଳୁଣୀ ଓ ସମାଜ ବ୍ୟବସ୍ଥା। ଲାଗୁଛି, ପରିବାରଟି ଭାରି ଛୋଟ, ମାତ୍ର ବଡ଼, ଅବିଶ୍ୱାସନୀୟ ଭାବରେ ବଡ଼ । ପୂରା ସଂସାର।

ପରିବାରରେ ଶାନ୍ତି ଫେରୁଛି। ସେମାନଙ୍କ ଯାନ ଓ ବାହାନମାନ ଆସୁଛନ୍ତି। ଯେଝାଯେଝା ଯାନ ବାହାନରେ ସେମାନେ ବିଜେ କରୁଛନ୍ତି। ଦାସୀ ପରିବାରିମାନେ ଏବେ ସଜବାଜ ହୋଇ ଦାଣରେ। ସକଳଙ୍କ ମୁହଁରେ ହସ; ନାଚ ଆଉ ଗୀତର ଆବେଶ। ରଙ୍ଗ ଓ ରହସ୍ୟ। ହନୁମାନ ଆଉ ଅଷ୍ଟବେତାଳ ବି ସ୍ମରଣ ମାତ୍ରକେ ହାଜର ହୋଇ ଯାଉଛନ୍ତି। ଶ୍ରୀମନ୍ଦିରରୁ ରାତାରାତି ବୁହାହୋଇ ଆସିଥିବା ସକଳ ସମ୍ପଦ ସେମାନଙ୍କ ମାଧ୍ୟମରେ ଯଥାସ୍ଥାନକୁ ଫେରିଯାଉଛି। ଦେବତା, ଋଷି ଓ ଅପସରାମାନେ ଆସିଛନ୍ତି। ନାରଦ ବି। ମଜା, କାହିଁରେ କେତେ। ଶ୍ରୀମନ୍ଦିର ଏବେ ଏକ ଅଭିନବ ପରମ୍ପରା, ସହୃଦୟ ପରମ୍ପରାର ଅପେକ୍ଷା ରଖିଛି। ଯଥାର୍ଥତଃ, ବର୍ଣ୍ଣ ଓ କ୍ଷମତାଉତ୍ତର ଏକ ଅଧ୍ୟାତ୍ମ ପରିମଣ୍ଡଳ- ଶ୍ରୀମନ୍ଦିର।

ଶ୍ରୀମନ୍ଦିର, ବାସ୍ତବତଃ ଏକ କ୍ଷମତା ଓ ବ୍ରାହ୍ମଣ୍ୟବାଦ-ଔଦ୍ଧତ୍ୟମୁକ୍ତ ଆୟତନରେ ରୂପାନ୍ତରିତ ହୋଇଛି କି, ନା ବଳରାମ ଦାସଙ୍କ ସନ୍ଥ ମାନସିକତାର ଅତି କଳ୍ପନା- ଏହା ଅବଶ୍ୟ ଗୁରୁତମ ପ୍ରଶ୍ନ, ଉତ୍ତର ଏଯାବତ ଅନୁତ୍ତରିତ। ଅତିକଳ୍ପନାର ବୀଜମନ୍ତ୍ର ଯେ ଅଧ୍ୟାତ୍ମ, ଏହି ବାସ୍ତବତାକୁ ଆମେ କ'ଣ ଅସ୍ୱୀକାର କରିପାରିବା? କୁହାଯାଉ, ପ୍ରପଂଚ- ମଂଚରେ ଅଭିନୀତ ଏହା ଏକ ମହାନାଟକ। ଭାବନାଟକ।

ସାତ

ଆରମ୍ଭରୁ କହିଛୁ, ଲକ୍ଷ୍ମୀ ପୁରାଣର କଥା ଗୋଟିଏ ନୁହେଁ, ଅନେକ। ଅନ୍ନର ଏହି ଦେବୀ। ବ୍ୟକ୍ତି ଚେତନାରେ ଏକଦା ଉଦେ ହୋଇଛନ୍ତି- ବିଭିନ୍ନ ଭୂମିରେ। ଏବଂ, ଭୂମିର ବାସିନ୍ଦାମାନଙ୍କ ସାଂସ୍କୃତିକ ଅବବୋଧରେ ତିଆରି ହେଉଛନ୍ତି। ପ୍ରତିଲିପିକୃତ ପୋଥିଗୁଡ଼ିକୁ ଆଧାର କରି ଓଡ଼ିଶାର ପ୍ରାୟ ଚାରିଶହ ବର୍ଷର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ମଧ୍ୟ ବୁଝି ହେଉଛି। ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ବଳରାମ ଦାସଙ୍କ ପ୍ରତିଭା, ଏହି ଅନ୍ନଦେବୀଙ୍କୁ, କ୍ଷମତାସୃଷ୍ଟ ଏକ ବିଶ୍ୱାସ- ଆୟତନ ଶ୍ରୀଜଗନ୍ନାଥଙ୍କ

Digitized by srujanika@gmail.com

ମନ୍ଦିରରେ ତାଙ୍କ ମତେ ତିଆରି କରିଛି। ମାତ୍ର ଏହି ଗଢ଼ଣ ଭିତରେ ନିହିତ ଅନୁଭବ ଏପରି ଏକ ବୈଚାରିକ ପରିମଣ୍ଡଳ ତିଆରି କରିଛି ଯେ, ତାହା ସାମାଜିକ ଓ ସାଂସ୍କୃତିକ ବୈଚିତ୍ର୍ୟର ପୁନଃସର୍ଜନାର କାରଣ ହୋଇଛି। କାହାଣୀର ପୁନଃକଥକ ଓ ଲିପିକାର- ଉଭୟ ମାନସିକତାର ବ୍ୟକ୍ତିତ୍ୱ ନିଜନିଜର ବିଚାରକୁ ଓରଉଣ୍ଡି ମୂଳ ସହିତ ଖଞ୍ଜି ଦେଇଛନ୍ତି । ବହି ଖଣ୍ଡକର ଭାଷା, କାହାଣୀ ଓ ବର୍ଣ୍ଣନା- ସକଳରେ ନୂତନତା, ସ୍ୱାତନ୍ତ୍ର୍ୟ। ସେହି ନ୍ୟାୟରେ, ଆମେ ଲକ୍ଷ୍ମୀ ପୁରାଣକୁ ଖଣ୍ଡିଏ ନୁହେଁ, ଅନେକ କହି ପାରିବା।

ମୁଖବନ୍ଧଡ଼ ଆରମ୍ଭରେ ଏହି କଥା ଉଠାଯାଇଛି। ଶେଷରେ, ଆରମ୍ଭର ପୁନରାବୃତ୍ତି। ଏହାର କାରଣ, ବହିର କାହାଣୀକୁ କେନ୍ଦ୍ରକରି ଦୁଇଟି ସ୍ୱତନ୍ତ୍ର ବିଚାର। ପ୍ରଥମ ବିଚାର, ଶ୍ରୀ ସତ୍ୟପ୍ରକାଶ ମହାନ୍ତିଙ୍କର। ସେ ତାଙ୍କୁ 'ରାଡ଼ିକାଲ ଗଡ଼େସ' ଓ ନାରୀ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠାର ପ୍ରତୀକ କହିଛନ୍ତି। ଅନ୍ୟ ବିଚାର, ଶ୍ରୀ ଦାଶରଥି ଦାସଙ୍କର। ତାଙ୍କ ବିଚାରରେ, ଲକ୍ଷ୍ମୀ ରାଡ଼ିକାଲ ହୋଇ ପାରିବେ ନାହିଁ। ଆମ ବିଚାର କିନ୍ତୁ ନା ଏ କୂଳର, ନା ସେ କୂଳର। ଓହୋ କୂଳକୁ ଯୋଡୁଥିବା ଏକ ସେତୁ। କିପରି ?

ଆମ ବଳରାମଙ୍କ ଲକ୍ଷ୍ମୀ ଜଣେ ନାରୀ। ବ୍ୟକ୍ତି ସତ୍ତା। ଠିକ୍ ପୁରୁଷ ପରି। ମାତ୍ର ସେ ପୁରୁଷ ନୁହନ୍ତି, ଏକ ସର୍ଜନ-ଭୂମି। ତା ଦେହ ସେମିତି ତିଆରି ହୋଇଛି। ପୁରଷ ପରି ସେ ଅନ୍ୟ କାହା ସହ ଶାରୀରିକ ସମ୍ପର୍କକୁ ଗୋପନ କରି ରଖିପାରିବ ନାହିଁ। ଗୋପନୀୟତା ଭୂମିଷ୍ଠ ହେବ। ଏବଂ ଭୂମିଷ୍ଠ ସମ୍ପଦକୁ ସେ ଶକ୍ତି ଓ ଗତି ଦେବ। ତେଣୁ ସ୍ୱଭାବତଃ, ତାର ଦାୟିତ୍ୱ ଅଧିକ, ଅନ୍ୟ ବ୍ୟକ୍ତି ତୁଳନାରେ। ପାଳନକର୍ତ୍ତ୍ରୀର ଦାୟିତ୍ୱ। ତାର ପରିଚୟ ସମ୍ପର୍କରେ ଧର୍ମ, ଦର୍ଶନ ଓ ସାହିତ୍ୟ ଗ୍ରନ୍ଥରେ ନାନା କଥା କୁହାଯାଇଛି। ନାନା ଭିତରେ ସ୍ପଷ୍ଟତା ଏହିପରି। ଋକ୍ ବେଦରେ ଶ୍ରୀ ଓ ଶ୍ରୀସୂକ୍ତ ରହିଛି। ଏଥିରେ ବର୍ଣ୍ଣିତ ହୋଇଛି ତାର ରୂପ ଓ ଗୁଣ। ସେ ସୁବର୍ଣ୍ଣବର୍ଣ୍ଣ। ଦକ୍ଷିଣ ହାତରେ ଅଭୟ ମୁଦ୍ରା, ଅନ୍ୟ ହାତରେ ଆନତ ଶଙ୍ଖ। ଅନ୍ୟତ୍ର-ହାତରେ ଶସ୍ୟକେଣ୍ଡା ଓ ସ୍ୱର୍ଣ୍ଣମୁଦ୍ରା। ସେ ନନା ଅଳଂକାରଭୂଷିତା। ଗୋଟିଏ ଶବ୍ଦରେ ଅପରୂପା। ସେ ପୁଣି ଶୁଚୀମତୀ। ରୂପ, ଗୁଣ ଓ ଆଚରଣରେ ସେ ସରସ୍ୱତୀ ଓ ମହାକାଳୀଙ୍କଠାରୁ ସ୍ୱତନ୍ତ୍ର। ତାଙ୍କର ଦୁଇ ପୁଅ। କର୍ଦ୍ଦମ ଓ (ଉର୍ବର ଭୂମି) ଓ ସିକଳିତା (ଆର୍ଦ୍ରତା)। ସେ ଅନ୍ୟକୁ ସୁନା, ଗାଈ, ଘୋଡ଼ା ଓ ଦାସ ଦାନ କରିପାରନ୍ତି। ସେ ସ୍ୱୟଂ ଋକ୍, ପ୍ରଜ୍ଞାନ ଓ ଅନ୍ନ। ଅର୍ଥାତ୍ ମାତୃଦେବୀ। ଏବଂ, ସର୍ବୋପରି, ସେ ସବୁ କାଳରେ କ୍ଷମତା- ନିୟନ୍ତ୍ରିକା, ଅନୁଗତା ନୁହନ୍ତି। କ୍ଷମତା ଯେଉଁଠି ଅନ୍ୟକୁ ଅନ୍ନ ଓ ଅଧିକାରବଂଚିତ କରିଛି, କର୍ମ ସଂସ୍କୃତିକୁ ଅସ୍ୱୀକାର କରିଛି, ଅଶୁଚୀତାକୁ ଜୀବନମନ୍ତ୍ର କରିଛି, ଶ୍ରୀ ତାକୁ ପ୍ରତ୍ୟାଖାନ କରିଛନ୍ତି। ସେ ଅନ୍ନପୂର୍ଣ୍ଣା। ଅର୍ଥାତ୍ ଅନ୍ନଦାତ୍ରୀ। ଅନ୍ନ ହିଁ ଜୀବନୀଶକ୍ତି । ବଂଚିବା ପାଇଁ ସର୍ବମୂଳ ଆବଶ୍ୟକତା, ଗତିଶୀଳତା ଓ ଆନନ୍ଦର କାରଣ।

Digitized by srujanika@gmail.com

ତେଣୁ ତା ପାଖରେ ସମାଜ-ସୃଷ୍ଟ ବ୍ୟକ୍ତି ଓ ଗୋଷ୍ଠୀ-ପରିଚିତି (ଧନୀ-ଦରିଦ୍ର, ରାଜା-ପ୍ରଜା, ନାରୀ-ପୁରୁଷ, ସ୍ପୃଶ୍ୟ-ଅସ୍ପୃଶ୍ୟ)ର ସକଳ ଏକକ ଅର୍ଥହୀନ। ତେଣୁ ତାର ପରିଚିତିପାଇଁ ତିନୋଟି ଶବ୍ଦ ପ୍ରାଧାନ୍ୟ ପାଇଛି। ଶ୍ରୀ, ରମା ଓ ଲୋକମାତା। ତେଣୁ ସେ ସୌନ୍ଦର୍ଯ୍ୟ, ସୁରୁଚି, କ୍ଷମତା, ବିତ୍ତ ଓ ସାମ୍ୟ ଭାବର ଈଶ୍ୱରୀ। ଏବଂ, ତାଙ୍କ ପରିଚିତିରେ ଯେଉଁ ଦୁଇଟି ପ୍ରତୀକ ଗୁରୁତ୍ୱପୂର୍ଣ୍ଣ ସେଗୁଡ଼ିକ ପଦ୍ମଫୁଲ, ହାତୀ। ପଦ୍ମ ପଙ୍କରୁ ଜାତ, ମାତ୍ର ପାଣିକୁ ନିର୍ମଳ କରେ, ପତ୍ରରେ ପାଣି ଲାଗେ ନାହିଁ। ସୁନ୍ଦର, କୋମଳ - ତେଣୁ ଚିତ୍ତ-ପ୍ରସାଦକ। ଏବଂ, ଶ୍ୱେତହସ୍ତୀ, ଜଳ ଅର୍ଥାତ୍ ଜୀବନର ପ୍ରତୀକ।

ଆମ ପୁରାଣକାର ଓ ଦାର୍ଶନିକମାନେ 'ଶ୍ରୀ'ଙ୍କର ଏଇ ଋକ୍‌ବେଦୀୟ ପରିକଳ୍ପନାକୁ, ପରବର୍ତ୍ତୀ କାଳରେ, ନିଜ ନିଜ ଭାବରେ ଚର୍ଚ୍ଚା କରିଛନ୍ତି। *ମହାଭାରତ, ରାମାୟଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ଦେବୀ ଭାଗବତ, ସ୍କନ୍ଦପୁରାଣ* ଏବଂ ଶ୍ରୀରାମାନୁଜଙ୍କ ଶ୍ରୀ ସମ୍ପ୍ରଦାୟ ବି ଅଛନ୍ତି। କେଉଁଠି ସେ ଧର୍ମ, ଇନ୍ଦ୍ର, ବରୁଣଙ୍କ ସହ ମଧ୍ୟ ସମ୍ପୃକ୍ତ। ଏବଂ ସର୍ବୋପରି ଦେବ ଓ ଦାନବଙ୍କଦ୍ୱାରା ସମୁଦ୍ର ମନ୍ଥନ- ସମ୍ଭୂତ ବିଦ୍ୟାନାରୀ, ବିଷ୍ଣୁପତ୍ନୀ। ପାଳନକର୍ତ୍ତ୍ରୀ। ଏବଂ, ବିଷ୍ଣୁଙ୍କ ଅନନ୍ତଶୟନ କାଳରେ ସେ ତାଙ୍କ ପାଦ ପାଖରେ ବର୍ତ୍ତମାନ। *ବିଷ୍ଣୁପୁରାଣ* ବିଚାର ଅନୁସାରେ, ସେ ହିଁ ବିଷ୍ଣୁଙ୍କର ଜୀବନୀଶକ୍ତି। ମାତ୍ର ଗୁରୁତ୍ୱପୂର୍ଣ୍ଣ, ସନାତନ ବିଚାର ତାଙ୍କୁ ଦଶ ମହାବିଦ୍ୟା ମଧ୍ୟରେ ସର୍ବଶେଷ ସ୍ଥାନର ଅଧିକାରିଣୀ ଭାବରେ ଗ୍ରହଣ କରିଛି। ଅର୍ଥାତ୍ ସେ ଆତଙ୍କ ସୃଷ୍ଟିକାରିଣୀ, ସମ୍ମୋହନ ଓ ଅବିଦ୍ୟା।[୧୪] ବୌଦ୍ଧଧର୍ମ ମଧ୍ୟ ତାଙ୍କୁ, ସମୟକ୍ରମେ, ଗ୍ରହଣ କରିନେଇଛି। ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ସାଂଚି ଓ ଭାରହୁତ ସ୍ତୂପରେ ରହିଛି ତାଙ୍କ ପ୍ରତିମା। ସେ ପରିପୂର୍ଣ୍ଣସ୍ତନା। ପୂର୍ଣ୍ଣମାତୃତ୍ୱ। ତୃତୀୟ ଶତାବ୍ଦୀରେ ଆବିଷ୍କୃତ ବାସ୍ରାର ମାଟି ପାତ୍ରରେ ମଧ୍ୟ ସେ ପ୍ରତୀକାୟିତ। ବୌଦ୍ଧଧର୍ମର ପ୍ରମୁଖ ଦେବୀ ପଦ୍ମଫୁଲ ଆସୀନ ପ୍ରଜ୍ଞାପାରମିତା ଯେପରି ତାଙ୍କରି ପ୍ରତୀକ।

ଭାରତୀୟ ସ୍ଥାପତ୍ୟରେ, ଗଜଲକ୍ଷ୍ମୀଙ୍କ ଆବିର୍ଭାବ ଗୁପ୍ତ ଶାସନ କାଳରେ। ଦକ୍ଷିଣ, ଉତ୍ତର, ପଶ୍ଚିମ ଓ ପୂର୍ବ ଭାରତ-ସବୁଠାରେ ସେ। ଓ୍ୱାରଂଗଲର କାକତୀୟ ରାଜବଂଶର ଶାସନ କାଳରେ କାଞ୍ଚିପୁରମ୍‌ର ବରଦାରାଜ ମନ୍ଦିରରେ ସେ ବିଷ୍ଣୁଙ୍କ ପାଖରେ ରହିଛନ୍ତି। ନାଁ ତିରୁମଙ୍ଗଳ (ଶ୍ରୀଲକ୍ଷ୍ମୀ)। ତାଞ୍ଜାଭୁର ମନ୍ଦିରର ଅମୃତମନ୍ଥନ ଦୃଶ୍ୟରେ ସେ ବିଷ୍ଣୁଙ୍କ ପାଖରେ ଉଭା ହୋଇଛନ୍ତି। ଗୋଟିଏ ହାତରେ ପଦ୍ମଫୁଲ ଓ ଅନ୍ୟ ହାତରେ ବରଦ ମୁଦ୍ରା। ତ୍ରିଭାଙ୍କୁରସ୍ଥ ଏଟ୍ଟୁମାନୁର ମନ୍ଦିରରେ, ନଟରାଜ ଶିବଙ୍କ ତାଣ୍ଡବ ନୃତ୍ୟକୁ ତ୍ରିଶକ୍ତି (ପାର୍ବତୀ,ସରସ୍ୱତୀ ଓ ଲକ୍ଷ୍ମୀ) ଉପଭୋଗ କରୁଛନ୍ତି।[୧୫] ଓଡ଼ିଶାରେ ଗଜଲକ୍ଷ୍ମୀଙ୍କ ବର୍ତ୍ତମାନ ସ୍ପଷ୍ଟ ହୋଇଛି ଖଣ୍ଡଗିରିର ତୃତୀୟ ଗୁମ୍ଫାର ନିମ୍‌ଚାଳର ଉପରଭାଗ, ଭୁବନେଶ୍ୱର ବୈତାଳ (ଶକ୍ତି ମନ୍ଦିର, ୮ମ ଶତାବ୍ଦୀ) ଚୌରାଶିଆର ବାରାହୀ ଶକ୍ତି ମନ୍ଦିର, (୯ମ ଶତାବ୍ଦୀ),

Digitized by srujanika@gmail.com

ରାଣୀପୁର ଝରିଆଲର ସୋମେଶ୍ୱର (ଇଟାରେ ତିଆରି ଓଡ଼ିଶାର ପ୍ରାଚୀନ ଶିବ ମନ୍ଦିରର ଗର୍ଭଗୃହର ନିନଟାଲ: ୯ମ ଶତାବ୍ଦୀ), ସୁବର୍ଣ୍ଣପୁର ଜିଲ୍ଲାର ବୈଦ୍ୟନାଥପୁରସ୍ଥ କପିଳେଶ୍ୱର ମନ୍ଦିର (୯ମ ଶତାବ୍ଦୀ) ପ୍ରବେଶ ଦ୍ୱାରରେ, ଲିଙ୍ଗରାଜ ମନ୍ଦିରର ଭୋଗମଣ୍ଡପର ଉତ୍ତର ପାଖ (୧୦ମ ଶତାବ୍ଦୀ), ମୁକ୍ତେଶ୍ୱର ମନ୍ଦିରର ଜଗମୋହନ କବାଟର ନିନ୍‌ଟାଲ (୧୩ଶ ଶତାବ୍ଦୀ), ଅନନ୍ତ ବାସୁଦେବ ମନ୍ଦିରର ଜଗମୋହନ (୧୩ଶ ଶତାବ୍ଦୀ) ଏବଂ ଅନ୍ୟ ବହୁ ମନ୍ଦିରରେ। ଶାକ୍ତ, ଶୈବ ଓ ବିଷ୍ଣୁ ମନ୍ଦିରରେ ଗଜଲକ୍ଷ୍ମୀଙ୍କ ବର୍ତ୍ତମାନ ତାଙ୍କ ସର୍ବ ମାନ୍ୟତାର ପ୍ରମାଣ।[୧୬] ଚୈରାଶିଆସ୍ଥ ଏକ ସ୍ୱତନ୍ତ୍ର ମନ୍ଦିରରେ ଲକ୍ଷ୍ମୀ ନାରାୟଣ ପୂଜା ପାଉଛନ୍ତି ।[୧୭] ସୁବର୍ଣ୍ଣପୁରର କୋଶଳ-ଗୁପ୍ତ ଶାସନକାଳ (୧୦ମ-୧୨ଶ ଶତାବ୍ଦୀ)ରେ ପ୍ରାପ୍ତ ଏକ ରାଜକୀୟ ସିଲ୍‌ରେ ଖୋଦିତ ମାତଙ୍ଗୀ -ଗଜଲକ୍ଷ୍ମୀ ଚିତ୍ରକୁ ଆଧାର କରି ବିଜୟ ଚନ୍ଦ୍ର ମଜମୁଦାର ତାଙ୍କୁ ରାଜାଙ୍କ ଗୃହଦେବୀ ବୋଲି ଅନୁମାନ କରୁଛନ୍ତି।[୧୮]

ଏବେ ଶ୍ରୀ ମନ୍ଦିରର ପ୍ରସଙ୍ଗ। ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜିତ ମନ୍ଦିରର ନାମକରଣରେ ଶ୍ରୀମନ୍ଦିର ସଂଯୋଜନ ଲକ୍ଷ୍ମୀଙ୍କ ପ୍ରାଧାନ୍ୟ ଓ ଆଧିପତ୍ୟର ସୂଚକ। ଅର୍ଥାତ୍ ଘର ଯେପରି ସ୍ୱାମୀର ନୁହେଁ, ସ୍ତ୍ରୀର। କ୍ଷେତ୍ରର ନାଁ ଶ୍ରୀକ୍ଷେତ୍ର। ପୁରୁଷୋତ୍ତମ କ୍ଷେତ୍ର ଅବଶ୍ୟ କୁହାଯାଉଛି, ମାତ୍ର ପ୍ରଥମରେ ଶ୍ରୀ ସଂଯୋଜିତ। ପ୍ରଭୁଙ୍କ ପ୍ରସାଦ ବିମଳାଙ୍କୁ ସମର୍ପିତ ହେଲା ପରେ, ମହାପ୍ରସାଦ ହୁଏ। ସେ ଶକ୍ତିରୂପା। ରୋଷଘରର ମାଲିକାଣୀ ସ୍ୱୟଂ ଲକ୍ଷ୍ମୀ। ଜଗନ୍ନାଥଙ୍କ ଦୁଇ ପାଖରେ ବର୍ତ୍ତମାନ ଶ୍ରୀଦେବୀ ଓ ଭୂଦେବୀ। ଏବଂ, ସେ ଶ୍ରୀଯନ୍ତ୍ର ଆସୀନ। ଆପଣା ସ୍ୱାଧୀନତାକୁ ଉପଭୋଗ କରିବାପାଇଁ ସେ ନିଜପାଇଁ ସ୍ୱତନ୍ତ୍ର ଘର ମଧ୍ୟ ତିଆରି କରିଛନ୍ତି। ଏବଂ, ଲକ୍ଷ୍ମୀ ପୁରାଣ କାହାଣୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଶ୍ରୀଜଗନ୍ନାଥ ଓ ବଳଭଦ୍ର ନିଜ ଶକ୍ତି ସମ୍ପର୍କରେ ସଚେତନ, ଅମିତ ପରାକ୍ରମଶାଳୀ। ମାତ୍ର ଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ସେମାନେ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ଶକ୍ତିଇଚ୍ଛାର ଯେପରି କିଂକର। ଏହା ତନ୍ତ୍ରଯାନର ମହାମନ୍ତ୍ର। ଅସହାୟ ପୌରୁଷର ବୈକଲ୍ୟକୁ ଆମେ ଶାକ୍ତଚେତନାର ପ୍ରାଧାନ୍ୟ ବୋଲି କହିପାରିବା। କହିବା, ଏହା ଦର୍ଶନର କଥା। ମାତ୍ର ସାଂସାରି ଜୀବନ ଯେ ମୂଳତଃ ଶକ୍ତି-ନିୟନ୍ତ୍ରିତ, ଏହି ବାସ୍ତବତାକୁ ଆମେ ଅସ୍ୱୀକାର କରିପାରିବା କି ? ବଳରାମ ଦାସ ନାମକ ଜଣେ ପ୍ରତିଭା, ଶ୍ରୀ ନାମରେ ପରିଚିତ ଏକ କ୍ଷେତ୍ରସ୍ଥ ଈଶ୍ୱରୀଙ୍କ ଲୋକମାତୃତ୍ୱକୁ ଅନୁଭବ କରିଛନ୍ତି ଏବଂ ସମକାଳର ବ୍ରାହ୍ମଣ୍ୟବାଦ ଅଧ୍ୟୁଷିତ ସାମାଜିକ ଓ ସାଂସ୍କୃତିକ ଧର୍ମ-ବିଶ୍ୱାସର ସ୍ୱରକୁ ଅଧ୍ୟାତ୍ମ-ସଂବୋଧି କରିବାପାଇଁ 'ମାତୃତ୍ୱ'କୁ ମନ୍ତ୍ର କରିଛନ୍ତି। କାହାଣୀ ତିଆରି କରୁଛନ୍ତି। କାହାଣୀକୁ ଆମୂଳଚୂଳ ପଢ଼ିଲା ବେଳକୁ ଲାଗୁଛି-ଏହା ଏକ ପ୍ରତିବାଦ। ମାତୃତ୍ୱର ପ୍ରତିବାଦ କ୍ଷମତା ବିରୋଧରେ,ପତ୍ନୀତ୍ୱର ପ୍ରତିବାଦ ପୁରୁଷପ୍ରଧାନ ସାମାଜିକ ଓ ସାଂସ୍କୃତିକ ସ୍ଥିତାବସ୍ଥା

Digitized by srujanika@gmail.com

ବିରୋଧରେ। ଉଦ୍ଦେଶ୍ୟ-ଏକ ଅହଂପୀଡ଼ିତ ପ୍ରାଶାସନିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାର ପୁନରାବଲୋକନ ଓ ପୁନଃନିର୍ମାଣ। ସେହି ନ୍ୟାୟରେ, ସତ୍ୟପ୍ରକାଶ ମହାନ୍ତିଙ୍କ ଶବ୍ଦରେ, ଲକ୍ଷ୍ମୀଙ୍କୁ 'ରାଡ଼ିକଲ' ଏବଂ ନାରୀ ସ୍ୱାତନ୍ତ୍ର୍ୟ ଓ ଜାତି-ସାମ୍ୟବୋଧର ପ୍ରତୀକ କହିବା ଅସମୀଚୀନ ହେବ କାହିଁକି ?

ଏବେ ଦାଶରଥି ଦାସଙ୍କ 'ଲକ୍ଷ୍ମୀପୁରାଣ' ସଂକ୍ରାନ୍ତ ବିଚାର ପ୍ରସଙ୍ଗ। ତାଙ୍କର ମନ୍ତବ୍ୟ, ଲକ୍ଷ୍ମୀବ୍ରତ ପାଳନ କଥା ବଳରାମଙ୍କ ପୂର୍ବରୁ ଏ ଭୂମିରେ ଥିଲା। ସଂସ୍କୃତ ସାହିତ୍ୟ ତା'ର ଉଦାହରଣ। ଏବଂ, ଲକ୍ଷ୍ମୀ ପୁରାଣ ଏକ ବ୍ରତ କଥା ହୋଇଥିବାରୁ ବ୍ରତ ପାଳନର ଧର୍ମ ଏଥିରେ ପ୍ରତିଫଳିତ ହେବା ସ୍ୱାଭାବିକ। ସେ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା)ଙ୍କ ଉପସ୍ଥିତିର ପ୍ରାମାଣିକ ଇତିହାସର ବ୍ୟାଖ୍ୟା କରୁଛନ୍ତି ଏବଂ ସ୍ପଷ୍ଟ କରିଦେଉଛନ୍ତି, ଗୟା ପ୍ରସାଦ ତ୍ରିପାଠୀଙ୍କ ପ୍ରବନ୍ଧ ଆଧାରରେ, ସେ ଚତୁର୍ଦ୍ଦଶ ଶତାବ୍ଦୀର ସଂରଚନା।[୯] ତାଙ୍କର ସ୍ପଷ୍ଟ ମନ୍ତବ୍ୟ, ଶ୍ରୀମନ୍ଦିରରେ ମହାପ୍ରସାଦ ସେବନରେ ଜାତିଭେଦ ପ୍ରଥାର ପ୍ରାଧାନ୍ୟ ନ ଥିଲା, ମହାପ୍ରସାଦ ପରମାନ୍ନ, ସ୍କନ୍ଦପୁରାଣ ଏହାକୁ ଶାସ୍ତ୍ରୀୟମାନ୍ୟତା ଦେଇଛି ଏବଂ ଲୋକମାନ୍ୟତା ଦେଇଛି ଲକ୍ଷ୍ମୀ ପୁରାଣ। ତେଣୁ ଲକ୍ଷ୍ମୀ ପୁରାଣ ଅନ୍ନପୁରାଣ। ଲକ୍ଷ୍ମୀ ଶ୍ରୀୟା ଚାଣ୍ଡାଳୁଣୀ ଘରେ କିଛି ବୋଲି କିଛି ଖାଇ ନାହାନ୍ତି, ଦଣ୍ଡେ ଠିଆ ହୋଇଛନ୍ତି। ସେ ପୁଣି ଅନ୍ୟ କୌଣସି ଜାତିର ନାରୀ ବେଶରେ ନୁହେଁ, ବୁଢ଼ୀ ବ୍ରାହ୍ମଣୀ ରୂପରେ ନଗ୍ର ପରିକ୍ରମା କରିଛନ୍ତି। ସେ ସ୍ୱାମୀଙ୍କ ଅନୁମତି ନେଇ ବାହାରକୁ ଯାଇଛନ୍ତି, ଏବଂ ସ୍ୱାମୀସେବାରେ ନାରୀର ପୂର୍ଣ୍ଣତା ଓ ସ୍ୱାମୀ-ବ୍ୟକ୍ତିତ୍ୱର ସ୍ୱୀକୃତି ନାରୀର ପରମ ଧର୍ମ ବୋଲି ଘୋଷଣା କରିଛନ୍ତି। ତାଙ୍କ ଭାଷାରେ 'ପତିବିନୁ ସ୍ତିରୀଙ୍କର ନାହିଁ ଅନ୍ୟଗତି'। ଏପରିକି ସ୍ୱାମୀଙ୍କର ପାଦଧୁଆ ପାଣି ମଧ ପିଇ ଯାଇଛନ୍ତି। ସ୍ୱାମୀଙ୍କୁ ପାଖରେ ପାଇ ନିସ୍ତରିଲି , କୋଟି କୋଟି ଜନ୍ମର ପାତକ କ୍ଷୟ ଗଲା ବୋଲି ଶବ୍ଦରେ ପୁଲକିତ ହୋଇଛନ୍ତି। ସେ ବଳରାମ ଓ ଜଗନ୍ନାଥଙ୍କ ବିରୋଧରେ ଅବଶ୍ୟ ଅଧିକାର ଜାହିର କରିଛନ୍ତି। ଅଭିଶାପ ଦେଇଛନ୍ତି-ତମକୁ ଅନ୍ନଜଳ ନ ମିଳୁ। ମୋତେ ଚଣ୍ଡାଳୁଣୀ ବୋଲି କହିଲ, ମାତ୍ର ଏଇ ଚଣ୍ଡାଳୁଣୀ ଅନ୍ନ ନ ଦେବା ପର୍ଯ୍ୟନ୍ତ ତମେ ଅଭୁକ୍ତ ରହିବ। ସେ ଅଭିଶାପ କୌଶଳ ଅବଲମ୍ବନ କରି ନିଜର ସେହି ସ୍ୱଚ୍ଛନ୍ଦତା ହାସଲ କରିଛନ୍ତି। ନାରୀ ଓ ପୁରୁଷର ବିଭାଜନ ଅଧିକାରଗତ ଓ ପରିସରଗତ। ଲକ୍ଷ୍ମୀ, ବଳରାମ କି ଜଗନ୍ନାଥଙ୍କର ଅଧିକାର କି ସ୍ୱାଧୀନ ପରିସର ଉପରେ ହସ୍ତକ୍ଷେପ କରି ନାହାନ୍ତି, ସେ ନିଜପାଇଁ ସ୍ୱଚ୍ଛନ୍ଦ ଅଧୀନତା ଭିତରେ ସ୍ୱାଧୀନ ପରିସରଟିଏ ଚାହିଁଛନ୍ତି ମାତ୍ର। ତାହା ହିଁ ଭାରତୀୟ ନାରୀପାଇଁ ଯଥେଷ୍ଟ। ତେଣୁ ଯେଉଁମାନେ ଭାବନ୍ତି ଘୋର ବୈପ୍ଲବିକ ସ୍ୱପ୍ନଟିଏ ଦେଖାଇଛନ୍ତି ଲକ୍ଷ୍ମୀ ପୁରାଣକାର, ସେମାନେ ତାଙ୍କ ବିଚାରର ପୁନର୍ବିଚାର କରିପାରନ୍ତି।[୧୦]

Digitized by srujanika@gmail.com

ଦାଶରଥିଙ୍କ ଯୁକ୍ତିକୁ ପୂର୍ଣତଃ ଅମୂଳକ କହିହେବନାହିଁ, ମାତ୍ର ଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇ ପାରିବ। ଏବଂ, ଏହି ଭିନ୍ନ ବିଚାର ତାଙ୍କ ଚର୍ଚ୍ଚାରେ ମଧ୍ୟ ରହିଛି। ସେ ଯେଉଁ ଲକ୍ଷ୍ମୀ ପୁରାଣକୁ ଆଧାର କରି ନିଜ ବିଚାର-ସୌଧ ତିଆରି କରିଛନ୍ତି, ତାହା ବଳରାମଙ୍କ ଲକ୍ଷ୍ମୀ ପୁରାଣର ବଜାର ସଂସ୍କରଣ। ତାହା ବ୍ରତକଥା- ପ୍ରଧାନ। ପୁଣି ବଳରାମଙ୍କ ଲକ୍ଷ୍ମୀକଥା ବହୁ ବଳରାମ ଓ ଅନ୍ୟ ବଳରାମମନସ୍କମାନଙ୍କଦ୍ୱାରା କେତେ ମାତ୍ରାରେ ବିକୃତାୟିତ, ଏହି ଗ୍ରନ୍ଥରେ ମୁଖବନ୍ଧରେ ତାହା ପୂର୍ବରୁ ଆଲୋଚିତ ହୋଇଛି। ମାତ୍ର ସଂକ୍ଷେପରେ ଆମ ବକ୍ତବ୍ୟ, ଲକ୍ଷ୍ମୀ ଆମ ସାଂସ୍କୃତିକ ଅଭିବ୍ୟକ୍ତି। ପୁରୁଷପ୍ରଧାନ ସମାଜବ୍ୟବସ୍ଥାରେ ସେ ସମଭାବରେ ନିରବ ଓ ମୁଖର। ସେ ଯେତିକି ଲୌକିକ, ସେତିକି ଅଲୌକିକ; ଯେତିକି ସହିଷ୍ଣୁତା, ସେତିକି ପ୍ରତିବାଦ। ସେ ମା', ପ୍ରେମିକା ଓ ପତ୍ନୀ। ସେ କ୍ରୋଧ ଓ ଅଭିମାନ। ଏକ କଳାତ୍ମକ ବିରୋଧାଭାସ। କେବଳ ସେ ନୁହନ୍ତି, ବଳରାମ, ଜଗନ୍ନାଥ ଏବଂ ତାଙ୍କ ଆଚରଣ ଓ ବଚନରେ ଆମେ ଆମ ସାଂସ୍କୃତିକ ଓ ସାମାଜିକ ଜୀବନଚର୍ଯ୍ୟାକୁ ଅନୁଭବ କରିପାରିବା। ଏବଂ, ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଆଳାପକୁ କହିପାରିବା, ସମର୍ପିତ ଦାମ୍ପତ୍ୟପ୍ରେମ। ଜଣେ ଅନ୍ୟ ଜଣଙ୍କର ଅନୁପସ୍ଥିତିକୁ ସ୍ୱୀକାର କରିପାରୁନି।

ଲକ୍ଷ୍ମୀ ପୁରାଣର ଶେଷଦୃଶ୍ୟ ପାଖକୁ ଆସିବା। ବିଚ୍ଛେଦର ମାତ୍ର ଦେଢ଼ଦିନ ଗତ ପ୍ରାୟ। ଜଗନ୍ନାଥ ଲକ୍ଷ୍ମୀଙ୍କ ଉଆସ ଭିତରକୁ ଆସୁଛନ୍ତି। ଏବଂ, ଲକ୍ଷ୍ମୀ କବାଟ ଫାଙ୍କରେ ଅନିଷା କରିଛନ୍ତି ତାଙ୍କୁ। ମଣିଷଟା ଦେଢ଼ଦିନ ହେଲା ଖାଇନି। କେମିତି ଦିଶୁଥିବ? ମୁହଁ ଶୁଖି ଯାଇଥିବ। ମାତ୍ର ଦେଖିଛନ୍ତି,ମୁହଁରେ ସ୍ମିତହସ। ମନେମନେ କହୁଛନ୍ତି, କେମିତିଆ ମଣିଷଟା କେଜାଣି? ଏବଂ, ସବୁଠାରୁ ମଜା କଥା, ଶ୍ରୀମନ୍ଦିର ଛାଡ଼ିବା ପରଠାରୁ ସେ ନିଜେ ବି ଅଭୁକ୍ତା। ଖୋଲାକେଶ, ଅଳଙ୍କାରହୀନା। ଅପେକ୍ଷା, ସେ କେତେବେଳେ ଆସିବେ। ସେ ଆସୁଛନ୍ତି। ନିଜ ହାତରେ ରୋଷେଇ କରି ଦାସୀ ହାତରେ ବାଢ଼ି ଦେଉଛନ୍ତି। ଏବଂ, ଦେଖୁଛନ୍ତି ବଡ଼ଖିଆର ଦୟନୀୟତା ଓ ଆନନ୍ଦ। ଜଗନ୍ନାଥ ଖାଇ ସାରି ଧୀରେଧୀରେ ଭିତର ଘରକୁ ଆସୁଛନ୍ତି। ଲକ୍ଷ୍ମୀଙ୍କ ଆଗରେ ସେ। ଚାରି ଆଖି, ଦୁଇ ଓଠ ଏବେ ଗୋଟିଏ। ସବୁଠି ନିରବତା। ତା ପରେ ଅଭିମାନ, କ୍ରୋଧ ଓ ଅଧିକାର । ହଁ କହିଲେ, ଯିବି; ନା କହିଲେ, ତମେ ଯାଅ। ଉତ୍ତର- ଘର କଲେ କଳି ଥାଏ। ତମ ଇଚ୍ଛା। ଯିବ ନା?; ନା, ହଁ ହୋଇଯାଏ। ଦେବତାର ଏହା ମାନବାୟନ। ଲୌକିକତା। ଆମ ଘରକଥା। ମାତ୍ର ବଳରାମ ଏଇଠି ବେଶ୍ ସଚେତନ ଭାବରେ ଶବ୍ଦଟିଏ ଖଞ୍ଜି ଦେଇଛନ୍ତି - ଜଗତମାତା। ଲୋକମାତା। ଲକ୍ଷ୍ମୀ ପତ୍ନୀ ସତ୍ୟ। ମାତ୍ର ସେମାନେ? ସେମାନେ ଇ ମୁଁ ଓ ଆମେ। ଶେଷକୁ ବଳରାମ ହିଁ ମଧ୍ୟସ୍ଥ। ବଳରାମ,

Digitized by srujanika@gmail.com

ଏକ ଅହଂକାର- ଯାହାଙ୍କ ଅଧିକାରବୋଧ ହିଁ ଲକ୍ଷ୍ମୀ ପୁରାଣ ପରିକଳ୍ପନାର କାରଣ। କହୁଛନ୍ତି, ଘରକୁ ଘରଣୀ ଇ ସୁନ୍ଦର। ଶେଷକୁ ତିନିହେଁ ନିଜନିଜ ଯାନରେ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ଜଗତରେ ସୁଖ ଫେରୁଛି। ଆନନ୍ଦ ଫେରୁଛି। ଆନନ୍ଦବଜାରରେ ଏବେ ସକଳଙ୍କ ହାତରେ ଅନ୍ନ।

ଅନ୍ନ ହିଁ ଆନନ୍ଦ। ଜୀବନ ବଞ୍ଚିବାର ସର୍ବମୂଳ ଆବଶ୍ୟକତା। ଜୀବନ ଭୂମିରେ ବ୍ୟକ୍ତି ସ୍ୱତନ୍ତ୍ର, ପରିବାର ସ୍ୱତନ୍ତ୍ର, ସମ୍ପ୍ରଦାୟ ସ୍ୱତନ୍ତ୍ର ଏବଂ ଜଗତ ବି। ପ୍ରତ୍ୟେକଙ୍କ ସ୍ୱାତନ୍ତ୍ର୍ୟ ଓ ସ୍ଥିତି ଅନ୍ନ-ନିୟନ୍ତ୍ରିତ। ତେଣୁ ଅନ୍ନପାଇଁ ଝଗଡ଼ ଅନିବାର୍ଯ୍ୟ। ମାତ୍ର ଅନିବାର୍ଯ୍ୟର ସର୍ବମୂଳତା ହିଁ ଆତଙ୍କର କାରଣ। ଆତଙ୍କ ନିର୍ମୂଳୀକରଣର ମନ୍ତ୍ର ସହୃଦୟତା। ମିତ୍ରତା। ଅନ୍ୟ ଶବ୍ଦରେ କହିଲେ-ପ୍ରେମ। ଏବଂ, ପ୍ରେମର ଭୂମି ସବୁ କାଳରେ ସ୍ୱାଧୀନବୋଧ ଓ ସମର୍ପଣ ମାନସିକତାର ମିଶ୍ରରାଗ। ଆମ ଲକ୍ଷ୍ମୀପୁରାଣ ଠିକ୍ ଏଇ କଥା ଇ କହୁଛି। ପୁରୁଷ ନାରୀକୁ ଦ୍ୱିତୀୟ ମଣୁଛି ଏବଂ ନାରୀ ପୁରୁଷର ଏହି ମାନସିକତାର ପ୍ରତିବାଦ କରୁଛି। ନାରୀ ବିବାହ ପରେ ପୁରୁଷ ଘରେ ରହୁଛି ବୋଲି ସେ ପୁରୁଷନିର୍ଭର ଓ ପୁରୁଷର ସେବିକା / ଦାସୀ ହେବ କାହିଁକି ? ପୁଣି, ଦର୍ଶନରେ ଯଦି ନାରୀ ପ୍ରଥମ ଓ ପୁରୁଷର ସ୍ଥିତି, ଗତି ଓ ମୁକ୍ତିର କାରଣ, ସେ ଦ୍ୱିତୀୟ ହେବ କାହିଁକି ? ନାରୀ ବହୁ ଭାବର ପ୍ରତୀକ- ପ୍ରେମ, ସମର୍ପଣ, ସମ୍ମୋହନ ଓ ତ୍ୟାଗ। ଅସମ୍ଭବର ସମ୍ଭବାୟନ କେବଳ ତା ପକ୍ଷରେ ଇ ସତ୍ୟ। ପୁରୁଷ ତାକୁ ଅସୂର୍ଯ୍ୟପଶ୍ୟା, କୁଳପାଳିକା ଏବଂ ବିନୋଦନର ସାମଗ୍ରୀ ମଣିବା, ନାରୀ ପ୍ରତି ଅମର୍ଯ୍ୟାଦା ଓ ପୁରୁଷର ନିର୍ବୋଧତା। ନାରୀ କେତେ ଅମିତ ଶକ୍ତିର ଅଧିକାରିଣୀ, ତାହା ବଳରାମ ପ୍ରମାଣ କରି ଦେଇଛନ୍ତି। ଇଙ୍ଗିତ ମାତ୍ରକେ ତାଙ୍କ ସନ୍ତାନମାନେ ଶ୍ରୀମନ୍ଦିରକୁ ଶ୍ରୀହୀନ କରି ଦେଇଛନ୍ତି। ଏବଂ, ଶ୍ରୀହୀନତାକୁ ଶ୍ରୀମୟୀକରଣରେ ମଧ ତାଙ୍କୁ ଅଧିକ ସମୟ ଲାଗି ନାହିଁ। ଏହି ଉଭୟ ଅସାଧ ସାଧନରେ ମନ୍ତ୍ର ହେଉଛି ମାତୃତ୍ୱ- ଯାହା ପୁରୁଷ ପକ୍ଷରେ ପ୍ରାୟତଃ ଅସମ୍ଭବ। ଭାରତୀୟ ସଂସ୍କୃତିରେ ଶାକ୍ତ ଚେତନା ଠିକ୍ ଏଇ କଥା ଇ କହିଛି। ପୁରୁଷତନ୍ତ୍ରର ନିୟନ୍ତ୍ରିକା ହୋଇଛି। ତେଣୁ ମୂଳତଃ ଲକ୍ଷ୍ମୀ ଜଣେ ବ୍ୟକ୍ତି, ନାରୀ। ତାଙ୍କ ନାରୀତ୍ୱ ପାରିବାରିକ, ସାମ୍ପ୍ରଦାୟିକ ଓ ଜାଗତିକ ଶୃଙ୍ଖଳାର ନିୟନ୍ତ୍ରିକା, ଶକ୍ତିରୂପା। ସେ ପ୍ରେମ ଓ ପ୍ରତିବାଦ, କ୍ରୋଧ ଓ ସହୃଦୟତା, ଅନ୍ନ ଓ କ୍ଷୁଧା, ଅପେକ୍ଷା ଓ ଉପେକ୍ଷା, ସମ୍ମୋହନ ଓ ସଂହାର ଏବଂ ମାତୃତ୍ୱ ଓ ପତ୍ନୀତ୍ୱ- ସକଳ ଭାବାଦର୍ଶର ଯୌଗିକ ସମୀକରଣ। ସେ ଏତେ ପତିଗତପ୍ରାଣା ଯେ, ତାଙ୍କୁ ସାଙ୍ଗରେ ନ ନେଇ ଭଉଣୀ ଓ ଭାଇ ସହିତ ସ୍ୱାମୀ ଗୁଣ୍ଡିଚା ଘର ଯାଇଥିବାରୁ ହେରା ପଞ୍ଚମୀରେ ରଥ ଭାଙ୍ଗି ଦେଇଛନ୍ତି। ଏବଂ, ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପୂରେଇ ଦେଇନାହାନ୍ତି। ଝଗଡ଼ିଛନ୍ତି । କବାଟ ବନ୍ଦକରି ଦେଇଛନ୍ତି। ବଳରାମ ଆପଣାର

Digitized by srujanika@gmail.com

ବାମାବୋଧ ଅବବୋଧରେ, ନାରୀମାନଙ୍କୁ ସେମାନଙ୍କ ଅପରିମିତ ଶକ୍ତି ଓ ସହୃଦୟତାବୋଧ ସମ୍ପର୍କରେ ଅବହିତ କରି ଦେଇଛନ୍ତି । ସ୍ପଷ୍ଟ କରି ଦେବାପାଇଁ ଚାହିଁଛନ୍ତି - ସତେଯେପରି ଲାଗୁଛି, ଲକ୍ଷ୍ମୀଙ୍କ ଆଚରଣ ଅତିଭୌତିକ ଓ ଅତିକଳ୍ପନା ପରି, ମାତ୍ର ବାସ୍ତବତଃ ତାହା ନୁହେଁ, ଭୌତିକ ଓ ବାସ୍ତବ । କାରଣ, ପ୍ରତ୍ୟେକ ନାରୀ ଅନ୍ନର ଈଶ୍ୱରୀ, ତେଣୁ ଜୀବନୀ-ଶକ୍ତି ଓ କ୍ଷମତା । ତେଣୁ ପ୍ରତିବାଦ ଓ ପ୍ରୀତି ।

ଆମେ, ଆମ ଲକ୍ଷ୍ମୀ ପୁରାଣର କଥାନକ, ସାମାଜିକ ବାସ୍ତବତା ଆଧାରିତ, ନା ଅତିକଳ୍ପନା-ଏହା ଅନୁଶୀଳନପାଇଁ ଓଡ଼ିଶାକୁ କ୍ଷେତ୍ର କରିଛୁ । ବୁଲିଛୁ । ଭେଟିଥିବା ନାରୀମାନଙ୍କୁ ପ୍ରଶ୍ନ କରିଛୁ, ତମେ ଲକ୍ଷ୍ମୀଙ୍କୁ ଚିହ୍ନିଚ ? ଏବଂ, ପ୍ରାୟ ପ୍ରତ୍ୟେକଙ୍କ ତୁଣ୍ଡରେ ଗୋଟିଏ ଉତ୍ତର-ମୁଁ ଲକ୍ଷ୍ମୀ । ମୋ ଘରର । ଏବଂ ଅନ୍ୟ ଲକ୍ଷ୍ମୀ, ଜଗନ୍ନାଥ ମହାପ୍ରଭୁଙ୍କ ଘରର । ତେଣୁ ଆମ ଘରର ।

ତେଣୁ ଲକ୍ଷ୍ମୀ ପୁରାଣ ସମ୍ପର୍କରେ ଆଜରେ ଏତିକି ମାତ୍ର କୁହାଯାଇ ପାରିବ, ସେ ପ୍ରତିବାଦ ଓ ପ୍ରେମ, ସ୍ୱାଧୀନତାବୋଧ ଓ ପରାଧୀନତାବୋଧର ମିଶ୍ରମନ୍ତ୍ର । ତେଣୁ ଯେକୌଣସି ସାମାଜିକ ଓ ସାଂସ୍କୃତିକ ସ୍ଥିତାବସ୍ଥାର ଗତିଶୀଳତା । କେବଳ ସତ୍ୟ ପ୍ରକାଶଙ୍କର, କି ଦାଶରଥିଙ୍କର ନୁହନ୍ତି- ଆମ ସଂସ୍କୃତିର ଏକ ଦ୍ୱନ୍ଦ୍ୱାତ୍ମକ ଅଥଚ ସ୍ପଷ୍ଟ ଓ ଗତିଶୀଳ ସଂରଚନା । ତେଣୁ ଏଇ କୁନି ପୋଥିଟି ଆମର ଏତେ ପ୍ରିୟ ।

ଟିପ୍ପଣୀ

୧. ସତ୍ୟ ପ୍ରକାଶଙ୍କ ବକ୍ତବ୍ୟ ଏହିପରି

Balaram Das's Laxmi Purana, however is a counter hegemonic text. Das attempts to articulate a subaltern consciousness of the oppressed and their common identity. His explicitely femenist narrative centres on the actions of a strong goddess who challenges male Brahmanical authority and advocates both feminism and caste equlity.

Alternative Modernity and Medieval Indian Literature : The Oriya Laxmi Purana as Rudical Pedagogy; in, Diaeritics, Fall, 2008

୨.ଭାଗଗ୍ରାହୀ ମିଶ୍ର ଆପଣାର *A study of the Worship of Laxmi in Orissa* ଆଲୋଚନାରେ ଏହି ରଚନାକୁ ଲୋକପ୍ରିୟ କିଂବଦନ୍ତିର ଅକ୍ଷର ରୂପ ବୋଲି କହିଛନ୍ତି - *Folkeore*, April 1967, pp141-146

୩. ଚିତ୍ତ ରଞ୍ଜନ ଦାସଙ୍କ ସନ୍ଥ ସାହିତ୍ୟ ଗ୍ରନ୍ଥର ୪ର୍ଥ ପରିଚ୍ଛେଦ ପଞ୍ଚସଖା ସାହିତ୍ୟ

Digitized by srujanika@gmail.com

ସମୀକ୍ଷାର ଭାଷା ସାହିତ୍ୟ ଓ ସମାଜ, ପ୍ରସଙ୍ଗରେ କହିଛନ୍ତି : ମାୟାଧର ମାନସିଂହଙ୍କ *ଓଡ଼ିଆ ସାହିତ୍ୟର ଇତିହାସ* ଓ ସୁରେନ୍ଦ୍ର ମହାନ୍ତିଙ୍କ *ଓଡ଼ିଆ ସାହିତ୍ୟର ମଧ୍ୟପର୍ବ*ରେ ବଳରାମ ଦାସ ଓ ପଞ୍ଚସଖା ସାହିତ୍ୟ ଚର୍ଚ୍ଚାରେ ଏହି ବିଷୟ ରହିଛି ।

୪. ଏହି ଚର୍ଚ୍ଚା ୨୦୧୦ ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଛି । ଶ୍ରୀ ନାରାୟଣ ରାଓଙ୍କ ପରି ବିଦ୍ୱାନ ଏଥିରେ ଅଂଶଗ୍ରହଣ କରିଛନ୍ତି । *ରାବଣଛାୟା*, ଓଡ଼ିଶାର ଛାୟାନାଟକ, ଶୈଳୀରେ ମହାଲକ୍ଷ୍ମୀ କଥା ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଛାତ୍ରଛାତ୍ରୀମାନେ *ବିହାଗୀ*ଙ୍କୁ ନାଟ୍ୟ ରୂପ ଦେଇଛନ୍ତି ।

୫. ୨୦୧୦ ମାର୍ଚ୍ଚ ମାସରେ ଅନୁଷ୍ଠିତ ସମ୍ମାନରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଛନ୍ତି ଶ୍ରୀମତୀ ବିଦ୍ୟୁତଲତା ମହାନ୍ତି, ବସନ୍ତ କୁମାର ମଲ୍ଲିକ, ଦାଶରଥି ଦାସ ଓ ଅନ୍ୟମାନେ । ଏଥିରେ ମଧ୍ୟ ଲକ୍ଷ୍ମୀପୁରାଣର ଛାୟାନାଟକ ପ୍ରଦର୍ଶିତ ହୋଇଛି ।

୬. ପଣ୍ଡିତ କପିଳେଶ୍ୱର ନନ୍ଦ ଓ ଅନ୍ୟ ପଣ୍ଡିତମାନଙ୍କ ସହଯୋଗରେ ପଣ୍ଡିତ ଗୋବିନ୍ଦ ରଥ ବଳରାମଙ୍କ ଦାଣ୍ଡି ରାମାୟଣର ଚଉଦ ଅକ୍ଷରିରେ ରୂପାନ୍ତରଣପାଇଁ ଉଦ୍ୟମ କରିଛନ୍ତି । ସେ ହିଁ ଏହି ରଚନାରୀତିକୁ ପ୍ରଥମେ ଦାଣ୍ଡିବୃତ୍ତ ବୋଲି କହିଛନ୍ତି ଏବଂ ରାମାୟଣର ସମ୍ପାଦିତ ରୂପ ୧୯୧୨ ମସିହାରେ ପ୍ରକାଶ ପାଇଛି ।

୭. କ. ଓଡ଼ିଶା ରାଜା ପ୍ରତାପରୁଦ୍ରଙ୍କ ସମୟରେ ଅର୍ଥାତ୍ ଶୋଷଡ଼ ଶତାବ୍ଦୀର ଆରମ୍ଭରେ ଜୀବିତ ଥିଲେ । ଏ ଜାତିରେ କରଣ, ବୈଷ୍ଣବ ମତାବଲମ୍ବୀ; ଏହାଙ୍କ ବସତି ପୁରୁଷୋତ୍ତମ କ୍ଷେତ୍ର । ଏହାଙ୍କ ପିତା ସୋମନାଥ ମହାପାତ୍ର, ଭାର୍ଯ୍ୟାର ନାମ ଜମ୍ବୁ । ସେ ରଚନା କରିଛନ୍ତି ଭଗବଗୀତା, ବାରମାସୀ, ରାମବିଭା, ଦୁର୍ଗାସ୍ତୁତି ଇତ୍ୟାଦି । ଶ୍ୟାମସୁନ୍ଦର ରାଜଗୁରୁ, ପ୍ରବନ୍ଧାବଳୀ ।୧୯୬୪। ପୃ. ୫୬-୬୧

ଖ. ତାରିଣୀ ରଚନା ରଥ *ଉତ୍କଳ ସାହିତ୍ୟର ଇତିହାସ* ବହିରେ ତାଙ୍କୁ ଷୋଡ଼ଶ ଶତାବ୍ଦୀର କବି ଭାବରେ ସ୍ୱୀକାର କରିବା ସହିତ ସେ ୨୧ ଖଣ୍ଡ ଗ୍ରନ୍ଥର ରଚୟିତା ବୋଲି ଉଲ୍ଲେଖ କରିଛନ୍ତି । ପୃ. ୨୫୩

ଗ. ବିଜୟ ଚନ୍ଦ୍ର ମଜୁମଦାର ପ୍ରଥମେ *ଦାଢ୍ୟତାଭକ୍ତି*ର ବଳରାମ ଦାସଙ୍କ ସନ୍ଦେହ କରିଛନ୍ତି । Typicl Selection from Oriya Literature 1921:xvii

ଘ. ସଚ୍ଚିଦାନନ୍ଦ ମିଶ୍ର ବିଜୟଚନ୍ଦ୍ରଙ୍କ ମତକୁ ପ୍ରତିଷ୍ଠା କରିଛନ୍ତି । କହିଛନ୍ତି, ଅନେକ ବଳରାମଙ୍କ ମଧ୍ୟରେ ରାମାୟଣକାର ବଳରାମ ଭିନ୍ନ ବ୍ୟକ୍ତି । ରାମାୟଣକାରଙ୍କ ଜନ୍ମସ୍ଥାନ ପୁରୀ ନୁହେଁ । ଅନ୍ୟତ୍ର । ବେଦାନ୍ତସାର ଗୁପ୍ତଗୀତା, ଅନ୍ୟ ଜଣେ ବଳରାମଙ୍କ ରଚନା । ଲକ୍ଷ୍ମୀପୁରାଣ ରଚନା ଶୈଳୀକୁ ସେ ୧୬ଶ ଶତାବ୍ଦୀର ବୋଲି ଗ୍ରହଣ କରିପାରୁ ନାହାନ୍ତି ।

Digitized by srujanika@gmail.com

ମାତ୍ର ଏହା ବଳରାମଙ୍କର ନୁହେଁ ବୋଲି ମଧ୍ୟ ପ୍ରମାଣ ପ୍ରୟାସୀ ହୋଇନାହାନ୍ତି । କହିଛନ୍ତି ଏବେ ମୁଦ୍ରିତ ଲକ୍ଷ୍ମୀପୁରାଣ ପ୍ରକ୍ଷିପ୍ତତା ଦୋଷଦୁଷ୍ଟ ଓଡ଼ିଆ ସାହିତ୍ୟରେ ଏକ ଅନୁପମ ସୃଷ୍ଟି । ସଚ୍ଚିଦାନନ୍ଦ ମିଶ୍ର : *ଅତୀତର ବର୍ଣ୍ଣବୋଧ*-୨୦୦୨: ପୃଷ୍ଠା ୬୫-୮୯

ଡ. ପଣ୍ଡିତ ନୀଳକଣ୍ଠ ଏକାଧିକ ବଳରାମ ବିଚାରକୁ ଗ୍ରହଣ କରିବା ସହିତ **ପଣସଚୋରି, ବଟ ଅବକାଶ,** ଭାବସମୁଦ୍ର ବଳରାମଙ୍କ ରଚନା ନୁହେଁ ବୋଲି ଯୁକ୍ତି କରିଛନ୍ତି । *ଓଡ଼ିଆ ସାହିତ୍ୟର କ୍ରମପରିଣାମ* ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ବହୁ ଗବେଷକ ଦାବି କରୁଥିବା ପଞ୍ଚସଖା (ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ) ସମକାଳିନ ନୁହନ୍ତି, ସେମାନେ ସଂଖ୍ୟାଧିକ ଏବଂ ଷୋଡ଼ଶରୁ ଉନବିଂଶ ଶତାବ୍ଦୀ ସେମାନଙ୍କ ବିଚରଣ ଅବଧି ବୋଲି ଯୁକ୍ତି କରିଛନ୍ତି ।

ଦ୍ରଷ୍ଟବ୍ୟ : ସଚ୍ଚିଦାନନ୍ଦ ମିଶ୍ର : *ଅତୀତର ବର୍ଣ୍ଣବୋଧ* : ପୃ ୯୦-୧୫୦ ।

ନଟବର ସାମନ୍ତରାୟଙ୍କ *ସଖାହାନ ପଞ୍ଚସଖା* : ୧୯୭୫

ଦାସରଥି ଦାସ : ଅସଂଖ୍ୟ କିମ୍ବଦନ୍ତୀ ଓ ଲୌକିକ କାହାଣୀକୁ ସାରଳା ଦାସ ମହାଭାରତରେ ଅନ୍ତର୍ଭୁକ୍ତ କରି ଭାଷା ସାହିତ୍ୟର ବିଷୟ ବସ୍ତୁ ରୂପେ ସାରସ୍ୱତ କୌଳିନ୍ୟ ଦାନ କରିଛନ୍ତି । ସେହି ସୂତ୍ରରେ ଲକ୍ଷ୍ମୀ ପୁରାଣର ଆଖ୍ୟାନ ଭାଗଟିକୁ ଲକ୍ଷ୍ମୀ ତୋଷଣ ବ୍ରତ ସହିତ ଯୋଡ଼ି ବଳରାମ ଦାସ ତାହାର ବ୍ୟାପକ ପ୍ରଚାର ଘଟାଇଛନ୍ତି । ବୋଧହୁଏ ଦାଣ୍ଡୀ ରାମାୟଣ ଓ ଲକ୍ଷ୍ମୀ ପୁରାଣର ରଚୟିତା ଏକ ନୁହନ୍ତି । ଭିନ୍ନଭିନ୍ନ କାଳର, ଭିନ୍ନଭିନ୍ନ ସ୍ଥାନର ଭିନ୍ନଭିନ୍ନ ଦୁଇବ୍ୟକ୍ତି । (ଲକ୍ଷ୍ମୀପୁରାଣ ପୁନର୍ପାଠ ଓ ପୁନର୍ବିବେଚନ: *ପ୍ରସଙ୍ଗ ପୁରୁଣା ଭାବନା ନୂଆ* ୨୦୧, ପୃ ୧୧୮ ଓ ୧୩୪)

୮. 'ଅନଙ୍ଗ ଭୀମଦେବ ଉତ୍କଳ ସାମ୍ରାଜ୍ୟ ଜଗନ୍ନାଥଙ୍କ ନାମରେ ଉତ୍ସର୍ଗ କରି ଜଗନ୍ନାଥଙ୍କ ପ୍ରତିନିଧି ସେବକ ହିସାବରେ ନିଜକୁ ପରିଚୟ ଦେଇଥିଲେ ।' ପରମାନନ୍ଦ ଆଚାର୍ଯ୍ୟ : *ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ*, ୧୯୬୯, ପୃ ୩୧୨ । ଅନ୍ୟ ଐତିହାସିକମାନେ ମଧ୍ୟ ଅନଙ୍ଗ ଭୀମ ଦେବଙ୍କର ଏହି ମାନସିକତାକୁ ସ୍ୱୀକାର କରିଛନ୍ତି । ମାତ୍ର କପିଳେନ୍ଦ୍ର ଦେବ ବାସ୍ତବତଃ ଗଜପତି 'ଅଳଙ୍କାର'ର ଉଦ୍‌ଘୋଷକ-ଏକଥା ବହୁ ସ୍ୱୀକୃତ P. Mukharjee : 1981 : *Gajapati Kings of Orissa*, page:01

୯. ଭାରତରେ ଲକ୍ଷ୍ମୀ ଉପାସନର ଇତିହାସ ସମ୍ପର୍କରେ ଏକ ବିଶେଷ ଚର୍ଚ୍ଚାଗ୍ରନ୍ଥ David Kinsley ଙ୍କର *Hindu Goddess: Vision of the Divine Feminine in the Hindu Religious Tradition* ।

Digitized by srujanika@gmail.com

ଗ୍ରନ୍ଥରେ ଲକ୍ଷ୍ମୀଙ୍କୁ ନବସୃଜନ, ରାଜକୀୟତା, ପ୍ରଜନନ, ଶକ୍ତି ଓ ବେଗର ପ୍ରତୀକ କହିଛନ୍ତି। ୧୯୮୮, ପୃଷ୍ଠା ୧୯-୩୨। ଅନ୍ୟ ଏକ ଗ୍ରନ୍ଥ ଉପେନ୍ଦ୍ର ଧଳଙ୍କ *Goddes Lakshmi Origin and Development* (1978) ଏଥିରେ ବୈଦିକ କଳରୁ ଆରମ୍ଭ କରି ଉପନିଷଦ, ସଂହିତା, ପୁରାଣ ଓ କାବ୍ୟ ପରମ୍ପରାରେ ଉପାସନାର ବିବର୍ତ୍ତନ ସମ୍ପର୍କରେ ଚର୍ଚ୍ଚା ରହିଛି।

ଲକ୍ଷ୍ମୀଙ୍କ ପରି ତାଙ୍କ ବଡ଼ ଭଉଣୀ ଅଲକ୍ଷ୍ମୀ ମଧ ସମୁଦ୍ର ମନ୍ଥନ-ସମ୍ଭୂତା। ତାଙ୍କ ରୂପ ଅବଶ୍ୟ ଭୟଙ୍କରା। ଗାଲ, ନାକ, ଓଠ, ସ୍ତନ ଓ ଜଠର ଆନତ। ସେ ଲଳିତାସେନା। ଲାଲ, କଳା ଅଥବା ନୀଳ ରଙ୍ଗର ବସ୍ତ୍ର ପରିହିତ। ଗୋଟିଏ ହାତରେ ପଦ୍ମ ଓ ଅନ୍ୟ ହାତରେ ବରଦ ମୁଦ୍ରା। ତାଙ୍କୁ ମଧ ଦକ୍ଷିଣ ଭାରତରେ ଅଶୁଭ-ବିନାସିନୀ ଭାବରେ ପୂଜା କରାଯାଏ। ପ୍ରତୀକ, କାଉ; ବାହନ, ଗଧ। କେତେକ ସ୍ଥାନରେ ତାଙ୍କର ହାତୀ ପରି ମୁଣ୍ଡ। ତେଣୁ କୁହାଯାଏ ସେ ଗଣେଶଙ୍କ ପୂର୍ବବର୍ତ୍ତୀ। (J.Lesli: Roles and Rituals for Hindu Women: 2015, pp.107-111)

୧୦. ଘର : ଶ୍ରୀପେରିମ୍ବୁଦୁର୍ (ମାଡ୍ରାସ)। ବାପା : ଆସୁରି କେଶବାଚର୍ଯ୍ୟ, ମା କାନ୍ତିମତୀ, ବ୍ରାହ୍ମଣ। ଜନ୍ମ ପ୍ରାୟ ୧୦୧୭। ଶତାୟୁ ବୈଷ୍ଣବବିଚାର ଦୀକ୍ଷିତ। ଶ୍ରୀ ସମ୍ପ୍ରଦାୟର ପ୍ରତିଷ୍ଠାତା। ବିଶିଷ୍ଟଦ୍ୱୈତବାଦ, ପ୍ରବକ୍ତା। ତାଙ୍କ ଦର୍ଶନ-କାରଣ ଓ ଶାସ୍ତ୍ରର ଆଧାରିତ। ଶାସ୍ତ୍ର କାରଣ- ଅସ୍ୱୀକୃତ ଭୂମି ଉପରେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ। ସତ୍ୟ ଓ ବାସ୍ତବତାର ସ୍ୱରୂପକୁ ମୋହମୁକ୍ତ ଓ ସ୍ୱାଧୀନ ବିଚାର ଆଧାରରେ ପ୍ରକୃତ ଦର୍ଶନକୁ ଅନୁଭବ କରାଯାଇପାରିବ। ଭକ୍ତି କାରଣମୁକ୍ତ ହେବା ସମ୍ଭବ ନୁହେଁ। ଈଶ୍ୱର ହିଁ ସତ୍ୟ ଏବଂ ଧର୍ମର ଲକ୍ଷ୍ୟ ଈଶ୍ୱରପ୍ରାପ୍ତି।

-Anima Sen Gupta : 2008 pp 23-24

୧୧. ଶ୍ରୀମନ୍ଦିର ପରିସରରେ ଲକ୍ଷ୍ମୀମନ୍ଦିରର ପ୍ରତିଷ୍ଠାକାଳ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳ।

୧୨ . କିନ୍‌ସଲେ ତାଙ୍କୁ ପ୍ରାକ୍ ବୈଦିକ ଦେବୀ ରୂପରେ ମଧ ପରିକଳ୍ପନା କରିଛନ୍ତି। ଋକ୍‌ବେଦ ରଚନାକାଳରେ ଶ୍ରୀଙ୍କ ତୁଷ୍ଟୀକରଣପାଇଁ ସୋମରସ ଅର୍ପଣ କରାଯାଉଥିଲା। ଶ୍ରୀଶୂକ୍ତରେ ତାଙ୍କ ଉଦ୍ଦେଶ୍ୟରେ ତେଇଶିଟି ସ୍ତୋତ୍ର ରହିଅଛି। କୁହାଯାଇଛି, ସେ ହରିନି(ସୁନାରଙ୍ଗ), ଅନପଗାମିନୀ ଇତ୍ୟାଦି। ମହାବିଦ୍ୟାମାନଙ୍କ ମଧରେ ସେ ସର୍ବଶେଷ। David Kinsley. *The Ten Mahvidyas* ୨୦୦୮। ସେ ମହାବିଦ୍ୟାମାନଙ୍କ ମଧରେ ସର୍ବଶେଷ। pp223-232

Digitized by srujanika@gmail.com

୧୩. ବଂଶୀଧର ମହାନ୍ତି, ୧୯୫୭ ମସିହାର ଝଙ୍କାର, ୯ମ ବର୍ଷ, ୧ମ ସଂଖ୍ୟାର *ଲକ୍ଷ୍ମୀ ନାରାୟଣୀ ବଚନିକା*ରେ ଏହା ପ୍ରମାଣ କରିଛନ୍ତି । ପରେ *ଓଡ଼ିଆ ସାହିତ୍ୟର ଇତିହାସ* ଗ୍ରନ୍ଥର ବିଶଦ ବ୍ୟାଖ୍ୟା କରାଯାଇଛି । ୧୯୮୨, ପୃ. ୭୦-୭୫

ଜଟାଧାରୀ ମହାପାତ୍ର : ୧୯୯୧, *ଲକ୍ଷ୍ମୀ ନାରାୟଣ ବଚନିକା ନା ବଡ଼ ଧାନମାଣିକା ଓଷାକଥା*:ଏଷଣା, ୨୧ତମ ସଂଖ୍ୟା ଗଦ୍ୟପଦ୍ୟାତ୍ମକ ରଚନା । ଶ୍ରୀ ମହାପାତ୍ର ଏହାକୁ ସାରଳାଙ୍କ ରଚନା ବୋଲି ସ୍ୱୀକାର କରିନାହାନ୍ତି । ଏହା ଏକ ବ୍ରତକଥା । ଲକ୍ଷ୍ମୀ ଜଗନ୍ନାଥକୈନ୍ଦ୍ରିକ ବୃତ୍ତାନ୍ତ ଅନୁପସ୍ଥିତ ।

୧୪. ସେ ପୃଥିବୀମାତା । ତାଙ୍କ ପ୍ରତିମା ମଧ୍ୟପ୍ରାଚ୍ୟ, କୃଷ୍ଣସାଗର ଉପକୂଳ, ସୁମେରିଅ ଓ ମେସୋପଟାମିଆ ଅଞ୍ଚଳରେ ମିଳୁଛି । ବାସ୍ତାରେ ମିଳୁଥିବା ତାଙ୍କ ପ୍ରତିମାରେ ହାତୀ ନାହିଁ । ପକ୍ଷ ଅଛି । ପକ୍ଷଯୁକ୍ତ ପ୍ରତିମା ଅଧିକତର ପାଶ୍ଚାତ୍ୟ ସ୍ଥାପତ୍ୟ କଳାର ସଙ୍କେତ । ଜମିର, ସେଥିପାଇଁ, ତାଙ୍କୁ ଗ୍ରୀସ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକା ଅଞ୍ଚଳ ସହିତ ତାଙ୍କୁ ସମନ୍ୱିତ କରିଛନ୍ତି । ଲକ୍ଷ୍ମୀ ଓ ବୈଦ୍ଧଧର୍ମର ପ୍ରଜ୍ଞାପାରମିତା ସମଗୋତ୍ରୀୟ ବୋଲି ସ୍ପଷ୍ଟ କରିଦେଇଛନ୍ତି । Heinrich Zimmer : *Myth and Symbol in Indian Art and Civilization*, 1999. ଦେଖ : ପୃଷ୍ଠା : ୯୧-୧୦୧

୧୫. ଦେଖ : a. Krishna Chaitanya : *Arts in India*:1987, ପୃ ୩୪

b. C. Sivarammurty : *South Indian Paintings*, 1968, ପୃଷ୍ଠା ୯୯, ୧୨୪

୧୬. The next tympanum shows Sri or Lakshmi in the Lotus Lake with stalk of full - blown Lotuses entwining round her arms and being bathed with water from pitchers held by to elephants standing on lotus on her side. A pair of birds is seen pecking at the seed-vessels of the lotus. ଦେଖ : Debala Mitra : *Khandagiri and Udayagiri*: 1960, ପୃଷ୍ଠା : 48, Cave 3. Annata Gunpha plate xiv

b. K.V. Sundar Raja: *Early Kalinga Art and Architecture*, 1984, P.p 68-69

c. K.C. Panigrahi : *Archiological Remains at Bhubaneswar* 1981, p.91, 258.

୧୭. Thomas Donaldton Hindu Temple Arts of Orissa, 1985,ଦ୍ରଷ୍ଟବ୍ୟ, ପୃଷ୍ଠା ୬୮୬

Digitized by srujanika@gmail.com

୧୮. B.C.Mazumdar. 1925. Orissa in the Making, pp 181-83.

୧୯. Gaya C. Trapathy : *The Formation of Jagannath Traid* : in, Cult of Lord Jagannath and Regional Tradition ପୁସ୍ତକ ସମ୍ପାଦନା : ଏସମାନ ଓ କୁଲକେ

୨୦. ଦାଶରଥି ଦାସଙ୍କ *'ଲକ୍ଷ୍ମୀପୁରାଣ ପୁନର୍ପାଠ ଓ ପୁନର୍ବିବେଚନା* ୨୦୧୫, ପୃ.୧୩୫

ସହାୟକ ଆକରସୂଚୀ

ଆଚାର୍ଯ୍ୟ, ପରମାନନ୍ଦ।୧୯୭୨। *ଓଡ଼ିଶାର ପତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ*, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ।

ଦାସ, ଚିତ୍ତ ରଞ୍ଜନ ।୧୯୮୨। *ସନ୍ଥ (ଭକ୍ତି) ସାହିତ୍ୟ*, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ।

ଦାସ, ଦାଶରଥି।୨୦୧୫। *ଲକ୍ଷ୍ମୀପୁରାଣ : ପୁନର୍ପାଠ ଓ ପୁନର୍ବିବେଚନ, ଅନ୍ତର୍ଭୁକ୍ତ, ପ୍ରସଙ୍ଗ ପୁରାଣ, ଭାବନା ନୂଆ,* କଟକ, ଫ୍ରେଣ୍ଡସ ପବ୍ଲିସରସ ।

ଦାସ, ବଳରାମ।?। *ଜଗମୋହନ ରାମାୟଣ*, ସଂ. କୃଷ୍ଣଚରଣ ସାହୁ। ଭୁବନେଶ୍ୱର, କୃଷ୍ଣରଣ ଚରଣ ସାହୁ।

ଦାସ, ସାରଳା।୧୯୬୪। *ସାରଳା ମହାଭାରତ*, ସଂ. ଆର୍ତ୍ତବଲ୍ଲଭ ମହାନ୍ତି। ଭୁବନେଶ୍ୱର, ସଂସ୍କୃତି ବିଭାଗ, ଓଡ଼ିଶା ସରକାର।

.... ।୧୯୯୦। *ଲକ୍ଷ୍ମୀ ନାରାୟଣୀ ବଚନିକା*, ସଂ. ଜଟାଧାରୀ ମହାପାତ୍ର, ଏଷଣା, ୨୧ତମ ସଂଖ୍ୟା, କଟକ, ସାରସ୍ୱତ ନିଳୟମ।

ମହାନ୍ତି, ବଂଶୀଧର।୧୯୮୨। *ଓଡ଼ିଆ ସାହିତ୍ୟର ଇତିହାସ*, କଟକ, ଫ୍ରେଣ୍ଡସ ପବ୍ଲିସରସ।

ମହାନ୍ତି, ସୁରେନ୍ଦ୍ର ।୧୯୬୮। ଓଡ଼ିଆ ସାହିତ୍ୟର ମଧପର୍ବ, କଟକ, କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର।

ମାନସିଂହ, ମାୟାଧର ।୧୯୬୪। ଓଡିଆ ସାହିତ୍ୟ ଇତିହାସ, କଟକ, ଗ୍ରନ୍ଥମନ୍ଦିର।

Digitized by srujanika@gmail.com

ମିଶ୍ର, ସଚ୍ଚିଦାନନ୍ଦ।୨୦୦୨। *ଅତୀତର ବର୍ଣ୍ଣବୋଧ*, କଟକ, ଆର୍ଯ୍ୟ ପ୍ରକାଶନୀ।

ରଥ, ତାରିଣୀ ଚରଣ। ୧୯୮୦। *ତାରିଣୀ ଚରଣ ଗ୍ରନ୍ଥାବଳୀ*, ସଂ. ବିପିନ ବିହାରୀ ରଥ, ବ୍ରହ୍ମପୁର, ଭଞ୍ଜନଗର।

ରାଜଗୁରୁ, ଶ୍ୟାମସୁନ୍ଦର।୧୯୬୪। *ପ୍ରବନ୍ଧାବଳୀ*, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ।

ସାମନ୍ତରାୟ, ନଟବର।୧୯୭୯,୧୯୭୫। *ସଖାହୀନ ପଂଚସଖା*, ଭୁବନେଶ୍ୱର, ଗଙ୍ଗାବାଈ ସାମନ୍ତରାୟ।

Dhal, Upendra Nath. 1978. *Goddess Lakshmi: Origin and Development*, New Delhi, Orient Publishers

Donaldson, Thomas. 1985. *Hindu Temple Arts of Orissa*. Leiden, E.J. Brill

Eschmann, A. H. Kulke and G. C. Tripathy, 1978. *The Cult of Jagannath and Regional Tradition of Orissa*, New Delhi, Monohar.

Kinseley, David. 1982. *Hindu Godesses: Vision of the Divine Feminine in the Hindu Religious Tradition*, Berkeley, University of California Press.

.... 2008/1998, *The Ten Mahavidyas : Trantric Visions of the Divine Feminine*, Delhi, Motilal Banarassidas Pvt. Ltd.

Krishaachaitanya, 1987. *Arts of India*, New Delhi, Abhinab Publication

Leslie, Julia. 2015, 1992. Roles and Rituals for Hindu Women, New Delhi, Motilal Banarasidass.

Mazumdar, B.C. 1921. *Typical Selections from Oriya Literature*, Calcutta. The University Press of Calcutta.

....................1925. Orissa in the Making. Calcutta University

Mishra, Bhabagrahi, 1967, *A Study of Worship of Laxmi* in Orissa. in, Folklore, April.

Mitra, Debal, 1960, *Khandagiri and Udayagiri*, Delhi. D G.

Digitized by srujanika@gmail.com

Archcology India.

Mukherjee, P. 1981. *The History of the Gajapati Kings of Orissa*, Cuttack, Kitabmahal.

Mohanty Satyaprakash, 2008, *Aternative Modernities and Medieval Indian Literature. The Oriya Laxmipuran as Radical Padagogy*, in, *Dicritics*, 38.3:3-21 fall

Panigrahi, K.C 1981/61, *Archiological Remains at Bhubaneswar*, Cuttack, Kitabmahal.

Sivarammurty, C. 1968, *South Indian Paintings*, Delhi, Publisher Division, Govt. of India.

Sengupta, Anima, 2008/1967. *The Critical Study of the Philosophy of Ramanuja*.

Singh, Tejpal and Sanjib K. Singh.2016, *Ecstasy of Classical Art : Indian Bronge*, New Delhi, National Mesuem.

Sundara Rajan, K.V. 1984. *Early Kalinga Art and Achitecture*, Delhi Sardeep Prakashani.

Zimmer, Heinrich. 1999/1972, *Myths and Symbols in Indian Art and Civilization*. ed. Jogeph Campbell, Delhi, Motilal Banarassi das Publishers Pvt. Ltd.

ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ, ଗୌରାଙ୍ଗ ଚରଣ ଦାଶ

Digitized by srujanika@gmail.com

ଓଁ ଶ୍ରୀ ଗଣେଶାୟ ନମଃ ।੧

ବନ୍ଦଇ ପରମଲକ୍ଷ୍ମୀ ଜଗତତାରେଣୀ
ତ୍ରଇଲୋକ୍ୟ ଚିନ୍ତାମଣି ଦେବୀ କମଳିଣୀ ।୧

ସମୋଦ୍ର ମନ୍ଥନୁ ଜାତ ହୋଇଲ ଯେ ପୁଣି
ତେଣୁ କରି ନାମ ଦେଲେ ବୋଲାଉ ଯେ ଲକ୍ଷ୍ମୀ ଠାକୁରାଣୀ ।୨

ନମସ୍ତେ ନମସ୍ତେ ଯାର ଜଗନାଥ କାନ୍ତ
ନମସ୍ତେ ନମସ୍ତେ ଦେବୀ ବରୁଣଦୁହିତ ।୩୨

ତୁମ୍ଭେ ମହାମାୟୀ ଯେବେ ହୋଇବ ପ୍ରସନ
ଥୋକାଏ କହିବି ତୁମ୍ଭ ପୁରାଣ ଆଖ୍ୟାନ ।୪

ବୃତାସୁର ଭୟେ ଇନ୍ଦ୍ର ପଳାଇଣ ଗଲା
ମେରୁ ଯେ କନ୍ଦରେ ଯାଇଂ ଲୁଚିଣ ରହିଲା ।୫

ଏମନ୍ତ ସମୟେ ଯେ ନାରଦ ମହଋଷି
ସଙ୍ଗତେ ଅଛନ୍ତି ଯେ ଅନେକ ବାଳଶିଷି ।୬

ନାରଦଙ୍କୁ ଦେଖି ଇନ୍ଦ୍ର ବିନୟ କରିଣ
ଆସନ ଯେ ପାଦାସନ ଦେଇ ପୂଜେ ପୁଣ ।୭
ଭୋ ମହାମୁନି ତୁମ୍ଭଙ୍କୁ ପୁଛଇ କଥାଯେ
କେବଣ ହେତୁରୁ ମୋର ସର୍ବ ତ୍ୟାଗ ହୋଏ ।୮

Digitized by srujanika@gmail.com

ଏହା ଶୁଣି ଇନ୍ଦ୍ର ଆଗେ ନାରଦ କହନ୍ତି
ସାବଧାନ ହୋଇ ଶୁଣ ଶଚୀଦେବୀ ପତି ।୯

ଲକ୍ଷ୍ମୀ ଯାକୁ ବାମ ହୋଏ ଭଲ ନାହିଁ ତାର
ଅନ୍ନ ବସ୍ତ୍ର ନ ମିଳଇ ନ ବସେ ସଭାର ।୧୦

ଗୁରୁ ଯେ ପଂଚମୀ ବ୍ରତ ଗର୍ବରେ ନ କଲା
ତେଣୁ ଲକ୍ଷ୍ମୀ ବାମ ଶୂର ସଭା ତ୍ୟାଗ ହେଲା ।୧୧

ଶୁଣି ଏ ବଚନ ଇନ୍ଦ୍ର ଯୋଡ଼ି ବେନିପାଣି
ଦିବ୍ୟାସନେ ବସାଇ କହଇ ସାଧୁବାଣୀ ।୧୨

କହ ଆହେ ମୁନିବର ପ୍ରମଲକ୍ଷ୍ମୀଙ୍କ ବେଭାର
ତୁମ୍ଭ ମୁଖୁ ଶୁଣି ପାତେକ ଯାଉଂ ମୋର ।୧୩

ବଦୟନ୍ତି ନାରଦ ହେ ଶୁଣ ମଘବାନ
ଲକ୍ଷ୍ମୀଛଡ଼ା ହୋଇଲେ ସେ ଜଗ ଯେ ମୋହନ ।୧୪

ହୋଇଲେ ଯେମନ୍ତ ଭାବେ ଶୁଣ ମୁଂ କହଇ
ଯେକ ମନେ ଶୁଣ କର୍ଣ୍ଣ ସାବଧାନ ହୋଇ ।୧୫

ମେଷ ଯେ ଶୁକଳ ଯେ ଦଶମୀ ଗୁରୁବାର
ଲକ୍ଷ୍ମୀ ନାରାୟଣ ବ୍ରତ ପଡ଼େ ସେ ଦିନର ।୧୬

ରାତ୍ର ପହରକଠାରୁ ପରମଲକ୍ଷ୍ମୀ ଉଠି
ଅଭୟେ ପଦ୍ମପାଦେ ଯାଇ କଲେ ଦେବୀ ତୁଷ୍ଟି ।୧୭

ଆଗ୍ୟାଂଦେଲେ ମହାପ୍ରଭୁ ନଗ୍ର ବୁଲିଯିବି
ନଗ୍ରର ଚରଚାମାନ ବୁଝିଣ ଆସିବି ।୧୮
ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ବେଗହୋଇ ଯିବୁ
ବଡ଼ଭାଇ ନ ଆସୁଣୁ ବେଳହୁଂ ଆସିବୁ ।୧୯

Digitized by srujanika@gmail.com

ଶ୍ରୀମୁଖରୁ ଆଗ୍ୟାଂପାଇ ହରିର ଘରଣୀ
ବଡ଼ନଗ୍ର ବୁଲିବାକୁ ଗଲେ କମିଳିଣୀ ।୨୦

ଜଗନାଥ ମୁଖରୁ ଏସନ ବାଣୀ ଶୁଣି
ଭଣ୍ଡାର ଘରକୁ ବିଜେ କଲେ କମଳିଣୀ ।୨୧

ବାଛି ବାଛି ଅନେକ ଯେ ଅଳଙ୍କାର ନେଲେ
ଆପଣା ଶ୍ରୀହସ୍ତେ ମାଏ ସୁବେଶ ହୋଇଲେ ।୨୨

ନାସିକାରେ ନବରତ୍ନ ବସଣି ଖଞ୍ଜିଲେ
ଚଉସରି ରତ୍ନମାଳା କଣ୍ଠେ ଲମ୍ୱାଇଲେ ।୨୩

ନୀଳା ସଙ୍ଗେ ଖଞ୍ଜିଲେ ମାଣିକ୍ୟ ଦିବ୍ୟ ହୀରା
ମୁକୁତା ପ୍ରବାଳ ଶୋହେ ରତ୍ନ ଚଉସରା ।୨୪

କଟୀରେ ଖଞ୍ଜିଲେ ମାଯେ ରତ୍ନ ଓଡ଼ିଆଣି
ପୟରେ ଖିଲେ ମାଯେ ନେପୁର ବାଜେଣି ।୨୫

ଶ୍ରୀକରେ ସୁବର୍ଣ୍ଣ ବାହି ମୁଦ୍ରିକା ଶୋହଇ
ଯେ ବିଧି ଅନେକ ମାଯେ ସୁବେଶ ହୁଅଇ ।୨୬

ରତ୍ନ ହାନ୍ଦୋଳାରେ ବିଜେ ବିଷ୍ଣୁର ଘରଣୀ
ନଗ୍ର ବୁଲି ଯାଉଛନ୍ତି ଦେବୀ କମଳିଣୀ ।୨୭

ଷାଠିଏ ସହସ୍ର ଘର ଦ୍ୱାରାବତୀ ପୁର
ନଗ୍ରଯାକ ବୁଲିଣ ଆସନ୍ତି ତତପର ।୨୮

ସବୁଦ୍ୱାରେ ପରମଲକ୍ଷ୍ମୀ ଫେରିଗଲେ
ଆଚାରବନ୍ତ ବୋଲି କାହାକୁ ହିଂ ନ ଦେଖିଲେ ।୨୯
କେବଣ ଯୁବତୀ ଯେ ନିଦ୍ରାରୁ ଉଠି ନାହିଂ
ଅଗଣା ଖରକି ଦ୍ୱାରେ ଛେଡ଼ା ଦେଇ ନାହିଂ ।୩୦

Digitized by srujanika@gmail.com

ସାତପାଂଚ ନାରୀମାନେ ଯେକ ଗୁଣ୍ଡହୋଇ
କେ ବୋଲଇ ସଘାଂତ ଗୋ କେ ବୋଲିଇ ସହି ।୩୧[୪]

ସୁଦଶା ବ୍ରତ କଲେ ଗୋ କି ଫଳ ମିଳଇ
ତାହା ଶୁଣି ପରମଲକ୍ଷ୍ମୀ ନ ପାରିଲେ ସହି ।୩୨

ବୋଇଲେ ମୋହର ବ୍ରତ ଘେନି ଯେକ ନାହିଂ
ବିମୁଖ ହୋଇଣ ମହାଲକ୍ଷ୍ମୀ ବେଗେ ଯାଇଂ ।୩୩

ସାପ୍ୟ ଦେଇ ପରମଲକ୍ଷ୍ମୀ ଲେଉଟାଣି ବେଳେ
ଦେଖିଲେ ନଗ୍ର ବାହାରେ ଚଣ୍ଡାଳ ଦୁଆରେ ।୩୪

ନଗ୍ରର ବାହାରେ ଶ୍ରୀୟା ଚଣ୍ଡାଳୁଣୀ ଘର
ନିତିଦିନ ଖରକଇ ଗୁଣ୍ଡିଚା ନବର ।୩୫

ସେହିଦିନ ପଡ଼ିଅଛି ଲକ୍ଷ୍ମୀ ଗୁରୁବାର
ଶଉଚକରିଣ ସେ ଲିପିଲା ଘରଦ୍ୱାର ।୩୬

ଏହି ଚଣ୍ଡାଳୁଣୀ ମୋର ଭଗତି ଘେନିଲା
ରାତ୍ର ପହରପେ ଥାଉଂ ନିଦ୍ରାରୁ ଉଠିଲା ।୩୭[୫]

ଏକବର୍ଣ୍ଣୀ ଗାଈର ଯେ ଗୋବର ଆଣିଲା
ମୃତିକା ମିଶାଇଂ ଘର ସୁସଂଚ ସେ କଲା ।୩୮

ଅତି ଯତ୍ନକରିଣ ସେ ମୁରୁଜ ଲେଖିଲା
ତହିଂର ଉପରେଣ ପଦ୍ମ ଗୋଟିଯେକ ଲେଖିଲା ।୩୯

ପଦ୍ମ ଉପରେଣ ଥାପିଲା ମାଧବୀ ଲତାଯେ
ତହିଂ ଉପରେ ଥାପିଲା କୁଂକୁମ ଥୋପାଏ ।୪୦
ଗନ୍ଧ ଯେ ଅୟେଂଳା ଘେନି ଚଣ୍ଡାଳୁଣୀ ଗଲା
ନଦୀରେ ପଶିଣ ପଂଚୁ ସ୍ନାହାନ ସାରିଲା ।୪୧

Digitized by srujanika@gmail.com

କଳସୀ ଗୋଟିଏ ନେଇଂ ଦ୍ୱାରେ ଯେ ସ୍ଥାପିଲା
ପଂଚୁବର୍ଣ୍ଣ ପୁଷ୍ୟ ନେଇଂ ତହିଂରେ ରଖିଲା ।୪୨

ଦୂବ ଦଶକେରୀ ଯେ ତଣ୍ଡୁଳ ଦଶଗୋଟି
ଘେନି ଚଣ୍ଡାଲୁଣୀ କହେ ହୋଇଣ ବିନୋତି ।୪୩

ମୋହ ଛାର ଚଣ୍ଡାଲୁଣୀ କିଛି ନ ଜାଣଇଂ
କିଂଚିତ ଭଗତି ମୋର ଘେନ ମହାମାଇଂ ।୪୪

ପଦ୍ମଲୋଚନି ମା ଗୋ ପଦ୍ମଫୁଲେ ବାଇ
ପଦ୍ମ ଦେଖି ଶରଧା ବଳିଲା ମହାମାଇଂ ।୪୫

ବୋଇଲେ ଲୋ ଚଣ୍ଡାଲୁଣୀ ମାଗିଘେନ ବର
ପ୍ରସନ ହୋଇଲି ନାଶ ଦୁଃଖ ଗଲା ତୋର ।୪୬

ଚଣ୍ଡାଲୁଣୀ କହୁଅଛି ଶିରେ କରଦେଇଂ
ଯେ ବର ମାଗିବି ବର ଦିଅ ମହାମାଇଂ ।୪୭

ଗୁହାଳକୁ ଦେବୁ ମାଗୋ ଲକ୍ଷେଗଣ୍ଡା ଗାଈ
ଗଙ୍ଗା ଯେ ଯମୁନା ଦେବୁ ଯେ ଧାନ ମରାଇ ।୪୮

କୋଳକୁ ନନ୍ଦନ ଦେବୁ ହସ୍ତେ ସୁନାବାହି
ଚାରିଯୁଗ ରହିବି ଅମରବର ପାଇଂ ।୪୯

ଲକ୍ଷ୍ମୀ ଯେ ବୋଇଲେ ତୁ ଗୋ ହୋଇଲୁ କି ବାଇ
ଦ୍ୱାରିକା ସମ୍ପଦଯାକ ଘେନିଲୁ ଛଡ଼ାଇ ।୫୦

ସବୁ ବରଯାକ ମୁଂ ଯେ ଦେଇଂ ଯେ ପାରଇଂ
ଅମର ବର ହେଲେ ଦେଇଂ ନ ପାରଇଂ ।୫୧
ଜୀବ ଥିବାଯାକ ତୁ ଲୋ କୈବଲ୍ୟ ଭୁଂଜିବୁ
ଅନ୍ତକାଳେ ଅମର ବୈକୁଣ୍ଠରେ ବସିବୁ ।୫୨

Digitized by srujanika@gmail.com

ମୋହ ବ୍ରତ କରି ତୁ ଲୋ ବଂଚୁଥିବୁ ଦିନ
ମୋହର ବ୍ରତକୁ ତୁ ଲୋ ନ କରିବୁ ଆନ ।୫୩

ଚଣ୍ଡାଳୁଣୀ ବୋଲୁଅଛି ଶିରେ କରଦେଇଂ
ଯେଉଂ ଆଗ୍ୟାଂ ହେବ ମୋତେ ଠାକୁରାଣୀ ଆଇଂ ।୫୪

ମହାଲକ୍ଷ୍ମୀ ବୋଇଲେ ଲୋ ଚଣ୍ଡାଳୁଣୀ ତୁହି
ତୋହର ଆଗରେ ମୁଂ ଲୋ ଯାଉଅଛି କହି ।୫୫

ଗୁରୁବାର ଯେଉଂ ସ୍ତିରୀ ଭୁଞ୍ଜଇ ଆଇଂସ
ପ୍ରାଣେ ନ ମାରଇ ମୁଂ ବୁଲାଇ ଦେଶଦେଶ ।୫୬

ଗୁରୁବାର ଯେଉ ସ୍ତିରୀ ନ କାଢଇ ପାଉଂଶ
ତାହାର ବଂଶକୁ ମୁଂ କରଇ ପ୍ରାଣେ ନାଶ ।୫୭

ହାଣ୍ଡି ଧୋଇଂ ଯେଉଂ ସ୍ତିରୀ ନ ଛଡ଼ାଇ କଳା
ସବୁ ହତଶିରୀଯାକ ତାର ଘରେ ମେଳା ।୫୮

ଶେଯ ପାଡ଼ି ଯେଉଂ ସ୍ତିରୀ କରୁଥାଇଂ ବାଂକ
ସାତ ଜନ୍ମଯାଏ ସେହୁଂ ହୋଇଥାଏ କାଙ୍କ ।୫୯

ଗୁରୁବାରେ ଯେଉଂ ସ୍ତିରୀ ଭାଂଜଇ ଯେ ଖଇ
ତାହାର ବଂଶକୁ ମୁଂ ଯେ ବୁଲାଇଂ ଦେହିଂ ଦେହିଂ ।୬୦

ମୋର ଗୁରୁବାର ଯେହୁଂ ଭାଂଜଇ ଚାଉଳ
ତାହାର ବଂଶକୁ ମୁଂ କରଇ ନେହୁଳ ।୬୧

ଗୁରୁବାରେ ଯେଉଂ ସ୍ତିରୀ ଘେନଇଂ ଅଏଂଳା
ତାହାକୁ ସନ୍ତୋଷ ହୁନ୍ତି ଦେବୀ ଯେ କମଳା ।୬୨
ସିନ୍ଦୂର କଜ୍ଜଳ ସେ ହଳଦୀ ଘେନଇ
ତାହାକୁ ପ୍ରସନ ମୁହିଂ ସର୍ବଦା ହୁଅଇ ।୬୩

Digitized by srujanika@gmail.com

ଗୁରୁବାରେ ନ ଯିବଟି ସ୍ୱାମୀଙ୍କର ପାଶ
ଯେତେ ପରିଗ୍ରହ କଲେ ବୈକୁଣ୍ଠରେ ବାସ ।୬୪[୧୦]

ବର ଦେଇଂକରି ଗଲେ ଦରିଦ୍ରଭଂଜନୀ
ବିଜେକରି ଯାଉଂଛନ୍ତି ଦେବୀ କମଳିଣୀ ।୬୫

ହରି ବଳରାମ ସେ ଯେ ମୃଗୟା ଯାଇଥିଲେ
ଯୋଗବଳ କରି ବଳରାମେ ଯେ ଭେଟିଲେ ।୬୬[୧୧]

ଦେଖ ଦେଖ କନାଇ ତୋ ଭାରିଯାର ଗୁଣ
କେତେ ଯେ ଅନାଇଂ ଛନ୍ତି ଶୂଦ୍ର ଯେ ବ୍ରାହ୍ମଣ ।୬୭

ହାଡ଼ିଦ୍ୱାରେ ଥିବ ଲକ୍ଷ୍ମୀ ପାଣଦ୍ୱାରେ ଥିବ
ସ୍ନାହାନ ନ କରି ବଡ଼ଦେଉଳେ ପଶିବ ।୬୮

ଯେମନ୍ତ କରିଣ ସେ ଯେ ପୁରକୁ ଆସିବ
ଦୁଇଗୋଟି ଭାଇଙ୍କି ବିଟାଳ କରାଇବ ।୬୯

ଦରିଦ୍ରଭଂଜନୀ ବୋଲି ନାମ ଅଛି ବହି
ଦରିଦ୍ରମାନଙ୍କ ଦୁଖକଷ୍ଟ ନ ପାରଇ ସହି ।୭୦

ସୁଦଶା ବ୍ରତ ବୋଲିଣ ବ୍ରତେକ ତାହାର
ଚଣ୍ଡାଳୁଣୀ ପ୍ରତିଦିନ ପୂଜେ ତା ପୟର ।୭୧

ଏ ମୋହର ବୋଲକରି ଦିଅ ଘଉଡ଼ାଇଂ
ଏ ଭାରିଜା ଥିଲେ ଭାଇ ଭଲ ଗତି ନାହିଂ ।୭୨

ଗୋବିନ୍ଦେ ବୋଇଲେ ଭାଇ ଘଉଂଡ଼ାଇ ଦେବ
ଘରର ଘରଣୀ ଗଲେ ଶୋଭା କି ପାଇବ ।୭୩
ବଳରାମେ ବୋଇଲେ ଯେବେ ଭାରିଯାରେ କାର୍ଯ୍ୟ
ଚଣ୍ଡାଳ ସାହିରେ ଘର ତୋଳ ଦେବରାଜ ।୭୪

Digitized by srujanika@gmail.com

ଚଣ୍ଡାଳ ସାହିରେ ତୁ ଯେ ଘରେକ ତୋଳିବୁ
କୁକୁଡ଼ା ଶୂକର ଲୋଚାଯେ ପାଳିବୁ ।୭୫

ମୋହ ବଡ଼ଦେଉଳକୁ ଆଉ ନ ଆସିବୁ
ମାଇପକୁ ଘେନି ନଗ୍ର ବାହାରେ ତୁ ଥିବୁ ।୭୬

ଜଗନାଥେ ବୋଇଲେ ହେ ବଳରାମେ ଭାଇ
ଲକ୍ଷ୍ମୀପରା ଭାରିଯାକୁ ପାଇବଇଂ କାହିଂ ।୭୭

ପୁଣ୍ୟ କରିଥିଲେ ପାଇ ଏମନ୍ତ ଭାରିଯା
ଯେ ଭାରିଜା ଛାଡ଼ିଲେ କୁଳକୁ ବଡ଼ ଲଜ୍ୟା ।୭୮

ସ୍ତିରୀ ଅପରାଧ କଲେ କ୍ଷମା କରେ କାନ୍ତ
ଭୃତ୍ୟ ଅପରାଧ କଲେ କ୍ଷମେ ଯେ ସାମନ୍ତ ।୭୯

ନ ଜାଣିଣ ଦୋଷକଲା ସିନ୍ଧୁ ରାଜଜେମା
ବାରେ ମାତ୍ର ଦୋଷ ଭାଇ ତୁମ୍ଭେ କର କ୍ଷମା ।୮୦

ସ୍ୱର୍ଗର ଯେ ଦେବଗଣମାନ ଅଣାଇବା
ରୋଷାଇଂ ଯେ ସଂଚାକରି ଜାଣି ଭୁଂଜାଇବା ।୮୧''

ଯେବାର ପ୍ରମଲକ୍ଷ୍ମୀ ଜାତିରେ ଭରିବା
ଆଉବାରେ ଦୋଷକଲେ ଘଉଡ଼ାଇ ଦେବା ।୮୨

ବଳରାମେ କହୁଛନ୍ତି ଶୁଣରେ କନାଇ
କମଳିଣୀ ଥିଲେ ଭାଇ ଭଲଗତି ନାହିଂ ।୮୩

ବେଗକରି ଲକ୍ଷ୍ମୀକି ହୋ ଦିଅ ଘଉଡ଼ାଇ
ଲକ୍ଷ୍ମୀର ଗରବକୁ ଯେ ନ ପାରଇ ସହି ।୮୪
ଜଗନାଥେ ବୋଇଲେ ହୋ ବଳରାମ ଭାଇ
ଯେତେବେଳେ ସମୋଦ୍ର ମନ୍ଥିଲୁ ଗୋସାଇଂ ।୮୫

Digitized by srujanika@gmail.com

ତାର ପିତା ବରୁଣ ଯେ ବର ବରିଥିଲା
କନେକ ବେଦୀରେ ନେଇ ବିବାହ କରାଇଲା ।୮୬

ବିଭା ଦେଲାବେଳେ ମୋତେ ବୋଲିଛି ବରୁଣ
ଦଶଦୋଷ କ୍ଷମାକରିବ ଯେ ନାରାୟଣ ।୮୭

ଦଶଦୋଷୁ ଯେକଦୋଷ କ୍ଷମା ଯେ ନ କଲ
କିଂଚିତ ଦୋଷକୁ ଘଉଡ଼ାଇ ଦେଲ ।୮୮

ଗୋବିନ୍ଦେ ବୋଇଲେ ଶୁଣ ବଳରାମ ଭାଇ
କେମନ୍ତେ ଛାଡ଼ିବା ଲକ୍ଷ୍ମୀ ପ୍ରଥମ ବିଭାଇ ।୮୯

ବଳରାମେ ବୋଇଲେ ତୁ ଶୁଣ ହେ କନାଇ
ମୋହର ବଚନ ଭାଇ ନ ଭାବରେ ତୁହି ।୯୦

ଭାରିଯା ବୋଲିଣ ପାଦର ଯେ ପାଣ୍ଡୋଇ
ଭାଇ ଥିଲେ ଭାରିଯା କୋଟିଏ ବିଭା ହୋଇ ।୯୧

କୋଟି କୋଟି ରାଜକନ୍ୟା କରିବି ପ୍ରଦାନ
ବିଭା କରାଇବି ଯେହା ସତ୍ୟ ମୋ ବଚନ ।୯୨

କହୁଛନ୍ତି ଶଂକ୍ରିସେଣ ଶୁଣରେ କନାଇ
ଭାଇ ବୋଲି ଯାହା କହିବା ଦକ୍ଷିଣ ଭୁଜ ସେହି ।୯୩

ଏ କଥାକୁ ଶୋଚନା ତୁ ଯେ ନ କର କନାଇ
ଏପରି ଭାରିଜା ଥିଲେ ବାବୁ ଭଲ ଗତି ନାହିଂ ।୯୪

ଗୋବିନ୍ଦ ବୋଇଲେ ଭାଇ ଘଉଡ଼ାଇ ଦେବ
ଘରର ଘରଣୀ ଗଲେ ଶୋଭା କି ପାଇବ ।୯୫
ବଳରାମେ କହୁଛନ୍ତି ଶୁଣରେ କନାଇ
ଜାତିହୀନ ଭାରିଜାକୁ ଛୁଇଂ ନ ଯୋଗାଇ ।୯୬

Digitized by srujanika@gmail.com

ଭାଇ ଯେ କୁଟୁମ୍ବମାନେ କି ବୋଲି କହିବେ
ତୋହ ଘରର ଅନ କେଭେ ନ ଛୁଇଂବେ ।୯୭

ଧିକାର ବଚନ ପ୍ରଭୁ ସହି ନ ପାରିଲେ
ଛାଡ଼ିଲି ବୋଲିଣ ରଙ୍ଗ ଅଧରେ କହିଲେ ।୯୮

ଏତେ ବୋଲି ଜଗନାଥେ ଦେଉଛନ୍ତି କହି
ଏ ଛାର କଥାକୁ ନିକି ବାଦ ରଖିଛଇ ।୯୯[୧୩]

ଯେତେବେଳେ ଲକ୍ଷ୍ମୀକୁ ଦେଖିଲେ ଚକ୍ରଧର
ଜାଣିଲେ ପରମଲକ୍ଷ୍ମୀକୁ ଚଣ୍ଡାଳସାହିର ।୧୦୦

ସନ୍ତୋଷେ ପରମଲକ୍ଷ୍ମୀ ତାକୁ ବର ଦେଇ
ମୋହ ବ୍ରତ ବିଧିମତେ ଘେନିଥିବୁ ତୁହି ।୧୦୧

ମୋହର ଚରଣେ ଚିତ ଥିବୁ ଖଟାଇ
ମୋହର ଚରିତମାନ ଦେଉଥିବୁ କହି ।୧୦୨

କୁଡ଼ିଆ ଖଣ୍ଡିକ ତାର ବୁଲରିର ବାସ
ଲକ୍ଷ୍ମୀ ଦୟାକଲେ ତାକୁ ଜଗତି ବିଳାସ ।୧୦୩[୧୪]

ଯେଉଂ ଚଣ୍ଡାଳୁଣୀ ଘରେ ନ ଥିଲାକ ଅର୍ଣ୍ଣ
ଚଦୃପାଦେ ଦେଲେ ମାଏ ଶୁଧ୍ୟ ସେ ସୁବର୍ଣ୍ଣ ।୧୦୪[୧୫]

ଯେଉଂ ଚଣ୍ଡାଳୁଣୀ ଘରେ ନ ଥିଲାକ ପୁତ୍ର
ଲକ୍ଷ୍ମୀ ଦୟାକଲେ ତାକୁ ଦେଲେ ପାଂଚ ପୁତ୍ର ।୧୦୫

ବରଦେଇ ପରମଲକ୍ଷ୍ମୀ ବିଜେ କରିଗଲେ
ଧନ ପୁତ୍ରବନ୍ତୀ ହୁଅ ବୋଲିଣ କହିଲେ ।୧୦୬
ଶିରରେ ପଣନ୍ତ ଦେଇ ତରତର ହୋଇ
କବାଟ କଣରେ ମାଏ ବିଜେକଲେ ଯାଇଂ ।୧୦୭[୧୬]

Digitized by srujanika@gmail.com

ବାଟଛାଡ଼ ମହାପ୍ରଭୁ ଭିତରକୁ ଯିବି
ଦଶମି ଯୋଗାଡ଼ ମୁଂ ଯେ ମଣୋହିଂ ରାନ୍ଧିବି ।୧୦୮

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲୁ କି ବାଇ
ଚଣ୍ଡାଳ ଦୁଆରେ ତୁ ଯେ ଥିଲୁ କାହିଂ ପାଇଂ।୧୦୯

ଆମ୍ଭେ ନ ଦେଖିଲୁ ଯେ ଦେଖିଲେ ବଡ଼ଭାଇ
ଆମ୍ଭେ ଦେଖିଥିଲେ ଅବା ଦିଅନ୍ତୁ ଘୋଡ଼ାଇ ।୧୧୦

ଯାଅ ଗୋ ପରମଲକ୍ଷ୍ମୀ ତୁମ୍ଭରେ କାର୍ଯ୍ୟ ନାହିଂ
ଏମନ୍ତ ବୋଲିଣ ଯେ ବୋଇଲେ ଭାବଗ୍ରାହୀ ।୧୧୧

ହାଡ଼ିଘରେ ଥିବୁ ଲକ୍ଷ୍ମୀ ପାଣଘରେ ଥିବୁ
ସ୍ନାହନ ନ କରି ବଡ଼ଦେଉଳେ ପଶିବୁ ।୧୧୨

ଏମନ୍ତ କରିଣ ଯେ ଘରକୁ ଆସିବୁ
ଦୁଇଗୋଟା ଭାଇଙ୍କି ବିଟାଳ କରାଇବୁ ।୧୧୩

ଦରିଦ୍ରଭଂଜନୀ ବୋଲି ନାମ ଅଛୁ ବହି
ଦରିଦ୍ରଙ୍କ ଦୁଖକଷ୍ଟ ନ ପାରୁ ଯେ ସହି ।୧୧୪

ତୋହ ପରି ପାପୀ ଲକ୍ଷ୍ମୀ ସଂସାରରେ ନାହିଂ
ମୋହର ବଚନ ଏବେ ଶୁଣ ପ୍ରାଣସହି ।୧୧୫

ଜଗତେ ବୋଲନ୍ତି ତୋତେ ବାଇ ଠାକୁରାଣୀ
ବାଇ ପ୍ରାୟେ ବୁଲୁଥାଉ ମୋହର ଘରଣୀ ।୧୧୬

ଯେକ ଘର କରାଉ ତୁ ସହସ୍ର ଘର ଭାଙ୍ଗି
ସହସ୍ର ଘର କରାଉ ଯେକ ଘର ଭାଙ୍ଗି ।୧୧୭
ଏମନ୍ତ ବୋଲିଣ ଲକ୍ଷ୍ମୀ ମହିମା ତୁମ୍ଭର
ଆଜ ପରମଲକ୍ଷ୍ମୀ ତୁ ନ ଥା ଏ ଠାବର ।୧୧୮

Digitized by srujanika@gmail.com

ପରମଲକ୍ଷ୍ମୀ କହୁଛନ୍ତି ଠାକୁରଙ୍କୁ ଚାହିଁ
କେଉଁ ଅପରାଧେ ମୋତେ ଛାଡ଼ିଲ ଗୋସାଇଁ ।୧୧୯

ଲିପିଲାପୋଛିଲା ଠାରେ ଥିଲି ଉଭାହୋଇ
ଯେଥକୁ ଚଣ୍ଡାଳୁଣୀ ହୋଇଲି ଗୋସାଇଁ ।୧୨୦

ଗଲା ଯେ ହଜିଲା ପ୍ରଭୁ ଖୋଜିଲେ ନ ପାଇ
ତୁମ୍ଭର ଅଟଇ ମୁଂ ଯେ ପ୍ରଥମ ବିଭାଇ ।୧୨୧

ଛାଡ଼ପତ୍ର ଦେଇ ମତେ ଦିଅ ଘଉଡ଼ାଇ
ଜଗନାଥେ କହୁଛନ୍ତି ଲକ୍ଷ୍ମୀକୁ ଅନାଇ ।୧୨୨

ଆମ୍ଭର ବଂଶରେ ପୁଣ ଛାଡ଼ପତ୍ର ନାହିଁ
ଛାଡ଼ିଲାର ଭାରିଜା ଗୋ ଦେଖି ନ ଯୋଗାଇଁ ।୧୨୩

କୋଟି କୋଟି କରି କନ୍ୟା ଆମ୍ଭେ ଦାନଦେଇଁ
ମହାଲକ୍ଷ୍ମୀ କହୁଛନ୍ତି ଶ୍ରୀମୁଖକୁ ଚାହିଁ ।୧୨୪

କେଉଁ ଅପରାଧେ ମୋତେ ଛାଡ଼ିଲ ଗୋସାଇଁ
ଯେତେବେଳେ ସମୋଦ୍ର ମନ୍ଥିଲ ତୁମ୍ଭେ ଯାଇଁ ।୧୨୫

ବେଦବର ପରସାଦେ ମୋତେ ଯେ ପାଇଲ
ଯେତେବେଳେ ପ୍ରଭୁ ମନୁ ଦୟା ପାସୋରିଲ ।୧୨୬

ମୋର ପିତା ବରୁଣ ଯେ ବର ବରିନେଲା
କନେକ ବେଦିରେ ମୋତେ ବିଭା କରାଇଲା ।୧୨୭

ଝିଅ ଦେଇ ତୁମ୍ଭଠାରେ ପଶିଲା ଶରଣ
ଦଶଦୋଷ କ୍ଷମା ତୁମ୍ଭେ କରିବ ଆପଣ ।୧୨୮
ଦଶଦୋଷୁ ଯେକଦୋଷ କ୍ଷମା ତ ନ କଲ
କେଉଁ ଅପରାଧେ ତୁମ୍ଭେ ଘଉଡାଇଁ ଦେଲ ।୧୨୯

Digitized by srujanika@gmail.com

ଜଗନ୍ନାଥେ କହୁଛନ୍ତି ଲକ୍ଷ୍ମୀଙ୍କି ଅନାଇଂ
ବାପା ତୋ ଲୁଣିୟା ହୁଣ୍ଡା(ବୁଡା)ଗର୍ଜି ମରୁଥାଇ ।୧୩୦

ଝିଅ କାଣୀ ଟେରୀ ଗୁଣ କହିଲେ ନ ସରଇ
ଯେତେବେଳେ ଦେଉଳେ ରହିଲଇଂ ମୁହିଂ ।୧୩୧

ବାପା ଗରଜନ ତୋର ନ ପାରିଲି ସହି
ମେଘନାଦ ପାଚେରି .ଯେ ଗୋଟିୟେ ବେଢାଇ ।୧୩୨

ପରମଲକ୍ଷ୍ମୀ କହୁଛନ୍ତି ପ୍ରଭୁଙ୍କୁ ଅନାଇଂ
ଆମ୍ଭ ଜାତି କୁଳ ତୁମ୍ଭେ ଭର୍ତ୍ସିଲ ଗୋସାଇଂ ।୧୩୩

ପ୍ରଭୁପଣେ ସବୁ କହିପାର ହେ ଗୋସାଇଂ
ତୁମ୍ଭ ଜାତି କୁଳ କେଡ଼େ କହିବଇଂ ମୁହିଂ ।୧୩୪

ପାଣ୍ଡବେଙ୍କ ଛଳେ ପ୍ରଭୁ ଦୂତପଣେ ଗଲ
ବିଦୁର କେବଣ ଜାତି ତା ଘରେ ଭୁଂଜିଲ ।୧୩୫

ବିଶୁନୁପାତିଆ ଘରେ ଭୁଂଜିଲ ଗୋସାଇଂ
ବିଶୁନୁପାତିଆ ବୋଲି ଯେ ବିଦୁରକୁ କହି ।୧୩୬

ମାତା ଶୂଦ୍ରାୟେଣୀ ଯେ ବ୍ରାହ୍ମଣ ତାର ପିତା
ତା ଘରେ ଭୁଂଜିଲ ପ୍ରଭୁ ଜଗତକରତା ।୧୩୭

ରାମ ନାମେ କବୀର ଯେ ଜାତିରେ ଭୁତୁକ
ଭକ୍ତଭାବେ ତା ଘରେ ଭୁଂଜିଲ ଜଗନାଥ ।୧୩୮

ବସୁ ନାମେ ଶବର ସେ ବନସ୍ତେ ତା ଘର
କେନ୍ଦୁ ଯେ କପିଥ ଘେନି ପୂଜିଲା ପୟର ।୧୩୯
ପିତା କଷା ଫଳମାନ ଶବର ଚାଖଇଂ
ମଧୁର ଯେ ଫଳ ଲାଗେ ତୁମ୍ଭ ତୁଣ୍ଡେ ଦେଇଂ ।୧୪୦

Digitized by srujanika@gmail.com

ନନ୍ଦଘରେ ରହିଲ ବେନିଗୋଟି ଭାଇ
ତୁମ୍ଭ ଜାତି କୁଳ ଏମନ୍ତ ଅଟଇ ।୧୪୧[୧୭]

ଜଗନ୍ନାଥେ କହୁଛନ୍ତି ସବୁ କଥା ହେଉଂ
ଯାଅ ଯା ବୋଲି ବୋଇଲେ ଲକ୍ଷ୍ମୀ କିଂପାଇ ନ ଯାଉ।୧୪୨

କମଳିନୀ ଦେବୀ ତହୁଂ ମନେ ବିଚାରିଲେ
ଜଗନାଥ ମହାପ୍ରଭୁ ମୋତେ ନିଷୟ ଛାଡ଼ିଲେ ।୧୪୩

ଜଗନାଥେ ବୋଇଲେ ଲକ୍ଷ୍ମୀ ଏମନ୍ତ କରିବି
ଯାଚି ପଡି ବରତନ ଲେଖି ଯୋଖି କରି ଦେବି ।୧୪୪

ଭାଇଙ୍କି ପ୍ରବୋଧି ଯେ ମୁଂ ଆଣିବି ସେହିକ୍ଷଣି
ପରମଲକ୍ଷ୍ମୀ ବୋଇଲେ ପଡ଼ିରେ କାର୍ଯ୍ୟ ନାହିଂ ପୁଣି ।୧୪୫

ରାଣ୍ଡ ନିଲକ୍ଷଣୀ ଝିଅ ନୋହଇ ଯେ ମୁହିଂ
ଅନାସ୍ତ ଜନଙ୍କ ପ୍ରାୟ ଦେଲ ଘଉଡ଼ାଇଂ ।୧୪୬

ପିତାଙ୍କ ଘରକୁ ମୁଂ ଯେ ଯିବଇଂ ବାହୁଡ଼ି
ତୁମ୍ଭ ଅଳଙ୍କାର ନିଅ ଦେଉଅଛି କାଢି ।୧୪୭

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲ କି ବାଇ
ଅଳଙ୍କାର ତୋର ଆମ୍ଭେ ନେବୁ କାହିଂ ପାଇଂ ।୧୪୮

ଯେଉଂପରି ଭାରିଯାର ଦେହେ ଅଳଙ୍କାର ଥାଇଂ
ତାହାର ଗୁରସ୍ତ କି ରୂପେ ନିଅଇଂ ।୧୪୯

ପରମଲକ୍ଷ୍ମୀ ବୋଇଲେ ହୋ ତାହା ତ ନୁହଇଂ
ତୁମ୍ଭର ଅଟଇ ମୁଂ ଯେ ପ୍ରଥମ ବିଭାଇ ।୧୫୦
ପଶ୍ଚାନ୍ତେ ବୋଲିବ ଲକ୍ଷ୍ମୀ ଆମ୍ଭ ଘରେ ଥିଲା
ଲକ୍ଷେ ଟଙ୍କାର ଅଳଙ୍କାର ଆମ୍ଭର ସେ ନେଲା ।୧୫୧[୧୮]

Digitized by srujanika@gmail.com

ଯେତେ ଅପକ୍ଷାତି ମୋର ନୋହୁଁ ନା ଗୋସାଇଁ
ତୁମ୍ଭ ଅଳଙ୍କାର ତୁମ୍ଭେ ନିଅ ବାହୁଡ଼ାଇଁ ।୧୫୨

ଚିରା ବସ୍ତ୍ର ପିନ୍ଧି ପାଟ ପାଲଟି ଥୋଇଲେ
ହସ୍ତରୁ ସୌବର୍ଣ୍ଣ ବାହି ଖୋଲି ପକାଇଲେ ।୧୫୩

ଶିରରୁ କଢିଲେ ମାଏ ମୁକୁତାର ଝାଲି
ହୃଦରୁ କାଢିଲେ ଇନ୍ଦ୍ରଗୋବିନ୍ଦ କାଂଚୋଲି ।୧୫୪

ଅଂଟାରୁ କାଢିଲେ ସେ ରତ୍ନ ଓଡ଼ିଆଣି
ନାସାରୁ କାଢିଲେ ସେ କନେକ ବସଣି ।୧୫୫

କାନରୁ କାଢିଲେ ମାଯେ ହୀରାର କୁଣ୍ଡଳ
ଗଳାରୁ କାଢିଲେ ଯେ ଦୋସରି ଚିନାମାଳ ।୧୫୬

ଅନ୍ୟ ଅଳଙ୍କାର କଥା କି କହିବା ଆଉ
ଗୁଣ୍ଡକଲେ ସମସ୍ତ ଦିଶନ୍ତି ଦାଉଦାଉ ।୧୫୭

ଅଷ୍ଟ ଅଳଙ୍କାର ମାଯେ ଏକଗୁଣ୍ଡ କଲେ
ପ୍ରଭୁଙ୍କ ଛାମୁରେ ସମର୍ପିଣ ଦିଲେ ।୧୫୮

ଗୋବିନ୍ଦେ ବୋଲନ୍ତି କଥାଯେକ କହିବଇଂ ମୁହିଂ
ଆମ୍ଭର ଯେ ଅଳଙ୍କାରେ ପ୍ରୟୋଜନ ନାହିଂ ।୧୫୯

ଯେଉଂ ମାଇପକୁ ଯେଉଂ ଗୁରସ୍ତ ଛାଡ଼ଇଂ
ଛ ମାସକୁ ଭାତଲୁଗା ଲେଖିଯୋଖି ଦେଇଂ ।୧୬୦

ମୋହରି ପରାଯେକ ସ୍ତ୍ରୀରିଏ ଆଣିବ
ଯେହି ଅଳଙ୍କାରମାନ ଆଭରଣ ଦେବ ।୧୬୧
ମୁହିଂ ଯାଉଅଛି ରାଣ୍ଡ ନିଲକ୍ଷଣୀ ହୋଇଂ
ଯେ ମୋହର ଶାପ୍ୟ ଘେନ ଦୁଇଭାଇ ।୧୬୨

Digitized by srujanika@gmail.com

ସତେ ଯେବେ ଚନ୍ଦ୍ରସୂର୍ଯ୍ୟ ହେବେ ଆତଯାତ
କଦାଚିତେ ଅର୍ଣ୍ଣ ନ ମିଳିବ ଜଗନାଥ ।୧୬୩

ବାର ଯେ ବରଷ ତୁମ୍ଭେ ଦରିଦ୍ର ହୋଇବ
ଅର୍ଣ୍ଣ ପାଣି ମାଗିଲେ ତୁମ୍ଭଙ୍କୁ ନ ମିଳିବ ।୧୬୪

ବସ୍ତ୍ର ହିଂ ମାଗିଲେ ବସନ ଦେବେ ନାହିଂ କେହିଂ
ମହାଦୁଖ ପାଇବ ଯେ ଦୁଇଗୋଟି ଭାଇ ।୧୬୫

ଅର୍ଣ୍ଣ ଯେ ନ ମିଳୁ ତୁମ୍ଭଙ୍କୁ ବାର ଯେ ବରଷ
ବାହର କରି ଦେବାର ପାଇବଟି ଦୋଷ ।୧୬୬

ମୁହିଂ ଚଣ୍ଡାଳୁଣୀ ଯେବେ ରାନ୍ଧିଦେବି ଅନ୍ନ
ତୁମ୍ଭେ ଯେ ଭୁଂଜିବ ପ୍ରଭୁ କାଳୀୟଗଞ୍ଜନ ।୧୬୭

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲ କି ବାଇ
ତୋହରି କହିଲେ କି ଦରିଦ୍ର ଆମ୍ଭେ ହୋଇ ।୧୬୮

ବାଉନ କୋଟି ଭଣ୍ଡାର ଅଛି ନା ଆମ୍ଭର
ତେତିଶ କୋଟି ଦେବତା ଖଟନ୍ତି ପୟର ।୧୬୯

ଯେତେ ବୋଲି ପ୍ରମଲକ୍ଷ୍ମୀ ଶାପ୍ୟ ଦେଇଗଲେ
ଦେଉଳୁଂ ବାହାର ହୋଇ ଖଣ୍ଡେ ଦୂର ଗଲେ ।୧୭୦

ଏହିକାଳେ ଦାସୀ ଯାଇଂ ପ୍ରବେଶିଲେ ପାଶ
ବୋଇଲେ ଗୋ ମାତ କାହିଂ ଯାଉଅଛ ଆସ ।୧୭୧

ବଡ଼ ଦେଉଳକୁ ଲକ୍ଷ୍ମୀ ଲେଉଟି ଚାହିଂଲେ
କିପାଇଂ ଗୋଡ଼ାଇଅଛ ଦାସୀଙ୍କି ବୋଇଲେ ।୧୭୨
ମୁହିଂ ଯାଉଅଛି ରାଣ୍ଡ ନିଲକ୍ଷଣୀ ହୋଇ
ମୋହର ସଙ୍ଗତେ କିମ୍ପା ଅଛ ଲୋ ଗୋଡ଼ାଇ ।୧୭୩

Digitized by srujanika@gmail.com

ଲକ୍ଷ୍ମୀ ଠାକୁରାଣୀ ତୁମ୍ଭେ ଯାଉଅଛ କାହିଁ
କାହର ମୁଖକୁ ଆମ୍ଭେ ଚାହିଁବୁ ଗୋ ଆଇ । ୧୭୪

ଛପନ କୋଟି ଜୀବଙ୍କୁ ଦେଉଅଛୁ ପଡ଼ି
ଅନାସ୍ତ କରିଣ ଯେବେ କାହିଁ ଯିବ ଛାଡ଼ି । ୧୭୫

ଏହା ଶୁଣି ପ୍ରମଲକ୍ଷ୍ମୀ ଚିତେ ଦୟାକଲେ
ଆସ ଆସ ବୋଲି ମୁଖେ ଆଗ୍ୟାଂଦିଲେ । ୧୭୬

ଯେତେ କହି ପ୍ରମଲକ୍ଷ୍ମୀ ପଳାଇଣ ଗଲେ
ସିନ୍ଧୁତଟେ ଯାଇଣ ପ୍ରବେଶ ହୋଇଲେ । ୧୭୭

ବାରାସ୍ୱତିପୁରରେ ବରୁଣ ରହିଥିଲା
କମଳା ସୁମରନ୍ତେ ଯେ ସନିଧେ ପ୍ରବେଶ ହୋଇଲା । ୧୭୮

ଦେଖିଲା ବରୁଣ ଯହୁଁ କମଳା ରୋଦନ
ଶରଦ ଚନ୍ଦ୍ରମାମୁଖ ଯେ ହୋଇଛି ମଳିଣ । ୧୭୯

କମଳା ବଚନ ଶୁଣି ବୋଲନ୍ତି ବରୁଣ
ବାହାରି ଯିବାକୁ କିମ୍ପା ଆଗ୍ୟାଂ ଦିଲେ ନାରାୟଣ । ୧୮୦

ପ୍ରମଲକ୍ଷ୍ମୀ ବୋଇଲେ ପିତା ଶୁଣ ମନଦେଇ
ଚଣ୍ଡାଳ ଦୁଆରେ ମୁଂ ଯେ ଥିଲି ଉଭାହୋଇ । ୧୮୧

ବଡ଼ଭାଇ ବଳରାମେ ସହି ନ ପାରିଲେ
ଅନେକ ପ୍ରକାରେ କଟୁ ବଚନ କହିଲେ । ୧୮୨

ମୋହର ଯେ ପ୍ରଭୁ ତାହା ନ ପାରିଲେ ସହି
କୋପଭର ହୋଇ ମୋତେ ଦିଲେ ଘଉଡ଼ାଇଂ । ୧୮୩
ବରୁଣ ବୋଇଲେ ଯେ କମଳା ମୁଖ ଚାହିଁ
ଆମ୍ଭର ପୁରକୁ ମାଗୋ ଚାଲ ବେଗେ ତୁହି । ୧୮୪

Digitized by srujanika@gmail.com

ପ୍ରମଲକ୍ଷ୍ମୀ ବୋଇଲେ ବରୁଣ ମୁଖ ଚାହିଁ
ତୁମ୍ଭର ପୁରକୁ ପିତା ଯିବି କାହିଁପାଇଁ ।୧୮୫

ଏହି ଯେ ଠାବରେ ମୁଁ ମୋର ଘର ତୋଳାଇବି
ଖୁଂଟି ଯେ ବାଙ୍ଛ ପରି ଦିନ ମୁଁ ହରିବି ।୧୮୬

ବରୁଣ ପୁରକୁ ଯେ ନ ଗଲେ ମହାମାଇ
କୋବେରକୁ ସୁମରଣ କଲେ ଲକ୍ଷ୍ମୀଦେଇ ।୧୮୭

ଭୋ ପିତା କୋବେର ତୋର ପରିମୁଣ୍ଡା ଯାଇ
ଦିବ୍ୟକରି ଘର ମୋତେ ଦେବାକ ତୋଳାଇ ।୧୮୮

କମଳା ବଚନ ଯହୁଁ କୋବେର ଶୁଣିଲେ
ସର୍ଗ ବିଶକର୍ମାକୁ ସେ ରାଇ ଆଗ୍ୟାଂ ଦିଲେ ।୧୮୯

ତୁମ୍ଭେ ହୋ ବିଶକର୍ମା ବେଗେ ଚଳିଯିବୁ
କମଳାଙ୍କୁ ଦିବ୍ୟପୁର ତୋଳାଇଣ ଦେବୁ ।୧୯୦

ବିଶକର୍ମା ବୋଇଲା ତୋ ଆଗ୍ୟାଂପାଇ ଯିବି
କେବଣ ଠାବରେ ଘର ଗୋଟାଏ ତୋଳିବି ।୧୯୧

ଲକ୍ଷ୍ମୀ ବୋଇଲେ ସମୋଦ୍ର ପଶ୍ଚିମକୁ ଯିବୁ
କୋଣାରଖ ପାରୁଶରେ ଘର ଗୋଟିଯେ ତୋଳିବୁ ।୧୯୨[୨୦]

କୋବେର ବଚନେ ବିଶକର୍ମା ଚଳିଗଲା
କମଳାଙ୍କୁ ଦିବ୍ୟପୁର ତୋଳାଇଣ ଦିଲା ।୧୯୩

ବୈଦୁର୍ଯ୍ୟର କାନ୍ଥ ଯେ ମାଣିକ୍ୟର ବତା
ଗଣ୍ଡିକରେ ଲାଗିଅଛି ଛ ବୋଡ଼ି ମୁକୁତା ।୧୯୪
ଗୋଟିଏ ଯେ ବାହିଂକୁ ଯେ ମୁକୁତା ଗୋଟିଏ
କ୍ଷିଦ୍ର ମୋତି ଲାଗିଅଛି ପୋହଳା ଥୋଡ଼ାଏ ।୧୯୫

Digitized by srujanika@gmail.com

ଚାରିଚାଳେ ହୋଇଅଛି ମୁକୁତା ବସଣି
ପାଟସୂତା ଗଣ୍ଠିମାନ ଦେଇଛନ୍ତି ଟାଣି ।୧୯୬

ଉପରେ ଯେ ସୋବର୍ଣ୍ଣ କଳସ ବସାଇଲେ
ବିଚିତ୍ରକରିଣ ତହୁଂ ପୁର ମଣ୍ଡାଇଲେ ।୧୯୭

ଦଶ ଅବତାର ଯାକ କାନ୍ଥରେ ଲେଖିଲେ
ଦେଖିକରି କମଳା ଯେ ସାନନ୍ଦ ହୋଇଲେ ।୧୯୮''

ଦଶ ଅବତାର ଦେଖି ପାପକର କ୍ଷୟେ
ଅନୁଗ୍ରହ କରିବେ ତ୍ରଇଲୋକ୍ୟ ଦେବରାୟେ ।୧୯୯

କେଉଂଠାରେ ଲେଖିଗଲେ ମଛ ଯେ ମୂରତି
ଶଂଖାସୁର ମାରି ବ୍ରହ୍ମା ବେଦ ଉଧରନ୍ତି ।୨୦୦

କେଉଂଠାରେ ଲେଖିଗଲେ କୃମ ରୂପ ଗୋଟି
ସମୋଦ୍ର ମନ୍ଥନୁ ମେରୁ ଧରିଛନ୍ତି ପିଠି ।୨୦୧

ବରେହା ରୂପେଣ ପୃଥୀ ଦନ୍ତାଗ୍ରରେ ଧରି
ନରସିଂହ ରୂପରେ ଯେ ହିରଣ୍ୟ ବିଦାରି ।୨୦୨

ବାମନ ରୂପେଣ ବଇଲୋଚନ ସଂହାରି
ଏହି ରୂପେ ରହିଲେ ଲକ୍ଷ୍ମୀ ମହାଦେଈ ।୨୦୩

ଦିବସ ଯାଇଣ ରାତ୍ର ପ୍ରବେଶ ହୁଅଇ
ଜଗନାଥ ବୋଇଲେ ଶୁଣ ବଳରାମ ଭାଇ ।୨୦୪

ସହସ୍ରେ ଚନ୍ଦ୍ର ଦିହୁଡ଼ି ଛାମୁରେ ଜଳଇ
ସଂଚାଦି ଗଡ଼ାଇଲେ ଜଳ ନ ମିଳିଲା ଭାଇ ।୨୦୫
ବଳରାମ ବୋଇଲେ ହରି ହୋଇଲୁ କି ବାଇ
ଚଣ୍ଡାଳ ଦୁଆରେ ସେ ଯେ ବୁଲୁଥାଇ ଯାଇ । ୨୦୬

Digitized by srujanika@gmail.com

କାଣୀ ଛାର ଭାରିଯାକୁ ଚିନ୍ତାକରୁ ଭାଇ
ଏମନ୍ତ ବୋଲିଣ ଯେ ବଳରାମେ କହି। ୨୦୭

ଯେବେ ଭାରିଯାକୁ ଶ୍ରଧା ଥିଲା ଯେ ତୋହର
ଗୋଡ଼ାଇ ନ ଗଲୁ କିଂପା ତାହା ସଂଗତର ।୨୦୮

ଜ୍ୟେଷ୍ଠଭାଇ ଅଛି ମୁଂ ଯେ ପିତାର ସମାନ
କାଣୀ ଛାର ଭାରିଯାକୁ ଚିନ୍ତାକରୁ ପୁଣ ।୨୦୯

ଭାଇ ବୋଲି ଯାହାକୁ ଡାହାଣ ଭୁଜ କହି
ଭାରିଯା ମାତର ସିନା ଚରଣ ପାଣୋଇ ।୨୧୦

ଏ ଛାର ଭାର୍ଯ୍ୟାକୁ ଭାଇ ବିଚାରୁଛୁ ତୁହି
ସୁନ୍ଦର ସ୍ତିରୀ ଯେ ବିଭା କରାଇବି ମୁହିଂ ।୨୧୧

ତାହା ଶୁଣି ହସିଲେ ଠାକୁର ନାରାୟେଣ
ଆଉ ନିକି ବିଭା ଭାଇ ନ ହୋଇବି ପୁଣ ।୨୧୨

ଏତେ ବୋଲି କୁହାକୁହି ହେଲେ ଦୁଇ ଭାଇ
ବଳରାମେ ବୋଲୁଛନ୍ତି ଶୁଣରେ କନାଇ ।୨୧୩''

ଭିତର ପୁରକୁ ଯିବାରେ ଚଳାଇ
ରତ୍ନଖଟ ଶେଜରେ ଶୋଇବା ବେନିଭାଇ ।୨୧୪

ଭିତରକୁ ବିଜେ କଲେ ଦେବ ନାରାୟଣ
ରତ୍ନଖଟ ସଜାଇଲେ ପ୍ରଭୁ ଯେ ଆପଣ ।୨୧୫

ରତ୍ନଖଟ ଉପରେ ତୁଳାର ସେ ଯେ ଶେଯ
ତଥିର ଉପରେ ପଡ଼ି କପୂରର ରଜ ।୨୧୬
ତଥିର ଉପରେ ପଡ଼େ ପାଖୁଡ଼ା ସେବତି
ତଥି ପରେ ବିଛାଇଲେ ପଟନିର ଧୋତି।୨୧୭

Digitized by srujanika@gmail.com

ଯେ ରୂପେ ଉତାଗ୍ରୁ ପ୍ରଭୁ କବାଟ କିଳିଲେ
ସୋଭଦ୍ରାକୁ ରାଇ ବଳରାମ ଆଗ୍ୟାଂଦିଲେ ।୨୧୮[୨୩]

ଯେବେ ତୁ ସୋଭଦ୍ରା ମା ଗୋ ଏମନ୍ତ କରିବୁ
ଭଣ୍ଡାର ଯେ ଘର ଜଗି ନିଶ୍ଚିନ୍ତେ ଶୋଇବୁ ।୨୧୯

ଆଗ୍ୟାଂ ପରମାଣେ ଯେ ସୋଭଦ୍ରା ଚଳିଗଲା
ଭଣ୍ଡାର ଯେ ଘର ଜଗି ନିଶ୍ଚିନ୍ତେ ଶୋଇଲା ।୨୨୦

ଯମନ୍ତେଣ ରାତ୍ର ବେନି ଘଡ଼ି ବହିଗଲେ
ନିଦ୍ରା ଯେ ବତୀକି ଦେବୀ ସୁମରଣା କଲେ ।୨୨୧

ତୁହି ନିଦ୍ରାବତୀ ମାଏ ଏମନ୍ତ କରିବୁ
ହରି ବଳରାମ ନେତ୍ରେ ନିଦ୍ରା ଯେ ଘାରିବୁ ।୨୨୨

ଅଚେତନ ନିଦ୍ରା ଯିବେ ବେନିଗୋଟି ଭାଇ
କୋଣେ ପରିଯନ୍ତ ନାକ ଗର୍ଜନ ଶୁଭଇ ।୨୨୩

ଆଗ୍ୟାଂପାଇ ନିଦ୍ରାଦେବୀ ବେଗେ ଚଳିଗଲା
ରାମକୃଷ୍ଣ ନୟନରେ ନିଦ୍ରା ଯେ ଘାରିଲା ।୨୨୪

ହନୁମନ୍ତ ଡାକି ଆଗ୍ୟାଂଦେଲେ ଲକ୍ଷ୍ମୀଦେଈ
ରୈବତ ପର୍ବତେ ଯେ ହନୁମନ୍ତ ଥାଇ ।୨୨୫[୨୪]

ଅଷ୍ଟ ବେନ୍ତାଳଙ୍କୁ ବାବୁ ସଙ୍ଗତରେ ଘେନି ଯିବୁ
ଭଣ୍ଡାର ଯେ ଘରଯାକ ବୁହାଇ ଆଣିବୁ ।୨୨୬

ଭଣ୍ଡାର ଘର ଜଗି ସୋଭଦ୍ରା ଯେ ଥିବ ଶୋଇ
ସୋବର୍ଣ୍ଣରେ ବେନି ଚୁଡ଼ି ଆଣିବୁ ଫେଇ ।୨୨୭
ହନୁ ଅଷ୍ଟବେନ୍ତାଳ ଯେ ଶ୍ରୀଚରଣେ ପଡ଼ିଲେ
ଦେଖିକରି କମଳିଣୀ ସନ୍ତୋଷ ହୋଇଲେ ।୨୨୮

Digitized by srujanika@gmail.com

ଯେତେ ବୋଲି ହନୁମନ୍ତ ବେଗେ ଚଳିଗଲା
ଭଣ୍ଡାର ଘରେ ଯାଇଣ ପ୍ରବେଶ ହୋଇଲା ।୨୨୯

ଅଚେତନ ହୋଇ ଯେ ସୋଭଦ୍ରା ଅଛି ଶୋଇ
ସଧୀରେ ଆଣିଲା ଯେ ସୋବର୍ଣ୍ଣ ବାହି ଫେଇ ।୨୩୦

ବେନି ଚୁଡ଼ି ବେନି ପିଡା ହନୁ ଘେନି ଗଲା
କମଳାଙ୍କ ଛାମୁରେଣ ପ୍ରବେଶ ହୋଇଲା ।୨୩୧

ଦେଖିଣ ପ୍ରମଲକ୍ଷ୍ମୀ ସାନନ୍ଦ ହୋଇଲେ
ହନୁମନ୍ତ ମୁଖ ଚାହିଁ ବଚନ ବୋଇଲେ ।୨୩୨

ପ୍ରମଲକ୍ଷ୍ମୀ ବୋଇଲେ ବାବୁ ଏମନ୍ତ କରିବୁ
ରୋଷାଇଂଶାଳରେ ଯାଇଂ ପ୍ରବେଶ ହୋଇବୂ ।୨୩୩

ଖାଦ୍ୟଦ୍ରବ୍ୟ ଯେତେ ଅଛି ସମସ୍ତ ଭୁଂଜିବୁ
ଛାଂଚୁଣି କି କୁଲା କରି ସମସ୍ତ ଆଣିବୁ ।୨୩୪

ଶୁଣିକରି ହନୁମନ୍ତ ସାନନ୍ଦ ହୋଇଲା
ରୋଷାଇଂଶାଳରେ ଯାଇଂ ପ୍ରବେଶ ହୋଇଲା ।୨୩୫

ଚଉରାଅଶୀ ତିଉଣ ଉତମ ଅର୍ଣ୍ଣ ଖାଇଲା
ସମସ୍ତରୁ ଭାଗେ ଭାଗେ ଅଷ୍ଟ ବେନ୍ତାଳଙ୍କୁ ଦିଲା ।୨୩୬

ଗଙ୍ଗାବାଇ ପଇଡ଼ ପଣା ଯେ ପଂଚାମୃତ
ଅମୃତ ପାଣିକଦଳୀ ଖାଇ ତୋଷ ଚିତ ।୨୩୭

ପୁରି କାକରା ହିଂ ସର୍ବ ପଦାର୍ଥ ଖାଇଲା
ହାଣ୍ଡିମାନ ନେଇ ଏକଠାବେ କଚାଡ଼ିଲା ।୨୩୮
ଯେତେ ହାଣ୍ଡି ପିଠା ଥିଲା ସମସ୍ତ ଖାଇଲା
ଥୋକାଏ ତହିଂରୁ ଅଷ୍ଟବେନ୍ତାଳଙ୍କୁ ଦିଲା ।୨୩୯[୨୫]

Digitized by srujanika@gmail.com

କାଠ ଚଟୁ ବନକି ଯେ ସବୁକୁ ଆଣିଲା
କଡାକର ଦ୍ରବ୍ୟ ତହିଂ କିଛି ନ ରଖିଲା ।୨୪୦

କମଳାଙ୍କ ଛାମୁରେ ତୁରିତେ ନେଇ ଦିଲା
ଥୋକାଏକ ଦ୍ରବ୍ୟ ତହୁଂ ଲାଂଜିରେ ବାନ୍ଧିଲା ।୨୪୧

ଦେଖିକରି କମଳା ଯେ ସାନନ୍ଦ ହୋଇଲେ
ହନୁମନ୍ତ ମୁଖ ଚାହିଂ ବଚନ ବୋଇଲେ ।୨୪୨

ତୁହୋ ହନୁମନ୍ତ ବାବୁ ଏମନ୍ତ କରିବୁ
ଗଙ୍ଗା ଯେ ଯମୁନା ଦୁଇ ମରାଇ ଆଣିବୁ ।୨୪୩

ଶୁଣି କରି ହନୁମନ୍ତ ବୋଲଇ ବଚନ
ମରାଇ ଦୁଇ ଯେ କୋଟି ପର୍ବତ ସମାନ ।୨୪୪

ଶ୍ରୀରାମ ରାବଣର ଯୁଧ୍ୟ କାଳେ ମୁହିଂ
କୋଟି କୋଟି ପର୍ବତ ଯେ ଆଣିଲଇଂ ବହି ।୨୪୫

ଶତକୋଟି ପର୍ବତ ମୁଂ ବସାଇ ପିଠିର
ସାତକୋଟି ପର୍ବତ ମୁଂ ବାନ୍ଧିଲି ଲାଂଜର ।୨୪୬

ଯେକା ବେଳକରେ ସେତୁବନ୍ଧ ମୁଂ ବାନ୍ଧିଲି
ବିଶ୍ୱରୂପ ଧରି ମୁଂ ଶ୍ରୀରାମ କାର୍ଯ୍ୟକଲି ।୨୪୭

ଯେ ଛାର ମରାଇ ମତେ ତିରଣ ମାତର
ଯେତେ ବୋଲି ମନେ ବିଚାରଇ ମହାବୀର ।୨୪୮

ପ୍ରମଳକ୍ଷ୍ମୀଙ୍କୁ ହନୁ ସୁମରଣ କଲା
ଦୁଇ ମରାଇକୁ ଶିରରେ ତୋଳିଲା ।୨୪୯
ବିଜେ କରିଗଲା ହନୁ ପବନକୁମର
ପ୍ରମଳକ୍ଷ୍ମୀ ସମ୍ମୁଖରେ ମିଳିଲା ସତ୍ୱର ।୨୫୦

Digitized by srujanika@gmail.com

ଦେଖିକରି ପ୍ରମଲକ୍ଷ୍ମୀ ସାନନ୍ଦ ହୋଇଲେ
ହନୁମନ୍ତକୁ ଚାହିଂଣ ବଚନ ବୋଇଲେ ।୨୫୧

ଏବେ ହନୁମନ୍ତ ବାବୁ ଏମନ୍ତ କରିବୁ
ଗନ୍ତାଘରେ ଯାଇ ତୁ ପ୍ରବେଶ ହୋଇବୁ ।୨୫୨

ପାଟ ଯେ ପତନି ନେତ ବହି ତୁ ଆଣିବୁ
ଗଙ୍ଗାଜଳ ଚାମର ହିଂ ପଦକ ଆଣିବୁ ।୨୫୩

ଅଗରୁ ଚନ୍ଦନ ଯେତେ ପଦାର୍ଥ ସୁବାସ
ଗନ୍ତାଘର ଯାକ ବୀର ସକଳ କଲା ଧଂସ ।୨୫୪

କାଶୀବେତ ଗୌରୀନେତ ନିରଞ୍ଜନପାଟ
ସମସ୍ତ ଘେନିଅଇଲା ପବନର ଟାଟ ।୨୫୫

କମଳିଣୀ ଛାମୁରେ ତୁରିତେ ଦିଲା ନେଇ
ଦେଖିକରି ପ୍ରମଲକ୍ଷ୍ମୀ ଆନନ୍ଦିତ ହୋଇ ।୨୫୬

ପ୍ରମଲକ୍ଷ୍ମୀ ବୋଇଲେ ବାବୁ ଏବେ ଚଳିଯିବୁ
ଶୋଇବାର ଘରେ ପ୍ରବେଶ ହୋଇବୁ ।୨୫୭

ହରି ବଳରାମେ ଛନ୍ତି ରତ୍ନଖଟେ ଶୋଇ
ଅଚେତନ ନିଦ୍ରା ଯାଇଛନ୍ତି ବେନିଭାଇ ।୨୫୮

ଯେଉଂ ରତ୍ନଖଟେ ଶୋଇଛନ୍ତି ବେନିଭାଇ
ଯେଉଂ ପାଟବସ୍ତ୍ର ପିନ୍ଧିଛନ୍ତି ଭାବଗ୍ରାହୀ ।୨୫୯

ଚିରାବସ୍ତ୍ର ପିନ୍ଧାଇ ପାଟବସ୍ତ୍ର ଘେନି ଆଇ
ରତନଖଟ ଗୋଟିକୁ ଆଣିବୁ ଶିରେ ବହି ।୨୬୦
ଏହା ଶୁଣି ହନୁମନ୍ତ ବେଗେ ଚଳିଗଲା
ବଡ଼ ଦେଉଳରେ ଯାଇଂ ପ୍ରବେଶ ହୋଇଲା ।୨୬୧

Digitized by srujanika@gmail.com

ଶୋଇଥିଲେ ହରି ବଳରାମ ରତ୍ନଖଟ ପର
ଶୁଆଇଲା ନେଇ ଦଉଡ଼ିଆ ଖଟର ।୨୬୨

ରତ୍ନଖଟ ବହିଆଣିଲା ପବନ ତନଇ
ଚିରାବସ୍ତ୍ର ପିନ୍ଧାଇ ପାଟ ଆଣିଲା ପାଲଟାଇ ।୨୬୩

ଖଟ ପାଟବସ୍ତ୍ର ଘେନି ହନୁ ଚଳିଗଲା
ପ୍ରମଲକ୍ଷ୍ମୀ ଛାମୁରେଣ ନେଇ ଦିଲା ।୨୬୪

ଦେଖିଣ ପ୍ରମଲକ୍ଷ୍ମୀ ସାନନ୍ଦ ହୋଇଲେ
ହନୁମନ୍ତ ମୁଖ ଚାହିଁ ବଚନ ବୋଇଲେ ।୨୬୫

ହନୁମନ୍ତ ବାବୁ ଏମନ୍ତ କରିବୁ
ପୁତିଲାର ଧନରତ୍ନ ବହିଣ ଆଣିବୁ ।୨୬୬

ହନୁମନ୍ତ ବୋଇଲେ ଲକ୍ଷ୍ମୀଙ୍କ ମୁଖ ଚାହିଁ
ତୁମ୍ଭର ମୁଖରେ ମା ଗୋ କିଛି ଲଜ୍ୟା ନାହିଁ ।୨୬୭

ଯେତେ ଧନରତ୍ନ ମୁଁ ଯେ ଆଣିଲଇଁ ବହି
ଜଗନାଥେ ଜାଣିଲେ ଭଲର ଦଶା ନାହିଁ ।୨୬୮

ତୁମ୍ଭକୁ ମାରିବେ ଗୋ ଆମ୍ଭଙ୍କୁ ଗାଳିଦେବେ
ଆଣିବାର ଧନରତ୍ନ ବୁହାଇଣ ନେବେ ।୨୬୯

ହନୁର ବଚନ ଯହୁଁ କମଳା ଶୁଣିଲେ
ବାସୁକୀକି ମାୟେ ସୁମରଣା କଲେ ।୨୭୦

ଭୋ ପିତା ବାସୁକୀ ତୋତେ ପରିମୁଣ୍ଡା ଯାଇଁ
ଯେତେ ଧନରତ୍ନ ଥିବ ଆଣିବ ବୁହାଇଁ ।୨୭୧
ଆଉଁ ଯେତେ ଧନରତ୍ନ ନ ପାରିବ ବହିଁ
ପୁତିଲା ଧନରତ୍ନ ହରିନେବ ତହିଁ ।୨୭୨

Digitized by srujanika@gmail.com

ଆଗ୍ୟାଂପାଇ ଧନରତ୍ନ ବାସୁକୀ ହରିନେଲେ
କଡ଼ାକର ପଦାର୍ଥ ଯେ ଦେଉଂଲେ ନ ରଖିଲେ ।୨୭୩

ସରସ୍ୱତୀଙ୍କି ଯେ ମାଏ ସୁମରଣା କଲେ
ସରସ୍ୱତୀ ଆସିଣ ସେ ଛାମୁରେ ମିଳିଲେ ।୨୭୪

ବୋଇଲେ ଲୋ ସରସ୍ୱତୀ ଏମନ୍ତ କରିବୁ
ରାଜ୍ୟେ ରାଜ୍ୟେ ଘରେ ଘରେ ଯାଇଂ ତୁ ବୁଲିବୁ ।୨୭୫

ସବୁ ଦ୍ୱାରେ ବୁଲୁଥିବେ ଜଗନାଥେ ଯାଇଂ
ସବୁଙ୍କର କଣ୍ଠରେ ତୁ ବିଜେକର ମାଇଂ ।୨୭୬

ଅର୍ଣ୍ଣ ଯେ ମାଗିଲେ ପାଣିଠାରୁ ନ ମିଳିବ
ଏତେ ଶାସ୍ତି ପାଇଲେ ସେ ମତେ ସୁମରିବ ।୨୭୭"

ସେଦିନର ରାତ୍ର ଯେ ଶୁଭେ ଗଲା ପାହି
ପ୍ରଭାତରୁ ଉଠିଲେ ପ୍ରଭୁ ତ୍ରୈଲୋକ୍ୟ ଗୋସାଇଂ ।୨୭୮

ପିନ୍ଧିବା ବସ୍ତ୍ରକୁ ବଳଦେବେ ଦିଲେ ଚାହିଂ
ଦେଖିକରି ଚକିତ ହୋଇଲେ ଭାବଗ୍ରାହୀ ।୨୭୯

ପିନ୍ଧିବା ବସ୍ତ୍ରରେ ପ୍ରଭୁ ରୂପାମାଳ ଗୋଟି ପାଇ
କଉଡ଼ି କଡ଼ାଏ ଆଣିବାକୁ ନାହିଂ ଭାଇ ।୨୮୦

ଏହା ଦେଖି ଚକିତ ହୋଇଲେ ଦାଶରଥି
ବୋଇଲେ ବିଧାତା ଆଣି ଏତେ ଦିଲା ଶାସ୍ତି ।୨୮୧

ବଳଦେବ ବୋଇଲେ ଶୁଣ କାଳୀୟଗଂଜନ
ତୋହର ଭାରିଯା ଲକ୍ଷ୍ମୀ କଲା ଏତେ ହୀନ ।୨୮୨
ଭାରିଯା ତୋହର ଲକ୍ଷ୍ମୀ ଏତେ ହୀନକଲା
ଚିରାବସ୍ତ୍ର ଦେଇ ପାଟ ପାଇଟାଇ ନେଲା ।୨୮୩

Digitized by srujanika@gmail.com

ଜଗନାଥେ ବୋଇଲେ ଶୁଣ ବଳାରାମେ ଭାଇ
ପରର ଝିଅକୁ ଦୋଷ ଦିଅ କାହିଁପାଇଁ ।୨୮୪

ଯେତେବେଳେ ପ୍ରମଲକ୍ଷ୍ମୀ ଆମ୍ଭ ଘରୁ ଗଲା
ଚିରାବସ୍ତ୍ର ପିନ୍ଧି ପାଟବସ୍ତ୍ର ଥୋଇଗଲା ।୨୮୫

କେବଣ କରି ତୁମ୍ଭର ବସ୍ତ୍ର ଘେନିଗଲା
ଏଡ଼େ ହେଁ ସାହସ ତାର କେମନ୍ତେ ହୋଇଲା ।୨୮୬

ଏତେ ବୋଲି ବିକଳ ହୋଇଲେ ବେନିଭାଇ
ବଳାରାମ ବୋଇଲେ ତୁ ଶୁଣରେ କନାଇ ।୨୮୭

ବେଳ ଯେ ହୋଇଲା ଆସି ଅଡ଼ାଇ ପହର
ବଡ଼ କ୍ଷୁଧା ଲାଗିଲା ଆମ୍ଭର ଶ୍ୱରୀର ।୨୮୮

ବଳାରାମ ବୋଇଲେ ଶୁଣ କାଳୀୟଗଂଜନ
ରୋଷାଇଂଶାଳକୁ ଚାଲ କରିବା ଗମନ ।୨୮୯

ଲକ୍ଷ୍ମୀର ରାନ୍ଧଣା ଏବେ ଥିବ କରିବା ଭୋଜନ
ଏତେ ବୋଲି ବେନି ଭାଇ କରନ୍ତି ଗମନ ।୨୯୦

ସେ ଠାବରୁ ଚଳିଗଲେ ଦୁଇଗୋଟି ଭାଇ
ରୋଷେଇ ଘର ଦୁଆରେ ପହଂଚିଲେ ଯାଇ ।୨୯୧

ବଳରାମେ ରହିଲେ ଯେ ଦୁଆର ମୁହଂରେ
ଜଗନାଥେ ପଶିଲେ ଯେ ରୋଷାଇ ଘର ଭିତରେ ।୨୯୨

ଅଣ୍ଡାଳି କରିଣ ଅନ୍ନ ଖୋଜୁଛନ୍ତି ତହିଁ
ଗୁଣ୍ଡାଅତେ କଳାଯାକ ମୁଖରେ ଲାଗିଲାହିଁ ।୨୯୩
ଦେହରେ ଲାଗିଲା କଳା ମୁହଂରେ ଲାଗିଲା
କଳା ଯେ ଶ୍ରୀମୁଖ ଗୋଟିକ ଝଟକି ଦିଶିଲା ।୨୯୪

Digitized by srujanika@gmail.com

ବଳରାମେ ବୋଇଲେ ହେ ଶୁଣ ଜଗନାଥ
ବଡ଼ଖିଆ ବୋଲି ତୋତେ ବୋଲନ୍ତି ଜଗତ ।୨୯୫

ମୋତେ କିଛି ନ ଦେଇଣ ଖାଇଅଛୁ ତୁହି
ଜଗନାଥ ବୋଇଲେ ହୋ ବଳରାମେ ଭାଇ ।୨୯୬

ହାଣ୍ଡି ଠାରୁ ନାହିଁ ଯେ ଚୁଲି ଠାରୁ ନାହିଁ
ଶୁଣିଣ ବିରସ ହୋଇଲେ ବ୍ରହ୍ମାଣ୍ଡ ଗୋସାଇଁ ।୨୯୭

କି ବୁଧି କରିବା ଯେ ଭାଳନ୍ତି ବେନିଭାଇ
କ୍ଷୁଧାର ଆରତ ପ୍ରଭୁ ନ ପାରିଲେ ସହି ।୨୯୮

କାନ୍ଦନ୍ତି କନାଇ ଗରୁଡ଼ ଖମ୍ବ ଧରି
କେଣେ ଛାଡ଼ିଗଲୁ ତୁ ଯେ ସିନ୍ଧୁର କୁମାରୀ ।୨୯୯

ବଳରାମେ ବୋଇଲେ ହରି କାନ୍ଦୁ କାହିଂପାଇଁ
ପୋତିଲାର ଧନରତ୍ନ କେହୁ ନେଲା ବହି ।୩୦୦

ଯେତେ ଧନରତ୍ନ ଆମ୍ଭର ଲକ୍ଷ୍ମୀ ଘେନିଗଲା
ଏତେବେଳଯାଏ ଦେଖ ଅର୍ଣ୍ଣ ନ ମିଳିଲା ।୩୦୧

ପୋତିବାର ଧନରତ୍ନ ଖୋଳିବା ବହନ
ସୋବର୍ଣ୍ଣ ଭଂଜେଇ ପଛେ କରିବା ଭୋଜନ ।୩୦୨

ଏତେ ବୋଲି ବେନି ଭାଇ ବେଗେ ଚଳିଗଲେ
କପାଟ କଣରୁ କ୍ଷୁଦ୍ର ସୁବର୍ଣ୍ଣ ପାଇଲେ ।୩୦୩

ଦିନା ଦଶ ଆଠକୁ ଯେ ହୋଇବାକ ଅର୍ଣ୍ଣ
ଏତେ ବୋଲି ବେନିଭାଇ କଲେକ ଗମନ ।୩୦୪
ହସ୍ତ ପ୍ରସାରିଣ ହରି କହନ୍ତି ବଚନ
ଦେଖିଇ କେମନ୍ତ ସୁନା ଦିଅ ହେ ବହନ ।୩୦୫

Digitized by srujanika@gmail.com

ବଳରାମ ପ୍ରଭୁ ଯେ ଏବଣ କୃତ୍ୟକଲେ
ସେହି ସୁବର୍ଣ୍ଣକୁ ଜଗନାଥ ହସ୍ତ ଦିଲେ ।୩୦୬

ଜଗନାଥ ବୋଇଲେ ଶୁଣ କାଳୀୟଗଂଜନ
ବଣିୟା ଘରକୁ ଏବେ କରିବା ଗମନ ।୩୦୭

ଏତେ ବୋଲି ବଣିୟା ଘରେ ପ୍ରବେଶିଲେ
ବଣିୟା ବଣିୟା ବୋଲି ଡାକ ଚାରି ଦେଲେ ।୩୦୮

ରାମଦତ ବୋଲିକରି ବଣିୟାର ନାମ
ବଣିୟାର ନାମ ଧରି ଡାକନ୍ତି ବଳରାମ ।୩୦୯

ଜାଣିକରି ବଣିୟା ଯେ ହରଷ ହୋଇଲା
ନିକିତି ଆଣିଣ ଯେ ଘରୁ ବାହାର ହୋଇଲା ।୩୧୦

ବାହାରେ ଯେ ଉଭା ହୋଇଛନ୍ତି ବେନିଭାଇ
କି ବୋଲି ଗୋସାଇଂ ବଣିୟା ବୋଲଇ ।୩୧୧

ସୁନା ନେଇ ଦେଉଛନ୍ତି ବ୍ରହ୍ମାଣ୍ଡଗୋସାଇଂ
ଦେଖିଣ ବଣିୟା ଯେ ହରଷ ହୁଅଇ ।୩୧୨

ବଳରାମ ହସ୍ତେ ଯେ ସୁବର୍ଣ୍ଣ ହୋଇଥିଲା
ବଣିୟାର ହସ୍ତେ ବେଗି ପିତଳ ହୋଇଲା ।୩୧୩

ବଣିୟା ବୋଲଇ ତୁମ୍ଭେ ଶୁଣ ବିପ୍ରବର
ଭଲ ସୁନା ଆଣିଅଛ ମୋହର ମନ୍ଦିର ।୩୧୪

ବାପ ଅଜା କାଳେ ତୁମ୍ଭେ ସୁନା ଦେଖି ନାହଂ
ପିତଳ ଖଣ୍ଡ ତୁମ୍ଭେ ସୁନା ବୋଲି କହଂ ।୩୧୫

Digitized by srujanika@gmail.com

ସୁନା ବୋଲି କହ ମୁଖେ ଲାଜ ନାହିଁ ତୁମ୍ଭର
ପକାଇଣ ଦେଲା ସେ ଯାଅ ଯା ମୋର ଘର ।୩୧୬

କି ବୁଧି କରିବା ବୋଲନ୍ତି ଚକ୍ରଧର
ଆଜ ଦିନ ହୋଇଲା ଆସି ଦ୍ବିତୀୟ ପହର ।୩୧୭

କ୍ଷୁଧାର ଆରତ ପ୍ରଭୁ ନ ପାରିଲେ ସହି
କାହିଁ ଛାଡ଼ିଗଲୁ ଲକ୍ଷ୍ମୀ ସିନ୍ଧୁର ତନଇ ।୩୧୮

ଯେତେ ଧନରତ୍ନ ଆମ୍ଭର ଲକ୍ଷ୍ମୀ ହରିନେଲା
ଯେତେବେଳ ଯାଏ ଦେଖ ଅର୍ଣ୍ଣ ନ ମିଳିଲା ।୩୧୯

ଜଗନାଥ ବୋଇଲେ ଭାଇ ଆମ୍ଭ ତହୁଁ ଶୁଣ
ବାଉନ କୋଟି ଭଣ୍ଡାର ଆମ୍ଭର ଥିଲା ପୁଣ ।୩୨୦

ଖଟ ପଲଙ୍କରେ ଯେ ଶୟନ କରୁଥିଲୁ
ଦରିଦ୍ର ଅବସ୍ଥା ଆମ୍ଭେ ଭିକ୍ଷା ଯେ ମାଗିଲୁ ।୩୨୧

ବଳରାମେ ବୋଇଲେ ହେ କାଳୀୟଗଂଜନ
ବ୍ରାହ୍ମଣର ପୁଅ ଆମ୍ଭେ ଦୁଇଜଣ ।୩୨୨

ବ୍ରହ୍ମା ଯେ ସ୍ରିଜିଲା ପୃଥୀ ଭିକ୍ଷା ସେ ଦେଇଣ
ଏବେ କି କରିବା ଆମ୍ଭଠାରୁ ଶୁଣ ।୩୨୩

ତୁମ୍ଭେ ପଛେ ଭିକ୍ଷା ହେ ନ ମାଗ ବାସୁଦେବ
ଆମ୍ଭ ସଙ୍ଗତେ ତୁମ୍ଭେ ସାକ୍ଷ୍ୟ ହୋଇଥିବ ।୩୨୪

ମୁହିଁ ପଛେ ଭିକ୍ଷା ମାଗିବି ଦାରୁବ୍ରହ୍ମ
ଭିକ୍ଷା ମାଗିବାକୁ ଦୁହେଁ କରିବା ଗମନ ।୩୨୫

ଯାଜପୁରେ ନଗେ ଯାଇ ପ୍ରବେଶ ହୋଇଲେ
ଦ୍ବିଜ ହରି ପଣ୍ଡା ଦ୍ୱାରେ ବେଦଧ୍ବନି କଲେ ।୩୨୬

Digitized by srujanika@gmail.com

ହରି ପଣ୍ଡା ଭାରିଯା ଦାତବ୍ୟ ଅଟଇ
କେବଣ ଦେଶୁ ପଣ୍ଡା ଆସିଲ ଚଳାଇ ।୩୨୭

ବ୍ରାହ୍ମଣୀ ବଚନେ ଯେ ବୋଲନ୍ତି ଦାଶରଥି
ନୀଳ କନ୍ଦରେ ଯେ ଆମ୍ଭର ଅଟେ ବାଡ଼ିବୃତି ।୩୨୮

କ୍ଷୁଧାର ଆରତେ ଆମ୍ଭର ନ ଚଳଇ ଦେହିଂ
ଅର୍ଣ୍ଣ ଖୁଡ଼ିଏକ ପାରିବ କି ଦେଇ ।୩୨୯

ଶୁଣିଣ ବ୍ରାହ୍ମଣୀ ବଡ଼ ଆନନ୍ଦ ହୋଇଲା
ଅଶ୍ୱମେଧ ଯଗ୍ୟଂ ମୋର ଏଠାରୁ ହୋଇଲା ।୩୩୦

ଏତେ ବୋଲି ବ୍ରାହ୍ମଣୀ ଯେ ବେଗ ହୋଇ ଗଲା
ବଇତରଣୀ ନଦୀରେ ପଶି ସିନାନ ସାରିଲା ।୩୩୧

ସୋବର୍ଣ୍ଣର ଥାଳିଗୋଟି ବହନ ଆଣିଲା
ରୋଷାଇଂଶାଳରେ ଯାଇଂ ପ୍ରବେଶ ହୋଇଲା ।୩୩୨

ହାଣ୍ଡିରୁ ଡାଙ୍କୁଣି ଗୋଟି କାଢ଼ିଲାକ ତହିଂ
ଦେଖିଲା ହାଣ୍ଡିରେ ତହିଂ କିଛି ଅର୍ଣ୍ଣ ନାହିଂ ।୩୩୩

ଏକ ହାଣ୍ଡି ମୋ ଅର୍ଣ୍ଣ ପୂର୍ଣ୍ଣ ହୋଇଥିଲା
ପଣ୍ଡା ଦୁଇଭାଇ ଦ୍ୟନ୍ତେ ଉଭାଇଣ ଗଲା ।୩୩୪

ବୋଇଲେ ଲକ୍ଷ୍ମୀ ଦୋରିହା ଅଟନ୍ତି ବେନିଭାଇ
ନୋହିଲେ ଅର୍ଣ୍ଣ ମୋହର ଗଲା ଅବା କାହିଂ ।୩୩୫

କି ବୋଲି କହିବା ଆମ୍ଭେ ବ୍ରାହ୍ମଣକୁ ଯାଇଂ
ଦେଉଥିବା ଅର୍ଣ୍ଣ ଯେ ହାଣ୍ଡିରୁ ଗଲା କାହିଂ ।୩୩୬

ଏତେ ଭାଳି ବ୍ରାହ୍ମଣୀ ଯେ କୋପ କରିଗଲା
ବ୍ରାହ୍ମଣଙ୍କ ମୁଖ ଚାହିଂ ବଚନ ବୋଇଲା ।୩୩୭

Digitized by srujanika@gmail.com

ଲକ୍ଷ୍ମୀର ଦୋଗିହା ତୁମ୍ଭେ ଅଟ ବେନିଜଣ
ଏମନ୍ତ ବୋଲି ବ୍ରାହ୍ମଣୀ ବୋଲଇ ବଚନ ।୩୩୮

ଅର୍ଣ୍ଣହାଣ୍ଡି ମୋହର ପୂର୍ଣ୍ଣ ହୋଇଥିଲା
ତୁମ୍ଭଙ୍କୁ ଦିଅନ୍ତେ ମୋର ଅର୍ଣ୍ଣ ମିଳାଇଲା ।୩୩୯

ଶୁଣିକରି ଠାକୁରଙ୍କ ବାକ୍ୟ ନ ଫୁରଇ
କି ବୁଧି କରିବା ବିଚାରନ୍ତି ବେନିଭାଇ ।୩୪୦

ଅର୍ଣ୍ଣ ନ ପାଇ ବେନିଭାଇ ତୁରିତେ ଚଳିଲେ
ବସୁଦେବ ପଣ୍ଡା ଘରେ ପ୍ରବେଶ ହୋଇଲେ ।୩୪୧

ବସୁଦେବ ପଣ୍ଡା ବ୍ରାହ୍ମଣ ବଡ଼ ଦୟାଳୁ ଅଟଇ
ତଣ୍ଡୁଳ ସେ କୁଂଚା ଚାରି ଦିଲାକ ଯେ ନେଇ ।୩୪୨

ବୋଇଲା ରୋଷାଇ ତୁମ୍ଭେ କର ଏହି ଠାଇଂ
ଶୁଣିଣ ସାନନ୍ଦ ଯେ ବ୍ରହ୍ମାଣ୍ଡଗୋସାଇଂ ।୩୪୩

ବଳରାମେ ବୋଇଲେ ଶୁଣ କାଳୀୟଗଂଜନ
ଏବେ ଚାଲ ଭାଇ କରିବା ରନ୍ଧନ ।୩୪୪

ଏତେ ବୋଲି ବିଜେକଲେ ଦେବ ହୃଷୀକେଶ
ରୋଷାଇଂଘରେ ଯାଇ ହୋଇଲେ ପରବେଶ ।୩୪୫

ଦିହୁଡ଼ି ଗୋଟିଏ ଖୋଳିଲେ ଦେବ ଯେ ଶ୍ରୀହରି
ଧ୍ୟାନରେ ଜାଣିଲେ ତାହା ସିନ୍ଧୁର କୁମାରୀ ।୩୪୬

ପବନ ଦେବତାଙ୍କୁ ଦେବୀ ସୁମରଣା କଲେ ।
ଆଗ୍ୟାଂ ପରମାଣେ ଆସି ପବନ ମିଳିଲେ ।୩୪୭

ଭୋ ପିତା ପବନ ତୋର ପରିମୁଣ୍ଡା ଯାଇ
ରାନ୍ଧିବାକୁ ଯାଉଛନ୍ତି ବ୍ରାହ୍ମଣ ଗୋସାଇଂ ।୩୪୮

Digitized by srujanika@gmail.com

ଅଣଂଚାଶ ପବନ ଯେ ସେଠାରେ ବହିବୁ
ଖାଇବାର ତଣ୍ଡୁଳ ଉଡ଼ାଇ ସର୍ବ ନେବୁ ।୩୪୯

ଆଗ୍ୟାଂ ପରମାଣେ ତହୁଂ ପବନ ଚଳିଗଲା
ହରି ବଳରାମ ତୁଲେ ପ୍ରବେଶ ହୋଇଲା ।୩୫୦

ଅଣଚାଶ ହୋଇ ପବନ ସେଠାରେ ବହିଲେ
ଚିରା ଧୋତି ସହିତେଣ ସେ ଉଡ଼ାଇଣ ନେଲେ ।୩୫୧

ବଳରାମ ବୋଇଲେ ଶୁଣ କାଳୀୟଗଂଜନ
ପବନ ଭଗାରି ଆମର ହୋଇଲାକ ପୁଣ ।୩୫୨

ଚିରାଲୁଗା ଆମର ସେ ଉଡ଼ାଇଣ ନେଲା
ବିଧାତା ପୁରୁଷ ଆଣି ଏଡ଼େ ଯୋଗ କଲା ।୩୫୩

କି ବୁଧି କରିବା ଭାଳନ୍ତି ବେନିଭାଇ
କ୍ଷୁଧାର ଆରତ ପ୍ରଭୁ ନ ପାରନ୍ତି ସହି ।୩୫୪

ବଳରାମେ ବୋଇଲେ ଶୁଣ କାଳୀୟଗଂଜନ
ଏଥେଂ ଯେବେ ଭାଇ ଆରେ ନ ମିଳିଲା ଅର୍ଣ୍ଣ ।୩୫୫

ଯେଉଂ ଚଣ୍ଡାଲୁଣୀ ଦ୍ୱାରେ ଲକ୍ଷ୍ମୀ ଥିଲେ ରହି
ସେହି ଚଣ୍ଡାଲୁଣୀ ଦ୍ୱାରେ ମାଗିବାକ ଯାଇଂ ।୩୫୬ଂ

ଜଗନାଥେ ବୋଇଲେ ତୁମ୍ଭ ମୁଖେ ଲାଜ ନାହିଂ
ଚଣ୍ଡାଲୁଣୀ ଦ୍ୱାରେ ଅର୍ଣ୍ଣ ମାଗିବା କିପାଇଂ ।୩୫୭

ସେହି ଚଣ୍ଡାଲୁଣୀ ଦ୍ୱାରେ ଲକ୍ଷ୍ମୀ ଥିଲା ରହିଂ
ତହିଂକି ନିମନ୍ତେ ତାକୁ ଦେଲ ଘଉଡ଼ାଇ ।୩୫୮

ପ୍ରାଣ ଯିବାବେଳେ ଚଣ୍ଡାଳୀ ଦ୍ୱାରେ ତହିଂ
ଅର୍ଣ୍ଣ ଖାଇବାର ଦୋଷ କିଛି ତହିଂ ନାହିଂ ।୩୫୯

Digitized by srujanika@gmail.com

ଏତେ ବୋଲି ବେନିଭାଇ ବେଗେ ଚଳିଗଲେ
ଚଣ୍ଡାଳ ସାହିରେ ଯାଇ ପ୍ରବେଶ ହୋଇଲେ ।୩୬୦

ବେଦଧ୍ୱନି କଲେ ତହିଁ ପ୍ରଭୁ ଚକ୍ରଧର
ଗହଗହ ବେଦଧ୍ୱନି ଶୁଭେ ତିନିପୁର ।୩୬୧

ସୋବର୍ଣ୍ଣ ପଲଙ୍କେ ଚଣ୍ଡାଳୁଣୀ ବସିଥିଲା
ଗୋବିନ୍ଦଙ୍କ ବେଦ ଶୁଣି ଦ୍ୱାରେ ସେ ମିଳିଲା ।୩୬୨

ବଳାରାମେ ବୋଇଲେ ମାଗୋ ଶୁଣକିନା ତୁହିଂ
ଅର୍ଣ୍ଣଦାନ ପୁଡ଼ାଏ ଗୋ ପାରିବୁ କି ଦେଇଂ ।୩୬୩

କ୍ଷୁଧା ଯେ ହୋଇଣ ଅଛୁ ଆମ୍ଭର ନ ଚଳେ ଶ୍ୱରୀର
ଶୁଣିକରି ଚାଣ୍ଡାଳୁଣୀ କରଇ ବିଚାର ।୩୬୪

ପ୍ରତକ୍ଷରେ ବେନିଜଣ ଅଟନ୍ତି ବ୍ରାହ୍ମଣ
ଚଣ୍ଡାଳ ହୋଇ କେମନ୍ତେ ମୁଂ ଦେବି ଅର୍ଣ୍ଣଦାନ ।୩୬୫

ଏମନ୍ତ ବୋଲିଣ ଯହୁଂ କଲାକ ବିଚାର
ବ୍ରାହ୍ମଣ ମୁଖଂକୁ ଚାହିଂ ବୋଲଇ ଉତର ।୩୬୬

ଜନ୍ମହୁଂ ଚଣ୍ଡାଳ ଦେଖ ଅଟଇ ଯେ ମୁହିଂ
ଶୂକର ମାଏଂସ ଘେନି ଭୋଜନ କରଇଂ ।୩୬୭

ସୁବେଦୀ ବ୍ରାହ୍ମଣ ତୁମ୍ଭେ ଅଟ ବେନିଭାଇ
କେମନ୍ତେ ମୁଂ ଅର୍ଣ୍ଣଦାନ ଦେବଇଂ ଗୋସାଇଂ ।୩୬୮

ବେଦ ପାଠକଲେ ଯହୁଂ ଜଗତ୍ରମୋହନ
ଅର୍ଣ୍ଣଦାନ ଦେଇ ମାଗୋ ରଖ ହେ ଜୀବନ ।୩୬୯

ଶ୍ରୀୟା ଚାଣ୍ଡାଳୁଣୀ ଗୋ ଏମନ୍ତ କୃତ୍ୟ କଲା
ବଡ଼ କରି ଠେଙ୍ଗା ରୋଳ ଗୋଟିଏ ଆଣିଲା ।୩୭୦

Digitized by srujanika@gmail.com

କାହିଁର ବ୍ରାହ୍ମଣ ଏ ଅଟଇ ବେନିଜନ
ମୋହ ଦ୍ୱାରେ ଆସିକରି ମାଗୁଛନ୍ତି ଅର୍ଣ୍ଣ ।୩୭୧

ତାହାର ବଚନ ଯହୁଁ ଶ୍ରବଣେ ଶୁଣିଲେ
ଖରତର ହୋଇ ତହୁଁ ବେଗେ ପଳାଇଲେ ।୩୭୨

ଦୁଇ ଗୋଟି ଭାଇ ତହୁଁ ପଳାଇଣ ଗଲେ
କବିର ମଠରେ ଯାଇଂ ପ୍ରବେଶ ହୋଇଲେ ।୩୭୩

କ୍ଷୁଧାର୍ଥୀ ବ୍ରାହ୍ମଣ ବୋଲି କବିର ଜାଣିଲା
ଖଇ ମାଣ ଚାରି ଆଣି ଖାଇବାକୁ ଦିଲା ।୩୭୪

ଅନ୍ତର୍ଗତେ ଜାଣିଲେ ତା ଦେବୀ କମଳିଣୀ
ପବନକୁ ରାଇ ଆଗ୍ୟାଂ ଦିଲେ ଠାକୁରାଣୀ ।୩୭୫

ଆରେ ଆରେ ପବନ ତୁ ବେଗ ହୋଇଯିବୁ
ଖଇ ଚାରିମାଣ ଯାକ ଉଡ଼ାଇଣ ନେବୁ ।୩୭୬

ଆଗ୍ୟାଂ ମାତ୍ରେ ପବନ ଯେ ବେଗେ ଚଳିଗଲା
ଖାଉଥିବା ଖଇ ପ୍ରଭୁ ଉଡ଼ାଇଣ ନେଲା ।୩୭୭

ବଳରାମେ କହୁଛନ୍ତି ଶୁଣରେ କନାଇ
କି ବୁଧି କରିବା ଏବେ ବୁଧି ଦିଶୁନାହିଁ ।୩୭୮

ପଦ୍ମ ପୋଖରୀକୁ ଚାଲ ଯିବା ବେନି ଭାଇ
ପଦ୍ମଫଳ ଫୁଲ ଖାଇ ପ୍ରାଣ ରଖିବାକ ତହିଂ ।୩୭୯

ଫୁଲ ଫଳ କରି ତହୁଁ ଗୁଡ଼ାଏ ଆଣିମା
ଅଧିକ ମିଳିଲେ ତହିଂ ସକଳ ବାନ୍ଧିମା ।୩୮୦

ଏମନ୍ତ ବିଚାରି ତହୁଁ ଦୁଇଭାଇ ଗଲେ
ପଦ୍ମ ପୋଖରୀରେ ଯାଇଂ ପ୍ରବେଶ ହୋଇଲେ ।୩୮୧

Digitized by srujanika@gmail.com

ପଦ୍ମ ପୋଖରୀରେ ସାତତାଳ ପାଣି ଥିଲା
ଲକ୍ଷ୍ମୀ ଆଗ୍ୟାଂ ଦିଲେ ତହିଁ ପଙ୍କ ପାଲଟିଲା ।୩୮୨

ଜଗନାଥେ କହୁଛନ୍ତି କି ବୁଧି କରିବା
ଜଳ ଯେଉଂଠାରେ ନାହିଁ ଫଳ କି ପାଇବା ।୩୮୩

କି ବୁଧି କରିବା ଯେ ଭାଳନ୍ତି ହୃଦେଣ
ବଳରାମେ ବୋଇଲେ ହରି ତୁମ୍ଭେ ତହୁଂ ଶୁଣ ।୩୮୪

ଏଥେ ଯେବେ ଅର୍ଣ୍ଣ ଆମ୍ଭକୁ ନ ମିଳଇ
କପିଳାଶ ଭୁବନକୁ ଯିବା ଯେ ପଳାଇ ।୩୮୫

ମଛଦେଶ ଅଙ୍ଗଦେଶ ବୁଲିକରି ଗଲେ
କପିଳାଶ ପୁରେ ଯାଇଂ ପ୍ରବେଶ ହୋଇଲେ ।୩୮୬

କପିଳାଶ ପୁରେ ଶମ୍ଭୁ ଛନ୍ତି ରହି
ସେଠାର ମିଳିଲେ ଯାଇଂ ବ୍ରହାଣ୍ଡ ଗୋସାଇଂ ।୩୮୭

ଈଶ୍ୱରଙ୍କୁ ଦେଖିକରି ନମସ୍କାର କଲେ
ପ୍ରଳୟ କରିଣ ହରି ବଚନ ବୋଇଲେ ।୩୮୮

ଦରିଦ୍ର ଅବସ୍ଥା ହେ ହୋଇଲ ବେନିଭାଇ
ଅକାରଣେ ଛାମୁରେଣ ଅଇଲ କିଂପାଇଂ ।୩୮୯

ଦେବତା ତେତ୍ରିଶକୋଟି ଚରଣେ ଖଟନ୍ତି
ତୁ କେମନ୍ତେ ଲକ୍ଷ୍ମୀକୁଂ ତେଜିଲୁ ଦାଶରଥି ।୩୯୦

ତୁମ୍ଭ ଚରଣରେ କି ଅପ୍ରାଧ କଲା ସେହି
ଭାରିଯା ଛାଡ଼ିବା ଏକା ଉଚିତ ନୋହଇ ।୩୯୧

ଏକା ଭାରିଜାକୁ କିମ୍ପା ଛାଡ଼ିଲ ଜଗନାଥ
ଜଗନାଥ ବୋଇଲେ ତୁମ୍ଭେ ଶୁଣ ବିଶ୍ୱନାଥ ।୩୯୨

Digitized by srujanika@gmail.com

ଚଣ୍ଡାଳ ଦ୍ୱାରରେ ଉଭା ହୋଇଥିଲା ମାଏ
................................।୩୯୩

ଭାଇ ବଳରାମ ତାହା ସହି ନ ପାରିଲେ
ଲକ୍ଷ୍ମୀଙ୍କର କଥା ମୋତେ ବୁଝାଇ କହିଲେ ।୩୯୪

ଯିବାବେଳେ ପ୍ରମଲକ୍ଷ୍ମୀ ଶାପ୍ୟ ଦେଇଗଲା
ସକଳ ସପଂଦ ଆମ୍ଭ ଅଦଭୁତେ ଗଲା ।୩୯୫

ବିଶ୍ୱନାଥେ ବୋଇଲେ ହରି ମନ୍ଦକୃତ୍ୟ କଲୁ
କିଂଚିତ ଦୋଷରେ ଲକ୍ଷ୍ମୀ କିପାଇଂ ଛାଡ଼ିଲୁ ।୩୯୬

ଦରିଦ୍ରଭଂଜନୀ ବୋଲି ନାମେ ଅଛି ପାଇ
ତାର ଆଗ୍ୟାଂଦିଲେ କେହୁଟି ନ ପାରଇ ନେଇ ।୩୯୭

ସାହୁ ଯେ ଲୋକଙ୍କୁ ଲକ୍ଷ୍ମୀ ଦରିଦ୍ର କରଇ
ଦରିଦ୍ର ଲୋକଙ୍କୁ ଲକ୍ଷ୍ମୀ ସାହୁ ଯେ କରଇ ।୩୯୮

ଯେବଣ ପୁରକୁ ଆମ୍ଭେ ବିଜେ କରିଯାଇ
ହୈମବନ୍ତୀ ଦୁର୍ଗାକୁ ସଙ୍ଗତେ ଘେନିଯାଇ ।୩୯୯

ଘରର ଘରଣୀ ବାବୁ ବିଲର ହରିଣୀ (?)
ତୁ କିମ୍ପାଇଂ ଲକ୍ଷ୍ମୀଙ୍କୁ ତେଜିଲୁ ଚକ୍ରପାଣି।୪୦୦

ଜଗନାଥେ ବୋଇଲେ ତୁମେ ଶୁଣ ତ୍ରିଲୋଚନ
କ୍ଷୁଧାର୍ତ ହୋଇଣ ଆମ୍ଭର ଦହୁଚି ଜୀବନ।୪୦୧

ଏହି କଥାମାନ ତୁମର ସତ ହୋଉଂ
ଅର୍ଣ୍ଣ ପୁଡ଼ାଏକ ଦିଅ ଜୀବନ ଆମ୍ଭ ରହୁ ।୪୦୨

ଶୁଣିକରି ବିଶ୍ୱନାଥ ଚକିତ ହୋଇଲେ
ସୋବର୍ଣ୍ଣ ଥାଳିରେ ଦୁର୍ଗେ ଅର୍ଣ୍ଣ ଆଣ ଗୋ ବୋଇଲେ ।୪୦୩

Digitized by srujanika@gmail.com

କିସ ରଖିଅଛ ଘରେ ଦିଅ ବେଗେ ନେଇ
ଶୀଘ୍ରକରି ଦିଅ ଗୋ ଭୁଂଜନ୍ତୁ ବେନିଭାଇ ।୪୦୪

ଏହା ଶୁଣି ପାର୍ବତୀ ଯେ ବେଗେ ଚଳିଗଲେ
ରୋଷାଇଂଶାଳରେ ଯାଇଂ ପ୍ରବେଶ ହୋଇଲେ ।୪୦୫

ସୋବର୍ଣ୍ଣ ହାଣ୍ଡିରୁ ଦୁର୍ଗେ ଢାଙ୍କୁଣି ଖୋଲିଲେ
ଅର୍ଣ୍ଣ ନ ଦେଖିଣ ମାଏ ବିରସ ହୋଇଲେ ।୪୦୬

ଅଛିଦ୍ର ହାଣ୍ଡିରେ ଅର୍ଣ୍ଣ ପୂର୍ଣ୍ଣ ରହିଥିଲା
ହରି ବଳରାମେ ଦ୍ୟନ୍ତେ ଅର୍ଣ୍ଣ ଉଭାଇଲା ।୪୦୭

ଦେଖିକରି ହୃଦେ ଦେବୀ ଚକିତ ହୋଇଲେ
ଏତେ ବୋଲି ଦୁର୍ଗେଦେବୀ ବିଜେ କରିଗଲେ ।୪୦୮

ମହାଲକ୍ଷ୍ମୀଙ୍କୁ ମାଏ ସୁମରଣା କଲେ
ଲକ୍ଷ୍ମୀଦ୍ରୋହୀ ବୋଲିକରି ହୃଦରେ ଜାଣିଲେ ।୪୦୯

ତୋହରେଣ ଦୁର୍ଗତ ହୋଇଲେ ବେନିଭାଇ
ଦରିଦ୍ର ଅବସ୍ଥା କଲୁ ସିନ୍ଧୁର ତନଈ ।୪୧୦

ତତକ୍ଷଣେ ଦୁର୍ଗେ ଦେବୀ ବିଜେ କରିଗଲେ
ବିଶ୍ୱନାଥ ସନିଧରେ ପ୍ରବେଶ ହୋଇଲେ । ୪୧୧

ସବୁ କଥାମାନ ବିଶ୍ୱନାଥଙ୍କୁ କହିଲେ
ହରି ବଳରାମେ ତହିଂ ଅର୍ଣ୍ଣ ନ ପାଇଲେ ।୪୧୨

ଧ୍ୟାନରେ ଜାଣିଲେ ତାହା ଦେବ ତ୍ରିଲୋଚନ
ଏଥେ ଅର୍ଣ୍ଣ ନ ମିଳିବ କାଳୀୟଗଂଜନ ।୪୧୩

ସମୋଦ୍ର ତୀରକୁ ହରି ପାରିବୁ କି ଯାଇ
ମନ ଭରିକରି ଜଣେ ଅର୍ଣ୍ଣ ଦେଇ ସେ ପାରଇ ।୪୧୪

Digitized by srujanika@gmail.com

ଶ୍ରୀହରି ବୋଇଲେ ସେ ହୋଇବ କେତେ ଦୂର
ବିଶ୍ୱନାଥ ବୋଲେ ସେ କୋଣେ ବେନିଚାର ।୪୧୫

କୋଣାରଖଠାକୁ ହରି ପାରିବୁ କି ଯାଇଂ
ସମୁଦ୍ର ତଟରେ ଯେ ସେ କନ୍ୟାଏ ଅଛି ତହିଂ ।୪୧୬

ସେ ଅର୍ଣ୍ଣ ନ ଦେଲେ ଯେ ଦେବାକୁ କେହି ନାହିଂ
କ୍ଷୁଧାର୍ତ୍ତ ହୋଇଣ ଆମର ନ ଚଳଇ ଦେହି ।୪୧୭

ଏତେ ବୋଲି ଆଜ୍ଞା ସେ ଦିଲେ ତ୍ରିଲୋଚନ
କୋଣାରଖଠାକୁ ପ୍ରଭୁ କରନ୍ତି ଗମନ ।୪୧୮

ହଟି କମଳିଣୀ ତହିଂ ମନରେ ଜାଣିଲେ
ସୂର୍ଯ୍ୟଙ୍କୁ ରାଇଣ ତହୁଂ ବେଗେ ଆଗ୍ୟାଂଦିଲେ ।୪୧୯

ତତକାଳେ ଆଂଟ ଖରା କର ବେଗେ ଯାଇଂ
ବାଲି ମାଟି ତାତୁ ତହିଂ ଟହଟହ ହୋଇ ।୪୨୦

ବଢ଼ିଗଲା ଖରା ଯେ ତାତି ଗଲା ବାଲି
ଭୋକରେ ବିକଳ ହୋଇ ନ ପାରନ୍ତି ଚାଲି ।୪୨୧

ବଳରାମ କହୁଛନ୍ତି ଶୁଣରେ କନାଇ
ତତକାଳ ହୋଇ ଯିବା ଦୁଇଗୋଟି ଭାଇ ।୪୨୨

ରହୁ ସେ ଖରା ତେଜ ନ ପାରଇ ଯାଇ
ବେଗବେଗ ହୋଇ ତୁମ୍ଭେ ଯାଅ ଜ୍ୟେଷ୍ଠଭାଇ ।୪୨୩

ଜଗନାଥଙ୍କୁ ରୁହାଇ ବଳରାମେ ଗଲେ
ଲକ୍ଷ୍ମୀ ସିଘଂଦ୍ୱାରେ ଯାଇଣ ପ୍ରବେଶ ହୋଇଲେ ।୪୨୪

ପ୍ରଥମ ଦୁଆର ଖୋଲି ପଶିଲେ ଭିତର
ଭିତର ପୁରକୁ ବିଜେକଲେ ଖରତର ।୪୨୫

Digitized by srujanika@gmail.com

ଧାଇ ମୁଦୁସୁଲୀ ଯେ ଭିତରୁ ଆସୁଥିଲେ
ବଳଦେବଙ୍କୁ ସେ ଯେ ନୟନେ ଦେଖିଲେ ।୪୨୬

ଏହି ରୂପ ହୋଇଣ ଗୋଟାୟେକ ଥିଲା
ଅମ୍ଭ ସାଆନ୍ତାଣୀଙ୍କୁ ଯେ ଘଉଡ଼ାଇ ଦେଲା ।୪୨୭

ଏମନ୍ତ ଯେ ଦାସୀମାନେ ବିଚାର ସେ କଲେ
ଗଳାଟରେ ହସ୍ତ ଦେଇଣ ଦାଣ୍ଡରେ ଛାଡ଼ିଲେ ।୪୨୮

ଏମନ୍ତେଣ ବଳରାମେ ବାହୁଡ଼ିଣ ଗଲେ
ିଆସି ଜଗନାଥେ ବାଟରେ ଭେଟିଲେ ।୪୨୯

ବଳରାମ କହୁଛନ୍ତି ଶୁଣରେ କନାଇ
ଦାସୀ ଦୁଇଗୋଟା ମୋତେ ଦିଲେ ଘଉଡ଼ାଇ ।୪୩୦ [୩୫]

ଏବେ ଚାଲ ଦୁଇ ଭାଇ ଯିବାଇଂ ଚଳାଇଂ
ଲକ୍ଷ୍ମୀ ସିଘଂଦ୍ୱାରେ ପ୍ରଭୁ ବିଜେକଲେ ଯାଇଂ ।୪୩୧

କାହାର ପୁର ବାବୁ କାହାର ଏ ଘର
ବଡ଼ ଯତ୍ନ ଦିଶୁଅଛି ଅତ୍ୟନ୍ତ ସୁନ୍ଦର । ୪୩୨

ଜଗନାଥ କହୁଛନ୍ତି ଶୁଣ ଆହେ ଭାଇ
ମେଲା ଯେ ଦୁଆର ଅଛି କିସ ନେବା ବହି ।୪୩୩

ଆପଣାର କରି ଏତୁ ଥୋକାଏକ ନେବା
ଭୋକରେ ପଡ଼ିଲେ ପୁଣି କାହାକୁ ମାଗିବା ।୪୩୪

ବଳରାମ କହୁଛନ୍ତି ଶୁଣରେ କନାଇ
ପଂଚମ ସ୍ୱରରେ ଏବେ ବେଦ ପଢ଼ ତୁହି ।୪୩୫

Digitized by srujanika@gmail.com

ସାମବେଦ ହୁଂକାରିଲେ ପ୍ରଭୁ ଭଗବାନ
ସ୍ୱର୍ଗ ମଂଚ ପାତାଳ କି ପୂରିଲା ଘନଘନ ।୪୩୬
ଗହଗହ ବେଦଧ୍ୱନି ବ୍ରହ୍ମାଣ୍ଡେ ପୂରିଲା
ମଲାବୃକ୍ଷ ତରୁଲତା ପଲ୍ଲବି ଉଠିଲା ।୪୩୭

ପଲଙ୍କ ଉପରେ ଯେ କମଳା ଶୋଇଥିଲେ
ନିସ୍ତରିଲି ନିସ୍ତରିଲି ବୋଲିଣ ବୋଇଲେ ।୪୩୮

ଝଳାକବାଟିରେ ଥାଇଂ ଲକ୍ଷ୍ମୀ ଚାହିଂଦିଲେ
ଚନ୍ଦ୍ରମାବଦନ ପ୍ରଭୁ ମଳିନ ଦେଖିଲେ ।୪୩୯

ତୁଳସୀର ପତ୍ର ପ୍ରାୟ ମୁଖ ଦିଶୁଛଇ
ଦେଖିକରି କମଳିଣୀ ବିଚଳିତ ହୋଇ । ୪୪୦

ପଂଚୁମନେ ବିଚାର କରନ୍ତି କମଳିଣୀ
ମୋତେ ଛାଡ଼ିଲାରୁ ଦୁଖୀ ହେଲେ ଚକ୍ରପାଣି ।୪୪୧

ଏତେ ବୋଲି ପରମଲକ୍ଷ୍ମୀ ବିଜେ କରିଗଲେ
ଅନ୍ତପୁର ଭିତରେ ଯାଇ ପ୍ରବେଶ ହୋଇଲେ ।୪୪୨

କରୁଣା ଦାସୀକୁ ଚାହିଂ ବଚନ ବୋଇଲେ
କେବଣ ଠାବରୁ ଦୁଇ ବ୍ରାହ୍ମଣ ଅଇଲେ ।୪୪୩

ତୁହି ଯେ କରୁଣା ଆଗୋ ଏମନ୍ତ କରିବୁ
ସିଘଂଦ୍ୱାରେ ଯାଇ ତୁ ଗୋ ପ୍ରବେଶ ହୋଇବୁ ।୪୪୪

କି ଦାନ ମାଗନ୍ତି ସେ ବ୍ରାହ୍ମଣ ବେନିଭାଇ
ଏ କଥାକୁ ଭଲକରି ପଚାର ତୁ ଯାଇ ।୪୪୫

ବିଭା ନୋହିଥିଲେ ତାଙ୍କୁ ବିଭା କରାଇବା
ଧନରତ୍ନ ମାଗିଲେ ଯେ ଧନରତ୍ନ ଦେବା ।୪୪୬

Digitized by srujanika@gmail.com

ଅର୍ଣ୍ଣଦାନ ମାଗିଲେ ଯେ ଅର୍ଣ୍ଣଦାନ ଦେବା
ତୋଟା ବାସ୍ତୁ ମାଗିଲେ ଯେ ତୋଟା ବାସ୍ତୁ ଦେବା ।୪୪୭
ଏହା ଶୁଣି କରୁଣା ତୁରିତେ ଚଳିଗଲା
ବ୍ରାହ୍ମଣଙ୍କ ମୁଖ ଚାହିଁ ବଚନ ବୋଇଲା ।୪୪୮

କି ଦାନ ମାଗୁଂଅଛ ହେ ସୁବେଦୀ ଗୋସାଇଂ
ଆମ ସାଆନ୍ତାଣୀ ମୋତେ ଦିଲେ ପଠିଆଇ ।୪୪୯

ବଳରାମେ ବୋଇଲେ କରୁଣା ମୁଖ ଚାହିଁ
ସାମନ୍ତାଣୀ ଅନ୍ତପୁରେ କହ ତୁଗୋ ଯାଇଂ ।୪୫୦

ଅର୍ଣ୍ଣଦାନ ପୁଞ୍ଜାଏକ ପାରିବେ କି ଦେଇ
କ୍ଷୁଧାର୍ତ୍ତ ହୋଇଣ ଆମ୍ଭର ନ ଚଳଇ ଦେହି ।୪୫୧

ଏମନ୍ତ ବଚନ ଶୁଣି ଯେ କରୁଣା ଚଳିଗଲା
କମଳିଣୀ ପାଦପଦ୍ମେ ଯାଇ ଜଣାଇଲା ।୪୫୨

କରପତ୍ର ଯୋଡ଼ି ଦାସୀ ଦେଉଂଅଛି କହିଁ
ସିଙ୍ଘଂଦ୍ୱାରେ ବ୍ରାହ୍ମଣ ଗୋ ମାଗୁଛନ୍ତି ରହିଁ ।୪୫୩

ଅର୍ଣ୍ଣଦାନ ମାଗୁଛନ୍ତି ସୁବେଦୀ ଗୋସାଇଂ
ଦିଅ ବେଗକରି କହିଲେ ଗୋସାଇଂ ।୪୫୪

ଶୁଣିକରି କମଳିଣୀ ସାନନ୍ଦ ହୋଇଲେ
କରୁଣାର ମୁଖ ଚାହିଁ ବଚନ ବୋଇଲେ ।୪୫୫

ଏବେ ତୁ କରୁଣା ମାଗୋ ଏମନ୍ତ କରିବୁ
ଜଳ ରତ୍ନଝରି ବେଗେ ଘେନିଯିବୁ ।୪୫୬

ନବତନ ହାଣ୍ଡିରେ ଯେ ତଣ୍ଡୁଳ ଘେନିଯିବୁ
ବେନି ଯେ ବ୍ରାହ୍ମଣଙ୍କୁ ସେ ପାକ କରାଇବୁ ।୪୫୭[୩୬]

Digitized by srujanika@gmail.com

ବଚନ ବୋଲିବୁ ବ୍ରାହ୍ମଣଙ୍କ ମୁଖ ଚାହିଁ
ଚଣ୍ଡାଲୁଣୀ ଘର ଯେ ଅଟଇ ଗୋସାଇଁ ।୪୫୮
ବ୍ରାହ୍ମଣର କୁଳ ବୁଡ଼ାଇବ କାହିଁ ପାଇଁ
ଏମନ୍ତ ବଚନ ତାଙ୍କୁ ବେଗେ କହ ଯାଇଁ ।୪୫୯

ତହୁଁକରି କରୁଣା ଯେ ବେଗେ ଚଳିଗଲା
ଚୁଲି ଗୋଟିଏକ ତହିଁ ବନାଇଲା ।୪୬୦

ପାଣିଦ୍ରବ ସର୍ବ ତହିଁ ସଜାଇଣ ଦିଲା
ରନ୍ଧନ କର ହୋ ବିପ୍ର ବୋଲିଣ ବୋଇଲା ।୪୬୧

ଦେଖିକରି ସାନନ୍ଦ ଯେ ପ୍ରଭୁ ନାରାୟଣ
ରନ୍ଧନକୁ ବିଜେକଲେ କମଳଲୋଚନ ।୪୬୨

ଚୁଲିର ଉପରେ ହାଣ୍ଡି ଆଣି ବସାଇଲେ
ଚାଉଳ ଯେ ଆଣି ପ୍ରଭୁ ଏକାବେଳେ ଦିଲେ ।୪୬୩

କାଷ୍ଠ ଯେ ଭରିଣ ଚୁଲି ଲଗାଇଲେ
ତେତେବେଳେ ପ୍ରମଲକ୍ଷ୍ମୀ କେବଣ ଚିନ୍ତାକଲେ ।୪୬୪

ରାନ୍ଧିଣ ଭୁଂଜିବେ ଯେବେ ଦୁଇଗୋଟି ଭାଇ
ସ୍ତରୀକି ପୁରୁଷ ଆଉ ଲୋଡ଼ିବେ କିମ୍ପାଇଁ ।୪୬୫

ଅଗ୍ନି ଯେ ଦେବତାଙ୍କୁ ମାଏ ସୁମରଣା କଲେ
ବ୍ରାହ୍ମଣ ଯେ ବେନିଭାଇ ରନ୍ଧନକୁ ଗଲେ ।୪୬୬

ଭୋ ଅଗ୍ନି ଦେବତା ମୁଂ ଯେ ତୋହରେ ଶରଣ
ରନ୍ଧନକୁ ଯାଇଛନ୍ତି ଶ୍ରୀମଧୁସୋଦନ ।୪୬୭

ହାଣ୍ଡି ନ ତାତିବ ତଳ କଳା ନ ପଡ଼ିବ
ଏକାବେଳେ କାଷ୍ଠଯାକ ଜଳିକରି ଯିବ ।୪୬୮

Digitized by srujanika@gmail.com

ଫୁଙ୍କିଫୁଙ୍କି ପ୍ରଭୁର ଦେହ ହେବ ଖିନ
ଲେଉଟିଯନ୍ତି ଖାଇବେ ମୋହରି ହସ୍ତେଣ ।୪୬୯
ପ୍ରମଲକ୍ଷ୍ମୀ ବଚନେ ଅଗ୍ନି ନ ଜଳିଲା
ଏକାବେଳେ କାଷ୍ଟଯାକ ପାଉଂଶ ହୋଇଲା ।୪୭୦

ତଇଳକ ପାତ୍ର ଘେନି କରୁଣା ଅଇଲେ
ଅର୍ଣ୍ଣ ହୋଇଲାକି ନାହିଂ ବଚନ ବୋଇଲେ ।୪୭୧

ସ୍ୱାହାନ କରିବ କି ଦେବ-ରେଷାଇଂ ହୋଇଲା
ଜଗନାଥ ବୋଇଲେ ଭାଇ ପାଣି ନ ତାତିଲା ।୪୭୨

ତୁମ୍ଭେ ଆଡ଼ ହୁଅ ଏବେ ରାନ୍ଧିବି ଯେ ମୁହିଂ
ଅର୍ଣ୍ଣ ରାନ୍ଧିବାକୁ ଗଲେ ବଳରାମ ଭାଇ ।୪୭୩

ଫୁଙ୍କି ଫୁଙ୍କି ବଳରାମ ଚିଟା ଯେ ପାଇଲେ
ହାଣ୍ଡିକୁଣ୍ଡେଇ ଏକଠାବେ କଚାଡ଼ିଲେ ।୪୭୪

ଖଣ୍ଡ ଖଣ୍ଡ କରି ହାଣ୍ଡି ଭାଙ୍ଗି ପକାଇଲେ
ପାଚେରୀ ଡିଆଇଂ ସବୁ ପକାଇଣ ଦିଲେ ।୪୭୫[୩୭]

କ୍ଷୁଧାରେଣ ଦୁଇଭାଇ ଆକୁଳ ହୋଇଲେ
କି ବୁଧି କରିବା ଜଗନାଥଙ୍କୁ ବୋଇଲେ ।୪୭୬

ବଳରାମେ ବୋଇଲେ ଶୁଣ ଜଗନାଥ ଭାଇ
ହୋଇଲେ ଚଣ୍ଡାଳ ହୋଉଂ ଆମ୍ଭେ ଅର୍ଣ୍ଣ ଖାଇଂ ।୪୭୭

ଅର୍ଣ୍ଣଦାନ ତାହାଙ୍କୁ ମାଗିବା ଆରେ ଭାଇ
ଏତେ ବୋଲି ବିଜେ କଲେ ପ୍ରଭୁ ଭାବଗ୍ରାହୀ ।୪୭୮

ପ୍ରମଲକ୍ଷ୍ମୀ ସିଂହଦ୍ୱାରେ ପ୍ରବେଶିଲେ ବେନିଭାଇ
ବେଦଧ୍ୱନି ହୁଙ୍କାରିଲେ ତ୍ରଇଲୋକ୍ୟ ଗୋସାଇଂ ।୪୭୯

Digitized by srujanika@gmail.com

ବେଦଧ୍ୱନି କଲେ ତହିଂ କାଳୀୟଗଂଜନ
ଗହଗହ ବେଦଧ୍ୱନି ପୂରେ ତ୍ରିଭୁବନ ।୪୮୦
ଗୋବିନ୍ଦଙ୍କ ବେଦ ଯହୁଂ କମଳା ଶୁଣିଲେ
କରୁଣା ଦାସୀକୁ ଚାହିଂ ବଚନ ବୋଇଲେ ।୪୮୧

ଏବେ ତୁ କରୁଣା ଆଗୋ ବେଗେ ଚଳିଯିବୁ
ସିଘଂଦ୍ୱାରେ ଯାଇଂ ତୁ ପ୍ରବେଶ ହୋଇବୁ ।୪୮୨

.... ବିପ୍ର ସକ୍ରୋଧେ କହିଲେ
କଲ୍ୟାଣ ନିମନ୍ତେ ଅବା ବେଦଧ୍ୱନି କଲେ ।୪୮୩

ଯେତେବେଳେ ବ୍ରାହ୍ମଣ ଯେ ଭୋଜନ କରନ୍ତି
ଭୋଜନ ଶେଷରେ କଲ୍ୟାଣ ଦିଅନ୍ତି ।୪୮୪

ଦକ୍ଷିଣା ନିମନ୍ତେ ଅବା କଲେ ବେଦଧ୍ୱନି
ସକଳ ବାରତା ତୁ ଲୋ ଦିଅ ମତେ ଆଣି ।୪୮୫ଅ

ଏହା ଶୁଣି କରୁଣା ବିଜେ କରିଗଲା
ସିଘଂଦ୍ୱାରେ ଯାଇଂ ବେଗେ ପ୍ରବେଶ ହୋଇଲା ।୪୮୬

ବଳରାମେ ବୋଇଲେ ମାଗୋ ଶୁଣ କି ନା ତୁହି
ରାନ୍ଧି ନ ପାରିଲେ ଗୋ ଆମର ସାନଭାଇ ।୪୮୭

ସାଆନ୍ତାଣୀ ଆଗେ ତୁ ଗୋ କହ ବେଗେ ଯାଇଂ
ଅର୍ଣ୍ଣଦାନ ଦେଇକରି ରଖ ଆମ୍ଭ ଦେହିଂ ।୪୮୮

ବ୍ରାହ୍ମଣ ବେନିଜଣକୁ ଦେବ ଅର୍ଣ୍ଣଦାନ
ଅନ୍ତକାଳେ ପାଇବଟି ବୈକୁଣ୍ଠ ଭୁବନ ।୪୮୯

ଏହା ଶୁଣି ଦାସୀ ତହୁଂ ବେଗେ ଚଳିଗଲା
କମଳିଣୀ ଛାମୁରେଣ ପ୍ରବେଶ ହୋଇଲା ।୪୯୦

Digitized by srujanika@gmail.com

କରପତ୍ର ଯୋଡ଼ି ଦାସୀ ଦେଉଂଅଛି କହି
ସାବଧାନ ହୋଇ ଶୁଣ ସିନ୍ଧୁର ତନଈ।୪୯୧

ଯେବଣ ବ୍ରାହ୍ମଣଙ୍କୁ ଗୋ ସଂଚା ଦିଲୁ ନେଇ
ରାନ୍ଧି ନ ପାରିଲେ ତାହାଙ୍କ ସାନଭାଇ ।୪୯୨

ଅର୍ଣ୍ଣଦାନ ମାଗୁଛନ୍ତି ସୁବେଦୀ ଗୋସାଇଂ
ହୋଇଲେ ଚଣ୍ଡାଳ ହୋଉଂ ଅଟେ ପୁଣ୍ୟଦେହିଂ ।୪୯୩

ଅର୍ଣ୍ଣଦାନ ଦେଇକରି ରଖୁ ଆମ୍ଭ ପ୍ରାଣ
ଏମନ୍ତ ବଚନ ମା ଗୋ ବୋଇଲେ ସେ ବ୍ରାହ୍ମଣ ।୪୯୪

ଶୁଣିକରି ପରମଲକ୍ଷ୍ମୀ ଚିତେ ଦୟାକଲେ
କେତେ ଦୁଖ ଦୁଇ ଭାଇ ପୁଣ ଯେ ପାଇଲେ ।୪୯୫

ପ୍ରମଲକ୍ଷ୍ମୀ ମାଏ ଯେ ନିବସ୍ତ୍ର ହୋଇଥିଲେ
ସୋବର୍ଣ୍ଣର ବେନି ବାହି ହସ୍ତରେ ଖଂଜିଲେ ।୪୯୬

କଣ୍ଠରେ ଘେନିଲେ ମାଏ ସୋବର୍ଣ୍ଣର ମାଳି
ତାର ପରେ ଶୋଭା ଦିଶେ ହାର ଗଙ୍ଗାଜଳି ।୪୯୭

କର୍ଣ୍ଣରେ ଖଜିଂଲେ ଦେବୀ ପଂଚସରି କାପ
ହାର ଲମ୍ବିଅଛି ତହିଂ ମୁକୁତାର ଥୋପ ।୪୯୮

ହୃଦପରେ ଶୋଭାକରେ ମୁକୁତାର ହାର
ସୋବର୍ଣ୍ଣ ଓଳମା ମାଏ ଘେନିଲେ ନାସାର ।୪୯୯

ପୟରଙ୍କୁ ଶୋଭାଦିଲା ବାଜେଣି ନେପୁର
ଚାଲନ୍ତେଣ ଶବଦ କରନ୍ତି ସେ ମଧୁର ।୫୦୦

Digitized by srujanika@gmail.com

ନୟନରେ ଶୋଭାକଲେ ମୁହନ କଜ୍ଜଳ
ସୀମନ୍ତା ଦେଇଂଣ ତହିଂ ବାନ୍ଧିଲେକ ବାଳ ।୫୦୧

ସୁରଙ୍ଗ ପତନି ଝୀନ କାଛେଣି ପିନ୍ଧିଲେ
ରଙ୍ଗବସ୍ତ୍ର ଖଣ୍ଡେ ମାଏ ଉପୁରାଣ ଦିଲେ ।୫୦୨
ମହୁଂ ଯେ ଦଧିରେ ମାଏ ସ୍ତ୍ରାହାନ ସାରିଲେ
ଶୁଚୀବନ୍ତ ହୋଇ ଦେବୀ କମଳା ଅଇଲେ ।୫୦୩

ସୋବର୍ଣ୍ଣର ଚଟୁ ମାଏ ଧଇଲେ ହସ୍ତର
ରାନ୍ଧିଣ ବସିଲେ ମାଏ ରୋଷାଇଂଶାଳର ।୫୦୪

ନାନାବିଧି କଲେ ତହିଂ ସିନ୍ଧୁର ନନ୍ଦନୀ
କ୍ଷଣକ ଭିତରେ ପାକ ସମ୍ଭାରିଲେ ଆଣି ।୫୦୫

ନାଡ଼ି ଲୁଳି କଲେ ତହିଂ କଦଳୀର ଭଜା
ଖଣ୍ଡପନିର ମିଶାଇ କଲେ ଖଣ୍ଡଖଜା ।୫୦୬

ଦାନ୍ତିଆ ସଙ୍ଗତେ ମାଏ କାନ୍ତିଆ ମିଶାଇ
ମରିଚ ଭୁଲି ବୋଲି ପିଠାର ନାମ ଦେଇ ।୫୦୭

ହଂସିକେଳୀ ଡାଳିମ୍ବ ପିଠା ରାନ୍ଧିଲେଣ
ଲଡୁ ଯେ ମୁଖୁଡ଼ି ମାଏ କଲେ ଯେ ଭିୟାଣ ।୫୦୮

ଦୁଧପନି କଲେ ତହିଂ ଘୃତପନି କଲେ
ଦଧିପୁଳି କାକରା ଯେ ସବୁ ତିଆରିଲେ ।୫୦୯

ସରପୁଳି ବୋଲି ଯେ ପିଠାର ଦିଲେ ନାମ
ଚିଂଡ଼ଇ ନବାତ ମାଏ କଲେ ଯେ ଭିଆଣ ।୫୧୦

ଚକୋଳି ଇଣ୍ଡୋରି ମାଏ କଲେକ ନିର୍ବାଣ
ବଡ଼ି ମହୁରିକୁ ଘେନି ଅନେକ ତିଉଣ।୫୧୧

Digitized by srujanika@gmail.com

କପୂର ମରିଚ ଦେଇ ପଣା ସଜାଡ଼ିଲେ
ଜାଇଫଳ ବାସକୁ ସୁବାସ ତାହା ସଜକଲେ ।୫୧୨

ପଇଡ଼ ସହିତ ....ପଣା
ଅଦା ମିଶାଇଣ ଯେ ନବାତ ଖଣ୍ଡଛେନା ।୫୧୩
ଖଣ୍ଡିଏ ଖଣ୍ଡିଏ କରି ଯତନେ ସମ୍ପାଦିଲେ
ଭୋଜନ ଶେଷକୁ ପୋଡାପିଠାଏ ପୋଡ଼ିଲେ ।୫୧୪

ଯେଉଂ ପୋଡ଼ାପିଠା ମୂଲ ଷାଠିଏ କାହାଣ
ତାହା ଦିଲେ ଭୋଜନ କରନ୍ତି ନାରାୟଣ ।୫୧୫

କୁଡ଼ିଆ ଷାଠିଏ ଗୋଟି ରାନ୍ଧି ମହାମାଈ
ବଗଡ଼ା ଭାତର କଥା କଳଣା ନ ଯାଇ ।୫୧୬୩୯

ପାକ ସଂଚାଇଣ ଲକ୍ଷ୍ମୀ ନିର୍ବାଣ ସେ କଲେ
ମଣୋହିଂ ଠାବର ମାୟେ ମଣ୍ଡିଣ ଲାଗିଲେ ।୫୧୭

ଚନ୍ଦନ କପୂର ଛଡ଼ା ମାଏ ପକାଇଲେ
ମୁକୁତା ଚୂରିଣ ମାଏ ମୁରୁଜ ଲେଖିଲେ ।୫୧୮

ଶତଦଳ ପଦ୍ମମାନ ତହିଂରେ ଲେଖିଲେ
ଇନ୍ଦ୍ର ଗୋବିନ୍ଦ ଚିତ୍ର ତହିଂ ଉପରେ ଆଙ୍କିଲେ ।୫୧୯

ସୋବର୍ଣ୍ଣ ଚାମର ଚାରି ଦିଗରେ ଖଂଜିଲେ
ବିଚିତ୍ର କରିଣ ତହିଂ ପୁରେକ ମଣ୍ଡିଲେ ।୫୨୦

ହାତଧୁଆ ପାଦଧୁଆ ପ୍ରତିପ୍ରତି କରି
ସୁବର୍ଣ୍ଣ ଥାଳି କଟରା ସୁବର୍ଣ୍ଣର ଝରି ।୫୨୧

କରୁଣା ଦାସୀକି ରାଇ ବୋଇଲେ ବଚନ
ବ୍ରାହ୍ମଣକୁ ଘେନି ଆସ ଯାଇ ତୁ ବହନ ।୫୨୨

Digitized by srujanika@gmail.com

ଏବେ ତୁ କରୁଣା ଆଗୋ ଶୀଘ୍ର ହୋଇଯିବୁ
ବ୍ରାହ୍ମଣଙ୍କ ମୁଖ ଚାହିଁ ବଚନ ବୋଲିବୁ ।୫୨୩

ପାକ ସଂଚା ଯୁଗତେଣ ହୋଇଲା ନିର୍ବାଣ
ସନ୍ଧ୍ୟା ସ୍ନାହାନ କରନ୍ତୁ ଯେ ତୁମ୍ଭେ ଦୁଇଜଣ ।୫୨୪
ପ୍ରମଲକ୍ଷ୍ମୀ ଆଗ୍ୟାଂପାଇଂ କରୁଣା ଯେ ବେଗେ ଚଳିଗଲା
ସିଘଂଦ୍ୱାରେ ଯାଇଣ ସେ ପ୍ରବେଶ ହୋଇଲା ।୫୨୫

କରପତ୍ର ଯୋଡ଼ି ଦାସୀ କହୁଅଛି ତହିଂ
ଯେବେ ଅର୍ଣ୍ଣ ଭୁଂଜିବ ହେ ସୁବେଦୀ ଗୋସାଇଂ ।୫୨୬

ତେତେବେଳେ କମଳିଣୀ କେଉଂ କୃତ୍ୟ କଲେ
ବରୁଣ ଦେବତାକୁଂ ଲକ୍ଷ୍ମୀ ସୁମରଣା କଲେ ।୫୨୭

ଭୋ ପିତା ବରୁଣ ତୋର ପରିମୁଣ୍ଡା ଯାଇଂ
ସ୍ନାହାନକୁ ଯାଉଂଛନ୍ତି ସୁବେଦୀ ଗୋସାଇଂ ।୫୨୮

ସପତ ଯେ ସିନ୍ଧୁଜଳ ଶୁଖି କରି ଯିବୁ
ଚଳେକ ଜଳ ଯେ ତହିଂରେ ନ ରଖିବୁ ।୫୨୯

କହୁ କହୁ ସିନ୍ଧୁରାଜା ଚଳିଣ ଯେ ଗଲା
ଦଶ ଯେ ଯୋଜନ ଅନ୍ତେ ଢୁଆର ଛାଡ଼ିଲା ।୫୩୦

ଚଳେକ ଜଳ ଅନ୍ତେ ତହିଂରେ ନ ରଖିଲା
ଶୁଖିଲା ଭୂମିର ପ୍ରାଏ ହୋଇଣ ରହିଲା ।୫୩୧

ସ୍ନାହାନକୁ ବିଜେ କଲେ ପ୍ରଭୁ ହୃଷୀକେଶ
ସମୋଦ୍ର ତୀରରେ ପ୍ରଭୁ ହୋଇଲେ ପ୍ରବେଶ ।୫୩୨

ଦେଖିକରି ଜଗନାଥେ ବିରସ ହୋଇଲେ
ବଳରାମ ମୁଖ ଚାହିଁ ବଚନ ବୋଇଲେ ।୫୩୩

Digitized by srujanika@gmail.com

ତେତେବେଳେ ଜଳ ଯେ ସମ୍ପୂର୍ଣ୍ଣ ହୋଇଥିଲା
ଆମ୍ଭେ ଆସିବାରୁ ଜଳ ଉଭାଇଣ ଗଲା ।୫୩୪

ଯେତେ ବୋଲି ଆକୁଳ ହୋଇଲେ ବେନି ଭାଇ
ସ୍ୱାହାନ ଠାରୁ ଖଣ୍ଡିଲା ସିନ୍ଧୁର ତନଇ ।୫୩୫
ଭୋଜନ ଠାବରେ ନିକି ହରିନିଏ ସେହି
ଏତେ ବୋଲି ଆକୁଳ ହୋଇଲେ ବେନି ଭାଇ।୫୩୬୪୦

ବଳରାମେ ବୋଇଲେ ଶୁଣ ନାରାୟଣ
ସ୍ନାନ ସନ୍ଧ୍ୟା କଲୁ ଯେ ବୋଲିବାକ ପୁଣ ।୫୩୭

ଜଳ ଯାଇ ତାଙ୍କୁ ନ ମାଗିବାକ ହେ ପୁଣ
ଶିରରେ ସିଂଚିବା ବାମନ ସୁମରିଣ ।୫୩୮

ଏତେ ବୋଲି ଚଳିଗଲେ ବେନିଗୋଟି ଭାଇ
କମଳିଣୀ ଦ୍ୱାରେ ପ୍ରବେଶିଲେ ଯାଇ ।୫୩୯

କରୁଣା ବୋଲଇ ତୁମ୍ଭେ ଶୁଣ ବିପ୍ରବର
ଶୀଘ୍ରେ ସ୍ନାନକରି କି ଅଇଲ ତତପର ।୫୪୦

ସ୍ନାନ ସନ୍ଧ୍ୟା କଲୁ ଯେ ବୋଲନ୍ତି ବେନିଭାଇ
ଅନ୍ତର୍ଗତେ ଜାଣିଲେ ତା ସିନ୍ଧୁର ତନଇ ।୫୪୧

ସଂସାର ନିମନ୍ତେ ସୃଷ୍ଟି କରିଛନ୍ତି ସେହି
ମୋହ ଛାଡପାଇଁ କଷ୍ଟ ପାଇଲେ ବେନି ଭାଇ ।୫୪୨

ଶୁଣ ଆଗୋ କରୁଣା ତୁ ଏମନ୍ତ କରିବୁ
ସୋବର୍ଣ୍ଣ ଝରିରେ ନିର ଘେନିକରି ଯିବୁ ।୫୪୩

ବେନିଜଣ ବ୍ରାହ୍ମଣଙ୍କୁ ସ୍ୱାହାନ କରାଇବୁ
ପାଟ ଯେ ହଡ଼ପଲାଗି ଘରୁ ନେଇ ଦେବୁ ।୫୪୪

Digitized by srujanika@gmail.com

ଏହି ଯେ ସନ୍ଧ୍ୟା ବସନ ପିନ୍ଧି ଭୋଜନ କରିବେ
ଯିବାବେଳେ ପାଟଯଥା ପାଲଟି ଥୋଇବେ ।୫୪୫

ଏହା ଶୁଣି ଦାସୀ ହରଷ ହୋଇ ଗଲା
କମଳି ବିମଳି ଆଳି ସଙ୍ଗେ ଘେନି ଗଲା ।୫୪୬
ସେ ଦୁଇ ଭାଇଙ୍କି ଯେ ମର୍ଦ୍ଦନ ବେଗେ କଲେ
ସୁବାସିତ ଜଳରେ ସ୍ନାହାନ କରାଇଲେ ।୫୪୭

ମଥା ପୋଛି ପିନ୍ଧାଇ ଦିଲେ ପାଟଧୋତି
କାନ୍ଧରେ ଉତରୀ ଗୋଟିଏ ପକାଇଲେ ଧାତି ।୫୪୮

ଗନ୍ଧ ଯେ ଚନ୍ଦନ ଆଣି ଦେହରେ ବୋଳିଲେ
ମଣୋହିଂକୁ ବିଜେକର ବୋଲିଣ ବୋଇଲେ ।୫୪୯

ପୟରକୁ ଦିଲେ ତହୁଂ ସୋବର୍ଣ୍ଣ କଠାଉଂ
ହୀରା ନିଳା ମାଣିକ୍ୟ ଦିଶଇଂ ଦାଉଂ ଦାଉଂ ।୫୫୦

କରୁଣା ବିଜୟ କଲେ ଭିତର ପୁରକୁ
ଆସ ଆସ ବିପ୍ରବର ମଣୋହିଂ ଠାବକୁ ।୫୫୧

ଆଗେ ଆଗେ ଚାଲୁଛନ୍ତି ପ୍ରଭୁ ବଳରାମ
ପଛରେ ଚଳିଲେ ତହିଂ କାଳୀୟଗଂଜନ ।୫୫୨

ଜଗନାଥେ ବୋଇଲେ ଭାଇ ଆମ୍ଭ ତହୁଂ ଶୁଣ
ପ୍ରତକ୍ଷରେ ସ୍ତିରୀ ଲୋକ ଅଟଇ ଯେ ପୁଣ ।୫୫୩

ପୁରୁଷ ଯେ ଜଣେ ହେଂ ଏଠାବରେ କେହି ନାହିଂ
ଅନ୍ତେପୁର ଦ୍ୱାରକୁ ଯେ ଯିବାର ଉଚିତ ନୋହଇଂ ।୫୫୪

ଯେହି ଠାବରେ ଆମ୍ଭେ ଭୋଜନ କରିବୁ
ଆଂଚେବନ କରିଣ ଯେ ଆମ୍ଭେ ଚଳିଯିବୁ ।୫୫୫

Digitized by srujanika@gmail.com

ବଳରାମେ ବୋଇଲେ ଶୁଣ କାଳୀୟଗଂଜନ
ଯେହା ଯେବେ ଭାଇ ଆରେ ବିଚାରୁଛୁ ମନ ।୫୫୬

ଆଜକର ମାନ ଆମ୍ଭେ ଗୃହସ୍ଥ ଖାଇବା
ଶ୍ୱରୀର ସୁଖରେ ଆମ୍ଭେ ଅର୍ଣ୍ଣ ଯେ ଭୁଂଜିବା । ୫୫୭
ଏତେବୋଲି ବିଜେ କଲେ ଦେବେ ନାରାୟଣ
ମଣୋହି ଠାବରେ ବିଜେ କଲେକ ଆପଣ ।୫୫୮

ପୁର ଦେଖି ସାନନ୍ଦ ହୋଇଲେ ନାରାୟଣ
ଏମନ୍ତ ସୁନ୍ଦର ପୁର କେ କଲା ନିର୍ବାଣ ।୫୫୯

ପୂର୍ବେ ପ୍ରମଲକ୍ଷ୍ମୀ ଯେମନ୍ତ ପୁର ମଣ୍ଡିଥିଲା
ସେହିମତି ପୁର ଆମ୍ଭଙ୍କୁ ସୁନ୍ଦର ଲାଗିଲା ।୫୬୦

ବଳରାମକଇ ରତ୍ନପିଢ଼ା ଦିଲା ନେଇ
ପିଢ଼ା ଦେଖି ଚିହ୍ନିଲେ ଠାକୁର ଭାବଗ୍ରାହୀ । ୫୬୧

ଜଗନାଥେ ବୋଇଲେ ଶୁଣ ବଳରାମ ଭାଇ
ବଡ଼ ସୁନ୍ଦର ଏହା ଦେଖିଲଇଂ ମୁଇଂ ।୫୬୨

ଯେତେବେଳେ ବରୁଣ ଲକ୍ଷ୍ମୀଙ୍କୁ ଦିଲା ଦାନ
ଏଇ ସେ ସୋବର୍ଣ୍ଣ ପିଢ଼ା ଦିଲେକ ଆପଣ । ୫୬୩

ଏହାର ପୁରକୁ ଅଇଲା କିସପାଇଂ
ନିଶ୍ଚେ ପରମଲକ୍ଷ୍ମୀ ଏଠାରେ ଅଛଇଂ ।୫୬୪

ଭୋଜନ ସରିଲେ ଏହା ନେବାକ ବେଉଂସି
ଯେତେ ବୋଲି ଭୋଜନେ ବସିଲେ ହୃଷୀକେଶୀ ।୫୬୫

ଏମନ୍ତ ପରମଲକ୍ଷ୍ମୀ କେଉଂ କୃତ୍ୟ କଲେ
ବ୍ରାହ୍ମଣୀ ଗୋଟିକୁ ମାଏ ପାଶକୁ ରାଇଲେ ।୫୬୬

Digitized by srujanika@gmail.com

ଦେଢ଼ଶୁର ହୁଅନ୍ତି ଯେ ପ୍ରଭୁ ବଳରାମ
ମୋହ ଅର୍ଣ୍ଣ ଦେବାକୁ ଯେ ନ ଯୋଗାଇ ପୁଣ ।୫୬୭

ମୋହ ମାନିଲେଣ ସିନା ମାନିବେ ଧରତ୍ରୀ
ଏତେବୋଲି ମନେ ବିଚାରିଲେ ସିନ୍ଧୁପୁତ୍ରୀ ।୫୬୮
ବ୍ରାହ୍ମଣୀ ଗୋଟିକି ମାଏ ସୁବେଶ କରାଇ
ବଳରାମ ଠାକୁରଙ୍କୁ ଅର୍ଣ୍ଣ ଦିଲେ ନେଇ ।୫୬୯

ବିଶ୍ୱେଦେବା ପୂଜାବିଧି କଲେ ନାରାୟଣ
ଅର୍ଣ୍ଣ ଜଳ ଘେନିଣ ସେ ପ୍ରଭୁ ଯେ ଆପଣ ।୫୭୦

ଖଣ୍ଡିଏକ ଥାଳି ଘେନି ବ୍ରାହ୍ମଣୀ ଅଇଲା
ବଡ଼ସାନ ବୋଲି କିଏ ଜାଣି ନ ପାରିଲା ।୫୭୧

ବଳରାମେ ବୋଇଲେ ତୁ ହୋଇଲୁକି କାଣୀ
ବଡ଼ସାନ ବୋଲି କିଏ ଚିହ୍ନି ପାରୁ ନାହିଁ ।୫୭୨

ଆମ୍ଭେ ବଡ଼ ପ୍ରଥମେ ଦିଅ ବେଲିଣ ଯେ କହି
ବ୍ରାହ୍ମଣୀ ବୋଇଲେ କୋପ ନ କର ଗୋସାଇଂ ।୫୭୩

ପ୍ରଥମ ଥାଳିରେ ଅର୍ଣ୍ଣ ବଳରାମେ ଦିଲା
ଦ୍ବତୀୟରେ ପୁଣି ଅର୍ଣ୍ଣ ଆଣିବାକୁ ଗଲା ।୫୭୪

ଅର୍ଣ୍ଣ ନ ଦେଖିଣ ତହୁଂ ସେ ଚକିତ ହୋଇଲା
ଏ ବ୍ରାହ୍ମଣଙ୍କ ଅର୍ଣ୍ଣ ନେଲା କେ ବୋଇଲା ।୫୭୫

ବଳରାମେ ବୋଇଲେ ହୋ କ୍ଷୁଧା ହୋଇଥିଲି
ଏଣୁକରି ଅର୍ଣ୍ଣ ଚାରି ଗ୍ରାସେ ମୁଂ ଖାଇଲି ।୫୭୬

ହସିଣ ବ୍ରାହ୍ମଣୀ କୁହେ ତୁମ୍ଭର କି କେହି ନାହିଂ
କୁଟୁମ୍ବଗଡ଼ାକୀ ତୁମ୍ଭେ ଅଟ ବେନିଭାଇ ।୫୭୭

Digitized by srujanika@gmail.com

 କ୍ଷୁଧାରେଣ ଭୋଜନ କରନ୍ତି ଦାରୁବ୍ରହ୍ମ
ଲକ୍ଷ୍ମୀ ଦେଉଛନ୍ତି ପୁଣ ଭିତରେ ଥାଇଂଣ ।୫୭୮

ଦିବ୍ୟ ପିଠାମାନ ଲକ୍ଷ୍ମୀ ଦେଉଛନ୍ତି ନେଇଂ
ଖଣ୍ଡି ଯେ ଶାକର ଛେନା ଗୋଟିକା ମିଶାଇ ।୫୭୯
ମନୋହର ପିଠାମାନ ଦେଉଛନ୍ତି ନେଇ
ହସିଖେଳି ଦେଉଛନ୍ତି ସିନ୍ଧୁର ତନଈ ।୫୮୦

ସନ୍ତୋଷ ହୃଦେଣ ଦେବ କରନ୍ତି ଭୋଜନ
ବଳାଇ ବଳାଇ ମାଏ ଦିଲେ ଦ୍ରିବ୍ୟମାନ ।୫୮୧

ସରପୁଳି କାକରା ଯା ଆରିସା ଦିଲେ ନେଇ
କ୍ଷୁଧାରେଣ ଭୋଜନ କରନ୍ତି ଭାବଗ୍ରାହୀ ।୫୮୨

ଗୋଟିକା ଅଧାମ ଘୋଟି ଦିଲେ ମହାମାଈ
ବଗଡ଼ା ଭାତର କଥା କହି ତ ନ ଯୋଗାଇ ।୫୮୩

ଅଙ୍ଗବାସ ପଣାକୁ ଦିଲେ ମହାମାଈ
ଭୋଜନରେ ହରଷ ହୋଇଲେ ଭାବଗ୍ରାହୀ ।୫୮୪

ଭୋଜନ ଶେଷକୁ ପୋଡ଼ପିଠା ଦିଲେ ନେଇ
ଖାଇକରି ସନ୍ତୋଷ ହୋଇଲେ ଭାବଗ୍ରାହୀ ।୫୮୫

ପୂର୍ବେ ମହାଲକ୍ଷ୍ମୀ ଯେ ମନ୍ତ୍ରପାକ କରିଥିଲେ
ସେହିମତି ଅମୃତ ମଣୋହି ସଂପାଦିଲେ ।୫୮୬

ପୂର୍ବ ଜନ୍ମେ ଆମ୍ଭେ ପୁଣ୍ୟ କରିଥିଲୁ
ତେଣୁକରି ଅନ୍ନ ଆମ୍ଭେ ଏଠାରେ ପାଇଲୁ ।୫୮୭

ଆଂଚେବନ ସାରିଣ ଯେ ପ୍ରଭୁ ଭଗବାନ
ଭିତର ପୁରକୁ କଲେକ ଗମନ ।୫୮୮

Digitized by srujanika@gmail.com

ଯେଉଂ ରତ୍ନଖଟ ହନୁମନ୍ତ ନେଇଥିଲା
ସେହି ରତ୍ନଖଟ ଗୋଟି ବିଛାଇଣ ଦିଲା ।୫୮୯

ସେହି ରତ୍ନଖଟେ ବସିଲେ ନାରାୟଣ
କ୍ରୁପୂର ତାମ୍ବୋଳମାନ କରନ୍ତି ଭୋଜନ ।୫୯୦
ପଂଚୁମନେ ବିଚାର କରନ୍ତି ସିନ୍ଧୁର ନନ୍ଦନୀ
ମୋତେ ଚିହ୍ନି ନ ପାରିଲେ ସେହି ଭାଇ ବେନି ।୫୯୧

ଚନ୍ଦନ ଲେପନକଲେ ଦୁଇଗୋଟି ଭାଇ
ଗବାକ୍ଷ ଦ୍ୱାରରେ ଲକ୍ଷ୍ମୀ ଅଛନ୍ତି ଅନାଇ ।୫୯୨

ପଚାର ପଚାର ଦାସୀ ପଚାର ଲୋ ଯାଇ
ବିଭା ହୋଇଛନ୍ତି ସେ କି ଦୁଇଗୋଟି ଭାଇ ।୫୯୩

କାହିଂ ତୁମ୍ଭ ବାଡ଼ି ବୃତି କେଉଂଠାରେ ଘର
କେଉଂଠାରେ ଗୁଆବାଡ଼ି ଶାସନ ତୁମ୍ଭର ।୫୯୪

ଜଗନାଥ ବୋଲୁଛନ୍ତି ଶୁଣ ଦାସୀ ତୁହି
ଲକ୍ଷ୍ମୀର ପରା ଭାରିଯା ଛାଡ଼ିଅଛି ମୁହିଂ ।୫୯୫[୪୩]

ଅଦୃଷ୍ଟ କରମ ଦୋଷେ ଭୁଂଜୁ ଦୁଖୀ ଥାଇ
ଲକ୍ଷ୍ମୀର ଦୋରେହା ହୋଇ ଏତେ ଭୋଗିଲଇଂ ।୫୯୬

ଦାସୀ ବୋଇଲେ ତୁମ୍ଭେ ହୋଇଲ କି ବାଇ
ମାଇପଛଡ଼ା ପୁରୁଷ ଦରିଦ୍ର କି ହୋଇ ।୫୯୭

ଗୋବିନ୍ଦ ବୋଇଲେ ତୁହୁଂ କହୁଂ ଶୁଣ ତୁହି
କେଉଂ ସ୍ତିରୀ ଥିଲେ ବାସି ପେଜ ନ ମିଳଇ ।୫୯୮

କେଉଂ ସ୍ତିରୀ ଥିଲେ ହାଦେ ମୁଣ୍ଡକାଟ ହୋଇ
କେଉଂ ସ୍ତିରୀ ଥିଲେ ବଂଶ ପବିତ୍ର ହୁଅଇ ।୫୯୯

Digitized by srujanika@gmail.com

କେଉଂ ସ୍ତିରୀ ଥିଲେ ଶାଢ଼ୀ ସୁନାବଳା ପାଇଂ
କେଉଂ ସ୍ତିରୀ ଥିଲେ ଐଶ୍ୱର୍ଯ୍ୟ ଭୋଗ ହୋଇ ।୬୦୦

କେଉଂ ସ୍ତିରୀ ଥିଲେ ଅନ୍ତେ ସ୍ୱର୍ଗ ବସେ ଯାଇ
ଏମନ୍ତ ହୋଇଣ ସ୍ତିରୀ ଚରିତ୍ର ଅଟଇ ।୬୦୧
ତୁମ୍ଭ ସାଆନ୍ତାଣୀ କି ଗୋ କହ ବେଗେ ଯାଇଂ
ବଡ଼ପଣ୍ଡାଙ୍କ ଭାଇ ଯାହା କହିଲଇଂ ।୬୦୨

କ୍ଷୁଧା ଲାଗୁଥିଲା ଅର୍ଣ୍ଣ ମାଗିଣ ଖାଇଲ
ଆମ୍ଭ ସାଆନ୍ତାଣୀଙ୍କି ଗୋ ଏମନ୍ତ କହିଲ ।୬୦୩

ଏଡ଼େ କି ଭରଷା ତୁମ୍ଭେ କାହୁଂ ହେ ପାଇଲ
ଏଡ଼େ ବଡ଼ କଥା ତୁମ୍ଭେ ମୁଖେ ଉଚାରିଲ ।୬୦୪

ବଳରାମ ବୋଇଲେକ ଆମ୍ଭ ପିଲା ଭାଇ
ବଡ଼ ଖେଉଡ଼ର ମତି କିଛି ନ ଜାଣଇଂ ।୬୦୫

ତୁମ୍ଭ ସାଆନ୍ତାଣୀଙ୍କି କି ଗୋ ବେଗେ କହ ଯାଇଂ
ଯେ ଭାଇ ଗୋଟାକୁ ଆମ୍ଭ ନୃସିଂହ ଝାଙ୍କଇ ।୬୦୬

ଜଗନାଥେ ବୋଇଲେ ହୋ ଡର କାହିଂପାଇଂ
କିଛି ନ ବିଚାର ତୁମ୍ଭେ ବଳରାମ ଭାଇ ।୬୦୭

ଲକ୍ଷ୍ମୀଙ୍କର ଘର ସିନା ଏହି ଯେ ଅଟଇଂ
ଏ କଥାକୁ ଭୟେ କିମ୍ପା କରୁଅଛ ଭାଇ ।୬୦୮

ବଳରାମେ ବୋଇଲେ ହୋ ଶୁଣ ଚକ୍ରଧର
ତୁମ୍ଭେ ଯାଇ ହସ୍ତଧର ପରମଲକ୍ଷ୍ମୀଙ୍କର ।୬୦୯

ଆମ୍ଭେ ଦୋଷକଲୁ ବୋଲି ବୋଲ ଜଗନାଥ
ଅପରାଧକୁ ଆଉଂ ନ ଧରନ୍ତୁ ଚିତ ।୬୧୦

Digitized by srujanika@gmail.com

ହାଡ଼ି ଦ୍ୱାରେ ଥାଉଂ ଲକ୍ଷ୍ମୀ ପାଣ ଦ୍ୱାରେ ଥାଉଂ
ସ୍ନାହାନ ନ କରି ବଡ଼ ଦେଉଳକୁ ଯାଉଂ ।୬୧୧

ଆମ୍ଭେ ବୋଲୁଅଛୁ ବୋଲି ତୁମ୍ଭେ କୁହ ଯାଇଂ
ଲକ୍ଷ୍ମୀ ବଡ଼ଲୋକ ବୋଲି ଜଗତ୍ର ଜାଣିଲଇଂ ।୬୧୨
ତାହାଙ୍କର ମନକୁ ଗୋ ଯେମନ୍ତ ଆସଇଂ
ଯହିଂ ଇଛା ତହିଂ ଯାଉ କମଳିଣୀ ।୬୧୩

ଯେତେବେଳେ ବଳରାମ ଏମନ୍ତ କହିଲେ
ଭିତରପୁରକୁ ଜଗନାଥ ବିଜେକଲେ ।୬୧୪

ସଧୀରେଣ ଧୀରେ ଚଳିଗଲେ ଜଗନାଥ
ପ୍ରବେଶ ହୋଇଲେ ଯାଇଂ କମଳାଙ୍କ ପାଶ ।୬୧୫

ଫଂଟ୍ଟମନେ କମଳିଣୀ କଲେକ ବିଚାର
କେତେ ଦୁଖ ଦେବି ଆଉଂ ପ୍ରଭୁ ଦାମୋଦର ।୬୧୬

ଏତେ ବୋଲି କମଳିଣୀ ମନେ ବିଚାରିଲେ
ନିଜ ଯେ ମୂରତି ଲକ୍ଷ୍ମୀ ଆପଣେ ଧଇଲେ ।୬୧୭

ପାଣିଝରିଏକ ଘେନି ଲକ୍ଷ୍ମୀ ଯେ ଆସିଲେ
ଦୀନବନ୍ଧୁ ବେନିପାଦ ବେଗେ ଧୋଇଦେଲେ ।୬୧୮

ଦେହରୁ ଅଂଚଳ କାଢି ପାଦ ପୋଛିଦେଲେ
ଥୋକାଏକ ଜଳ ନେଇ ଗର୍ଭକୁ କ୍ଷେପିଲେ ।୬୧୯

ଆଖି ଥନଥନ କରି କିଂଚିତେ ବସିଲେ
କ୍ରୋଧେ ଗଦଗଦ ହୋଇ ମାଏ ବଚନ ବୋଇଲେ ।୬୨୦

ଚଣ୍ଡାଲୁଣୀ ବୋଲି ମତେ ଦେଲ ଘଉଡ଼ାଇ
ମୋହର ବିହୁନେ ତୁମ୍ଭେ ବୁଲ ଦେହି ଦେହି ।୬୨୧

Digitized by srujanika@gmail.com

ସେହି ଚଣ୍ଡାଲୁଣୀ ଦ୍ୱାରେ ଭିକ୍ଷା ଯେ ମାଗିଲ
ମୋହର ବିହୁନେ କାହିଁ ଅର୍ଣ୍ଣ ନ ପାଇଲ ।୬୨୨

ଯେବେ ମୋହଠାରେ ତୁମ୍ଭ ଦରକାର ନାହିଁ
ବଡ଼ ଭାଇଙ୍କୁ ଘେନିଣ ତୁମ୍ଭେ ଯହିଁ ଯାଅ ତହିଁ ।୬୨୩

ଜଗନାଥେ ବୋଇଲେ ଲକ୍ଷ୍ମୀ ଆନନ୍ଦରେ ଥିଲୁ
ତୁମ୍ଭେ ଅଇଲାରୁ ଆମ୍ଭେ ଦରିଦ୍ର ହୋଇଲୁ ।୬୨୪

ତୁମ୍ଭେ ଏଡ଼େ ମାୟାକଲ ବୋଲିଣ ବୋଇଲେ
ଆମ୍ଭେ ଭିକ୍ଷା ମାଗିବାର ଜଗତେ ଜାଣିଲେ ।୬୨୫

ତୁମ୍ଭର କୀରତି ଯେ ପୃଥୀରେ ରହିଲା
ତୁମ୍ଭ ଅର୍ଣ୍ଣ ଦେବାର ଯେ ଜଗତେ ଶୁଭିଲା ।୬୨୬

ଉଠ ବୋଲି ଗୋବିନ୍ଦ ଯେ ଧଇଲେ ଯାଙ୍ଗ ହସ୍ତ
ଲକ୍ଷ୍ମୀ ଯେ ବୋଇଲେ ଦୀନବନ୍ଧୁ କର ସତ୍ୟ ।୬୨୭

ଚଣ୍ଡାଳ ହସ୍ତରୁ ଅର୍ଣ୍ଣ ବ୍ରାହ୍ମଣେ ଖାଇବେ
କୈବଲ୍ୟ ଖାଇଣ ହସ୍ତ ଶିରରେ ପୋଛିବେ ।୬୨୮

ଅର୍ଣ୍ଣ ଖାଇ ହସ୍ତ ଯେବେ ଶିରରେ ପୋଛିବ
ଏହି କ୍ରିତି ମୋହର ଯେ ଯୁଗେ ଯୁଗେ ଥିବ ।୬୨୯

ସେହି କଥାମାନ ଯେବେ କର ସ୍ଥିତ
ତେବେ ବଡ଼ ଦେଉଳକୁ ଯିବି ଜଗନାଥ ।୬୩୦

ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ
ଯୁଗେ ଯୁଗେ ଲକ୍ଷ୍ମୀ ତୋହର କୀରତି ଥାଉ ।୬୩୧

ଶୁଣିକରି କମଳିଣୀ ଆନନ୍ଦ ହୋଇଲେ
ଜଗନାଥେ ମୁଖ ଚାହିଁ ବଚନ ବୋଇଲେ ।୬୩୨

Digitized by srujanika@gmail.com

ଯେବେ ଆମ୍ଭ ପୁରକୁ ହିଂ କରିବା ଗମନ
ଗରୁଡ଼କୁ ସୁମରଣା କଲେ ତତକ୍ଷଣ ।୬୩୩

ରମ୍ୟକ ଦୀପରେ ଯେ ଗରୁଡ଼ ଚରୁଥିଲା
ଭୁଂଜିବା ଆହାର ତାକୁ ପିତା ଯେ ଲାଗିଲା ।୬୩୪
ଭାରିଯାର ମୁଖ ଚାହିଂ ବଚନ ବୋଇଲା
କେବଣ ଦେବତା ମୋତେ ସୁମରଣା କଲା ।୬୩୫

ବାସୁକୀ ଦେବତାର ମୁଂ ଯେ ସେବକ ନୋହଇଂ
ଇନ୍ଦ୍ର ଯେ ଦେବତା ମୋତେ ସାରିଖ୍ୟ ନାହିଂ ଯାଇଂ ।୬୩୬

ଧ୍ୟାନରେ ଜାଣିଲେ ତାହା ବିନତାନନ୍ଦନ
ମୋତେ ସୁମରଣା କଲେ ଠାକୁର ନାରାୟଣ । ୬୩୭

କୋଣାରେଖ ନଦୀଠାରେ ପ୍ରବେଶ ହୋଇଲା
ଜଗନାଥ ପାଦପଦ୍ମେ ଯାଇଂଣ ମିଳିଲା ।୬୩୮

କରପତ୍ର ଯୋଡ଼ିଣ ଛାମୁରେ ଉଭାହୋଇ
କି ନିମନ୍ତେ ସୁମରିଲେ ବ୍ରହ୍ମାଣ୍ଡ ଗୋସାଇଂ ।୬୩୯

ସର୍ଗ ମଂଚ ପାତାଳ ମୁଂ ତିନିପୁର ଯିବିଂ
ପରରାଷ୍ଟ୍ର ପଡ଼ିଲେ କ୍ଷଣକେ ସଂଘାରିବି ।୬୪୦

ଜଗନାଥେ ବୋଇଲେ ଶୁଣ ବାବୁ ତୁହି
ମଂଚ ସର୍ଗେ ଆମ୍ଭର କିଛି କାର୍ଯ୍ୟ ନାହିଂ ।୬୪୧

ଗରୁଡ଼ ବୋଇଲା ଦ୍ୱାରିକାକୁ ଯିବି ନେଇ
ଶୁଣିଣ ସାନନ୍ଦ ହୋଇଲେ ପ୍ରଭୁ ଦେବଗ୍ରାହୀ ।୬୪୨

ବଳରାମେ କହୁଛନ୍ତି ଶୁଣରେ କନାଇ
ଘରର ଘରଣୀ ଏବେ ସୁନ୍ଦର ଦିଶଇ ।୬୪୩

Digitized by srujanika@gmail.com

ଯେତବେଳେ ଦାଣ୍ଡେ ଯାଉଥିଲେ ଦୁଇଭାଇ
ଚୋର ଖଂଟ ବୋଲି ହାଦେ ସମସ୍ତେ ଯେ କହି ।୬୪୪

ଜଗନାଥେ କହୁଛନ୍ତି ବଳରାମେ ଭାଇ
ଲକ୍ଷ୍ମୀ ଯେ ଯେଡ଼େକ ଜଣ ଏବେ ଜାଣିଲଇଂ ।୬୪୫
ତାଳଧ୍ୱଜ ରଥରେ ଯେ ବିଜୟେ ହଳପାଣି
ପ୍ରବେଶ ହୋଇଲେ ବଡ଼ ଦେଉଳରେ ପୁଣିଂ ।୬୪୬

ବିଜୟା ରଥରେ ଯେ ସୋଭଦ୍ରା ବିଜେକଲେ
ଗରୁଡ଼ ପୃଷ୍ଠରେ ଜଗନାଥ କମଳାଙ୍କୁ ନେଲେ ।୬୪୭

ଆହେ ଅଷ୍ଟବେତାଳ ତୁମ୍ଭେ ଏହିକ୍ଷଣି ଯିବ
ବାଉନକୋଟି ଭଣ୍ଡାର ବହିଣ ଆଣିବ ।୬୪୮

ସମସ୍ତ ସରଘରେ ଯେ ନେଇଂଣ ପୂରୋଇବ
ଟିକାଏ ଟିକାଏ ଦ୍ରବ୍ୟ ଏଥି ନ ରଖିବ ।୬୪୯

ବଡ଼ଦେଉଳକୁ ପ୍ରମଲକ୍ଷ୍ମୀ ବିଜେକଲେ
ତେତ୍ରିଶକୋଟି ଦେବତା ସଙ୍ଗରେ ଯେ ଗଲେ ।୬୫୦

ଢୋଲ ଦମାଳ ଯେ ବାଜଇ ଅପାର
ଭେରୀ ମହୁରୀ କଂସାଳ ତାଳ ବୀଣା ତୂର ।୬୫୧

ଇନ୍ଦ୍ର ଡାକୁଛନ୍ତି ଦେବ ମଣିମା ମଣିମା
ଦୁଖ ଯେ ନାଶନ ପ୍ରଭୁ ଗୁହାଣି ଶୁଣିମା ।୬୫୨

ବରୁଣ କୁବେର ଯେ ହସ୍ତରେ ବେତ ଧରି
ନୃତ୍ୟ କରୁଛନ୍ତି ତହିଂ ସ୍ୱର୍ଗ ଅପଛରୀ ।୬୫୩

ରମ୍ଭା ଯେ ମେନକା ଆବର ତହିଂ ଚିତ୍ରରେଖା
ତିଳୋତମା ତୁଳେ ଯେ ଆବର ମଦନିକା ।୬୫୪

Digitized by srujanika@gmail.com

ଲକ୍ଷ୍ମୀଙ୍କୁ ପାଇଣ ଦେବ ଗୋବିନ୍ଦ ଆନନ୍ଦ
ସଂସାରର ଲୋକମାନେ ହୋ ହୋଇଲେ ସାନନ୍ଦ ।୬୫୫

ଇନ୍ଦ୍ରଙ୍କ ଆଗରେ ଏହା କହିଲେ ନାରଦ
ଗୁରୁ ଯେ ପଂଚମୀ ବ୍ରତ କର ହେ ଅସନ୍ଧ ।୬୫୬
ଲକ୍ଷ୍ମୀ ଅନୁଗ୍ରହ ତୋତେ କରି ସର୍ବକାଳେ
ସୁଖେ ଯାଇ ବସ ତୁମ୍ଭେ ସର୍ଗଦେବ ଆଳେ ।୬୫୭

ନାରଦଙ୍କ ଠାରୁ ଇନ୍ଦ୍ର ଦୀକ୍ଷା ଯେ ପାଇଲେ
ଗୁରୁ ଯେ ପଂଚମୀ ବ୍ରତ ଇନ୍ଦ୍ର ଭିଆଇଲେ ।୬୫୮

ପୁଣି ଇନ୍ଦ୍ର ଆସନେ ବସିଲା ସୁଖେ ଯାଇଂ
ସଚୀ ଦେବୀ ଯାଇ ସନିଧେ ଅଟଇଂ ।୬୫୯

ଏ ପୁରାଣ ଯେତେ ଯେତେ କଥା ସିଧ ହେଉ
ହରି ହରି ବୋଲ ପାତକେ କ୍ଷୟ ଯାଉ ।୬୬୦

ଦଶମୀ ଯେ ଗୁରୁବାର ସୁଦଶାର ବ୍ରତ
ଏହା କଲେ ଧନଜନ ହୋଇବ ପ୍ରାପତ ।୬୬୧

ଗୁରୁବାରେ ଯେଉଂ ଜନ ଏହାକୁ ପଢଇ
ଜନ୍ମ ଜନ୍ମାନ୍ତର ତା'ର ଦୁରିତ ହରଇ ।୬୬୨[୪୫]

ଲକ୍ଷ୍ମୀ ଯେ ପୁରାଣ ପୋଥି ସଂପୂର୍ଣ୍ଣ ହୋଇଲା
ବଳରାମ ଦାସ ଏହା ଗୀତରେ ଗାଇଲା ।୬୬୩

ଝୋଟି

Digitized by srujanika@gmail.com

ଟୀକା ଓ ପାଠାନ୍ତର

୧. 'କ' ପୋଥିର ଆରମ୍ଭ 'ଓଁ ଗଣେଶାୟ ନମଃ', ପରେ ମହାଲକ୍ଷ୍ମୀଙ୍କ ସ୍ତୁତି । 'ଖ' ପୋଥିର ଆରମ୍ଭ ଦାମୋଦର / ଜଗନ୍ନାଥଙ୍କ ବର୍ଣ୍ଣନାରୁ । ପଂଚମ ପଦରେ ଲକ୍ଷ୍ମୀଙ୍କ ସ୍ତୁତି କରାଯାଇଛି । ତାହା 'କ' ପୋଥିର ପାଠ ଠାରୁ ଅଲଗା । ଯଥା:-

୨. ବନ୍ଦଇ ଯେ ପ୍ରମଲକ୍ଷ୍ମୀ ଦେବୀ କମଳିଣୀ
ଦରିଦ୍ରଭଂଜନୀ ମାଗୋ ଯେ ଅଟଇ ପ୍ରମଲକ୍ଷ୍ମୀ ।
ଏବେ ହୋ କହିବା ଶୁଣ କଥା ଏକ ରସ
ଲକ୍ଷ୍ମୀ ପୁରାଣ ଶୁଣି ପାପ କର ଧ୍ୱଂସ ।

'ଗ' ପୋଥିର ପ୍ରଥମ ଦଶ ପଦ ଗଣେଶ ସ୍ତୁତିମୂଳକ । କାରଣ,ଗଣେଶ ବିଦ୍ୟାର ଅଧିପତି ,ଅଗ୍ରପୂଜ୍ୟ ଦେବତା ଓ ନିରାପତ୍ତାଦାତ। ନବମ ପଦରେ ଲେଖା ଯାଇଛି ; ଚଉଦ ଅକ୍ଷରେ ପଦମାନ ଛିଡୁଥିବ

ଆଗ ପଛ ହେଉଂଥିଲେ କହି ଦେଉଥିବ ।

ଅର୍ଥାତ ପୂର୍ବରୁ ଏହି ଗ୍ରନ୍ଥ ଦାଣ୍ଡିବୃତ୍ତରେ ଲେଖା ଯାଇଥିଲା । ଦାଣ୍ଡିବୃତ ଦ୍ୱିପଦା ଓ ପ୍ରତ୍ୟେକ ପଦ ବିଷମ ଅକ୍ଷରବିଶିଷ୍ଟ । ଏହା ଚଉଦଅକ୍ଷରିରେ ରୂପାନ୍ତର କଷ୍ଟସାଧ୍ୟ ବୋଲି ଲିପିକାର ଅନୁଭବ କରିଛନ୍ତି । ଏବଂ, ସେଥିପାଇଁ ବିଦ୍ୟାଧିପତି ଗଣେଶଙ୍କର ଶରଣାପନ୍ନ ହୋଇଛନ୍ତି ।

୨.'କ' ପୋଥିର ମାତ୍ର ତିନିଗୋଟି ପଦରେ ଲକ୍ଷ୍ମୀସ୍ତୁତି ପରେ କାହାଣୀର ଆରମ୍ଭ । 'ଖ' ପୋଥିରେ 'ଲକ୍ଷ୍ମୀର ପୁରାଣ ଶୁଣି ପାପ କର ଧ୍ୱଂସ ।'' ଉଲ୍ଲେଖ ରହିଚି। ପୋଥିର କିଛି ଅଂଶ ପୋକଖିଆ ଯୋଗୁଁ ପଢି ହେଉନାହିଁ । ଏବଂ, ପର ପଦରୁ କାହାଣୀର ଆରମ୍ଭ । ଇନ୍ଦ୍ର- ନାରଦଙ୍କ ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ 'ଗ' ପୋଥିରେ କାହାଣୀ ଆରମ୍ଭ ହୋଇଚି ।ଏହି ପାଠ ଛଅପଦ(୪-୫ପଦ) 'ଗ' ପୋଥିରୁ ଉଦ୍ଧାର କରାଯାଇଛି। ବଜାର ସଂସ୍କରଣରେ କାହାଣୀର ବକ୍ତା ଓ ଶ୍ରୋତା ଯଥାକ୍ରମେ ପରାଶର ଓ ନାରଦ । ବୁଢୀ ବ୍ରାହ୍ମଣୀ ବେଶ ଧରି ଲକ୍ଷ୍ମୀ ନଗ୍ର ବୁଲି ବାହାରିଛନ୍ତି । ବାଟରେ ସାଧବାଣୀକୁ ଭେଟିଛନ୍ତି । ତାକୁ ପୂଜାବିଧି ଓ ନାରୀ ପୁରୁଷଙ୍କ ଆଚରଣ ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ବର୍ଣ୍ଣନା ବହୁ ପଦଯୁକ୍ତ । ଏହା କାହାଣୀ କଥନ ବୈଚିତ୍ର୍ୟକୁ ବ୍ୟାହତ କରୁଛି । ମାତ୍ର ବ୍ରତ ବିଧି ପାଳନ ବିଚାରରେ ଏହି ପଦଗୁଡ଼ିକର ଗୁରୁତ୍ୱ ରହିଚି । ବ୍ରତ ବିଧି ଅଂଶ ପରିଶିଷ୍ଟରେ ସଂଯୋଜିତ । ଏଗୁଡ଼ିକ ବଳରାମଙ୍କ

Digitized by srujanika@gmail.com

ରଚନା ନୁହେ, ପ୍ରକ୍ଷିପ୍ତ ।

୩. ଏହି ସଂପାଦିତ ଅଂଶ ୧୫ ରୁ ୨୦ ପଦ ପର୍ଯ୍ୟନ୍ତ ପାଠ 'କ' ପୋଥିରୁ ଗୃହୀତ । 'ଖ' ପୋଥି ଓ ବଜାର ସଂସ୍କରଣରେ ଲକ୍ଷ୍ମୀ ଦେହରେ ପିନ୍ଧିଥିବା ଅଳଙ୍କାରର ବିଶଦ ବର୍ଣ୍ଣନା ରହିଚି । 'କ' ଓ 'ଗ' ପୋଥିରେ ଲକ୍ଷ୍ମୀ କେଉଁ କେଉଁ ଅଳଙ୍କାର ପିନ୍ଧି ନଗ୍ର ବୁଲି ଯାଇଛନ୍ତି ତାହାର ବର୍ଣ୍ଣନା ନାହିଁ । ଏହି ଗ୍ରନ୍ଥର ପାଠ୍ୟ ଶ୍ରୀମତୀ କୁନୁମୁନି ପଟ୍ଟନାୟକଙ୍କ ବହିରୁ ଉଦ୍ଧୃତ(୨୧ ରୁ ୨୬ ପଦ) । କାରଣ 'ଖ' ପୋଥିର ପାଠ ପଢ଼ି ହେଉ ନାହିଁ ।

୪. ପାଠାନ୍ତର : 'କେ ବୋଲଇ କେ ଜାଣଇଂ ଗୋ ମୁହିଂ ନ ଜାଣଇଂ' : 'ଖ' ପୋଥି

ତା ଶୁଣି ପରମ ଲକ୍ଷ୍ମୀ ନ ପାରିଲେ ସହି
ମୋହ ବ୍ରତ ନ କରିଣ ମୋତେ ଗର୍ବ ବହି ।
ବ୍ରତ ଘେନିମାକୁ ତୁମ୍ଭେମାନେ ନୁହ ସକ୍ଷ
ତହୁଂ ବେଗେ ଗଲେ ଲକ୍ଷ୍ମୀ ହୋଇଣ ବିମୁଖ । 'ଖ' ପୋଥି

୫. ପାଠାନ୍ତର : ଜାଣିଲା ସେ ପଡ଼ିଅଛି ଦଶମୀ ଗୁରୁବାର

ଶୁଧ ଯେ ଶଉଚ ଆଜ କରିବି ଶ୍ୱରୀର ।
ଚଣ୍ଡାଳୀ ଏମନ୍ତ ତାର ମନେ ବିଚାରିଲା
ରାତ୍ର ପହରକେ ଥାଉଂ ନିଦ୍ରାରୁ ଜାଗିଲା ।
ତଳୁସୀ ଚଉଂରା ଗୋଟି ଲିପିଣ ଆଣିଲା
ଅରୁଆ ତଣ୍ଡୋଳ ବାଟି ଦ୍ୱାରେ ଝୋଟି ଦିଲା ।
ଝୋଟି ଉପରେ ପଦ୍ମ ଗୋଟିଏ ଲିହିଲା
ପଦ୍ମର ଉପରେ ସେ ଯେ ମାଧୋବୀ ଲତା ଦିଲା ।
ଥୋପି ଥୋପି ମୁକୁତା ତା ଉପରେ ଲେଖେ ବସି
ଆକାଶ ନକ୍ଷତ୍ର କି ମହୀରେ ପଡ଼େ ଖସି । 'ଗ' ପୋଥି

୬. ପାଠାନ୍ତର: ଜୀବ ଥିବା ଯାକେ ମହା ବିଭୂତି ଭୁଂଜିବୁ: 'ଗ' ପୋଥି

୭. ପାଠାନ୍ତର: ବ୍ରତ ବିଘଟନେ କରି ତୁ ନୋହିବୁ ଅଗ୍ୟାନ: 'ଗ'ପୋଥି

୮. ତାହାର ବଂଶକୁ ମୁଂ କରଇ ନିଅଂଶ : 'ଗ' ପୋଥି

୯. ପାଠାନ୍ତର : ସନ୍ତୋଷେ ମୁଂ ତାହାଠାରେ ଦିଏ ସୁନାବଳା :'ଗ' ପୋଥି

୧୦. ଗୁରୁବାର କେଉଁ କେଉଁ କାର୍ଯ୍ୟ କରିବ, ତତ୍‌ସଂପର୍କରେ ପ୍ରତ୍ୟେକ ପୋଥିରେ ଭିନ୍ନଭିନ୍ନ ବର୍ଣ୍ଣନା ରହିଚି ।

Digitized by srujanika@gmail.com

ଉଭୟ 'ଖ' ଓ 'ଗ' ପୋଥିରେ ଅଧିକ ପଦ ସଂଯୋଜିତ । ଯଥା :

ଗୁରୁବାର ଯେଉଂ ଲୋକ କ୍ଷେଉର ହୁଅଂନ୍ତି
ଗୁରୁବାର ଯେଉଂ ନାରୀ ନଖ କଟାବନ୍ତି ।
ଗୁରୁବାରେ ଯେ ସିଝାବନ୍ତିଧାନ
ଆଇଷ୍ୟ ତୁଟଇ ତାକୁ ନ ମିଳଇ ଧନ ।
ମଳିନ ବସନ ଯେ କରଇ ପରିଧାନ
ସୋବର୍ଣ୍ଣ ହରାଇ ଯଦି ନ ଦିଅନ୍ତି ଧନ ।
ଭଂଜାଇଣ ଅଛି ତାକୁ ଯେ କହୁଥାନ୍ତି କଥା
ଭଂକୁଭଂକୁ ଯେଉଂ ନାରୀ କୁଣ୍ଡୁଥାନ୍ତି ମଥା ।
ଗୁରୁବାରେ ଯେଉଂ ସ୍ତିରୀ କରୁଥାଏ ରତି
ଦରିଦ୍ର ଅବସ୍ଥା ଦୁଖ ପାଏ ସେ ଯୁବତୀ ।

୧୧. ପାଠାନ୍ତର : ଚଣ୍ଡାଳ ଦୁଆରେ ସେ ଯେ ଲକ୍ଷ୍ମୀକୁ ଦେଖିଲେ , 'ଗ' ପୋଥି

୧୨. ବଜାର ସଂସ୍କରଣରେ 'ପାଂଚଲକ୍ଷ ଟଙ୍କା ଦେଇ ଜାତି କରାଇବା' ,'ଗ' ପୋଥିରେ 'ପାକ ସଂପାଦିଣ ଯେ ସକଳ ଭୁଞ୍ଜାଇବା' ଏବଂ ଶ୍ରୀମତୀ ପଟ୍ଟନାୟକଙ୍କ ବହିରେ 'ଅନେକ ଧନ ଲଗାଇ ଭାତ ଭୁଞ୍ଜାଇବା' ପାଦ ଉଲ୍ଲେଖ ରହିଚି । ତେଣୁ ପ୍ରଥମ ପୋଥିରେ ଟଙ୍କା ଶବ୍ଦର ପ୍ରୟୋଗ ନାହିଁ। 'ଭାରିଜା ବୋଲିଣ ପାଦର ଯେବଣ ପାଣୋଇ'- ପଦ 'କ' ପୋଥି ଓ ବଜାର ସଂସ୍କରଣ ବହିରେ ରହିଚି । 'ଖ' ପୋଥି ଓ ଅନ୍ୟ ମୁଦ୍ରିତ ବହିରେ ନାହିଁ ।

୧୩. ବଳରାମ ଓ ଜଗନ୍ନାଥଙ୍କ ମଧ୍ୟରେ କଥୋପକଥନ ବିଭିନ୍ନ ପୋଥିରେ ସାମାନ୍ୟ ଅଲଗା ଅଲଗା ରହିଚି । 'ଖ' ପୋଥିର ବହୁ ଅଂଶ ପୋକ ଖାଇଥିବାରୁ ପଢ଼ି ହେଉନାହିଁ। ତେବେ 'ଗ' ପୋଥି ସହିତ 'କ' ପୋଥିର ସାଦୃଶ୍ୟ ଥିବାରୁ ଏଥିରେ 'କ' ପୋଥିର ପାଠ ସଂଯୋଜିତ କରାଯାଇଛି ।

୧୪. ପାଠାନ୍ତର: 'ଚନ୍ଦନ ଉଆସ': 'ଗ' ପୋଥି , ଅନ୍ୟତ୍ର ଉତମ ଉଆସ

୧୫. ପାଠାନ୍ତର: ଚାରିକୋଣେ ଦେଲେ ତାକୁ ସୁଧ ଯେ ସୁବର୍ଣ୍ଣ (ବଜାର ସଂସ୍କରଣ)

୧୬. ପାଠାନ୍ତର: ଦଶମୀ ପାରୁଶ ମୁଂ ଯେ ରନ୍ଧନ କରିବି ।

୧୭. ଶ୍ରୀମତୀ ପଟ୍ଟନାୟକ ସମ୍ପାଦିତ ବହିରେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ପର୍କରେ ବର୍ଣ୍ଣନା ରହିଚି । ତାହା ଏହିପରି-

ନନ୍ଦ ଗଉଡ଼ ଘରେ କାଳକ ବଂଚିଲ
ବାଛୁରୀ ଚରାଇ ତୁମ୍ଭେ ବଣଭୋଜି କଲ ।
ଷୋଳ ସହସ୍ର ଗୋପୀଙ୍କର ପାଲଟା ବହିଲ

Digitized by srujanika@gmail.com

କଦମ୍ବ ଶିଖରେ ନେଇ ଦୋଳି ଉକୁଚିଲ ।
ଯେ ତୁମ୍ଭର ଖୁଡ଼ଇ ଅଟଇ ମଉଳାଣୀ
ପାପ ପୁଣ୍ୟର କଥାକୁ ବିଚାର ନାହିଂ ପୁଣି ।
ମାନ ଯେ ଗଉରୋବ ସକଳ ଉପେକ୍ଷି
ଇଚ୍ଛାସୁଖେ ରମଣ କଲ ଯେ ପଦ୍ମଆଖି ।
ଗୋପପୁରରେ ଥାଇ ତୁମ୍ଭେ ଯେତେ ପାପକଲ
ପୋତନା ମାରିଣ ତୁମ୍ଭେ ସ୍ତିରୀ ହତ୍ୟା କଲ ।
ଷଣ୍ଢାସୁର ବଧ କରି ଗୋହତ୍ୟା କଲ
ସେହିଲାଗେ ମହାପ୍ରଭୁ କଂସକୁ ମାଇଲ । (ପୃ:୧୨)

ଏହି ପଦଗୁଡ଼ିକ ବଳରାମ ଦାସଙ୍କ ରଚନା ହୋଇ ନ ଥିବ । ଜଗନ୍ନାଥପ୍ରାଣ କବି ତାଙ୍କ ସମ୍ପର୍କରେ ଏପରି ଅଭିଯୋଗ ଆଣିବା ଅମୂଳକ ମନେହୁଏ ।

୧୮. ପାଠାନ୍ତର: 'ସହସ୍ର ଟଙ୍କାର ଅଳଙ୍କାର ଆମ୍ଭର ସେ ନେଲା' ;'ଗ' ପୋଥି। ଶ୍ରୀମତୀ ପଟ୍ଟନାୟକଙ୍କ ବହିରେ ଟଙ୍କା ଶବ୍ଦର ପ୍ରୟୋଗ ନାହିଁ ।

୧୯. 'ଖ' ପୋଥିରେ ଲକ୍ଷ୍ମୀ ସମୁଦ୍ର କୂଳକୁ ଯାଇ ବାପା ବରୁଣ ଦେବତାଙ୍କୁ ସ୍ମରଣ କରିଛନ୍ତି । ତାଙ୍କ ପାଖରେ ସବୁ କଥା କହିଛନ୍ତି। ବରୁଣ ଝିଅକୁ ଘରକୁ ଯିବାକୁ ପ୍ରସ୍ତାବ ଦେଇଛନ୍ତି । ମାତ୍ର ଲକ୍ଷ୍ମୀ ଏହି ପ୍ରସ୍ତାବରେ ରାଜି ନ ହୋଇ ସମୁଦ୍ର କୂଳରେ ରହିବାପାଇଁ ଇଚ୍ଛା କରିଛନ୍ତି । ଫଳତଃ, ଲକ୍ଷ୍ମୀଙ୍କ ମନଲାଖି ପ୍ରାସାଦ ତିଆରି କରିଦେବାପାଇଁ ବରୁଣ, କୁବେର ଓ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । 'ଖ' ପୋଥିର ଏହି ଅଂଶ ସମ୍ପାଦିତ ଗ୍ରନ୍ଥରେ ସଂଯୋଜିତ । ବଜାର ସଂସ୍କରଣରେ ଲକ୍ଷ୍ମୀ ବାପଘରକୁ ଯାଇନାହାନ୍ତି । ନିଜେ ବିଶ୍ୱକର୍ମାଙ୍କୁ ଡାକି ପ୍ରାସାଦ ତୋଳି ଦେବାପାଇଁ କହିଛନ୍ତି । 'କ' ପୋଥିର କିଛି ଅଂଶ ଏହିପରି ।

ଏହି ରୂପେ ମୁହିଂ ଯେବେ ବାପଘର ଯିବି
ଦୁଇ ଚାରିଦିନ ଘରେ ରହି ନ ପାରିବି ।
ଜଗନାଥ ଗଲେ ମତେ ସମର୍ପିଣ ଦେବ
ସାପ୍ୟଦେବା ବାକ୍ୟ ମୋର ଅକାରଣ ହେବ ।
ଦରିଦ୍ର ନୋହିବେ ପ୍ରଭୁ ଦେବ ନାରାୟଣ
ତେବେ ସିନା ସାପ୍ୟ ମୋର ହୋଇବ କାରଣ ।
ଏତେ ବୋଲି ପରମଲକ୍ଷ୍ମୀ ମନେ ଚିନ୍ତାକଲେ
ବିଶ୍ୱକର୍ମାଙ୍କୁ ମାଏ ମନେ ଚିନ୍ତାକଲେ ।

Digitized by srujanika@gmail.com

ବୈକୁଣ୍ଠପୁରେ ବିଶ୍ୱକର୍ମା ରହିଥିଲା
ପରମଲକ୍ଷ୍ମୀ ସୁମରନ୍ତେ ଛାମୁରେ ମିଳିଲା ।
କିସ ଆଗ୍ୟାଂଦିଅ ମୋତେ ଠାକୁରାଣୀ ଆଇଂ
ଲକ୍ଷ୍ମୀ ଯେ ବୋଇଲେ ବିଶ୍ୱକର୍ମାଙ୍କୁ ଅନାଇଂ ।
ଚଣ୍ଡାଳୁଣୀ ବାଦେ ମୋତେ ପ୍ରଭୁ ଦେଲେ ଘଉଡ଼ାଇ
ଖଣ୍ଡେକ କୁଡ଼ିଆ ମୋତେ ଦିଅ ହେଂ ତୋଳାଇଂ ।
ଲକ୍ଷ୍ମୀ ଆଗ୍ୟାଂପାଇଂ ବିଶ୍ୱକର୍ମା ଚଳିଗଲା
ଦଶକୋଶ ପ୍ରମାଣରେ ଉଆସ ତୋଳିଲା ।

୨୦.'ଖ' ପୋଥିରେ 'ବାଙ୍କିମୁହାଣରେ ପ୍ରାସାଦ ତୋଳିବା କଥା ଉଲ୍ଲେଖ ରହିଚି । ପୁରୀରେ ଏହି ସ୍ଥାନ ଚକ୍ରତୀର୍ଥ ନିକଟବର୍ତ୍ତୀ ।

୨୧. 'କ' ପୋଥିରେ ବିଶ୍ୱକର୍ମା ଦଶ ଅବତାର ଚିତ୍ର ଅଙ୍କନ କରିଥିବା ପ୍ରସଙ୍ଗ ମାତ୍ର ଗୋଟିଏ ପଦରେ ବର୍ଣ୍ଣିତ । 'ଗ' ପୋଥିରେ ଦଶ ଅବତାର ଚିତ୍ରର ବିସ୍ତୃତ ବିବରଣୀ ରହିଚି । ଏହି ଗ୍ରନ୍ଥରେ 'ଖ' ପୋଥିର ବର୍ଣ୍ଣନା ମୁଦ୍ରିତ ହୋଇଚି । ଏହି ବର୍ଣ୍ଣନା ପଢ଼ିଲେ ମନେହୁଏ ଲିପିକାରଙ୍କର ଏହା କବିତ୍ୱପୂର୍ଣ୍ଣ ସଂଯୋଜନା । ବର୍ଣ୍ଣନା ଏହିପରି -

ଆଦ୍ୟେରେ ଲିହିଂଲେ ସେ ମଛରୂପ ମୃତି
ଶଂଖାସୁର ମାରି ବେଦ ଉଧରନ୍ତି ।
ବ୍ରହ୍ମାଙ୍କୁ ଆଣିଣ ଯେ ଦିଅନ୍ତି ବେଦପୋଥି
ବ୍ରହ୍ମା କେଉଂଠାରେ ବସି କରୁଛନ୍ତି ତୁସ୍ତି ।
କେଉଂଠାରେ ଲେଖିଲା ଯେ କୂମର ସ୍ୱରୂପ
ଧରଣୀକି ପୃଷ୍ଠ ବହିଛନ୍ତି ଜଗନାଥ ।
କେଉଂଠାରେ ଲେଖିଲା ଯେ ବରାହ ମୂରତି
ଦନ୍ତଅଗ୍ରେ ଧରିଣ ଅଛନ୍ତି ସେ କ୍ଷିତି ।
କେଉଂଠାରେ ନେଖିଅଛି ନରସିଘଂ ମୃତି
ହିରଣ୍ୟକଶ୍ୟପ ଅଙ୍ଗ ବିଦାରୁ ଅଛନ୍ତି ।
କେଉଂଠାରେ ପ୍ରହଲାଦ କରୁଅଛି ତୁସ୍ତି
କାହାକୁ ଦେଖାଉଂଛନ୍ତି ଚତୃଧାମୂରତି ।
ବାବନ ଯେ ଅବତାର ନେଖିଲା ଯେ କେଉଂଠାରେ
ଭିକ୍ଷା ମାଗୁଛନ୍ତି ପ୍ରଭୁ ବଳି ଯଜ୍ଞଘରେ ।

Digitized by srujanika@gmail.com

ତିନିପାଦେ ବଳିକି ମାଗନ୍ତି ଭୂମିଦାନ
ହରଷ ହୋଇଣ ବଳି ଦେଉଂଅଛି ଦାନ ।
ପାଦେ ବଢାଇଣଛନ୍ତି ଆକାଶରେ ହରି
ଆରପାଦ ମୃତ୍ୟୁ ଯେ ଭୁବନ ଅଛି ପୁରୀ।
ଆର ଏକ ପାଦ ପ୍ରଭୁ ନାଭିରୁ ଜନମ
ବଳିକି ଚାପୁଣଛନ୍ତି ପାତାଳଭୁବନ ।
ପ୍ରଶୁରାମ ମୃତି ସେ ଯେ ଲିହି କେଉଂଠାରେ
ଏକବିଂଶ ବାର ପୃଥୀ ନିକ୍ଷେତ୍ର ସେ କଲେ ।
କେଉଂଠାରେ ସହସ୍ରାଅର୍ଜ୍ଜୁନ ଛନ୍ତି ମାରି
ଲକ୍ଷଲକ୍ଷ ରାଜାଙ୍କର ଦର୍ପ ହରିକରି ।
ରାମ ଅବତାର କେଉଂଠାରେ ଲେଖିଛନ୍ତି
ଅଯୋଧ୍ୟା ଭୁବନ ଦଶରଥ ଚାଗିବଛି ।
ରାମ ଲଇକ୍ଷଣ ଯେ ଭରତ ଶତୃଘନ
କଉଶଲ୍ୟା କୈକେୟା ଯେ ସୁମିତ୍ରା ତିନିଜଣ ।
ଯାଗରକ୍ଷା କରିବାକୁ ନ୍ୟନ୍ତି କଉଶୁକ
ତାଡ଼କୀକି ମାରିଣ ଅଛନ୍ତି ରଘୁଶିଷ ।
ମିଥିଳା କଟକେ ଭାଙ୍ଗୁଛନ୍ତି ଶିବଧନୁ
ସୀତ୍ୟା ବିଭା କେଉଂଠାରେ ବିଭାବେଶ ତନୁ ।
ରାମ ଲଇକ୍ଷଣ ଯେ ଆବର ସୀତାସ୍ୱତୀ
ପିତା ସତ୍ୟ ପାଳିବାକୁ ବନକୁ ଗମନ୍ତି ।
କେଉଂଠାରେ ସୀତ୍ୟାଙ୍କୁ ହରାଇ ରଘୁରାଣ
ବନସ୍ତରେ ରୋଦନ କରନ୍ତି ବେନିଜନ ।
ଯୋଗୀନ୍ଦ୍ର ବେଶକୁ ଆପେ ଧରି ରଘୁଶିଷି
ଦେଖିବାକୁ ଆସୁଣ ଅଛନ୍ତି ସର୍ବଋଷି ।
କେଉଂଠାରେ ବାଳୀକି ମାରିଣ ଯେ ଶ୍ରୀରାମ
ସୁଗ୍ରୀ ରାଜା କରୁଛନ୍ତି ମାଲ୍ୟ ଯେ ବନ୍ଧେଣ ।
କେଉଂଠାବେ କପିପଲ ଘେନିଣ ଶ୍ରୀପତି
ସମୋଦ୍ର ଭିତରେ ସେତୁବନ୍ଧ ବାନ୍ଧୁଛନ୍ତି ।

Digitized by srujanika@gmail.com

ବିଭୀଷଣ ଶରଣ ପଶିଣ କରେ ତୁଷ୍ଟି
ପାଖରେ ବସାଇ ତାଙ୍କୁ ଛନ୍ତି ଦାଶରଥି ।
କୋଟି କୋଟି ପର୍ବତ ଯେ ପକାଇଲା ଆଣି
ନଳହାତେ ଛୁଆଇଂ ପକାନ୍ତି ସିନ୍ଧୁପାଣି ।
ଜଳେ ପଡ଼ିଣ ପର୍ବତ ଭାସୁଚି ସେଇମତି
ଦେଖିକରି ହରଷ ହୁଅନ୍ତି ରଘୁପତି ।
କେଉଂଠାରେ ରାବଣ ସଙ୍ଗତେ ଯୁଧ୍ୟ କରି
ବିଶ୍ୱକର୍ମା ଲେଖିଲା ଯେ କାନ୍ଥରେ ବିସ୍ତାରି ।
ମେଘନାଦ ଲକ୍ଷଣ ସଙ୍ଗତେ ଯୁଧ୍ୟ କାହିଂ
ଅସୁର ବାନର ଯୁଧ୍ୟ କହି ନ ଯୋଗାଇଂ ।
ଅଶୋକ ବନରୁ ସୀତ୍ୟା ଘେନିଣ ଆସନ୍ତି
କେଉଂଠାରେ ଅଗ୍ନି ଯେ ପରୀକ୍ଷା କରାବନ୍ତି ।
କେଉଂଠାରେ ଲେଖିଲେ ଯେ ହରି ବଳରାମ
କଂସ ବନ୍ଦିଘରେ କୃଷ୍ଣ ହୁଅନ୍ତି ଜନମ ।
ବସୁଦେବ ନେଉଂଅଛି ଗୋପେ ରଖିବାକୁ
ଉଗ୍ରସେନ ପଛରେ ଓଗାଳି ଅଛି ତାଙ୍କୁ ।
ନନ୍ଦଘରେ କୃଷ୍ଣ କାହିଂ ହୁଅନ୍ତି ଜନମ
ସକଳ ଗୋପାଳେଣୀ କରନ୍ତି ଗାୟନ ।
କ୍ଷୀର ସଙ୍ଗେ ପୋତନାକୁ ମାରୁଛନ୍ତି ହରି
ଗୋପାଳ ବାଳକ ସଙ୍ଗେ କରୁଛନ୍ତି କେଳି ।
ଶକଟା ନିଧନ ଯେ କରନ୍ତି କେଉଂଠାରେ
କ୍ଷୀର ଯେ ଲବଣି ଭୁଂଜନ୍ତି ଗୋପୀମେଳେ ।
କାହାଘରେ ଲବଣି ଖାବନ୍ତି ଚୋରିକରି
ଦେଖୁଛନ୍ତି ମାତା ତାଙ୍କ ବଦନ ବିସ୍ତାରି ।
କେଉଂଠାରେ ବଛାଘେନି ଯାଉଛନ୍ତି ବନ
କୋଦମ୍ବ ମୂଳରେ ବସିଛନ୍ତି ନନ୍ଦନାନ ।
କେଉଂଠାରେ ମୁରଲି ବଜାନ୍ତି ଶିରିରଙ୍ଗ
ରାହାସ କରନ୍ତି ତହିଂ ସର୍ବ ଗୋପୀ ସଙ୍ଗ ।
କେତେବେଳେ ରାଧିକା ଭୁବନେ ଭୂତ ହୋଇ

Digitized by srujanika@gmail.com

ରାଧାକୃଷ୍ଣ ଗୋପୀ ନେଉଛନ୍ତି ବହି ।
କେଉଁଠାରେ ସୁନାରି ମୂରତି ହୋଇ ହରି
ଅଳଙ୍କାର ଗୋପୀଙ୍କ ହସ୍ତରେ ଦ୍ୟନ୍ତି ଭରି ।
କେଉଁଠାରେ କାଚରା ମୂରତି ଭଗବାନ
କାଚ ଦେଉଛନ୍ତି ସର୍ବ ଗୋପୀଙ୍କ ହସ୍ତେଣ ।
କେଉଁଠାରେ ଘାଟିଆ ହୋଇଣ ବନମାଳି ।
ଘାଟ ଦେଉଛନ୍ତି ଯେ ସକଳ ବ୍ରଜନାରୀ ।
କେତେବଳେ ଯମୁନାରେ ହୋଇଂ ନାଉଂରିଆ
ପାରି କରୁଛନ୍ତି ନାବେ ହୋଇକରି ଠିଆ ।
କେଉଁଠାରେ ଗୋପୀ ବସ୍ତ୍ର କରନ୍ତି ହରଣ
କଦମ୍ବ ବୃକ୍ଷରେ ଯେ ବାନ୍ଧନ୍ତି ନାରାୟଣ ।
କେଉଁଠାରେ ବାମହସ୍ତେ ଟୋଳିଛନ୍ତି ଗିରି
କେଉଁଠାରେ ଛନ୍ତି ଧରିକରି ।
କେଉଁଠାରେ ପଦ୍ମପୁଷ୍ପ ତୋଳି ବନମାଳି
କେଉଁଠାରେ ମର୍ଦ୍ଦନ ଯେ କରୁଛନ୍ତି କାଳୀ ।
କେଉଁଠାରେ ବଛାମାନ କରନ୍ତି ଦୋହନ
ଦୁଧ ଭାରକରି ସେ ଯେ ଆସନ୍ତି ବହନ ।
ମଥୁରାକୁ ବେନିଭାଇ ବିଜେ ରଥ ଚଢି
ଗୋପାଙ୍ଗନାମାନେ ଓଗାଳନ୍ତି ବେଢି ।
ମଥୁରା ଦାଣ୍ଡରେ ବିଜେ କରିଯାନ୍ତି ହରି
ଧନୁ ଭଗ୍ନକରି କୃଷ୍ଣ ଯାଉଛନ୍ତି ଫେରି ।
କେଉଁଠାରେ କୁବୁଜା ମାଳୀଙ୍କି ଉଧରି
ଗନ୍ତାଇତକୁ ଉଧରି ଚାପୋଡ଼େକ ମାରି ।
ଏମନ୍ତ ପ୍ରକାର ହରି କରନ୍ତି ବିଜୟେ
ସ୍ୱର୍ଗେ ଦେଖୁଛନ୍ତି ଦେବ ଦେବରାଏ ।
କଂସାସୁରକୁ ଧରି ଅଛନ୍ତି ଓଟାରି
ଗୋବିନ୍ଦ ଚରିତ ନୀଳା କହିତ ନ ପାରି ।
ହରି ବଳରାମ କେତେ ନୀଳାଛନ୍ତି କରି
ବିଶ୍ୱକର୍ମା ଲେଖିଲା କାନ୍ଥରେ ବିସ୍ତାରି ।

Digitized by srujanika@gmail.com

ବଳରାମ ସୁଭଦ୍ରା ଯେ ଜଗନାଥ ମୂତି
ହଳ ଯେ ମୂଷଳ ଶଙ୍ଖ ଚକ୍ର ଧରିଛନ୍ତି ।
ବୁଧ ଅବତାର ଲେଖଂ କେଉଂଠାରେ
ବିଜେ କରିଣ ଅଛନ୍ତି ବଡ଼ଦେଉଳରେ ।
କ୍ଷତ୍ରର ମହିମା ତହିଂ ଅତି ଅଗୋଚର
ଚଣ୍ଡାଳୀ ଦିଅଇ ଭାତ ବ୍ରାହ୍ମଣ ହସ୍ତର ।
କଳ୍ପବଟ ମାରକଣ୍ଡ ଇନ୍ଦ୍ର ଯେ ଦ୍ୟୁମନ
ରୋହିଣୀ କୁଣ୍ଡରେ କାକ ତେଜିଲା ଜୀବନ ।
ଶ୍ୱେତଗଙ୍ଗା ମହାଦଧି କଣାରଖ ତୀର୍ଥ
କୋଇଲି ବୈକୁଣ୍ଠ ମଣ୍ଡପ ମୁକ୍ତିପଥ ।
କଳିଙ୍କି ଯେ ଅବତାର ଲେଖିଂ କେଉଂଠାରେ
ବେନିହାତେ ବେନିଖଣ୍ଡା ଦୃଷ୍ଟିକୁ ନିବାରେ ।
ଏହି ରୂପେ ବିଶ୍ୱକର୍ମା ପୁର ମଣ୍ଡିଦେଲେ
ଦେଖିଣ ପରମ ଲକ୍ଷ୍ମୀ ସନ୍ତୋଷ ହୋଇଲେ ।

୨୨.ବଳରାମ ଓ ଜଗନ୍ନାଥଙ୍କ ମଧ୍ୟରେ ଏହି କଥୋପଥନ ବେଶ୍ ହୃଦ୍ୟ । ଏହି ପ୍ରସଙ୍ଗ 'କ', 'ଖ' ଓ 'ଗ' ପୋଥିରେ ରହିଚି । ବଜାର ସଂସ୍କରଣ ବହି ଓ ଅନ୍ୟ ପୋଥିରେ ନାହିଁ ।

୨୩. ସୁଭଦ୍ରା ପ୍ରସଙ୍ଗ 'କ' ପୋଥିରେ ନାହିଁ । 'ଖ' ଓ 'ଗ' ପୋଥିରେ ରହିଚି ।

୨୪. 'କ' ପୋଥିରେ ଲକ୍ଷ୍ମୀ ଅଷ୍ଟବେତାଳକୁ ଶ୍ରୀମନ୍ଦିରର ସବୁ ପଦାର୍ଥ ବୋହି ଆଣିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର 'ଖ' ଓ 'ଗ' ପୋଥିରେ ଏହି କାର୍ଯ୍ୟ ହନୁମାନଙ୍କଦ୍ୱାରା ସଂପାଦିତ ହୋଇଛି । ସଂପାଦିତ ଗ୍ରନ୍ଥରେ ସ୍ଥାନିତ 'କ' ପୋଥିର ବର୍ଣ୍ଣନା ଏହିପରି -

ପ୍ରଥମରେ ରୋଷଘରେ ପ୍ରବେଶ ହୋଇବ
ଷାଠିଏ ପଉଠି ଭୋଗ ସମସ୍ତ ଖାଇବ ।
ଶାଗ ମୁଗ ମଧୁରୁଚି ପିତାକଷା ଖାଇ
ଆମ୍ବିଳ ଖାଇବ ଖଣ୍ଡ ଶାକର ମିଶାଇ ।
ଅମୃତ ମଣୋହି ତୁମ୍ଭେ ଭୋଜନ କରିବ
ହାଣ୍ଡି କୁଣ୍ଡେଇ ଏକ ଠାବେ କଚାଡ଼ିବ ।
ତହୁଁ ଯାଇଂ ଭଣ୍ଡାର ଘରେ ପ୍ରବେଶ ହୋଇବ

Digitized by srujanika@gmail.com

ବାଉନକୋଟି ଭଣ୍ଡାର ବୋହିଣ ଆଣିବ ।
କାଣି କଉଡ଼ିର ଦ୍ରବ୍ୟ ରଖିବାକୁ ନାହିଁ
ସବୁ ବୋହିଆଣି ମୋହ ଛାମୁରେଣ ଦେଇଂ ।
ବେନ୍ତାଳେ ବୋଇଲେ ପରମଲକ୍ଷ୍ମୀକୁ ଅନାଇଂ
ଜଗନାଥ ମହାପ୍ରଭୁ ଥିବେ ଯେ ଅନାଇଂ ।
କେମନ୍ତ କରିଣ ଧନ ଆଣିମୁଂ ବୁହାଇଂ
ଏମନ୍ତ ବୋଲିଣ ବେନ୍ତାଳ ଦେଲେ କହିଂ ।
ନିଦ୍ରାବତୀକି ଯେ ମାଏ ବେଗେ ସୁମରିଲେ
ପରମଲକ୍ଷ୍ମୀ ସୁମରନ୍ତେ ନିଦ୍ରାବତୀ ଯେ ମିଳିଲେ ।
ରାମକୃଷ୍ଣ ନୟନରେ ନିଦ୍ରା ତୁ ଘାରିବୁ
କାଲି ଦିନ ଦୁଇଘଡ଼ି ଯାଏ ନିଦ୍ରା ନ ଛାଡ଼ିବୁ ।
ଆଜ୍ଞା ପାଇ ନିଦ୍ରାଦେବୀ ବେଗେ ଚଳିଗଲା
ରାମକୃଷ୍ଣ ନୟନରେ ନିଦ୍ରା ଯେ ଘାରିଲା ।
ରୋଷାଇଂଶାଳରେ ବେତାଳେ ପ୍ରବେଶ ହୋଇଲେ
ରୋଷାଇ ଯେତେକ ଥିଲା ସମସ୍ତ ଖାଇଲେ ।
କାଣି ଯେ କଉଡ଼ି ଦ୍ରବ୍ୟ ରଖିବାକୁ ନାହିଂ
ସବୁଧନ ଆଣି ଆଇଂ ଛାମୁରେଣ ଦେଇଂ ।
ଦେଖକରି ପରମଲକ୍ଷ୍ମୀ ଆନନ୍ଦ ହୋଇଲେ
ତୁମ୍ଭେ ସିନା ପୁତ୍ରପଣ କଲଟି ବୋଇଲେ ।
ସବୁ ତ ଆଣିଲ ଯେ ରତ୍ନଖଟ କାହିଂ
ପାଂଚଲକ୍ଷ ଟଙ୍କାର ଯେ ସେ ଖଟ ଅଟଇ ।
ଯାଅରେ ବେନ୍ତାଳେ ସେ ଖଟକୁ ଆଣଯାଇଂ
ଏତେବୋଲି ପରମଲକ୍ଷ୍ମୀ ଆଗ୍ୟାଂ ଦିଲେ ତହିଂ ।
ଯେତେବେଳେ ଦୁଇଭାଇ ଦରିଦ୍ର ହୋଇବେ
ରତ୍ନଖଟ ବିକିକରି ଦିନକାଳ ନେବେ ।
ଜଗନାଥ ମହାପ୍ରଭୁ ମତେ ନ ଲୋଡ଼ିବେ
ସ୍ତିରୀକି ପୁରୁଷ ଅବା କିମ୍ପାଇଂ ଲୋଡ଼ିବେ ।
ମୋତେ ଘେନି ପ୍ରଭୁ ଯେବେ ନ କରିବେ ଘର
କଳିଯୁଗେ ପ୍ରାଣୀ କେହି ନ କରିବେ ଘର । ଇତ୍ୟାଦି ।

Digitized by srujanika@gmail.com

୨୫. 'ଖ' ଓ 'ଗ' ପୋଥିରେ ଅଷ୍ଟ ବେତାଳଙ୍କ ସମ୍ପର୍କରେ ମାତ୍ର ଏହି ଗୋଟିଏ ଧାଡ଼ି ରହିଥିବାରୁ, ହନୁମାନଙ୍କୁ ଏହି କାର୍ଯ୍ୟରେ ବେତାଳମାନେ ସାହାଯ୍ୟ କରିଥିବା ଅନୁମେୟ। ଯାହାକୁ ପରବର୍ତ୍ତୀ କାଳରେ ଲିପିକାରମାନେ ଗ୍ରହଣ କରିଛନ୍ତି ଏବଂ ହନୁମାନଙ୍କୁ କାହାଣୀରୁ ବର୍ଜ୍ଜନ କରିଛନ୍ତି ।

୨୬. ବାସୁକୀ ପ୍ରସଙ୍ଗ 'କ' ଓ ଅନ୍ୟ ମୁଦ୍ରିତ ବହି ଓ ପୋଥିଗୁଡ଼ିକରେ ମିଳେନାହିଁ ।

୨୭. ଏହି ଅଂଶ 'ଗ' ପୋଥିରୁ ଗୃହୀତ ।

୨୮. ବଳରାମ ଓ ଜଗନ୍ନାଥଙ୍କ ମଧ୍ୟରେ ଏହିପରି କଥୋପକଥନ ବଜାର ସଂସ୍କରଣ ଓ ଅନ୍ୟ ପୋଥିରେ ନାହିଁ । ଅନୁରୂପ ବର୍ଣ୍ଣନା ଭିନ୍ନ ଭାଷାରେ ବଜାର ସଂସ୍କରଣ ଓ ଅନ୍ୟ ମୁଦ୍ରିତ ବହିଗୁଡ଼ିକରେ ରହିଚି । ମୁଦ୍ରିତ ଅଂଶ 'ଖ' ପୋଥିରୁ ଗୃହୀତ ।

୨୯. ବଜାର ସଂସ୍କରଣ ଓ ଅନ୍ୟ କେତେକ ପୋଥିରେ ହରିବଳରାମଙ୍କ ଭିକାରୀ ବ୍ରାହ୍ମଣ ବେଶଧାରଣ ପ୍ରସଙ୍ଗ ବର୍ଣ୍ଣିତ ହୋଇଚି । ତାହା ଏହିପରି:

ଏମନ୍ତ ବଚନ ଯହୁଂ ଶ୍ରୀକୃଷ୍ଣ ଶୁଣିଲେ
ଦରିଦ୍ର ବ୍ରାହ୍ମଣ ରୂପ ଦୁଇଭାଇ ହେଲେ ।
ଛିଡ଼ା ଯେ ପାଣ୍ଡୋଇ ଭଙ୍ଗାଛତା ଶୋହେ ଶିରେ
ତମ୍ବାଗତୁ କୁଶ ବଟୁ ଶୋହଇ କରରେ ।
ଦ୍ୱାଦଶ ବର୍ଣ୍ଣର ଚିତା ଶ୍ରୀବଛ ଲାଂଛନ
ଭିକ ମୁଣି ଦୁଇଗୋଟି ପକାଇ କାନ୍ଧେଣ ।
କୁଶ ଯେ ବେଂଚୁଆ ଝୋଲି ପକାଇ କାନ୍ଧେଣ
ବେଦମନ୍ତ ପୋଥି ଗୋଟି ଧଇଲେ କରେଣ । (ଶ୍ରୀମତୀ ପଟ୍ଟନାୟକ) 'ଖ' ଓ 'ଗ' ପୋଥିରେ ହରି ବଳରାମ ଯାଜପୁରର ହରିପଣ୍ଡା ବ୍ରାହ୍ମଣ ଘରେ ପହଂଚି ଭିକ ମାଗିଛନ୍ତି। 'କ' ପୋଥିରେ ସେମାନେ ପ୍ରଥମେ ବଡ଼ଦାଣ୍ଡରେ ପହଂଚି ବଡ଼ପଣ୍ଡାଙ୍କ ଘରକୁ ଯାଇଛନ୍ତି ଓ ସେଠାରୁ ମାଡ଼ ଖାଇ ଫେରିଛନ୍ତି । ଶ୍ରୀମତୀ ପଟ୍ଟନାୟକ ସଂପାଦିତ ଗ୍ରନ୍ଥରେ ସେମାନେ ପ୍ରଥମେ ଦଇତା ସାହିରେ ଭିକ ମାଗିବା ଉଲ୍ଲେଖ ରହିଚି ।

୩୦. ଶ୍ରୀୟା ଚଣ୍ଡାଳୁଣୀ ଘରେ ଅନ୍ନ ମାଗିବା ପ୍ରସଙ୍ଗପ୍ରସଙ୍ଗ 'କ' ଓ 'ଖ' ପୋଥିରେ ରହିଚି । ଅନ୍ୟ କୌଣସି ପୋଥିରେ ନାହିଁ ।

୩୧. ଏହି ବର୍ଣ୍ଣନା 'ଖ' ପୋଥିରେ ନାହିଁ , 'କ' ପୋଥିରେ ରହିଚି। ମୁଦ୍ରିତ ଅଂଶ 'କ' ପୋଥିରୁ ଗୃହୀତ ।

୩୨. ହରି ଓ ବଳରାମଙ୍କର କପିଳାସ ଯାତ୍ରା ଓ ଶିବଙ୍କୁ ଭିକ ମାଗିବା ପ୍ରସଙ୍ଗ 'ଖ' ପୋଥିରେ ରହିଚି । ଅନ୍ୟତ୍ର ନାହିଁ । 'କ' ପୋଥିରେ ଯୋଗୀର ନାମ ସଦାନନ୍ଦ

Digitized by srujanika@gmail.com

ରହିଚି । 'ଗ' ପୋଥିରେ ଏହି ବର୍ଣ୍ଣନା ବହୁପଦ ବିଶିଷ୍ଟ । 'ଗ' ପୋଥିର ଲିପିକାର 'ଖ' ପୋଥିର ବର୍ଣ୍ଣନାକୁ ପଲ୍ଲବିତ କରିଛନ୍ତି । ଶ୍ରୀମତୀ ପଟ୍ଟନାୟକଙ୍କ ବହିରେ କେବଳ ଯୋଗୀ ଶବ୍ଦ ଉଲ୍ଲେଖ ରହିଚି ।

୩୩. 'ଖ' ପୋଥିରେ ଲକ୍ଷ୍ମୀଙ୍କ ନର୍ଦ୍ଦେଶରେ ସୂର୍ଯ୍ୟଙ୍କ ତେଜ ପ୍ରଖର ହେବା ବର୍ଣ୍ଣନା ନାହିଁ । ସମ୍ପାଦିତ ଗ୍ରନ୍ଥର ଏହି ଅଂଶ 'କ' ପୋଥିରୁ ଉଦ୍ଧାର କରାଯାଇଚି ।

୩୪. ଏହି ପ୍ରସଙ୍ଗ ଶ୍ରୀମତୀ ପଟ୍ଟନାୟକଙ୍କ ବହିରେ ଭିନ୍ନ ଭାବରେ ରହିଚି ।

କାନ୍ଧର ପଣତମାନ ଅଂଟାରେ ଭିଡ଼ିଲେ
ଯୋଡ଼ା ବେତମାନ ତାଙ୍କ ହସ୍ତରେ ଧଇଲେ ।
ଦଶ ଯେ ପାଂଚ ଯୁବତୀ ଧରି ଘେନିଗଲେ
ନଗର ବାହାରେ କରି ଗଳଛିଣ ଦେଲେ ।
ମୁହଂମାଡ଼ି ପଡ଼ିଲେ ଠାକୁର ହଳସାଇଂ
ଆଣ୍ଠୁ ଛିଡ଼ିଣ ରୋଧିର ଗଲା ବହି ।
ଭାଇଙ୍କର ଏପରି ଅବସ୍ଥା ଦେଖି ଜଗନ୍ନାଥ କହୁଛନ୍ତି :
ଗୋବିନ୍ଦ ବୋଇଲେ ଭାଇ କଥା ଗୁହାଇଲ
ମାଇପିଙ୍କ ହସ୍ତେ ଗାଳି ମାଡ଼ ଯେ ଖାଇଲ । (ପୃ.୨୯-୩୦)

୩୫. ଶ୍ରୀମତୀ ପଟ୍ଟନାୟକ ସଂପାଦିତ ବହିରେ ଅନ୍ୟ ଏକ ଘଟଣାର ବର୍ଣ୍ଣନା ରହିଚି । ଲକ୍ଷ୍ମୀ ଆପଣା ପ୍ରାସାଦ ଚାରିପାଖର ପାଚେରୀ ଉପରେ କାକୁଡ଼ି ଲତା ମଡ଼ାଇଛନ୍ତି । ନିଜେ ବୁଢ଼ୀ ବେଶ ଧରି ଫଳ ଜଗିଛନ୍ତି । ଜଗନ୍ନାଥ ଓ ବଳଦେବ କାକୁଡ଼ି ଖାଇଛନ୍ତି, କାକୁଡ଼ି ପିତା ଲାଗିଛି । ଏହା ପ୍ରକ୍ଷିପ୍ତ ପରି ମନେ ହୁଏ (ପୃ.୩୫-୩୬)।

୩୬. ଦାସୀ ମାନଙ୍କ ହାତରେ ଲକ୍ଷ୍ମୀ କେଉଁ ପଦାର୍ଥମାନ ଜଗନ୍ନାଥଙ୍କ ପାଖକୁ ପଠାଇଛନ୍ତି, ତାହାର ବର୍ଣ୍ଣନା ରହିଚି । 'କ' ପୋଥିରେ ଏହି ବର୍ଣ୍ଣନା ମାତ୍ର ତିନି ପଦ । 'ଗ' ପୋଥିରେ ବହୁ ପଦଯୁକ୍ତ । ବଜାର ସଂସ୍କରଣ 'ଗ' ପୋଥି ନିର୍ଭର , 'ଗ ପୋଥିର ବର୍ଣ୍ଣନା:

ତାହା ଶୁଣି ପ୍ରମଲକ୍ଷ୍ମୀ ସନ୍ତୋଷ ହୋଇଲେ
ହାଣ୍ଡି ଯେ କୁଣ୍ଢାଇ ଦଶ ଗୋଟି ନେଇ ଦିଲେ ।
ଚାଉଳ ପଉଟି ଦୁଇ ଛାମୁରେ ଥୋଇଲେ
ନେଇଚିଆ ଶାଗ ନେଇ ତହିଂ ସମର୍ପିଲେ ।
ଆଳୁ ସାରୁ କଦଳୀ ଯେ ବଡ଼ି ନେଇ ଦିଲେ

Digitized by srujanika@gmail.com

ଦୁଧ ଭାର ଗୋଟା ଚାରି ଛାମୁରେ ଥୋଇଲେ ।

୩୭ . ଉପର୍ଯ୍ୟୁକ୍ତ ବର୍ଣ୍ଣନା 'କ' ଓ 'ଖ' ପୋଥି ପାଠ ଆଧାରରେ ସଂପାଦିତ ।

୩୮. ଏହି ପାଠ 'ଖ' ପୋଥିରୁ ଗୃହୀତ ।

୩୯. ବିଭିନ୍ନ ପୋଥିରେ ଖାଦ୍ୟ ପଦାର୍ଥର ପ୍ରସ୍ତୁତି ବିଧି ଓ ପ୍ରକାର ଭିନ୍ନ ଭିନ୍ନ ।

'କ' ପୋଥି :

ପ୍ରଥମେ ଯେ କଲେ ମାଏ ବଗଡ଼ା ଯେ ଅର୍ଣ୍ଣ
ଘୃତ ମଧୁ ଦେଇ କଲେ ନାନା ଯେ ବ୍ୟଞ୍ଜନ ।
ଶାଗ ମୁଗ କଲେ ମାଏ କଦଳୀର ଭଜା
ଖଣ୍ଡ କିରିସା ମିଶାଇ କଲେ ଖଣ୍ଡ ଖଜା ।
'ଗ' ପୋଥି : ପ୍ରଥମେ ରାନ୍ଧିଲେ ମାଏ ଦିବ୍ୟଶାଳି ଅର୍ଣ୍ଣ
ମୁଗ ମଧୁର ଲିମ୍ବ କଲେ ନାନାଦି ବ୍ୟଞ୍ଜନ ।
ନାଉଂତୁନି କଲେ ତହୁଂ କଦଳୀର ଭଜା
ଖଣ୍ଡପନୀ ସଙ୍ଗତେ ମିଶାଇ ଖଣ୍ଡଖଜା ।
ଷାଠିଏ ପଉଟି ଯେ ରାନ୍ଧଣା କଲେ ତହିଂ
ବଗଡ଼ା ଅର୍ଣ୍ଣ କଥା କହଣା ନ ଯାଇଂ ।
ଦୁଧପନି କଲେ ତହୁଂ ଘୃତପନି କଲେ
ଦୁଧପୁଲି କାକରା ଯେ ସକଳ ମଣିଲେ ।

୪୦. ଏହି ପାଠ 'କ' ପୋଥିରେ ନାହିଁ । 'ଖ' ପୋଥିରୁ ଗ୍ରହଣ କରାଯାଇଛି ।

୪୧.ଏହି ପାଠ 'ଖ' ପୋଥିର । 'କ' ପୋଥିର ବର୍ଣ୍ଣନା ଏହିପରି :

ବଳରାମେ କହୁଛନ୍ତି ଶୁଣରେ କନାଇ
ଏମନ୍ତ ଚରଚା ସେ କରୁଚି କାହିଂପାଇଂ ।
ଏହି ଠାରେ ପୁରୁଷ ସେ ଜଣେ କେହି ନାହିଂ
ଶୂଳୀ ଦେଲା ପ୍ରାଏ ମୋତେ ଲାଗୁଅଛି ଭାଇ ।
ବଳରମେ କହୁଛନ୍ତି ଶୁଣରେ କନାଇ
ଚାଲ ବିଳମ୍ବ ନ କରି ଆମ୍ଭେ ଯିବାକ ପଳାଇ ।
ବଜାର ସଂସ୍କରଣରେ ପ୍ରାୟ ଏହି ପାଠ ରହିଛି ।

୪୨. ସଂପାଦିତ ପାଠ 'ଖ' ପୋଥିରୁ ଗୃହୀତ । ଯେଉଁ ଦାସୀ ବଳରାମଙ୍କୁ ଅନ୍ନ ଦେଇଥିଲା, ତା' ନାମ ବିଭିନ୍ନ ପୋଥିରେ ଅଲଗା ଅଲଗା । ଦୁଲଣା, ଭୁଲଣା, କୁଳନୀ ।

Digitized by srujanika@gmail.com

୪୩ . ଶ୍ରୀମତୀ ପଟ୍ଟନାୟକଙ୍କ ବହିରେ ଜଗନ୍ନାଥ ଭିନ୍ନ ଭାବରେ ନିଜର ପରିଚୟ ଦେଇଛନ୍ତି । ଏହା ପ୍ରକ୍ଷିପ୍ତ ।

ଗୋବିନ୍ଦ ବୋଇଲେ ଘର ବଡ଼ ଦେଉଳର
ପଂଚୁ କୋଷ ଅଟଇ ଯେ ଶାସନ ଆମ୍ଭର ।
ଯଜନ ଯାଜନ ଅଧ୍ୟୟନ ଅଧ୍ୟାପନ
ଦାନ ପରିଗ୍ରହ ଛାଡ଼ି କର୍ମେ ଯେ ବ୍ରାହ୍ମଣ ।
ବାପା ନାମ ଆମ୍ଭ ବାସୁଦେବ ବାଜପେୟୀ
ମାତାଙ୍କ ନାମ ଆମ୍ଭ ଦେବକୀ ଅଟଇ ।
ମଉସାଙ୍କ ନାମ ଆମ୍ଭ ନନ୍ଦ ବାଜପେୟୀ
ମାଉସୀଙ୍କ ନାମ ଆମ୍ଭ ଯଶୋଦା ଅଟଇ ।
ବଡ଼ଭାଇ ନାମ ବଳଭଦ୍ର ବାଜପେୟୀ
ଭଉଣୀ ଗୋଟିର ନାମ ସୋଭଦ୍ରା ଅଟଇ ।
ଆମ୍ଭ ନାମ ଗୋଟି ଜଗନାଥ ବାଜପେୟୀ
ବିଭା ହୋଇଅଛୁ ଆମ୍ଭେ ବେନି ଗୋଟି ଭାଇ ।
ଦଇବର ଯୋଗରୁ ଘରଣୀ ଘରେ ନାହିଁ
ଆମ୍ଭର ଭାରିଯା ନାମ ଲକ୍ଷ୍ମୀ ଯେ ଅଟଇ ।(ପୃ.୩୧)

୪୪. ଉପର୍ଯ୍ୟୁକ୍ତ ଅଂଶକୁ 'କ' ଓ 'ଖ' ପୋଥିର ପାଠକୁ ମିଶାଇ ପ୍ରସ୍ତୁତ କରାଯାଇଛି । ଗରୁଡ଼ ପ୍ରସଙ୍ଗ 'କ' ପୋଥିରେ ନାହିଁ ।

୪୫. ସଂପାଦନାରେ ଗ୍ରହଣ କରିଥିବା ତିନୋଟି ଯାକ ପୋଥି ଓ ମୁଦ୍ରିତ ବହିଗୁଡ଼ିକରେ ଏହି ପ୍ରସଙ୍ଗ ଭିନ୍ନଭିନ୍ନ ପଦରେ ବର୍ଣ୍ଣିତ । ମାତ୍ର ପ୍ରତ୍ୟେକ ବହିରେ ଗୁରୁବାର ଦିନ ଏହା ପାଠ କଲେ ଓ ସୁଦଶା ବ୍ରତ ପାଳନକଲେ କେଉଁ କେଉଁ ଫଳ ମିଳିବ, ତତ୍‌ସଂକ୍ରାନ୍ତରେ ପାଠକମାନଙ୍କୁ ଅବହିତ କରାଯାଇଛି । 'କ' ଓ 'ଖ' ପୋଥିରେ ଏହି ବର୍ଣ୍ଣନା ଅଳ୍ପ ପଦବିଶିଷ୍ଟ । ପୋଥି ଦୁଇଟି ପୋକଖିଆ ହୋଇଥିବାରୁ ପାଠୋଦ୍ଧାର ସମ୍ଭବ ହେଉନାହିଁ । ବ୍ରତକଥାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ମୁଦ୍ରିତ ବହିର ବଜାର ତିଆରିପାଇଁ ପ୍ରକାଶକମାନେ ବହି ପଢ଼ିଲେ କେଉଁକେଉଁ ଅଭାବ ପୂରଣହେବ, ସେହି ପଦଗୁଡ଼ିକ ଯୋଡ଼ି ଦେଇଛନ୍ତି ଏବଂ ବହି ପଢ଼ିବା ଉପରେ ଗୁରୁତ୍ୱ ଦିଆଯାଇଛି । ବଜାର ସଂସ୍କରଣର ଆରମ୍ଭ ଓ ଶେଷରେ ସଂସ୍କୃତ ଶ୍ଳୋକମାନ

Digitized by srujanika@gmail.com

ମଧ୍ୟ ଖି ଦିଆଯାଇଛି ।

'ଖ' ପୋଥିର ଶେଷରେ ଲେଖାଯାଇଛି :

ଆଦ୍ୟ ପ୍ରାନ୍ତ କରି ଯେ ଶୁଣଇଂ ଯେଉଂ ପ୍ରାଣୀ
ଚାରି ଯୁଗେ ଲକ୍ଷ୍ମୀ ତାଙ୍କୁ ନ ଛାଡ଼ଇ ପୁଣି ।
ବଳରାମ ଦାସ ଏହା ଗୀତରେ ଭଣିଲା

ତିର୍ଥେଶ୍ୱର ନବମ ଶତାବ୍ଦୀ

Digitized by srujanika@gmail.com

ଝୋଟି



ଧାନମାଣିକା

Digitized by srujanika@gmail.com

ଓଲିଓଗ୍ରାଫି : ରାଜା ରବି ବର୍ମା

Digitized by srujanika@gmail.com

ଶ୍ରୀକୃଷ୍ଣର ପାଦ ତଳେ ଶରଣ ପଶିଲା ।

ପରିଭାଷା

ଅଗଣା	ଘରର ପିଣ୍ଡାକୁ ଲାଗି ରହିଥିବା ବାହାର ଅଂଶ
ଅନାସ୍ତ	ଯାହାର କେହି ନିଜର ନ ଥାନ୍ତି, ଅନାଥ, ନିରାଶ୍ରୟ ।
ଅପକ୍ଷାତି	ବ୍ୟକ୍ତିତ୍ୱ ହାନି ହେବା ପରି ଅବସ୍ଥା, ନିନ୍ଦା
ଅମରବର	ସଂସାରରେ ସବୁଦିନପାଇଁ ବଂଚି ରହିବା ଅଧିକାର, ଦେବତ୍ୱ ଲାଭ ପାଇଁ ଆଶୀର୍ବାଦ, ଚିରଞ୍ଜିବୀ
ଅଏଂଲା	ଅଁଳା , ଔଷଧୀୟ ଗୁଣଯୁକ୍ତ ଫଳ
ଆଇଂ,ମାଇଂ	ସମ୍ମାନାସ୍ପଦ ନାରୀ
ଆଉଂ	ଆଉ, ପୁଣି, ପୁନର୍ବାର
ଆଗ୍ୟାଂ	ଆଜ୍ଞା, ଆଦେଶ, ନିର୍ଦ୍ଦେଶ
ଆଗ୍ୟାଂହେଲେ	ଅନୁମତି ପାଇଲେ, ଆଦେଶ ପାଇଲେ
ଆଚେଂବନ / ଆଂଚେବନ	ଆଚମନ, ଡାହାଣ ହାତ ପାପୁଲିରେ ପାଣିଧରି ଖାଇବା ପୂର୍ବରୁ ଖାଦ୍ୟ ପଦାର୍ଥ ଇଷ୍ଟ ଦେବତାଙ୍କୁ ସମର୍ପଣ କରିବା ଏବଂ ପାପୁଲିସ୍ଥ ପାଣିକୁ ଓଠରେ ଲଗାଇବା
ଆନ	୧.ପର, ଅନ୍ୟ: ୨.ଅମାନ୍ୟ, ଅସ୍ୱୀକାର , ଅବମାନନା
ଉଆ	ଅସିଝା ଧାନରୁ ପ୍ରସ୍ତୁତ ଚାଉଳ, ଅରୁଆ ଚାଉଳ
ଉଛବ	ଉତ୍ସବ, କୌଣସି ମାଙ୍ଗଳିକ/ଆରାଧ ଦେବାଦେବୀଙ୍କ ପୂଜା/ ସାଂସ୍କୃତିକ କାର୍ଯ୍ୟ ବିଧିମତେ ଓ ଯାକଜମକରେ ପାଳନ
ଉପୁରାଣ	ମୁଣ୍ଡକୁ ଆବୃତ କରାଯାଉଥିବା ବସ୍ତ୍ର, ଓଢ଼ଣୀ
ଗୁଣ୍ଡ	ଏକାଠି, ଏକତ୍ର , ସମବେତ
ଏକବର୍ଣ୍ଣ	ଗୋଟିଏ ମାତ୍ର ରଙ୍ଗ ଥିବା
କଟରା	ଛୋଟ ଗିନା /ପାତ୍ର
କଟୁ	୧. ତିକ୍ତ , ୨. ଅସହ୍ୟ , ୩. କଡ଼ା, କଠୋର , ୪. ଖରାପ
କଡ଼ାକର	୧. ଅତିଅଳ୍ପ , ସାମାନ୍ୟ , ୨. ତୁଚ୍ଛ
କପିଥ	କଇଁଥ

Digitized by srujanika@gmail.com

କାଙ୍କ	ବଗ
କାପ	କାନ ପିନ୍ଧା ଅଳଙ୍କାର
କୁଂଚା	ଏକ ସେରର ଚାରି ଭାଗରୁ ଭାଗେ
କୁଟୁମ୍ବ ମଡ଼ାକି	ଜ୍ଞାତି ପରିଜନ
କୁଳ	ବଂଶ
କୃମ	କୂର୍ମ , କଇଁଛ /କଚ୍ଛିମ
କେରା /କେରି	ଦୂବ / ଧାନଗଛ / ସୂତା ଆଦି ସରୁ ପଦାର୍ଥକୁ ଏକାଠି ବାନ୍ଧିବା / ବିଡ଼ା କରିବା
କୋପ	୧. ରାଗ , କ୍ରୋଧ , ୨. ଅସନ୍ତୋଷ
କୈବଲ୍ୟ	କେବଳ ଭାବ , ପରମ /ଇଷ୍ଟ ଦେବଦେବୀଙ୍କ ପାଖରେ ପୂର୍ଣ୍ଣ ଆତ୍ମସମର୍ପଣ ମାନସିକତା
କ୍ରପୁର	କର୍ପୂର
କ୍ରୋଧ	ଦୁଃଖ , ଅସନ୍ତୋଷ
ଖରକିବା	ଝାଡୁ ଅଥବା ପହଁରାରେ ଘରର ଚଟାଣ ପରିଷ୍କାର କରିବା, ପହଁରିବା / ଓଳାଇବା
ଖଣ୍ଡିଯା	ଖୁଣ /ଖଣ୍ଡ ଖଣ୍ଡ ହୋଇଥିବା, ଭଙ୍ଗା
ଖଣ୍ଡେଦୂର	କିଛିବାଟ, ଅଳ୍ପବାଟ
ଖରତର	ଅତିଶୀଘ୍ର, ବେଗିବେଗି
ଖୁଡ଼ିଏକ	ଖାଦ୍ୟ ରହୁଥିବା ମାଟିପାତ୍ର
ଖେଉଡ଼	୧. ଖେଳୁଆଡ଼ , ୨.ଚଗଲା , ଦୁଷ୍ଟ
ଗଡ଼ାଇବା	ଡେରି / ବିଳମ୍ବ କରିବା
ଗତି	୧. ଅବସ୍ଥା, ପରିଣତି :୨ . ବେଗ
ଗଣ୍ଡା	୧. ଚାରି , ୨. ମୋଟା ଚମଡ଼ା , ଶାକାହାରି, ନାକ ପାଖରେ ଖଣ୍ଡା ପରି ଅବୟବ ଥିବା ଏବଂ ପାଣିରେ ରହିବାକୁ ଭଲ ପାଉଥିବା ଜୀବ ବିଶେଷ
ଗନ୍ତାଘର	ବ୍ୟବହାର୍ଯ୍ୟ ସାମଗ୍ରୀ / ପଦାର୍ଥ ରହୁଥିବା କୋଠରୀ
ଗରବ	ଗର୍ବ , ଅହଙ୍କାର , ଅଭିଜାତବୋଧ , ମୁକାରଭାବ
ଗୁରସ୍ତ/ଗେରସ୍ତ	୧. ସ୍ୱାମୀ : ୨. ଗୃହସ୍ଥ :୩. ପରିବାରର ମୁଖ୍ୟ ସଦସ୍ୟ
ଗୁହାଳ	ଗୃହପାଳିତ ପଶୁ , ବିଶେଷକରି ଗୋମହିଷାଦି ରହୁଥିବା ବଖରା
ଘଉଡ଼ାଇ ଦେବା	ବାହାର କରିଦେବା, ତଡ଼ି ଦେବା

Digitized by srujanika@gmail.com

ଘଟଣ	୧. ତିଆରି , ନିର୍ମାଣ : ୨.ରୂପ , ଗଢ଼ଣ
ଘରଣୀ	୧. ପତ୍ନୀ, ସ୍ତ୍ରୀ : ୨. ଘର / ପରିବାରର ସକଳ ଦାୟିତ୍ୱ ତୁଲାଉଥିବା ନାରୀ
ଘାରିଲା	ଆଚ୍ଛନ୍ନ କଲା, ବଶୀଭୂତ କଲା
ଘେନ	ନିଅ, ଗ୍ରହଣ କର, ସ୍ୱୀକାର କର
ଚରଚା	୧. ଚର୍ଯା, ଆଚରଣ, ବଂଚିବାର ରୀତିନୀତି : ୨. ସେବା : ୩. କୌଣସି ବିଷୟ / ପ୍ରସଙ୍ଗର ଆଲୋଚନା ବା ବିଚାର
ଚାରିଯୁଗ	ଭାରତୀୟ ଦାର୍ଶନିକମାନେ ଅନନ୍ତ କାଳକୁ ଚାରି ଭାଗରେ ବିଭକ୍ତ କରିଛନ୍ତି । ପ୍ରତ୍ୟେକ ଭାଗକୁ ଯୁଗ କୁହାଯାଏ । ସେଗୁଡ଼ିକ - ସତ୍ୟ, ତ୍ରେତୟା , ଦ୍ୱାପର ଓ କଳି
ଚାଳ	ଘରର ଛାଉଣି / ଛପର ହୋଇଥିବା ଅଂଶ
ଚିତା	ଚଟାଣ / କାନ୍ଥରେ ବିଭିନ୍ନ ରଙ୍ଗରେ ଅଙ୍କା ଯାଇଥିବା ଚିତ୍ର ବା ଛବି
ଛାଡ଼ପତ୍ର	୧. ପତ୍ନୀକୁ ସବୁଦିନପାଇଁ ତ୍ୟାଗ : ୨. ଅସ୍ୱୀକାର, ୩. ବର୍ଜନ
ଛାଡ଼ିଲାର	ଛାଡ଼ିଥିବା , ତ୍ୟାଗ କରିଥିବା , ବର୍ଜନ କରିଥିବା
ଛାର	ଅତି ନୀଚ , ସାମାନ୍ୟ
ଛେଡ଼ା/ଛେରା	ଗୋବରମିଶା (ଚନ୍ଦନମିଶା) ବହଳ ପାଣି--ବିଶେଷତଃ କୌଣସି ସ୍ଥାନକୁ ପବିତ୍ର କରିବାପାଇଁ ଏହା ଛିଂଚାଯାଏ ।
ଜଗତତାରେଣୀ	ସଂସାରକୁ ପାପଭାରାରୁ ମୁକ୍ତ କରୁଥିବା ନାରୀ , ଆଦିମାତା , ଲକ୍ଷ୍ମୀ
ଝରି	ଛୋଟ ଢାଳର ପ୍ରାୟ ମଝିରେ ଏକ କଣାଥାଇ ଫନ୍ଦ ପର୍ଯ୍ୟନ୍ତ ଫମ୍ପା ଓ ସରୁ ନଳୀ ଲାଗିଥାଏ । ପାତ୍ରକୁ ଅଣେଇ ଦେଲେ ଏହି ନଳୀ ବାଟ ଦେଇ ପାଣି ବାହାରେ, ଗଡୁ
ତଇଳକ	ତେଲ, ମାଲପା
ତଣ୍ଡୂଳ	ଚାଉଳ
ତିରଣ	ତୃଣ, ଶୁଖିଲା ଘାସ
ତୁଷ୍ଟି	ସ୍ତୁତି, ଦେବଦେବୀ / ବିଶିଷ୍ଟମାନଙ୍କ ଗୁଣକୀର୍ତ୍ତନ
ତୋଟାବାସ୍ତୁ	ବାରିବଗିଚା, ଗଛଲତାରେ ପରିପୂର୍ଣ୍ଣ ସ୍ଥାନ
ତ୍ରଇଲୋକ୍ୟ	ତ୍ରୈଲୋକ୍ୟ, ଭାରତୀୟମାନେ ସଂସାରକୁ ୩ ଭାଗରେ ବିଭକ୍ତ

Digitized by srujanika@gmail.com

	କରିଛନ୍ତି । ଯଥା – ସ୍ୱର୍ଗ , ମର୍ତ୍ତ୍ୟ, ପାତାଳ । ସ୍ୱର୍ଗରେ ଦେବଦେବୀ, ପାତାଳରେ ନାଗ ଓ ମର୍ତ୍ତ୍ୟରେ ପଶୁପକ୍ଷୀ, ସରୀସୃପ, ମଣିଷମାନଙ୍କ ବାସସ୍ଥାନ ।
ଥନଥନ	ଦୁଃଖରେ ଭାରାକ୍ରାନ୍ତ ଅବସ୍ଥା, ଭାରିଭାରି / ଛଳଛଳ / ଲୁହଭରା ଆଖି
ଥାପିଲା	ସ୍ଥାପନା କଲା, ରଖିଲା
ଥୋପାଏ	ବୁନ୍ଦାଏ, ଟିପାଏ, ଟୋପିଏ
ଠାବ	ସ୍ଥାନ, ଠା, ଜାଗା, ଆଶ୍ରୟ ସ୍ଥଳ
ଦକ୍ଷିଣଭୁଜ	୧. ଡାହାଣ ହାତ, ୨. ପାଖଲୋକ
ଦରିଦ୍ରଭଞ୍ଜନୀ	ଅଭାବ ପୂରଣ କରୁଥିବା ନାରୀ , ଲକ୍ଷ୍ମୀ
ଦାତବ୍ୟ	ଦାନୀ , ଦାନଶୀଳ
ଦିହୁଡ଼ି	୧. ନିଆଁହୁଲା , ବନ୍ଦିଆ , ୨. ଖନ୍ଦା , ଚୁଲି
ଦୋରିହା	୧. ଦ୍ରୋହୀ , ଅପରାଧୀ , ୨. ଅସ୍ୱୀକାର କରିଥିବା
ଦୋହିତା	ଦୁହିତା , ଝିଅ , କନ୍ୟା, ବାପଘର ଓ ଶାଶୁଘର – ଦୁଇପକ୍ଷର ହିତ ସାଧନ କରୁଥିବା
ଧିକାର	ଅପମାନ ଜନକ କଡ଼ାକଥା , ଧିକ୍କାର , ତିରସ୍କାର , ଭର୍ତ୍ସନା
ନଗ୍ର	ନଗର, ବିଶିଷ୍ଟ/ ସାମନ୍ତମାନଙ୍କ ବସତି
ନଗ୍ରଜନ	ନଗରର ବାସିନ୍ଦା, ନାଗରିକ
ନିକି	ପୁଣି, ପୁନର୍ବାର, ଆହୁରି
ନିକିତି	ତରାଜୁ, ମାପ / ଓଜନଯନ୍ତ୍ର
ନିର୍ବାଣ	୧. ନିର୍ମାଣ, ତିଆରି, ୨. ମୋକ୍ଷ , ମୁକ୍ତି
ନିଲକ୍ଷଣି(1)	୧. ବଂଚିବାପାଇଁ ଯାହାର କୌଣସି ଅବଲମ୍ବନ ନ ଥାଏ, ଅଲକ୍ଷଣୀ, ୨. ଅଶୁଭ ଲକ୍ଷଣଯୁକ୍ତ ନାରୀ
ପଡ଼ି	ବଂଚିବାପାଇଁ ଦାନ / ଦୟା ସୂତ୍ରରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ପରିମାଣର ଖାଦ୍ୟ ପଦାର୍ଥ
ପଡ଼ିଅଛି	୧. ନିର୍ଦ୍ଦିଷ୍ଟ ହୋଇଅଛି, ୨. ପାଳନ କରାଯାଉଛି
ପଣନ୍ତ	ପଣତ , ଓଢ଼ଣା , ଲୁଗାର କାନି
ପଂଚୁବର୍ଣ୍ଣ	ପାଂଚ ପ୍ରକାର ରଙ୍ଗ : ଯଥା କଳା , ଲାଲ୍ , ନୀଳ , ସବୁଜ , ହଳଦୀ
ପଂଚୁ ସ୍ରାହାନ	ପଂଚସ୍ନାନ : ହଳଦୀ, ଅଁଳା ଓ ତେଲ ଆଦି ପାଂଚ ପ୍ରକାର ପଦାର୍ଥ

Digitized by srujanika@gmail.com

	ଦେହରେ ମାରି ଗାଧୋଇବା
ପରମଲକ୍ଷ୍ମୀ	ଧନ ଓ ଐଶ୍ୱର୍ଯ୍ୟର ଦେବୀ , ମହାଲକ୍ଷ୍ମୀ
ପରରାଷ୍ଟ୍ର ପଡ଼ିଲେ	ଶତ୍ରୁ ଆକ୍ରମଣ କଲେ
ପରିଗ୍ରହ	ଶ୍ରଦ୍ଧାର ସହ ସ୍ୱୀକାର
ପରିମୁଣ୍ଡା	ପ୍ରଣାମ, ନମସ୍କାର
ପୟର	ପାଦ
ପହର	ପ୍ରହର, ଗୋଟିଏ ଦିନ ଅର୍ଥାତ୍ ସୂର୍ଯ୍ୟଙ୍କ ଉଦୟ କାଳରୁ ପୁନଃ ଉଦୟ ପର୍ଯ୍ୟନ୍ତ ସମୟକୁ ଆଠ ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଭାଗକୁ ପ୍ରହର କୁହାଯାଏ।
ପାକ	ରୋଷାଇ , ଖାଦ୍ୟ ପ୍ରସ୍ତୁତି
ପାଡ଼ି	ପାରି , ତଳେ ପକାଇ , ବିଛାଇ , ବିସ୍ତାର କରି
ପାଣ	ହିନ୍ଦୁ ସମାଜରେ ଜାତି ଚାରିଥାକବିଶିଷ୍ଟ , ଯଥା, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର। ମାତ୍ର, ଏହି ଚାରି ଜାତି ବ୍ୟତୀତ ଆଉ କେତେକ ଗୋଷ୍ଠୀର ମଣିଷକୁ ଅସ୍ପୃଶ୍ୟ ଓ ଅପବିତ୍ର କୁହାଯାଏ । ସେଗୁଡ଼ିକ ମଧ୍ୟରେ 'ପାଣ' ଅନ୍ୟତମ, ଏମାନଙ୍କୁ ପଂଚମବର୍ଣ୍ଣ ବା ଜାତିଚ୍ୟୁତ କୁହାଯାଏ।
ପାଣିଦ୍ରବ୍ୟ	ରୋଷେଇ କରିବା ପାଇଁ ଆବଶ୍ୟକ ପଦାର୍ଥ, ଯଥା - ଚାଉଳ , ଡାଲି, ପନିପରିବା ଇତ୍ୟାଦି
ପାଣ୍ଡୋଇ	ଏକ ପ୍ରକାର ଯୋତା
ପାଲଟି	ଦେହରୁ ବାହାର କରି, ଖୋଲି
ପୁତିଲା	ପୋତିଲା, ମାଟିତଳେ ରଖିଲା
ପୁର	ଘର, ପ୍ରାସାଦ
ପୁସ୍ୟ	ପୁଷ୍ପ, ଫୁଲ
ପ୍ରତିପ୍ରତି	ଅଲଗାଅଲଗା, ବାବଦବାବଦ
ପ୍ରମଲକ୍ଷ୍ମୀ	ଦେଖ : ପରମଲକ୍ଷ୍ମୀ
ପ୍ରସନ	ପ୍ରସନ୍ନ, ଆନନ୍ଦ : ଖୁସିଭାବ
ଫେଇ	ଖୋଲି, ମୁକୁଳାକରି
ବଣିୟା	ସୁନାରୂପା ଆଦି ଧାତୁରେ ଅଳଙ୍କାର ତିଆରି ଓ ବିକୁଥିବା ଜାତି / ବ୍ୟକ୍ତି , ବଣିଆ , ସୁନାରୀ
ବନକା/ପନିକି	ପନିପରିବା କଟାଯାଉଥିବା ଉପକରଣ, ବନାଇବା, ତିଆରି କରିବା

Digitized by srujanika@gmail.com

ବର	୧.ଇପ୍‌ସିତ ପଦାର୍ଥ / ଲକ୍ଷ୍ୟ / ଫଳ , ଜଣେ ଯାହା ପାଇବାକୁ ଚାହୁଁଥାଏ, ୨. ଶ୍ରେଷ୍ଠ, ୩. ସ୍ୱାମୀ।
ବଳିଲା	୧. ଆବଶ୍ୟକତାଠାରୁ ଅଧିକ ହେବା , ୨. ଉଛୁଳି ଉଠିବା ,
ବସ୍ତ୍ର /ବସ୍ତ୍ର	ପରିଧେୟ , ଲୁଗାପଟା
ବାଈ	୧. ମୁଣ୍ଡ ଖରାପଥିବା ନାରୀ, ପାଗଳୀ, ୨. ନିଜ ଇଚ୍ଛା ଅନୁସାରେ କାମକରୁଥିବା ନାରୀ, ୩. ଶ୍ରଦ୍ଧାଶୀଳା
ବାଂଛା	ଇଛା
ବ(ା)ସ୍ତୁ	ସମ୍ପଦ, ପଦାର୍ଥ
ବାହୀ	ହାତର ବଳାଗଣ୍ଠି ଉପରେ ପିନ୍ଧାଯାଉଥିବା ଅଳଙ୍କାର
ବିଜେ କରିବା	୧. ପ୍ରବେଶ କରିବା , ୨. ଉପସ୍ଥିତ ହେବା , ୩. ପହଂଚିବା
ବିଟାଳ	ଅପବିତ୍ର , ୧.ମାନ ସମ୍ମାନ ନ ଥିବା ୨. ଅଜାତି
ବିଧିମତେ	ନିୟମ ମୁତାବକ
ବିନୋତି	ବିନୟ , ନମ୍ର
ବିଭାହି	ବାହା ହୋଇଥିବା , ବିବାହିତ (ତା)
ବିମୁଖ	୧. ମନଦୁଃଖ , ୨. ଅସନ୍ତୁଷ୍ଟ
ବିଶୁନୁପାତିଆ	ଯେଉଁ ବ୍ୟକ୍ତି ଦୁଇ ଭିନ୍ନଜାତିର ପୁରୁଷ ଓ ନାରୀଙ୍କ ସନ୍ତାନ /ସନ୍ତତି
ବୁଲରୀ/ବଲୁରୀ	ଘରର ଅନ୍ଧାରୁଆ ଜାଗାରେ ଛୋଟଛୋଟ ବସା ତିଆରି କରି ତା'ଭିତରେ ରହୁଥିବା ଏକ ପ୍ରକାର ବିଷାକ୍ତ କୀଟ
ବେଙ୍ଗିପିତଳ	ସୁନାପରି ଦିଶୁଥିବା ପିତଳ
ବେଳହୁଂ	ସମୟ ଥାଉଁ , ବିଳମ୍ବ ନ କରି , ଯଥାଶୀଘ୍ର
ବ୍ରତ	ପରିବାର / ପ୍ରିୟଜନମାନଙ୍କ ସୁଖକର ଜୀବନପାଇଁ ମୁଖ୍ୟତଃ ନାରୀମାନଙ୍କଦ୍ୱାରା କୌଣସି ଦେବଦେବୀଙ୍କର ଆଚାର / ବିଧିମତେ / ପୂଜାଅର୍ଚ୍ଚନା
ଭଗତି	ଭକ୍ତି , ଶ୍ରଦ୍ଧା ଓ ସମ୍ମାନବୋଧ
ଭଗାରୀ	ଶତ୍ରୁ , ଅନିଷ୍ଟକାରୀ ବ୍ୟକ୍ତି
ଭାଇ	୧. ଭାଙ୍ଗଇ , ନଷ୍ଟ କରଇ , ୨. ନିଆଁ / ଉତାପରେ କୌଣସି ପଦାର୍ଥକୁ ଟାଣ କରିବା / ଆକାର ବଦଳାଇବା
ଭାରିଜା	ଭାର୍ଯ୍ୟା , ପତ୍ନୀ , ସହଧର୍ମିଣୀ
ମଛ	ମାଛ , ମତ୍ସ୍ୟ
ମତି	ମନ , ଇଚ୍ଛା

Digitized by srujanika@gmail.com

ମତେ	ପ୍ରକାରରେ , ପରି , ସଦୃଶ
ମରାଇ	ଖାଦ୍ୟଶସ୍ୟ , ବିଶେଷତଃ , ଧାନ ରଖାଯାଉଥିବା ନିବୁଜ ଆୟତନ / ସ୍ଥାନ
ମହାମାଈ	ମହାମାୟୀ, ମହାମାତା, ମୋହାନ୍ ବା ବିଶିଷ୍ଟନାରୀ, ଠାକୁରାଣୀ, ଦେବୀ
ମାଇପଛଡ଼ା	ପତ୍ନୀ / ସ୍ତ୍ରୀକୁ ଛାଡ଼ିଦେଇଥିବା ପୁରୁଷ ।
ମୁଣୋହି	ମଣୋହି , ଖାଇବା ।
ମୁରୁଜ	ଚଟାଣରେ ଚାଉଳ / ହଳଦୀ / ରଙ୍ଗମାଟି / ଇଟା / ଅଙ୍ଗାର / ଶୁଖିଲା ପତ୍ର ଆଦି ବିଭିନ୍ନ ବର୍ଣ୍ଣର ପଦାର୍ଥର ଚୂନାରେ ଅଙ୍କିତ/ ଶୋଭିତ ଚିତ୍ର ।
ମେଳା	ବହୁ ଜୀବଙ୍କର ସମାଗମ ।
ମେସ	ଭାରତୀୟମାନେ ସୂର୍ଯ୍ୟଙ୍କ ଘୂର୍ଣ୍ଣନର ଏକ ଅବଧିକୁ ବାର ଭାଗରେ ବିଭକ୍ତ କରିଛନ୍ତି । ପ୍ରତ୍ୟେକ ଭାଗକୁ ମାସ କୁହାଯାଏ ଏବଂ ଏଗୁଡ଼ିକ ଗୋଟିଏ ଗୋଟିଏ ଜୀବ / ବସ୍ତୁର ପ୍ରତୀକରେ ପରିଚିତ। ମେସ (ଷ) ଏକ ଭାଗର ନାମ ଅର୍ଥାତ୍ ଗୋଟିଏ ମାସ । ଏହାର ଅନ୍ୟନାମ ମାର୍ଗଶୀର।
ମୃଗୟା	ଶିକାର, ପାରିଧି
ରାଇ/ରାୟି	ଡାକି
ଯେଥକୁ	ଏହି କଥାକୁ
ଯେମନ୍ତ	ଏମନ୍ତ, ଏହି
ଲେଖିଲା	ଅଙ୍କନ କଲା, ଚିତ୍ରଣ କଲା, ପ୍ରକାଶ କଲା
ଶଉଚ	ଶୌଚ, ପବିତ୍ର, ମନ ଓ ଦେହର ପବିତ୍ରୀକରଣ
ଶରଣ	ଅଶ୍ରୟରତ, ଦୟାଭିକ୍ଷା, ଅନୁଗତି, ବିଶ୍ୱ ଭାବ
ଶରଧା	ଶ୍ରଦ୍ଧା, ଭଲ ପାଇବା, ପ୍ରେମ, ଅନ୍ତରଙ୍ଗଭାବ
ଶାପ୍ୟ	ଅଭିଶାପ, ଆଘାତ ଦେଇଥିବା ବ୍ୟକ୍ତି ଉପରେ କ୍ରୋଧବଶତଃ ଅଫେରନ୍ତା, ଅନିଷ୍ଟ କଥା।
ଶୁକଳ	ଶୁକ୍ଳ, ଧଳା
ଶୁକଳପକ୍ଷ	ଶୁକ୍ଳପକ୍ଷ, ପ୍ରତ୍ୟେକ ମାସର ଯେଉଁ ପନ୍ଦର ଦିନଧରି ସଞ୍ଜରେ ଚନ୍ଦ୍ର ଉଦୟ ହୁଅନ୍ତି, ପ୍ରତିପଦାଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପନ୍ଦର ଦିନ
ଶୁଧ	ଅନ୍ୟକୌଣସି ପଦାର୍ଥ ମିଶି ନଥିବା, ଖାଣ୍ଟି, ଅବିମିଶ୍ର, ପବିତ୍ର

Digitized by srujanika@gmail.com

ସଂଘାତ	ସଂଗାତ, ବନ୍ଧୁ , ମିତ୍ର, ଅନ୍ତରଙ୍ଗ ସମ୍ପର୍କଥିବା ବ୍ୟକ୍ତି
ସଂଚା	ଖାଇବା / ପିନ୍ଧିବା ପାଇଁ ସକଳ ପଦାର୍ଥ ରହିଥିବା ପାତ୍ର
ସମୋଦ୍ର	ସମୁଦ୍ର, ପାରାବାର, ମହୋଦଧି
ସହୀ	ନିଜ ମଣିଷ, ଅନ୍ତରଙ୍ଗ ମଣିଷ
ସାମନ୍ତ	ପ୍ରଭୁ, ମାଲିକ, ସାଆନ୍ତ, ଅଧିକାରୀ, ବିଶିଷ୍ଟ ବ୍ୟକ୍ତି
ସାରିକ୍ଷ	ସମକକ୍ଷ, ସମାନ, ସଦୃଶ
ସାହୁ	ଧନୀ, ମହାଜନ, ଅର୍ଥ ଦେଇ ସୁଧ ଆଦାୟ କରୁଥିବା ବ୍ୟକ୍ତି
ସିନ୍ଧୁରାଜ ଜେମା	ସମୁଦ୍ରର ରାଜ ଅର୍ଥାତ୍ ବରୁଣଙ୍କ ଝିଅ, ଲକ୍ଷ୍ମୀ
ସୁଗନ୍ଧ	ଭଲ ବାସୁଥିବା, ବାସ୍ନା ଯୁକ୍ତ
ସୁସଞ୍ଚ	ଭଲ କରି ସଜା ଯାଇଥିବା, ସୁନ୍ଦର
ସ୍ନାହନ	ସ୍ନାହାନ, ଗାଧୋଇବା
ହଡ଼ପଲାଗି	ପହଡ଼ ପଡ଼ିବା ସମୟରେ ବ୍ୟବହୃତ ସାମଗ୍ରୀ
ହାଡ଼ି	ଚାରି ବର୍ଣ୍ଣର ମଣିଷମାନେ ବାହାରେ ବଞ୍ଚିଥିବା ଏକ ସମ୍ପ୍ରଦାୟ, ଅସବର୍ଣ୍ଣ ଜାତି ବିଶେଷ-ଯେଉଁମାନେ ମଇଳା ସଫା କରନ୍ତି
ହାତପତ୍ର	ପ୍ରମାଣପତ୍ର, ପାର୍ଚ୍ଚା



ଝୋଟି

Digitized by srujanika@gmail.com

କ୍ଷମେ	କ୍ଷମାକରେ, ଅପରାଧ, ଭୁଲକୁ ସାଜିନାକରେ
କ୍ଷିଦ୍ର	ଛୋଟ, ସାମାନ୍ୟ, ବକଟେ

ପରିଶିଷ୍ଟ : ଏକ

ଗ୍ରନ୍ଥ ସମ୍ପାଦନା ଓ ଚର୍ଚ୍ଚାପାଇଁ ଗୃହୀତ ପୋଥି ସୂଚନା। ସମସ୍ତ ପୋଥି ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱରରେ ଉପଲବ୍ଧ।

୧. ଲକ୍ଷ୍ମୀ ପୁରାଣ :ORP 578 ପତ୍ର ସଂଖ୍ୟା : ୨୮ ପ୍ରତ୍ୟେକ ପତ୍ରରେ ୩/୪ ଧାଡ଼ି ରହିଛି। ପଦ ସଂଖ୍ୟା ୩୯୬
ସବୁଠାରୁ ପୁରୁଣା ପୋଥି ।
ପ୍ରାପ୍ତିସ୍ଥାନ : ମେଦିନିପୁର
ଲିଖନକାଳ: ପୁଷ୍ପିକାରୁ ପାଠ ଉଦ୍ଧାର କରି ହେଉନାହିଁ

୨. ଲକ୍ଷ୍ମୀ ପୁରାଣ :OL 693, 694 (୩୨ ପତ୍ର, ପ୍ରତ୍ୟେକ ପତ୍ରରେ ରହିଛି ୩/୪ ଧାଡ଼ି)
ପ୍ରାପ୍ତିସ୍ଥାନ : ମହିମା ମୁଣ୍ଡା, ମେଦିନୀପୁର
ଲିଖନକାର : ଦେବୀ ଚରଣ ମହାନ୍ତି
ରଚନାକାଳ : ୧୨୧୪ ସାଲ

୩. ଲକ୍ଷ୍ମୀ ପୁରାଣ : OL 1783
ପ୍ରାପ୍ତିସ୍ଥାନ : ଛତିଆ (ଚନ୍ଦ୍ରପୁର)
ଲିଖନକାର : ଗିରିଧାରୀ ମହାରଣା
ଲିଖନକାଳ : ଦିବ୍ୟସିଂହ ଦେବଙ୍କ ଆଠ ଅଙ୍କ / ୧୨୬୯ ସାଲ
ଏହି ପୋଥିର ୫୭୮ ପୋଥିର ପାଠ ସହ ସାଦୃଶ୍ୟ ରହିଛି। ମନେହୁଏ ଦ୍ୱିତୀୟ ପୋଥି ମୂଳରଚନାର ଅଧିକ ନିକଟବର୍ତ୍ତୀ। ମାତ ଏହାକୁ ଚଉଦ ଅକ୍ଷରିରେ ରୂପାନ୍ତର କରାଯାଇଛି।

୪. ଲକ୍ଷ୍ମୀ ପୁରାଣ :OL 937, 397
ମାର୍ଗଶିର ମାସ ଧାନମାଣିକା କଥା
ଜଡ଼ା କୃଷ୍ଣ ଦାସ
ପ୍ରାପ୍ତିସ୍ଥାନ : ପଟିଆ
ଏହାର ଲକ୍ଷ୍ମୀପୁରାଣ ସହିତ କୌଣସ ସମ୍ପର୍କ ନାହିଁ। ଭବିଷ୍ୟପୁରାଣ ଅବଲମ୍ବନରେ

Digitized by srujanika@gmail.com

ଲକ୍ଷ୍ମୀପୁରାଣ : ୧୫୬

ଲକ୍ଷ୍ମୀ-ଜଗନ୍ନାଥ ସମ୍ବାଦ ଶୈଳୀରେ ଲିଖିତ

୫. ଲକ୍ଷ୍ମୀ ପୁରାଣ : ORMS 1101

ଧନଞ୍ଜୟ, ବଙ୍ଗଭାଷାରେ ଲିଖିତ

ପ୍ରାପ୍ତିସ୍ଥାନ : ମେଦିନୀପୁର

ବିଭିନ୍ନ ରାଗ : ଯଥା ବଙ୍ଗଳାଶ୍ରୀ, ଚଉଦ ଅକ୍ଷରୀ, ତ୍ରିପଦାରେ ଲିଖିତ। ଏକ ସ୍ୱତନ୍ତ୍ର ପୋଥି।

୬. ଲକ୍ଷ୍ମୀ ପୁରାଣ : ORMS 81

ସିଦ୍ଧେଶ୍ୱର ଦାସ

ଏକ ହାତ ଲେଖା ପାଣ୍ଡୁଲିପି : ପୁଷ୍ପିକା ନାହିଁ

ପ୍ରାପ୍ତି ସ୍ଥାନ : ବରଗଡ଼

ପଦସଂଖ୍ୟା : ୫୯୮

ଖ ପୋଥି ସହ ସାଦୃଶ୍ୟ ରହିଛି।

୭. ଲକ୍ଷ୍ମୀ ପୁରାଣ : OL994

ବଳରାମ ଦାସ

ଲିପିକାର : ସୁଦାମ ଦାସ

ପୋଥି ପ୍ରାପ୍ତି : ନୟାଗଡ଼

ଚଉଦ ଅକ୍ଷରିରେ ଲିଖିତ

୮. ଲକ୍ଷ୍ମୀ ପୁରାଣ/ ଗୁରୁବାର ବ୍ରତ : OL2422

ବଳରାମ ଦାସଙ୍କ ନାମରେ ଭଣିତା। ମାତ୍ର ପ୍ରମାଦବଶତଃ ସିଦ୍ଧେଶ୍ୱର ଦାସ ଲେଖାଯାଇଛି।

ପ୍ରାପ୍ତି ସ୍ଥାନ: ମେଦିନୀପୁର କାନ୍ଥି ଅଞ୍ଚଳ

ଚଉଦ ଅକ୍ଷରି ରହିଛି। କ ପୋଥିର ପାଠ ସହ ପ୍ରାୟ ସମାନ

୯. ଲକ୍ଷ୍ମୀ ପୁରାଣ : OL2422

ସିଦ୍ଧେଶ୍ୱର ଦାସ

ଲିପିକାର : ଲକ୍ଷ୍ମୀ ନାରାୟ ଆଚାର୍ଯ୍ୟ

ପ୍ରାପ୍ତିସ୍ଥାନ ଖେଜୁରାମପାଟଣା, ଦାନ୍ତୁନ, ମେଦିନୀପୁର, କାନ୍ଥି ଅଞ୍ଚଳ, ଏଗରା ଜିଲ୍ଲା

୧୦.ଲକ୍ଷ୍ମୀ ପୁରାଣ : OL693

ସିଦ୍ଧେଶ୍ୱର ଦାସ

ଲିପିକାର : ବିଦ୍ୟାଧର ମହାନ୍ତି କରୁଣାକର କର

Digitized by srujanika@gmail.com

ପ୍ରାପ୍ତିସ୍ଥାନ, କାନ୍ଥି , ମେଦିନୀପୁର
ରଚନାକାଳ : ୧୨୬୯ ସାଲ, ଚଉଦଅକ୍ଷରିରେ ଲିଖିତ

୧୧.ଲକ୍ଷ୍ମୀ ପୁରାଣ : OL2196
ବଳରାମ ଦାସ
ଲିପିକାର : ସଦାଶିବ, ଲିଖନକାଳ ୧୨୮୦ ସାଲ
ପ୍ରାପ୍ତିସ୍ଥାନ : ଖୋରଧା, ପୁରୀ
ଗ ପୋଥିର ପାଠ ସହିତ ସାଦୃଶ୍ୟ ରହିଛି ।

୧୨.ଲକ୍ଷ୍ମୀଙ୍କ ସ୍ତୁତି ଲିଖନ : OL 2992
ଦୀନକୃଷ୍ଣ ଦାସ
ପ୍ରାପ୍ତିସ୍ଥାନ : ଚଢେଇଗଡିଆଁ, ଜଗତସିଂହପୁର
ପୋଥି ଆକାରରେ ଛୋଟ। ମାତ୍ର ୨୯୪ ପଦ ବିଶିଷ୍ଟ

୧୩.ଲକ୍ଷ୍ମୀ ପୁରାଣ : OL1173
ନେତ୍ରାନନ୍ଦ ଦ୍ୱିଜ
ପ୍ରାପ୍ତିସ୍ଥାନ : ବକିଟି, ଗଞ୍ଜାମ
ସଂଗ୍ରାହକ : ସଚ୍ଚିଦାନନ୍ଦ ମିଶ୍ର
ଏହା ଏକ ବ୍ରତକଥା, କୃଷ୍ଣ ସିଂହବୃତ୍ତେ ଗାଇବାପାଇଁ ନିର୍ଦ୍ଦେଶ ରହିଛି ।

୧୪.ଲକ୍ଷ୍ମୀ ପୁରାଣ : OL1400
ବଳରାମ ଦାସ
ଲିଖନକାର : ଭଗବାନ ମିଶ୍ର
ପ୍ରାପ୍ତିସ୍ଥାନ : ମାଲକାନଗିରି
ମୂଳପୋଥି ବେଗୁନିଆର । ମାଲକାନାଗିରିର ବିପ୍ର ସୋମନାଥ ନାମକ ଜନୈକ ବ୍ୟକ୍ତି ମୂଳ ଲେଖାର ସାମାନ୍ୟ ପରିବର୍ତ୍ତନ କରି ନିଜ ନାମରେ ଭଣିତା କରିଛନ୍ତି । ଏହି ପୋଥିର କଥାନକରେ ବହୁ ନୂତନତା ରହିଛି ।
ରଚନାକାଳ : ରକ୍ତ ଉଦ୍‌ଗାରି ସମ୍ବତ୍ସର, ମାଘ

୧୫.ଲକ୍ଷ୍ମୀ-ନାରାୟଣ ବ୍ରତକଥା : OL100
ମାର୍ଗଶୀର ଧାନମାଣିକା
ଏହା ଏକ ଭିନ୍ନ ପ୍ରକାରର ରଚନା । ଶ୍ରୀମଦ୍ ଭାଗବତ ମହାପୁରାଣ ଓ ପଦ୍ମପୁରାଣସ୍ଥ ଲକ୍ଷ୍ମୀ ନାରାୟଣ ସମ୍ବାଦର ଏହା ପଦ୍ୟ ରୂପ ।

୧୬.ଲକ୍ଷ୍ମୀ ପୁରାଣ : OL1352
ବଳରାମ ଦାସ

Digitized by srujanika@gmail.com

ଲକ୍ଷ୍ମୀପୁରାଣ : ୧୫୮

ପ୍ରାପ୍ତିସ୍ଥାନ : ବାଲେଶ୍ୱର
ଲିଖନକାଳ ୧୨୮୯ ସାଲ,ପଦ ସଂଖ୍ୟା ୪୩୦

୧୭.ଲକ୍ଷ୍ମୀ ପୁରାଣ : OL651
ବଳରାମ ଦାସ
ସଂଗ୍ରହ ସ୍ଥାନ: ମେଦିନୀପୁର

୧୮.ଲକ୍ଷ୍ମୀପୁରାଣଲୀଳା : OL2956
ପୁଷ୍କର (ସମ୍ଭବତଃ ଏହା ଏକ ଛଦ୍ମନାମ)
ପ୍ରାପ୍ତିସ୍ଥାନ : ଦାଣ୍ଡିମାଳ, ଖୋରଧା

୧୯.ଗୁରୁବାର ଭାଷା କଥା : OL2423
ଦ୍ୱିଜ ଅନିରୁଦ୍ଧ
ଲିଖନକାଳ ୧୩୧୨ ସାଲ
ସଂଗ୍ରହ ସ୍ଥାନ : କାନ୍ଥି, ମେଦିନିପୁର

୨୦.ଲକ୍ଷ୍ମୀ ପୁରାଣ : OL855
ବଳରାମ ଦାସ
ଲିଖନକାର : ଚନ୍ଦ୍ରଶେଖର ମହାନ୍ତି
ପ୍ରାପ୍ତିସ୍ଥାନ : ବ୍ରାହ୍ମଣୀୟା, ପୁରୀ

୨୧.ଲକ୍ଷ୍ମୀକେଶବ (ଲକ୍ଷ୍ମୀ ପୁରାଣର ନକଲ) : OL729
ଲିଖନକାର : ବଳଭଦ୍ର

୨୩.ଲକ୍ଷ୍ମୀ ପୁରାଣ
ଦେବ ନାରାୟଣ
ପ୍ରାପ୍ତିସ୍ଥାନ : ନିମାପଡ଼ା, ପୁରୀ
ଲିଖନକାଳ : ୧୩୦୮ ସାଲ

୨୪.ଲକ୍ଷ୍ମୀ ପୁରାଣ : OL1308
ବଳରାମ ଦାସ
ଏହାର ପୁଷ୍ପିକା ନାହିଁ। ମାତ୍ର ଏକ ନିର୍ଭରଯୋଗ୍ୟ ପୋଥି । ଖ ପୋଥିର ପାଠ ସହ ପ୍ରାୟ ମିଳିଯାଇଛି।

୨୫.ଲକ୍ଷ୍ମୀ ପୁରାଣ : OL1419
ବଳରାମ ଦାସ
ଲିଖନକାର : ବେଣୁଧର ସାହୁ
ପ୍ରାପ୍ତିସ୍ଥାନ: ପଥରପଡ଼ା, କଳାପଥର, ବାଙ୍କୀ
ପାଠ, ବଜାର ସଂସ୍କରଣ ସହ ପ୍ରାୟ ମେଳ ଖାଉଛି।

Digitized by srujanika@gmail.com

ପଟ୍ଟଚିତ୍ରରେ ଲକ୍ଷ୍ମୀ

Digitized by srujanika@gmail.com

ମାଣବସା

Digitized by srujanika@gmail.com

୨୬.ଲକ୍ଷ୍ମୀ ପୁରାଣ : OL1755
ବଳରାମ ଦାସ
ଲିଖନକାର : କରୁଣାକର, ପ୍ରତିଲିପି, ସନ ୧୩୦୫ ସାଲ
ପ୍ରାପ୍ତିସ୍ଥାନ : ମାହାଙ୍ଗା

ପରିଶିଷ୍ଟ : ଦୁଇ

ଲକ୍ଷ୍ମୀ ଓ ଜଗନ୍ନାଥ କୈନ୍ଦ୍ରିକ ରଚନାଗୁଡ଼ିକର ପ୍ରକାଶନକାଳ

ଲକ୍ଷ୍ମୀପୁରାଣ : ବଳରାମ ଦାସ :୧୮୭୨
ଲକ୍ଷ୍ମୀନାରାୟଣ ବଚନିକା : ୧୮୯୧, ମହେଶ୍ୱର ବିପ୍ର, ବାମଣ୍ଡା, ଜଗନ୍ନାଥବଲ୍ଲଭ ପ୍ରେସ୍, ପ୍ରକାଶକ : ଭଗବାନ ଚନ୍ଦ୍ର ପଟନାୟକ
ଲକ୍ଷ୍ମୀହୃଦୟ ଓ ନାରାୟଣ ହୃଦୟ : ୧୮୯୧ ଅକ୍ଷୟ କୁମାର ଘୋଷ, ବାମନ ଦ୍ୱିବେଦୀ ଓ ଶ୍ରୀଧର ରାୟ, କଟକ, କଟକ ପ୍ରିଣ୍ଟିଂ କମ୍ପାନୀ
ଲକ୍ଷ୍ମୀପୁରାଣ : ୧୯୦୩ (ଷଷ୍ଠ ସଂସ୍କରଣ)
ଲକ୍ଷ୍ମୀପୁରାଣ (ବ୍ରତକଥା ଶୈଳୀରେ ଲିଖିତ) ।୧୯୧୬। ପ୍ରକାଶକ, ସର୍ବେଶ୍ୱର ଆଚାର୍ଯ୍ୟ
ମାଣବସା ବା ଲକ୍ଷ୍ମୀପୁରାଣ । ବ୍ରତକଥା ଶୈଳୀରେ ଲିଖିତ। ୧୯୨୦। ବଳରାମ ଦାସ, ଇ. ଦ୍ୱାରକସ।
ଲକ୍ଷ୍ମୀନାରାୟଣ ଚଉତିଶା । ୧୯୨୦। ଯମେଶ୍ୱର ହୋତା। କଟକ, ଉତ୍କଳ ସାହିତ୍ୟ ପ୍ରେସ୍
ଶ୍ରୀ ମହାଲକ୍ଷ୍ମୀ ପୁରାଣ । ? । ବଳରାମ ଦାସ । କଟକ, ଧର୍ମଗ୍ରନ୍ଥ ଷ୍ଟୋର
ମାଣବସା ଲକ୍ଷ୍ମୀପୁରାଣ। ?। ବଳରାମ ଦାସ; କଟକ, ବୀଣାପାଣି ପୁସ୍ତକ ଭଣ୍ଡାର
ଲକ୍ଷ୍ମୀପୁରାଣ । ?। ବଳରାମ ଦାସ, ସମ୍ପାଦନା : ପ୍ରଦୀପ୍ତ କୁମାର ପଣ୍ଡା, କଟକ, ବୁକ୍ସ ଏଣ୍ଡ ବୁକ୍ସ
ଲକ୍ଷ୍ମୀପୁରାଣ । ୨୦୦୭, ୨୦୦୧। ବଳରାମ ଦାସ, ସମ୍ପାଦନା: ସୁରେନ୍ଦ୍ର ନାଥ ଦାସ, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ଲକ୍ଷ୍ମୀପୁରାଣ ।୨୦୧୦। ବଳରାମ ଦାସ, ସମ୍ପାଦନା : ଶ୍ରୀମତୀ କୁନ୍ତୁମୁନି ପଟ୍ଟନାୟକ, କଟକ, ପ୍ରଜ୍ଞା ଶିରୋମଣି ପ୍ରତିଷ୍ଠାନ
ଲକ୍ଷ୍ମୀ ନାରାୟଣୀ ବଚନିକା ବା ଧାନମାଣିକା ଓଷାକଥା।୧୯୫୬। ସାରଳା ଦାସ, ସମ୍ପାଦନା, ବଂଶୀଧର ମହାନ୍ତି, ଝଙ୍କାର

Digitized by srujanika@gmail.com

ଲକ୍ଷ୍ମୀ ନାରାୟଣୀ ବଚନିକା ବା ବଡ଼ ଧାନମଣିକା ଓଷାକଥା ।୧୯୯୦। ସାରଳା ଦାସ, ସମ୍ପାଦନା : ଜଟାଧାରୀ ମହାପାତ୍ର, କଟକ, ଏଷଣା ୨୧ତମ ସଂଖ୍ୟା

ବୃହତ ମହାଲକ୍ଷ୍ମୀ ପୁରାଣ । ? । କଇଳାସ, କଟକ ଧର୍ମଗ୍ରନ୍ଥ ଷ୍ଟୋରସ

ଭୈରବ ଲକ୍ଷ୍ମୀବ୍ରତ । ? । ବିଷ୍ଣୁପ୍ରିୟା ଦାସ, କଟକ, ଏମ.ବି.ଏସ୍, ବୁକ୍

ହିନ୍ଦୀ ଅନୁବାଦ

ଲକ୍ଷ୍ମୀପୁରାଣ ।୧୯୯୪। ବଳରାମ, ଅନୁ. ପଞ୍ଚାନନ ରଥ, କଟକ, ଐଶ୍ୱର୍ଯ୍ୟ ପବ୍ଲିକେସନ

ଇଂରାଜୀ ଅନୁବାଦ



ଝୋଟି ଚିତା

Digitized by srujanika@gmail.com

ସ୍ଥାପତ୍ୟରେ ଲକ୍ଷ୍ମୀ : ପର୍ଶୁରାମେଶ୍ୱର ମନ୍ଦିର (ନବ[illegible] ଶତାବ୍ଦୀ)

Digitized by srujanika@gmail.com

ଲକ୍ଷ୍ମୀପୁରାଣ : ୧୬୪

The paean of Gaddess Laxmi. 2011. Balaram Das, Tr. Hullasa Behera, Puri ISHA Prakashana
Lakshmi Purana: Paean to the Gaddess of Fortune (Trns). 2007 *Lipipuspa Nayak, Bhubaneswar,* Grassroot

ପରିଶିଷ୍ଟ : ତିନି

ବିବାହ ଗୀତ

ଭଇୟା ବଲଦେବ ଏଗୋ ପତିୟା ପଠ୍ୱଲେ
ଭେଜେ ଜଗରନାଥଜୀ କେ ହାଥ ହୋ
ଆପନ ମେହରି ବଦୁଆ ଆପହୀ ସମ୍ହାରଃ
ଡୋମିନ ସଙ୍ଗେ ଜୁଆସାରି ହୋ ।
ମଇୟା ଯସୋମତି ଛୁଅଲ ନାହିଁ ଖଇହେଁ
ଥିଆ ପୁତ୍ର ରହିହେଁ କୁଁଆର ହୋ ।୧
ହଥଓ୍ୱା କେ ଲେ ଲେ ପାଢ଼ୀ, ଠେହୁନା ଧଇକେ ବଁଚଲେ
ଗିରେଲା ନୟନଓ୍ୱା ଦ୍ୱନୋ ନୀର ହୋ
କଇସେ ମେଁ ଜୋଗାଇ ହମ ସଭକର ନାତା,
ସମଝନା ଆଓ୍ୱେ ଏକଃ ବାତ ହୋ
ଆଗା ପାଛା ସୋଚି ଡେଗ ଡାଲେ ଗାଜାଓବରି
ରୁକ୍ମିନ ତୁ ଡୋମିନ ଘରେ ଜାଉ ହୋ ।୨
ଅତନା ବଚନିୟା ସୁନି ରାନୀ ରୁକ୍ମିନିୟା
ପ୍ରାଭୁଜୀ ସେ ବଚନ ହମାର ହୋ,
ନଗରକୋ ନା ଛୁଟେ ପ୍ରାଭୁଜୀ ଭତରୋ ସେ ନାତା ହୋ,
କାଇ ମତି ଭଇଲେ ତୋହାର ହୋ
କଓ୍ୱନ ଅଓ୍ୱଗୁନଓ୍ୱା କଇନୀ ଭଇଆ ଦୁଃଖ ଭଇଲେ ହୋ,
କିୟା ଭଇୟା ଲଓ୍ୱଲୀ ଲଇୟା ଦ୍ୱୁଆର ହୋ,
ଛୋଟି ବଡ଼ା
କିୟା ନନଦ କଓ୍ୱନୋ ଅଛରଙ୍ଗ ଲଓ୍ୱଲୀ,
ଡୋମିନୀ ଇଥରିୟା ଭଇଲେ ବିଖି ହୋ
ବଡ଼କା ଭଇଲା କେ ପ୍ରାଭୁ କା ସୁଖ ହୋଇ ହେଁ

Digitized by srujanika@gmail.com

ଛୋଟକା ନା ଲୋଟେ ଢବ ଗୋଦ ହୋ,
ମନୱେ କେ ଗାଁଠି ହଉୱେ ଜାତିୟା କେ ଗଁଠିୟା,
ନାରୀ କେ ନାହୀ କଓ୍ୱନୋ ଜାତି ହୋ ।୩
ବତିୟା ନା ସୁନଲେ କିସୁନା ରୁକ୍ମିନ ନିକସଲେ ହୋ,
ଘର ବୀଚେ ଭଇଲେ ଅହ୍ନିୟାର ହୋ,
ହଥିୟା ଗରଲ ହଥିସରୱା କେ ବୀଚୱା,
ଘୋଡ଼ୱା ମରଲ ଘୋଡ଼ାସାର ହୋ,
ରୁକ୍ମିନ ନିକସତେ ଘର ସେ ଲକ୍ଷ୍ମୀ ନିକଲି ଗଇଲି,
ବିପତି, ଦଲିଦରା ଲେଲୀ ବାସ ହୋ ।୪
ରୋଇ ରୋଇ ବୋଲେ ଲେ, ଭଇୟା ବଲଦେଓ୍ୱ ଜୀ ହୋ,
କରଃ କିସୁନା କଓ୍ୱନୋ ନା ଉପାଇ ହୋ ।୫
ରୁକ୍ମିନ, ଲକ୍ଷ୍ମୀ ଭଇୟା ଏକେ ଜରି କେ ଜାମଲ,
ଏକେ କେ ଗଇଲେ ସା ଦୂନୋ ଯାଉ ହୋ ।୬
ଚଲଃ ଚଲଃ କିସୁନା ହୋ ଲକ୍ଷ୍ମୀ ଲେ ଆଓ୍ୱେଁ
ଚଲଃ ଖୋଜୀ ରୁକ୍ମିନ କେ ବାସ ହୋ ।୭
ଏକ ବନେ ଗଇଲେ, ଦୂସରେ ବନ ଗଇଲେ,
ତୀସରା ବନୱା ଡୋମିନ କେ ବାସ ହୋ ।୮
ମଚି ବଇଠଲ ଡୋମିନ ଅରଜ କଢ଼ାୱେ
କାଇ ଲାଗୀ ଅଇଲ ମୋରା ଦୁଆର ହୋ ।୯
ଆପନ ଭାରଲ ଡୋମିନ ମେହରୀ କେ ମାରଲ,
କେକରା ସେ କହିଁ ଦିଲବାତ ହୋ,
ସେନୁରା ସେ ବାହ୍ନଲ ବିଅହୀ ତିରିୟୱା,
ଉହୁ କୋ କେ ଦେନୀ ବନୱାସ ହୋ,
ଗାଁଓ କେ ଲୋଗୱା ବଡ଼ା ବା ଆବାଟୀ ହୋ,
କହେଲେଁ ଡୋମିନ ଘରେ ବାସ ହୋ ।୧୦
ସାଁଚ ବତାୟୀ କିସୁନା ଜାନ ବଳସ ପାଇ,
ରୁକ୍ମିନ ଧରମ ବହିନ ହୋ,
ତୋହରା କେ ଛୋଡ଼ି କିସୁନା ମୋରା ଘର ଅଇଲି ହୋ,
ଟୋପରା ଭୁଲାଇଲ ମିଲଲ ମୋର ହୋ ।୧୧
ତୋହରା କେ ଦେବୋ ଡୋମିନ ଡାଲ ଭରି ସେକୱା

Digitized by srujanika@gmail.com

ଗରଓ୍ୱା ମେ ଦେବୋ ଚନ୍ଦ୍ରହାର ହୋ,
ହମାର ରୁକ୍ମିନ ଡୋମିନ ହମହୀ ସଉପହୁଁ
ଘରଃ ମୋରା ଭଇଲେ ଝଂଘାଡ଼ ହୋ।୧୨
କଇସେ ମେ ଦିହାଁ କିସୁନା ବହିନ ରୁକ୍ମିନିୟା ହୋ,
ଉହୋ ଖଇଲି ଡୋମିନୀ କେ ଭାତ ହୋ,
ଜାତିୟା ନାସାଇ ଜବ ଜଇହେଁ ଇନିବାସଓ୍ୱା
ହୋ ଜଇବ ଜାତି ସେ କୁଜାତି ହୋ
ହମସେ ମତି କହଃ କିସୁନା ପୂଛଃ ଭୂକ୍ମିନିଆ
କା ଉହାଁ ଜଇହେ ତୋହରା ସାଁଥ ହୋ,
ହମରା ସେ ପୂଛଓ୍ୱଃତ, ଇଜତ ବଚାଓ୍ୱ
ଫେଂନୁ ସେ ସାଜଃନା ବରିଆତ ହୋ।୧୩
ଖୁନୀ ସେ ବଡ଼ ପ୍ରାଭୁଜୀ ନୂନ କେ ନାତ,
ନୂନେ ହଃ ଜିନଗୀ କେ ଆଧାର ହୋ,
ଡୋମିନ ବିହିନ ପ୍ରାଭୁ ଜନମେ କେ ରାନୀ,
ବେଚି ଦୀହେଁ, ମାନ ଇହ୍ନିଙ୍କର ବାତ ହୋ ।୧୪
ହଁସୀ ହଁସୀ କିସୁନା ଜୀ ସାଜେ ବରିଅତିୟା,
ଭଇୟା ବଲଦେବ ଜୀ କେ ସାଥ ହୋ,
ସମ ସଖୀ ମିଲୀ ଗାଓ୍ୱେଲୀ ଗାରୀ,
ଦୂନୋ କେ ଫେନୁ ସେ ବିଆହ ହୋ ।୧୫

ସ୍ରୋତ: ଇନ୍ଦ୍ରାବତୀ ଦେବୀ, କଟିୟାଁ, ବିହିୟାଁ
ଜିଲ୍ଲା-ଭୋଜପୁର, ବିହାର

●●●

Digitized by srujanika@gmail.com

ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର - ୭୫୧୦୧୪

ISBN 978-93-87637-18-4
9 789387 637184

Digitized by srujanika@gmail.com